# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ (୧୬ ପୃଷ୍ଠା) Bhubaneswar, Tuesday, January 14/2025 Page 16 | ₹ 7.00

୫୧ଶ ଭାଗ ୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 52 ମୂଲ୍ୟ ₹୭/-


# ଓଡ଼ିଶାରେ 'ଆୟୁଷ୍ମାନ' ପାଇଁ ଏମ୍‌ଓୟୁ




- ଉପକୃତ ହେବେ ସାଢ଼େ ୩ କୋଟି
- ୭୦ ବର୍ଷରୁ ଉର୍ଦ୍ଧ୍ୱ ଧନୀ, ଗରିବ ପାଇବେ ମାଗଣା ଚିକିତ୍ସା
- ଦେଶର ପ୍ରାୟ ୩୦ ହଜାର ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା
- ମିଳିବ ୧,୯୪୯ ପ୍ରକାର ମେଡିକାଲ ସେବା
- ଡିସ୍‌ଚାର୍ଜ ହେବାପରେ ୧୫ ଦିନ ଯାଏ ମିଳିବ ମେଡିସିନ
- ପ୍ରତ୍ୟେକ ପଞ୍ଚାୟତରେ ହେବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର
- ନିଯୁକ୍ତ ହେବେ ଯୋଗ ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଓଡ଼ିଶା ସାମିଲ ହେବା ନିମନ୍ତେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ସୋମବାର କେନ୍ଦ୍ର ସରକାରଙ୍କ ନ୍ୟାଶନାଲ୍ ହେଲ୍‌ଥ ଅଥରିଟି ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

ରାଜ୍ୟର ଆର୍ଥିକ ଅନଗ୍ରସର ପରିବାରକୁ ମାଗଣା ଚିକିତ୍ସା ଯୋଗାଇଦେବା ପାଇଁ ୨୦୧୮ ଅଗଷ୍ଟ ୧୫ରେ ଲାଗୁ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା 'ବିଏସ୍‌କେୱାଇ' (ନୂଆ ନାଁ–ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା) ଅତୀତ ହେବାକୁ ଯାଉଛି। ଏହା ପରିବର୍ତ୍ତେ ଆସନ୍ତା ଫେବୃଆରୀରୁ ଓଡ଼ିଶାରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଏଥିପାଇଁ ସୋମବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ୍ ହେଲ୍‌ଥ ଅଥରିଟି (ଏନ୍‌ଏଚ୍‌ଏ) ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ରାଜ୍ୟର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଯୋଡ଼ି ହୋଇଯାଇଛି। ଏଥିରେ ରାଜ୍ୟର ୧.୦୩ କୋଟି ପରିବାରର ପ୍ରାୟ ସାଢ଼େ ୩ କୋଟି ଲୋକ ଉପକୃତ ହେବେ। ଏହାସହିତ ରାଜ୍ୟର ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଆୟ ବର୍ଗ(ଗରିବଠୁ ଧନୀ)ର ବରିଷ୍ଠ ନାଗରିକମାନେ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ। ବର୍ତ୍ତମାନ ରାଜ୍ୟରେ ୨୩,୧୨,୯୭୯ଜଣ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଥିବା ଜଣାପଡ଼ିଛି।

**ଭୁବନେଶ୍ୱର,୧୩।୧(ଅନିଲ ଦାସ)**

ରାଜ୍ୟ ସରକାର ଆସନ୍ତା ଫେବୃଆରୀରୁ ଆୟୁଷ୍ମାନ ଭାରତ ଲାଗୁ କରିବା ସହ ଏପ୍ରିଲରୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାର ଲୋକ, ବିଶେଷକରି ଗ୍ରାମାଞ୍ଚଳର ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ସ୍ୱାସ୍ଥ୍ୟକ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି, ତାହା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟର ପଞ୍ଚାୟତ ସ୍ତରରେ ଯେଉଁ ହେଲ୍‌ଥ ସବ୍‌ସେଣ୍ଟର ଅଛି, ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ରାଜ୍ୟ ସରକାର ବର୍ତ୍ତମାନ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ପ୍ରତିଷ୍ଠା କରିବେ ବୋଲି ☞ପୃଷ୍ଠା–୫







## ସଂକ୍ଷେପରେ

### ଆଇଆଇଟି ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

କୋଲ୍‌କାତା, ୧୩।୧

ଆଇଆଇଟି ଖଡ଼ଗପୁରର ଏକ ହଷ୍ଟେଲ ମଧ୍ୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ତୃତୀୟ ବର୍ଷର ଛାତ୍ର ସାଓନ ମଲ୍ଲିକଙ୍କର ଝୁଲନ୍ତା ମୃତଦେହ ଜବତ ହୋଇଛି। ରବିବାର ସାଓନଙ୍କୁ ଭେଟିବା ପାଇଁ ତାଙ୍କ ଅଭିଭାବକ ହଷ୍ଟେଲକୁ ଆସିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ହଷ୍ଟେଲ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସାଓନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ସେ ଆତ୍ମହତ୍ୟା କରିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

### ତିରୁପତି ମନ୍ଦିରର ଲଡ୍ଡୁ ବିତରଣ କେନ୍ଦ୍ରରେ ଅଗ୍ନିକାଣ୍ଡ

ତିରୁମାଲା, ୧୩।୧

ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ମନ୍ଦିରରେ ପୁଣି ଏକ ଦୁର୍ଘଟଣା ଘଟିଛି। ମନ୍ଦିରରେ ଥିବା ଲଡ୍ଡୁ ବିତରଣ କେନ୍ଦ୍ରରେ ନିଆଁ ଲାଗିଯାଇଛି। ନିଆଁ ଲାଗିବା ପରେ ଉକ୍ତ କେନ୍ଦ୍ରରେ ଥିବା ଭକ୍ତ ଏବଂ ମନ୍ଦିରର କର୍ମଚାରୀମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଘଟଣା ସମ୍ପର୍କରେ ସୂଚନା ଦେଇ ତିରୁପତି ଦେବସ୍ଥାନମ ବୋର୍ଡର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ(ଜେଇଓ) କହିଛନ୍ତି, ମନ୍ଦିରରେ ଥିବା ଲଡ୍ଡୁ ବିତରଣ କେନ୍ଦ୍ରର କାଉଣ୍ଟର ନମ୍ବର ୪୭ରେ କମ୍ପ୍ୟୁଟର ସହ ଜଡ଼ିତ ଏକ ୟୁପିଏସ୍ ସିଷ୍ଟମରେ ଶର୍ଟ୍‌ସର୍କିଟ ଘଟି ନିଆଁ ଲାଗିଥିଲା। ଅଗ୍ନିଶମ ବାହିନୀ ମନ୍ଦିରରେ ପହଞ୍ଚି ନିଆଁ ଲିଭାଇଥିଲେ। କେହି ମୃତାହତ ହୋଇନାହାନ୍ତି।

### ନାଇଜେରିଆରେ ୪୦ କୃଷକଙ୍କୁ ହତ୍ୟା

ଡାକାର(ସେନେଗଲ୍), ୧୩।୧

ନାଇଜେରିଆର ବର୍ନୋ ପ୍ରଦେଶରେ ଇସ୍‌ଲାମୀୟ ଆତଙ୍କବାଦୀମାନେ ଅନ୍ୟୂନ ୪୦ କୃଷକଙ୍କୁ ହତ୍ୟା କରିଛନ୍ତି। ବୋକୋ ହାରାମ୍ ସଂଗଠନ ଏବଂ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍ ସହ ଜଡ଼ିତ ଏକ ଗୋଷ୍ଠୀର ଆତଙ୍କବାଦୀମାନେ ରବିବାର ଏହି ଆକ୍ରମଣ କରିଥିଲେ ବୋଲି ବର୍ନୋ ଗଭର୍ନର କହିଛନ୍ତି। ଲୋକମାନଙ୍କୁ ସୁରକ୍ଷିତ ଜୋନ୍‌ରେ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସଶସ୍ତ୍ର ବଳ ଆକ୍ରମଣ ଘଟଣାର ତଦନ୍ତ କରୁଛି।

### ଏଚ୍‌ଏମ୍‌ପିଭି ଆକ୍ରାନ୍ତଙ୍କ ସଂଖ୍ୟା ୧୮ ହେଲା

ଚେନ୍ନାଇ, ୧୩।୧

ପଣ୍ଡିଚେରୀରେ ଆଉ ଜଣେ ଶିଶୁ ହ୍ୟୁମାନ ମେଟାନ୍ୟୁମୋଭାଇରସ(ଏଚ୍‌ଏମ୍‌ପିଭି)ରେ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି। ପଣ୍ଡିଚେରୀର ଜେଆଇପିଏମ୍‌ଇଆର୍‌ରେ ସେ ଏବେ ଚିକିତ୍ସିତ ହେଉଛନ୍ତି। ଏହି ମାମଲା ସହ ଭାରତରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୮ରେ ପହଞ୍ଚିଛି। ସେଥିମଧ୍ୟରୁ ଗୁଜରାଟରେ ସର୍ବାଧିକ ୫ ମାମଲା ଚିହ୍ନଟ ହୋଇଛି।

### ଜୁକେରବର୍ଗଙ୍କ ନିର୍ବାଚନ ଫଳ ମନ୍ତବ୍ୟକୁ ଅଶ୍ୱିନୀ ବୈଷ୍ଣବଙ୍କ ଖଣ୍ଡନ

ନୂଆଦିଲ୍ଲୀ, ୧୩।୧

କୋଭିଡ୍ ମହାମାରୀ ପରେ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶରେ ହୋଇଥିବା ନିର୍ବାଚନରେ ସତ୍ତାରେ ଥିବା ସରକାର ପରାଜିତ ହୋଇଥିବା ମେଟା ସିଇଓ ମାର୍କ ଜୁକେରବର୍ଗ କହିଥିଲେ। ତେବେ ୨୦୨୪ ଲୋକ ସଭା ନିର୍ବାଚନ ଫଳାଫଳକୁ ନେଇ ଜୁକେରବର୍ଗଙ୍କ ଦାବିକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖଣ୍ଡନ କରିଛନ୍ତି। ଭାରତର ଜନସାଧାରଣ ପୁନର୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଉପରେ ଆସ୍ଥା ପ୍ରକଟ କରିଥିବା କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ କହିଛନ୍ତି। ନିକଟରେ ଜୋ ରୋଗାନଙ୍କ ସହ ପୋଡ୍‌କାଷ୍ଟ ଆଲୋଚନାରେ ଜୁକେର୍‌ବର୍ଗ କହିଥିଲେ, ସରକାରଙ୍କ କୋଭିଡ୍ ପରିଚାଳନା ଓ ତତ୍‌ପରବର୍ତ୍ତୀ ମୁଦ୍ରାସ୍ଫୀତି କିମ୍ବା ଆର୍ଥିକ ନୀତି ବିଶ୍ୱବ୍ୟାପୀ ନିର୍ବାଚନକୁ ପ୍ରଭାବିତ କରିଥିଲା।

# ୟୁକ୍ରେନ୍ ଯୁଦ୍ଧରେ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୩।୧

ୟୁକ୍ରେନ୍ ବିରୋଧରେ ରୁଷିଆ ପାଖାପାଖି ୩ ବର୍ଷ ହେଲା ଯୁଦ୍ଧ ଚଳାଇଛି। ରୁଷିଆ ସେନାରେ ନିୟୋଜିତ ହୋଇ ଯୁଦ୍ଧ କରୁଥିବା କେତେଜଣ ଭାରତୀୟ ଯୁବକ ଇତିମଧ୍ୟରେ ପ୍ରାଣ ହରାଇଲେଣି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ସମ୍ପର୍କୀୟମାନଙ୍କ ଆକୁଳ ନିବେଦନ ସତ୍ତ୍ୱେ ବିଶେଷ ସୁଫଳ ମିଳିନାହିଁ। ଅଧିକ ବେତନ ଓ ଅନ୍ୟାନ୍ୟ ସୁବିଧା ପାଇବା ପ୍ରଲୋଭନରେ ଯାଇଥିବା ଭାରତୀୟମାନଙ୍କୁ ସେଠାରେ ଜବରଦସ୍ତ ସୈନ୍ୟବାହିନୀରେ ଭର୍ତ୍ତି କରାଯାଇ ଯୁଦ୍ଧ କରିବା ପାଇଁ ବାଧ୍ୟ କରାଯାଉଛି। ସେମାନଙ୍କୁ ଫେରାଇଦେବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦୃଷ୍ଟି


ବିନିଲ ଟି.ବି.

ଆକର୍ଷଣ କରିଥିଲେ ମଧ୍ୟ ସେଠାରେ ଏବେ ବି ବହୁ ଭାରତୀୟ ଯୁବକ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା ଜଣାପଡ଼ିଛି।

ରୁଷିଆ ସେନାରେ ନିଯୁକ୍ତ ହୋଇ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା କେରଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ସମ୍ପର୍କୀୟ ଗୁରୁତର ଆହତ ହୋଇଛନ୍ତି। ମୃତକ ବିନିଲ ଟି.ବି. (୨)ଙ୍କ ଘର କେରଳ ଥ୍ରୀଶୁର ଜିଲାର ୱାଡାକ୍କାଞ୍ଚେରୀରେ ହୋଇଥିବାବେଳେ ତାଙ୍କ ସମ୍ପର୍କୀୟ ଜୈନ ଟି.କେ(୨୭) ମଧ୍ୟ ସେହି ଅଞ୍ଚଳର ବାସିନ୍ଦା। ସେମାନଙ୍କୁ

**ସ୍ୱଦେଶ ଫେରିବା ପାଇଁ ବହୁଥର ନିବେଦନ କରି ନିରାଶ ହୋଇଥିଲେ**

ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କୁ ବହୁବାର ନିବେଦନ କରାଯାଇଥିଲା ବୋଲି ବିନିଲଙ୍କ ସମ୍ପର୍କୀୟ କହିଛନ୍ତି। ଡ୍ରୋନ୍ ଆକ୍ରମଣ ଯୋଗୁ ଉଭୟ ଆହତ ହୋଇଥିବା କିଛିଦିନ ପୂର୍ବରୁ ପରିବାରକୁ ଖବର ମିଳିଥିଲେ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ବିନିଲଙ୍କ ସ୍ତ୍ରୀ ଜୋଇସି ମସ୍କୋସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାରୁ ବିନିଲଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଆପ୍ରବାସୀ କେରଳୀମାନଙ୍କ ପାଇଁ କାମ କରୁଥିବା ରାଜ୍ୟ ସରକାରଙ୍କ ସଂସ୍ଥା ନୁର୍କା ରୁଟ୍‌ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିଥ କୋଲାସେରି କହିଛନ୍ତି, ଉକ୍ତ ୨ ଯୁବକଙ୍କୁ ଫେରାଇ ଆଣିବା ପାଇଁ ଆମେ ଗତ ୪ ମାସ ହେଲା ଉଦ୍ୟମ କରୁଥିଲୁ। ରୁଷିଆ ସେନାରେ ପ୍ରକୃତରେ କେତେଜଣ କେରଳୀ ରହିଛନ୍ତି, ତାହାର ଠିକ୍ ତଥ୍ୟ ଜଣାନାହିଁ। ସେମାନେ ବିପଦରେ ଥିବା ନେଇ ଫୋନ୍ କରିବା ପରେ ଘଟଣା ଜଣାପଡ଼ିଥିଲା ବୋଲି କୋଲାସେରି କହିଛନ୍ତି। ବିନିଲ ଏବଂ ଜୈନ ଘରକୁ ଫେରିବା ପାଇଁ ଗତ ସେପ୍ଟେମ୍ବରରୁ ମସ୍କୋସ୍ଥିତ ଭାରତୀୟ ଦୂତାବାସକୁ ଅନେକଥର ନିବେଦନ କରି ନିରାଶ ହୋଇଥିଲେ। ସେମାନଙ୍କୁ ଫ୍ରଣ୍ଟଲାଇନରେ ଯୁଦ୍ଧ କରିବାକୁ ବାଧ୍ୟ କରାଯାଉଥିବାରୁ ଜୀବନ ପ୍ରତି ବିପଦ ଆହୁରି ବଢ଼ିପାରେ ବୋଲି ବିନିଲ ଶେଷ ବାର୍ତ୍ତାରେ କହିଥିଲେ।

## ବାଂଲାଦେଶ କୂଟନୀତିଜ୍ଞଙ୍କୁ ଭାରତର ସମନ

**ବଢୁଛି ସୀମା ବିବାଦ**

ନୂଆଦିଲ୍ଲୀ, ୧୩।୧

ଭାରତ-ବାଂଲାଦେଶ ସୀମାରେ ବିବାଦ ବଢ଼ିବାରେ ଲାଗିଛି। ଏନେଇ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ ରବିବାର ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ ଜାରି କରିଥିଲା। ଏହାର ଦିନକ ପରେ ଭାରତ ସରକାର ବାଂଲାଦେଶ ଉପଉଚ୍ଚାୟୁକ୍ତ ନୁରାଲ ଇସ୍‌ଲାମଙ୍କୁ ସମନ କରିଛନ୍ତି। ମାଲଦାର ବୈଷ୍ଣବନଗର ଅନ୍ତର୍ଗତ ଶୁକଦେବପୁରରେ ସୀମାନ୍ତ ବାଡ଼ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ସୁରକ୍ଷା ଉଦ୍ଦେଶ୍ୟରେ ସୀମାରେ ବାଡ଼ କରାଯାଉଥିବା ନେଇ ଉଭୟ ସୀମାନ୍ତ ବଳ ବିଏସ୍‌ଏଫ୍ ଏବଂ ବିଜିବି ମଧ୍ୟରେ ବୁଝାମଣା ରହିଛି। ସେମାନଙ୍କ ମଧ୍ୟରେ ନିୟମିତ ଯୋଗାଯୋଗ ହୋଇଥାଏ ବୋଲି ବାଂଲାଦେଶରେ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ଜଣାଇଥିଲେ।

## ଲସ୍‌ଏଞ୍ଜେଲ୍ସ ବନାଗ୍ନି ମୃତ୍ୟୁସଂଖ୍ୟା ୨୪



ଲସ୍‌ଏଞ୍ଜେଲ୍ସ, ୧୩।୧

କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସରେ ଲାଗିଥିବା ଜଙ୍ଗଲ ନିଆଁଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଛି। ୧୬ ଜଣ ନିଖୋଜ ଥିବାବେଳେ ଜଳିଯାଇଥିବା ଘରଗୁଡ଼ିକରେ ମଧ୍ୟ ମୃତଦେହ ଥାଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ମୃତ୍ୟୁସଂଖ୍ୟା ଯଥେଷ୍ଟ ବଢ଼ିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ୧୨,୩୦୦ରୁ ଊର୍ଦ୍ଧ୍ୱ ଘର ଜଳିଯାଇଥିବାବେଳେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। ଏହାକୁ ଆମେରିକା ଇତିହାସରେ ସବୁଠୁ ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଉଛି। ନିଆଁ ଲିଭାଇବାରେ ସରକାରୀ ବିଭାଗ ବିଫଳ ହୋଇଥିବାବେଳେ ଧନୀ ଲୋକମାନେ ନିଜ ଘରକୁ ରକ୍ଷା କରିବା ପାଇଁ ଘରୋଇ ଅଗ୍ନିଶମ ସେବା ସଂସ୍ଥାକୁ ନିୟୋଜିତ କରିଛନ୍ତି। ଏଥିପାଇଁ ଘଣ୍ଟାକୁ ୨,୦୦୦ ଡଲାର ପୈଠ କରିବାକୁ ପଡ଼ୁଛି।

କ୍ରମାଗତ ୭ ଦିନ ହେଲା ଜଙ୍ଗଲ ଜଳିଚାଲିଥିବାବେଳେ ଆଗକୁ ପବନର

**ପବନ ବଢ଼ିବା ପୂର୍ବରୁ ନିଆଁ ଲିଭାଇବାକୁ ଜୋର୍‌ଦାର ଉଦ୍ୟମ**

ବେଗ ଘଣ୍ଟା ପ୍ରତି ୮୦ କିଲୋମିଟର ଏବଂ ସର୍ବାଧିକ ୧୧୩ କିଲୋମିଟରରେ ପହଞ୍ଚିବା ଜାତୀୟ ଜଳବାୟୁ ସେବା ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫଳରେ ଅଧିକ ଅଞ୍ଚଳକୁ ନିଆଁ ବ୍ୟାପିବା ସମ୍ଭାବନା ରହିଛି। ପବନ ବେଗ ବଢ଼ିବା ପୂର୍ବରୁ ନିଆଁକୁ ଆୟତ୍ତ କରିବା ଲାଗି ଅଗ୍ନିଶମ କର୍ମଚାରୀମାନେ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ନିଆଁ ଲିଭାଇବାକୁ ଅତିରିକ୍ତ ୭୦ଟି ୱାଟର ଟ୍ରକ୍ ପହଞ୍ଚିଥିବା ଲସ୍‌ଏଞ୍ଜେଲ୍ସ ପାଉଣ୍ଟି ଅଗ୍ନିଶମ ମୁଖ୍ୟ ଆନ୍ଥୋନୀ ସି ମାରୋନ୍ କହିଛନ୍ତି। ଲସ୍‌ଏଞ୍ଜେଲ୍ସର ପଶ୍ଚିମ ଭାଗରେ ୨୩,୭୧୩ ଏକର ବନାଗ୍ନିରେ ଜଳିଯାଇଥିବାବେଳେ ସେଥିରୁ ମାତ୍ର ୧୩% ଅଞ୍ଚଳରେ ନିଆଁକୁ ଲିଭାଯାଇପାରିଛି। ସେହିପରି ପୂର୍ବ ଭାଗରେ ୧୪,୧୧୭ ଏକର ଅଞ୍ଚଳ ଜଳୁଥିବା ବେଳେ ଅଗ୍ନିଶମ ବିଭାଗ ୨୭ ଭାଗ ଅଞ୍ଚଳରେ ନିଆଁ ଲିଭାଇଛି।

## ସମୁଦ୍ର ମଝିରୁ ସାଟେଲାଇଟ୍ ଲଞ୍ଚ୍ କଲା ଚାଇନା



ବେଜିଂ, ୧୩।୧

ଚାଇନା ସୋମବାର ପ୍ରଥମଥର ପାଇଁ ସମୁଦ୍ର ମଧ୍ୟରୁ ରକେଟ୍ ଯୋଗେ ସଫଳତାର ସହ କେତେକ ସାଟେଲାଇଟ୍‌କୁ ଉତ୍‌କ୍ଷେପଣ କରିଛି। ବ୍ୟବସାୟିକ ମହାକାଶ ଗବେଷଣାରେ ଏହା ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ। ଶାଣ୍ଡୋଙ୍ଗ୍ ପ୍ରଦେଶର ହୈୟାଙ୍ଗ ନିକଟ ସମୁଦ୍ରରୁ ଚାଇନାର ସ୍ମାର୍ଟ ଡ୍ରାଗନ୍-୩ ରକେଟ୍ ୧୦ଟି ସେଣ୍ଟିସ୍ପେସ୍-୦୧ ସାଟେଲାଇଟ୍‌କୁ ଲଞ୍ଚ୍ କରିବା ସହ ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାପିତ କରିଛି। ତାଇୟୁଆନ୍ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟର ଏହି ମିଶନର ତଦାରଖ କରୁଥିଲା। ସାଟେଲାଇଟ୍ ଲଞ୍ଚ୍ ପାଇଁ ସୁରକ୍ଷା ଦୃଷ୍ଟିରୁ ଏବଂ କମ୍ ଖର୍ଚ୍ଚ ପାଇଁ ହୈୟାଙ୍ଗ ନିକଟ ସାଗରକୁ ଚୟନ କରାଯାଇଥିଲା। ପୃଥିବୀର ନିମ୍ନ କକ୍ଷପଥକୁ କ୍ଷୁଦ୍ର ଉପଗ୍ରହ ପଠାଇବା ପାଇଁ ଚାହିଦା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଚାଇନା ଏକାଡେମୀ ଅଫ୍ ଲଞ୍ଚ୍ ଭେହିକିଲ୍ ଟେକ୍‌ନୋଲୋଜି ପକ୍ଷରୁ ସ୍ମାର୍ଟ ଡ୍ରାଗନ୍-୩ ରକେଟ ନିର୍ମାଣ କରାଯାଇଥିଲା।

## ୪ ପିଲା ଜନ୍ମ କର, ଲକ୍ଷେ ଟଙ୍କା ପାଅ

**ମଧ୍ୟପ୍ରଦେଶ ବ୍ରାହ୍ମଣ ସଂଗଠନର ଆହ୍ୱାନ**

ଭୋପାଳ, ୧୩।୧

ବ୍ରାହ୍ମଣ ସମ୍ପ୍ରଦାୟର ଯୁବଦମ୍ପତିମାନେ ୪ ସନ୍ତାନ ଜନ୍ମ ପାଇଁ ନିଷ୍ପତ୍ତି ନେଲେ ସେମାନଙ୍କୁ ଲକ୍ଷେ ଟଙ୍କା ପୁରସ୍କାର ମିଳିବ। ମଧ୍ୟପ୍ରଦେଶ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପାଇଥିବା ପର୍ଶୁରାମ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଣ୍ଡିତ ବିଷ୍ଣୁ ରାଜୋରିଆ ଏହି ଘୋଷଣା କରିଛନ୍ତି। ଇନ୍ଦୋରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜୋରିଆ କହିଛନ୍ତି, ଆମେ ପରିବାର ଉପରେ ଗୁରୁତ୍ୱ ଦେବା ବନ୍ଦ କରିଦେଇଛୁ, ଯେଉଁଥିପାଇଁ ବିଧର୍ମୀଙ୍କ ସଂଖ୍ୟା ବଢ଼ିଚାଲିଛି। ଭବିଷ୍ୟତ ପିଢ଼ିଙ୍କ ସୁରକ୍ଷା ପାଇଁ ଯୁବବର୍ଗଙ୍କୁ ଦାୟିତ୍ୱ ନେବାକୁ ହେବ। ଯୁବ ଦମ୍ପତି ଗୋଟିଏ ସନ୍ତାନ ପରେ ବନ୍ଦ କରିଦେଉଥିବାରୁ ସମସ୍ୟା ସୃଷ୍ଟି ହୋଇଛି।

## ଜମ୍ମୁ-କଶ୍ମୀରରେ ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ପାକିସ୍ତାନୀ

ନୂଆଦିଲ୍ଲୀ, ୧୩।୧

ଜମ୍ମୁ-କଶ୍ମୀରରେ ସୁରକ୍ଷାବଳ ସହ ଗୁଳି ବିନିମୟରେ ଗତବର୍ଷ ମୃତ୍ୟୁବରଣ କରିଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ହେଉଛନ୍ତି ପାକିସ୍ତାନୀ। ଭାରତର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସୋମବାର ଏହି ସୂଚନା ଦେଇଛନ୍ତି। ସେନା ଦିବସର ଠିକ୍ ପୂର୍ବରୁ ଜେନେରାଲ ଦ୍ୱିବେଦୀ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଜମ୍ମୁ-କଶ୍ମୀରରେ ହିଂସାକୁ ବଢ଼ାଇବାରେ ପାକିସ୍ତାନର ସକ୍ରିୟ ଭୂମିକା ରହିଛି। ସମ୍ପ୍ରତି ଜମ୍ମୁ-କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୮୦% ପାକିସ୍ତାନୀ ବୋଲି ସେ କହିଛନ୍ତି। ସେହିପରି ଗତବର୍ଷ ଜମ୍ମୁ-କଶ୍ମୀରର ସୁରକ୍ଷା ପାଇଁ ୧୫ ହଜାରରୁ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଥିଲା, ଯାହାର ମହତ୍ୱପୂର୍ଣ୍ଣ ଯୋଗଦାନ ଅଞ୍ଚଳରେ ଚାଲିଥିବା


ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

ଆତଙ୍କବାଦ ବିରୋଧ ଗତିବିଧିରେ ରହିଥିଲା। ଅନ୍ୟପକ୍ଷରେ ଲାଦାଖରେ ଚାଇନା ସହ ଲାଗି ରହିଥିବା ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ(ଏଲ୍‌ଏସି) ବିବାଦକୁ ନେଇ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଏଲ୍‌ଏସିର ପରିସ୍ଥିତି ସମ୍ବେଦନଶୀଳ ହୋଇଥିବାବେଳେ ବର୍ତ୍ତମାନ ଏହା ସ୍ଥିର ରହିଛି। ଉକ୍ତ ଅଞ୍ଚଳରେ ବିବାଦକୁ ଦୂର କରିବା ପାଇଁ ପ୍ରୟାସ କରାଯାଉଛି।

## ଜେଡ୍ ମୋଡ଼ ଟନେଲ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ଭୂସ୍ଖଳନ, ହିମ ସ୍ଖଳନରୁ ପର୍ଯ୍ୟଟକଙ୍କୁ ଆଶ୍ୱସ୍ତି ମିଳିବ**

ଶ୍ରୀନଗର, ୧୩।୧




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଜମ୍ମୁ-କଶ୍ମୀରର ସୋନମର୍ଗସ୍ଥିତ ଜେଡ୍ ମୋଡ଼ ଟନେଲ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଜମ୍ମୁ-କଶ୍ମୀର ସମେତ ପୂରା ଭାରତ ପାଇଁ ଏହି ଟନେଲକୁ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଟନେଲର ଉଦ୍‌ଘାଟନ ସମୟରେ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟନେଲ ମଧ୍ୟ କଶ୍ମୀରର ଗାନ୍ଦରବଲ ଜିଲାର ଗଗନଗୀର ଓ ସୋନମର୍ଗ ମଧ୍ୟରେ ପ୍ରସ୍ତୁତ କରାଯାଇଛି। ସମୁଦ୍ର ପତ୍ତନଠାରୁ ଏହି ଟନେଲ ୮୬୫୦ ଫୁଟ ଉଚ୍ଚତାରେ ରହିଛି। ଏହି ଟନେଲ ମଧ୍ୟରେ ଉଭୟ ଦିଗରେ ଯାନବାହନ ଯାତାୟାତ କରିପାରିବ। ୬.୫ କି.ମି. ଲମ୍ବା ଜେଡ୍ ମୋଡ଼ ଟନେଲ ଦେଇ ପର୍ଯ୍ୟଟକମାନେ ଅତି ସହଜରେ ବର୍ଷତମାମ ଜମ୍ମୁ-କଶ୍ମୀରର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଯାଇପାରିବେ। ଫଳରେ ଭୂସ୍ଖଳନ ଏବଂ ହିମ ସ୍ଖଳନ ସମସ୍ୟାରୁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଆଶ୍ୱସ୍ତି ମିଳିବ। ୨୭୧୭ କୋଟି ଟଙ୍କା ମୂଲ୍ୟରେ ଏହି ଟନେଲର ନିର୍ମାଣ କରାଯାଇଛି। ଏହି ଅବସରରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଜମ୍ମୁ-କଶ୍ମୀରର ଗତ ବିଧାନସଭା ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନିର୍ବାଚନ ଆୟୋଗଙ୍କୁ ଶ୍ରେୟ ଦେଇଛନ୍ତି। ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ କରିବେ ବୋଲି ଓମାର ଆଶା ପ୍ରକଟ କରିଛନ୍ତି।

## 'ନାଗ ମାର୍କ ୨'ର ସଫଳ ପରୀକ୍ଷା

ପୋଖରାନ୍, ୧୩।୧

ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ 'ତୃତୀୟ ପିଢ଼ିର ଫାୟାର ଆଣ୍ଡ୍ ଫର୍‌ଗେଟ୍ ଆଣ୍ଟି ଟ୍ୟାଙ୍କ୍ ଗାଇଡେଡ୍ ମିଶାଇଲ 'ନାଗ ମାର୍କ ୨'ର ସୋମବାର ସଫଳ ପରୀକ୍ଷଣ କରାଯାଇଛି। ରାଜସ୍ଥାନର ଜୈସଲମେର ଜିଲା ପୋଖରାନ ଫିଲ୍ଡ ଫାୟାରିଙ୍ଗ୍ ରେଞ୍ଜ୍‌ରୁ ଏହି ମିଶାଇଲର ୩ଟି ପରୀକ୍ଷଣ କରାଯାଇଛି। ଉକ୍ତ ପରୀକ୍ଷଣରେ 'ନାଗ ମାର୍କ ୨' ମିଶାଇଲ ଠିକ୍ ଭାବେ ନିଜର ସମସ୍ତ ଟାର୍ଗେଟକୁ ନଷ୍ଟ କରିଦେଇଥିଲା। ଭାରତୀୟ ସେନାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତିରକ୍ଷା ଗବେଷଣା ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ଏହି ପରୀକ୍ଷଣ କରାଯାଇଛି। ଏହାସହ 'ନାଗ ମାର୍କ ୨' ମିଶାଇଲ ଭାରତୀୟ ସେନାରେ ସାମିଲ ହେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି। 'ନାଗ ମାର୍କ ୨'ର ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ,



'ନାଗ ମାର୍କ ୨' ଭାରତୀୟ ସେନା ପାଇଁ ଏକ ଉନ୍ନତ ଆଣ୍ଟି ଟ୍ୟାଙ୍କ୍ ଗାଇଡେଡ୍ ମିଶାଇଲ ସିଷ୍ଟମ। ଏହା ଏକ ହାଲୁକା କ୍ଷେପଣାସ୍ତ୍ର ହୋଇଥିବାବେଳେ ସମସ୍ତ ପରିସ୍ଥିତିରେ କାମ କରିପାରିଥାଏ। ଏହି ମିଶାଇଲର ଓଜନ ୪୫ କିଲୋଗ୍ରାମ ହୋଇଥିବାବେଳେ ଏହାର ଉଚ୍ଚତା ୬ ଫୁଟ ୧ ଇଞ୍ଚ ରହିଛି। ୨୩୦ ମିଟର ପ୍ରତି ସେକେଣ୍ଡ ବେଗରେ ଏହି ମିଶାଇଲ ନିଜ ଲକ୍ଷ୍ୟକୁ ଆକ୍ରମଣ କରିଥାଏ। 'ନାଗ ମାର୍କ ୨' ମିଶାଇଲକୁ ଡିଆର୍‌ଡିଓ 'ଇଣ୍ଟିଗ୍ରେଟେଡ୍ ଗାଇଡେଡ୍ ମିଶାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ (ଆଇଜିଏମ୍‌ଡିପି)' ଅଧୀନରେ ବିକାଶ କରିଛି।

## ଫୁର୍‌ସତ୍

### କୁକୁର ଜନ୍ମଦିନରେ ୫ ଲକ୍ଷ ଖର୍ଚ୍ଚ

ଜାମଶେଦପୁର

ସମ୍ପ୍ରତି ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜଣେ ମାଲିକାଣୀ ନିଜ ପୋଷା କୁକୁରର ଜନ୍ମଦିନ ପାର୍ଟିରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଝାଡ଼ଖଣ୍ଡର ଜାମଶେଦପୁର ନିବାସୀ ସପନା ରବିବାର ନିଜ ପୋଷା କୁକୁରର ଜନ୍ମଦିନକୁ ବହୁ ଆଡ଼ମ୍ବରରେ ସେଲିବ୍ରେଟ କରିଛନ୍ତି। ଏହି ଅବସରରେ ସେ ନିଜ ପୋଷା କୁକୁର ପାଇଁ କେବଳ ୪୦ ହଜାର ଟଙ୍କା ମୂଲ୍ୟର କେକ୍ କାଟିଥିଲେ। ସେହିପରି ଉକ୍ତ ପାର୍ଟିରେ ସପନା ୩୦୦ ଅତିଥିଙ୍କ ପାଇଁ ବିଳାସପୂର୍ଣ୍ଣ ଭୋଜିର ବ୍ୟବସ୍ଥା ମଧ୍ୟ କରିଥିଲେ। ଏହି ଜନ୍ମଦିନ ଉତ୍ସବ ପାଇଁ ସେ ନିମନ୍ତ୍ରଣ କାର୍ଡ ଛପାଇବା ସହ ଏକ ଡିଜେ ନାଇଟର ଆୟୋଜନ ମଧ୍ୟ କରିଥିଲେ। ପ୍ରତିବର୍ଷ ସେ ନିଜ ପୋଷା କୁକୁରର ଜନ୍ମଦିନ ଏପରି ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ବୋଲି ସପନା କହିଛନ୍ତି।

### ଏକାଠି କ୍ରିତି, କବୀର

ମୁମ୍ବାଇ

ଅଭିନେତ୍ରୀ କ୍ରିତି ସାନୋନ୍ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଗତ କିଛି ଦିନ ହେବ ଚର୍ଚ୍ଚାରେ ରହିଛନ୍ତି। କୋଟିପତି ବ୍ୟବସାୟୀ କବୀର ବାହିଆଙ୍କୁ କ୍ରିତି ଡେଟ୍ କରୁଛନ୍ତି ବୋଲି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଆଲୋଚନା କରୁଛନ୍ତି। ଗତ କିଛି ଦିନ ହେବ କ୍ରିତି ଓ କବୀରଙ୍କୁ ଅନେକଥର ଏକାଠି ଦେଖିବାକୁ ମିଳିଥିଲା। ଉଭୟଙ୍କୁ ବିଭିନ୍ନ ଇଭେଣ୍ଟ ସହ ବିଦେଶରେ ଏକାଠି ଛୁଟି କଟାଉଥିବାର ମଧ୍ୟ ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନ ସୁଦ୍ଧା ଦୁହେଁ ସେମାନଙ୍କ ସମ୍ପର୍କକୁ ନେଇ ସର୍ବସାଧାରଣରେ କୌଣସି ଘୋଷଣା କରି ନାହାନ୍ତି।

ସୋମବାର ପୁଣି ଉଭୟଙ୍କର କିଛି ନୂଆ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଫଟୋଗୁଡ଼ିକରେ କ୍ରିତି ଓ କବୀର ପରସ୍ପରର ଖୁବ୍ ନିକଟତର ଥିବା ଦେଖିବାକୁ ମିଳିଛି। ଗୋଟିଏ ଫଟୋରେ ଉଭୟ ଅନ୍ତରଙ୍ଗତାର ସହ ସେଲ୍‌ଫି ନେଉଛନ୍ତି। ସେହିପରି ଅନ୍ୟ ଏକ ଫଟୋରେ ଉଭୟ ସୁଇମିଂପୁଲ ମଧ୍ୟରେ ପରସ୍ପର ସହ ଉପଭୋଗ କରୁଥିବାର ନଜରକୁ ଆସିଛନ୍ତି। ତେବେ ଉକ୍ତ ଫଟୋଗୁଡ଼ିକୁ କ୍ରିତି ଓ କବୀରଙ୍କ ଆଧିକାରିକ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ପୋଷ୍ଟ କରାଯାଇ ନାହିଁ। କିଛିଦିନ ତଳେ କ୍ରିତି ଏବଂ କବୀରଙ୍କୁ ଏକାଠି ଏକ ହାଇ ପ୍ରୋଫାଇଲ୍ ଇଭେଣ୍ଟରେ ଦେଖିବାକୁ ମିଳିଥିଲା। ସେମାନଙ୍କ ସହ ଅଭିନେତା ବରୁଣ ଶର୍ମା ମଧ୍ୟ ନଜରକୁ ଆସିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାକିସ୍ତାନୀ ଗାୟକ ରାହତ ଫତେହ ଅଲି ଖାନ୍ ଗୀତ ଗାଉଥିବାର ନଜରକୁ ଆସିଥିଲେ।


କ୍ରିତି ସାନୋନ୍

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ | Bhubaneswar, Tuesday, January 14/2025



ପୌଷ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନେ ସୋମବାର ପ୍ରୟାଗରାଜସ୍ଥିତ ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ବୁଡ଼ ପକାଉଛନ୍ତି।

# ୧ ଡଲାର=୮୬.୭୦ ଟଙ୍କା

## ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ

ମୁମ୍ବାଇ,୧୩।୧(ପି.ଟି.)

ପ୍ରାୟ ୨ ବର୍ଷ ମଧ୍ୟରେ ଗୋଟିଏ ଦିନରେ ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ ଘଟିଛି। ସୋମବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୬୬ ପଇସା ହ୍ରାସ ପାଇ ୮୬ ଟଙ୍କା ୭୦ ପଇସାରେ ପହଞ୍ଚିଛି। ଡଲାରର ମୂଲ୍ୟ ବୃଦ୍ଧି ସାଙ୍ଗକୁ ଅଶୋଧିତ ତୈଳ ଦର ବଢ଼ିବା କାରଣରୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହୋଇଛି। ସୋମବାର ସକାଳେ ଆନ୍ତଃବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୬.୧୨ରୁ ଆରମ୍ଭ ହୋଇ ପରେ ୮୬.୧୧ରେ ରହିବା ପରେ କାରବାର ଶେଷ ବେଳକୁ ୬୬ ପଇସା ଖସି ୮୬.୭୦ ହୋଇଥିଲା। ଗୋଟିଏ ଦିନରେ ଟଙ୍କା ମୂଲ୍ୟ ୬୬ ପଇସା କମିବା ପାଖାପାଖି ୨ ବର୍ଷ ମଧ୍ୟରେ ସର୍ବାଧିକ। ୨୦୨୩ ଫେବୃଆରୀ ୬ରେ ଟଙ୍କା ☞ପୃଷ୍ଠା–୫

## ମକର ଶୁଭେଚ୍ଛା

ଗଣପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସଙ୍ଗେସଙ୍ଗେ ସମସ୍ତଙ୍କ ଜୀବନରେ ଭରିଯାଉ ଶାନ୍ତି ଓ ସମୃଦ୍ଧି।

ଆଜିର ସମ୍ପାଦକୀୟ
କାନି ବା ହାତ ଧରନି

# ମାସକୁ ମିଳିବ ୨୦ ହଜାର

## ଜରୁରିକାଳୀନ ପରିସ୍ଥିତିରେ ବନ୍ଦୀ ହୋଇଥିବା ସଂଗ୍ରାମୀଙ୍କୁ ଭତ୍ତା

ଭୁବନେଶ୍ୱର,୧୩।୧(ଅନିଲ ଦାସ)

ଦେଶର ଜରୁରିକାଳୀନ ପରିସ୍ଥିତିରେ ମେଣ୍ଟେନାନ୍ସ ଅଫ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ (ମିସା), ଡିଫେନ୍ସ ଅଫ ଇଣ୍ଡିଆନ (ଡିଆଇଆର) ଏବଂ ଡିଆଇଏସଆଇଆର ଆଇନରେ ବିଭିନ୍ନ ଜେଲରେ ବନ୍ଦୀଥିବା ସଂଗ୍ରାମୀମାନଙ୍କୁ ରାଜ୍ୟ ସରକାର ମାସକୁ ୨୦ ହଜାର ଟଙ୍କାର ପେନ୍ସନ ପ୍ରଦାନ କରିବେ।

**ସଂଗ୍ରାମୀଙ୍କ ସମସ୍ତ ମେଡିକାଲ୍ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର**

ସୋମବାର ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପେନ୍ସନ ସହିତ ସମସ୍ତ ସଂଗ୍ରାମୀମାନଙ୍କ ମେଡିକାଲ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସମସ୍ତ ସଂଗ୍ରାମୀ ଏହି ପେନ୍ସନ ଓ ଚିକିତ୍ସା ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଏ ବିଷୟରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ୨୫ ଜୁନ୍ ୧୯୭୫ରୁ ୨୧ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ଦେଶର ଜରୁରିକାଳୀନ ପରିସ୍ଥିତି ଜାରି ହୋଇଥିଲା। ଏହାକୁ ବିରୋଧ କରି ଅନେକ ସଂଗ୍ରାମୀ ଦେଶର ବିଭିନ୍ନ ଜେଲରେ ବନ୍ଦୀ ହୋଇଥିଲେ।

# ପ୍ରଥମ ଦିନରେ ବୁଡ଼ ପକାଇଲେ ୧.୬୫ କୋଟି

ମହାକୁମ୍ଭ ନଗର,୧୩।୧(ପି.ଟି.)

ଉତ୍ତର ପ୍ରଦେଶର ଧର୍ମନଗରୀ ପ୍ରୟାଗରାଜରେ ସୋମବାର ମହାକୁମ୍ଭ ଆରମ୍ଭ ହେଉଛି। ପୌଷ ପୂର୍ଣ୍ଣିମା ଅବସରରେ ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ସୋମବାର ପାଖାପାଖି ୧.୬୫ କୋଟି ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ମହାକୁମ୍ଭ ବେଳେ ସଙ୍ଗମରେ ବୁଡ଼ ପକାଇଲେ ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ପ୍ରବଳ ଶୀତ ଓ ଘନ କୁହୁଡ଼ି ସାଙ୍ଗକୁ ବରଫ ଭଳି ଥଣ୍ଡା ପାଣି ସତ୍ତ୍ୱେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଲାଗିରହିଥିଲା।

୪୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱର ସର୍ବବୃହତ୍ ମାନବୀୟ ସମାବେଶ ବୋଲି କୁହାଯାଉଛି। ୧୨ ବର୍ଷରେ ଥରେ ପଡୁଥିବା ଆଧ୍ୟାତ୍ମିକତା, ବିଶ୍ୱାସ, ସଂସ୍କୃତି, ଧର୍ମ, ପରମ୍ପରା ଏବଂ ଆଧୁନିକ ପ୍ରଯୁକ୍ତିର ମହାମିଳନ ଏହି ମହାକୁମ୍ଭରେ ଦେଶବିଦେଶରୁ ୪୦ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବେ ବୋଲି ଆକଳନ କରାଯାଇଛି। ଦୀର୍ଘ ୧୪୪ ବର୍ଷ ପରେ ଦୁର୍ଲଭ ସ୍ୱର୍ଗୀୟ ସଂଯୋଗ ପଡୁଥିବା ସନ୍ଥମାନେ ଦାବି କରୁଥିବାରୁ ଏଥର ମହାକୁମ୍ଭକୁ ସବୁଠୁ ଶୁଭ ବିବେଚନା କରାଯାଉଛି।

ପୌଷ ପୂର୍ଣ୍ଣିମା ଅବସରରେ ସୋମବାର ଭୋରରୁ ସଙ୍ଗମ ସ୍ଥଳ

**ମହାକୁମ୍ଭ**

ଲୋକାରଣ୍ୟ ହୋଇଥିଲା। ଶଙ୍ଖନାଦ ଏବଂ ଭଜନ ସାଙ୍ଗକୁ 'ଜୟ ଗଙ୍ଗା ମୈୟା' ସ୍ଲୋଗାନରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସାଧୁସନ୍ଥମାନେ ବିଭିନ୍ନ ଗ୍ରୁପ୍‌ରେ ଗଙ୍ଗାକୂଳକୁ ଆସି ବୁଡ଼ ପକାଇଥିଲେ। ବସ୍ ଓ ଟ୍ରେନ୍‌ରେ ଆସିଥିବା ଶ୍ରଦ୍ଧାଳୁ ୧୦ରୁ ୧୨ କିଲୋମିଟର ଚାଲିଚାଲି ଆସି ବୁଡ଼ ପକାଉଥିବା ଦେଖାଯାଇଥିଲା। ସନ୍ଧ୍ୟା ସୁଦ୍ଧା ପ୍ରାୟ ୧.୬୫ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ଲେଖିଛନ୍ତି, ଭାରତୀୟ ମୂଲ୍ୟବୋଧ ଓ ସଂସ୍କୃତିକୁ ଭଲ ପାଉଥିବା ବହୁ କୋଟି ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ସ୍ୱତନ୍ତ୍ର ଦିବସ। ବିଶ୍ୱାସ, ଭକ୍ତି ଓ ସଂସ୍କୃତିର ପବିତ୍ର ପ୍ରଭାବରେ ଅଗଣିତ ଲୋକେ ମହାକୁମ୍ଭରେ ଏକାଠି ହେବେ। ଏହା ଭାରତର କାଳାତୀତ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଏବଂ ବିଶ୍ୱାସ ଓ ସଦ୍‌ଭାବନାର ଉତ୍ସବ ବୋଲି ମୋଦି କହିଛନ୍ତି। ହିମାଳୟରୁ ଭସ୍ମ ଆଭୂଷିତ ସାଧୁଙ୍କ ସମେତ ସମଗ୍ର ଦେଶ ଓ ବିଦେଶରୁ ବହୁ ସାଧୁସନ୍ଥ ସଙ୍ଗମରେ ଏକତ୍ରିତ ହୋଇଛନ୍ତି। ବିଭିନ୍ନ ସମ୍ପ୍ରଦାୟର ସନ୍ଥମାନଙ୍କର ୧୩ଟି ଆଖଡ଼ା କୁମ୍ଭ ମେଳାରେ ସାମିଲ ହୋଇଛି।

ମହାକୁମ୍ଭକୁ 'ଡିଜି-କୁମ୍ଭ'ରେ ପରିଣତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏକ ଆପ୍ ଲଞ୍ଚ କରାଯାଇଛି। ସାଧୁସନ୍ଥ, ପର୍ଯ୍ୟଟକ, ଭକ୍ତଙ୍କୁ ସ୍ୱାଗତ କରିବା ଲାଗି ପ୍ରୟାଗରାଜର ୧୦,୦୦୦ ଏକର ବିସ୍ତୃତ ଅଞ୍ଚଳକୁ ସୁସଜ୍ଜିତ କରାଯାଇଛି। ଆଇନ ଶୃଙ୍ଖଳା ପାଇଁ ୫୫ରୁ ଊର୍ଦ୍ଧ୍ୱ ଥାନା ପ୍ରତିଷ୍ଠା କରାଯାଇ ପ୍ରାୟ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୬,୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦେଶର ବିଭିନ୍ନ ସହରରୁ ପ୍ରୟାଗରାଜକୁ ବିମାନ ଚଳାଚଳକୁ ତ୍ୱରାନ୍ୱିତ କରିଥିବାବେଳେ ରେଲୱେ ପକ୍ଷରୁ ୧୦,୦୦୦ ନିୟମିତ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି।

# ପୋଷାହାତୀ ମହିନ୍ଦ୍ରାର ମୃତ୍ୟୁ


ପୋଷାହାତୀ ମହିନ୍ଦ୍ରା

ବାରିପଦା,୧୩।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ଥିବା ପୋଷା ଦନ୍ତାହାତୀ ମହିନ୍ଦ୍ରାର ମୃତ୍ୟୁ ଘଟିଛି। ରବିବାର ରାତି ୧୦ଟା୩୦ରେ ତା'ର ମୃତ୍ୟୁ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ଦୁଇ ଦିନ ହେଲା ସେ ଖାଇବା ପିଇବା ଛାଡ଼ି ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହିନ୍ଦ୍ରାର ମୃତ୍ୟୁ ହୋଇଥିବାରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ☞ପୃଷ୍ଠା–୫

**ଅଦିନିଆ ବର୍ଷାରେ ଫସଲ କ୍ଷତି**

# ଚାଷୀଙ୍କ ଆକାଉଣ୍ଟକୁ ଗଲା କ୍ଷତିପୂରଣ

ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଅମଳ ପରବର୍ତ୍ତୀ ଫସଲ କ୍ଷତି ଆକଳନ କାର୍ଯ୍ୟ ଶେଷ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ମୋଟ ୨୧ କୋଟି ୯୬ ଲକ୍ଷ ଟଙ୍କା କ୍ଷତିପୂରଣ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଦିଆଯାଇଛି। ବୀମା କମ୍ପାନୀଗୁଡିକଙ୍କ ପକ୍ଷରୁ ଏହି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଜାରି ରହିଛି।

ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ୨ ଥର ଅଦିନିଆ ବର୍ଷା ଯୋଗୁ ରାଜ୍ୟରେ ଖରିଫ ଫସଲ ବିଶେଷକରି କଟାଯାଇ ଜମିରେ ଥିବା ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ପୋର୍ଟାଲରେ କ୍ଷୟକ୍ଷତିର ସୂଚନା ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅନୁମତିକ୍ରମେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ପ୍ରଦାନ କରି ନ ଥିବା ଚାଷୀଙ୍କୁ ସୂଚନା ପ୍ରଦାନ ନିମନ୍ତେ ପୁନର୍ବାର ଆଉ ୩ ଦିନ ସୁଯୋଗ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା ପଞ୍ଜୀକୃତ ☞ପୃଷ୍ଠା–୫

# ଜାପାନରେ ଭୂକମ୍ପ ପରେ ସୁନାମି ସତର୍କତା

ଟୋକିଓ,୧୩।୧

ଜାପାନର ଦକ୍ଷିଣ-ପଶ୍ଚିମ ଭାଗରେ ସୋମବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୯ ଥିବା ପାଣିପାଗ ସଂସ୍ଥା ପକ୍ଷରୁ କୁହାଯିବା ସହ ଉପକୂଳ ଅଞ୍ଚଳରେ ସୁନାମି ସତର୍କ ସୂଚନା ଜାରି ହୋଇଛି। ସ୍ଥାନୀୟ ସମୟ ରାତି ୯ଟା ୧୯ ମିନିଟ୍ ସମୟରେ କୁଞ୍ଜସୁ ଦ୍ୱୀପ ଏବଂ କୋଚି ପ୍ରାନ୍ତରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ମିୟାଜାକି ପ୍ରାନ୍ତରେ ରହିଛି। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ତେବେ ଏହାର ପ୍ରଭାବରେ ୩୦ ମିନିଟ୍ ମଧ୍ୟରେ ୧ ମିଟର ଉଚ୍ଚର ସୁନାମି ଆସିପାରେ ବୋଲି ଆକଳନ କରାଯାଇଛି।

# ୟୁଜିସି ଏନ୍‌ଇଟି ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ,୧୩।୧

ମକର ସଂକ୍ରାନ୍ତି ଏବଂ ପୋଙ୍ଗଲ ପାଇଁ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି)କୁ ସ୍ଥଗିତ ରଖାଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସୋମବାର ଏହା ଘୋଷଣା କରିଛି। ପରୀକ୍ଷା ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପାଇଁ ଚୟନ ଏବଂ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ପାଇଁ ଯୋଗ୍ୟତା ନିରୂପଣ ନିମନ୍ତେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ।

ज्ञान-विज्ञान विमुक्तये

ପୋଙ୍ଗଲ ସମେତ ବିଭିନ୍ନ ରାଜ୍ୟରେ ଫସଲ ଅମଳକାଳୀନ ଉତ୍ସବ କାରଣରୁ ଏନ୍‌ଇଟି ପରୀକ୍ଷା ସୂଚୀରେ ପରିବର୍ତ୍ତନ କରିବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଥିଲେ।

# ୨୭ ଜିଲାର ୨୪୯୨ ମଣ୍ଡିରେ ଚାଲିଛି ଧାନ ସଂଗ୍ରହ

ଭୁବନେଶ୍ୱର,୧୩।୧(ସୁନିତ୍ ମିଶ୍ର)

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ଏହି ଧାନ କିଣା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ବର୍ତ୍ତମାନ ବରଗଡ଼, ନୂଆପଡ଼ା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କେଉଁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ସୁବର୍ଣ୍ଣପୁର, ପୁରୀ, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର ଓ ସୁନ୍ଦରଗଡ଼ ସମେତ ରାଜ୍ୟର ୨୭ ଜିଲାରେ ଧାନ କିଣା ପ୍ରକ୍ରିୟା ଚାଲିଛି। ଅନ୍ୟ ଜିଲାରେ ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟା ଆରମ୍ଭ ହେବ। ଏଥିଲାଗି ସମ୍ପୃକ୍ତ ଜିଲାରେ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଏତଦ ବ୍ୟତୀତ ପଞ୍ଜୀକୃତ ☞ପୃଷ୍ଠା–୫

# ଡିଭାଇଡର ଡେଇଁ ପିକ୍‌ଅପ୍‌କୁ ଧକ୍କାଦେଲା କାର୍

## ୨ ମୃତ, ୫ ଆହତ

ଯାଁଳା,୧୩।୧(ବୁଲା ବାରିକ)



୧୬ନଂ. ଜାତୀୟ ରାଜପଥର ଯାଁଳା ଫାଣ୍ଡି ସମ୍ମୁଖରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଡିଭାଇଡରକୁ ଡେଇଁ ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କାଦେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ରହୁଥିବା ନୟାଗଡ଼ ଜିଲା ଜଗାଙ୍ଗି ସାହିର ହରେନ୍ଦ୍ର ସିଂ (୩୮)। ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଜଣାପଡ଼ିଛି। ୫ ଆହତଙ୍କ ମଧ୍ୟରେ ୩ ଜଣ ଅଧ୍ୟାପିକା ଅଛନ୍ତି।

ସୂଚନା ମୁତାବକ, ଖୋର୍ଦ୍ଧା ହଳଦିଆରୁ ଏକ କାର୍‌ରେ ୩ଜଣ ଅଧ୍ୟାପିକା ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଯାଁଳା ଫାଣ୍ଡି ସମ୍ମୁଖ ରାସ୍ତାରେ କୌଣସି କାରଣରୁ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ପରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଫଳରେ ଡିଭାଇଡର ଉପରେ ଛିଡ଼ା ହୋଇଥିବା ବ୍ୟକ୍ତି ଏବଂ ଟାଟା ଏସିଇରେ ବସିଥିବା ହରେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାର୍‌ରେ ଥିବା ଅଧ୍ୟାପିକାଙ୍କ ସମେତ ୫ଜଣ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ରାଜପଥରେ ପ୍ରାୟ ଘଣ୍ଟାଏ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# କଳା ଧାନ, କଳା ହଳଦୀ ସହ କଳା ଗହମ

ଫୁଲବାଣୀ,୧୩।୧(ରାକେଶ କୁମାର ରାଉତ)


କଳା ଗହମ


କଳା ଚାଉଳ

କନ୍ଧମାଳ ଜିଲା ଜୈବିକ ଚାଷ ପାଇଁ ପ୍ରସିଦ୍ଧ। ଏଠାକାର ଜୈବିକ ହଳଦୀ, ଅଦା ସାଙ୍ଗକୁ ପନିପରିବା ନିଜର ଉତ୍କୃଷ୍ଟ ଗୁଣବତ୍ତା ଯୋଗୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜିଲାର ଭୌଗୋଳିକ ସ୍ଥିତି, ମୃତ୍ତିକାର ମାନ ଏବଂ ଜଳସେଚନର ସମସ୍ୟା ଯୋଗୁ ଏଠାରେ ଧାନ ଭଳି ପାରମ୍ପରିକ ଚାଷର ଉପଯୋଗିତା ଖୁବ୍ କମ୍ ରହିଛି। ଫଳରେ ଜିଲାର ଚାଷୀ ସାଧାରଣତଃ ପନିପରିବା ଚାଷ ଉପରେ ଅଧିକ ନିର୍ଭର କରନ୍ତି। ସଂରକ୍ଷଣ ଏବଂ ବଜାରଜନିତ ସମସ୍ୟା ଯୋଗୁ ଚାଷୀ ଏଥିରୁ ଆଶାଜନକ ଲାଭ ପାଇପାରୁନି। ଏସବୁକୁ ଦୃଷ୍ଟିରେ ରଖି ଜିଲାରେ ଏବେ ଅଣପାରମ୍ପରିକ ବିକଳ୍ପ କୃଷି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜୈବିକ କୃଷିରେ ଅଗ୍ରଣୀ ସାଜିଥିବା କନ୍ଧମାଳ ଆପେକ୍ସସ୍ପାଇସେସ୍ ଆଶୋସିଏଶନ ଫର ମାର୍କେଟିଂ('କସମ') ପକ୍ଷରୁ ଅଣପାରମ୍ପରିକ ଚାଷ ପ୍ରତି ଉଦ୍ୟମ ଜାରି ରହିଛି। ଜିଲାପାଳ ଏହାର ଅଧ୍ୟକ୍ଷ ରହିଥିବା ବେଳେ ସଞ୍ଜିତ ପଟ୍ଟନାୟକ ଏହାର ସମ୍ପାଦକ ଅଛନ୍ତି। କସମ ପକ୍ଷରୁ ତିନୋଟି ବିକଳ୍ପ ତଥା ଅର୍ଥକରୀ ଫସଲ

**କନ୍ଧମାଳ ଜିଲାରେ ଆରମ୍ଭ ହୋଇଛି ଅଣପାରମ୍ପରିକ କୃଷି**

ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏଥି ମଧ୍ୟରେ ରହିଛି କଳା ଧାନ, କଳା ହଳଦୀ ଓ କଳା ଗହମ।

କନ୍ଧମାଳ ହଳଦୀର ଚାହିଦା ସବୁବେଳେ ରହିଛି। ଏଠାରେ ଏବେ ହଳଦୀର ଏକ ସ୍ୱତନ୍ତ୍ର ପ୍ରଜାତି କଳା ହଳଦୀ ଉତ୍ପାଦନ ଆରମ୍ଭ ହୋଇଛି। ଏହି ଚାଷ କରି ଚାଷୀ ଲାଭବାନ ହେଉଛନ୍ତି। କସମ ସମ୍ପାଦକ ପଟ୍ଟନାୟକ କହନ୍ତି, ୨୦୦୬ରେ ଏହି କଳା ହଳଦୀର ବିହନ କେରଳରୁ ଆଣି ଚାଷୀଙ୍କୁ ପ୍ରଦାନ ☞ପୃଷ୍ଠା–୫

**ଆଜିର ମନ୍ତବ୍ୟ**

ଅଯୋଧ୍ୟାର ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ହେବା ସହ ଭାରତକୁ ପ୍ରକୃତ ସ୍ୱାଧୀନତା ମିଳିଥିଲା । ବହୁ ବର୍ଷ ଧରି ବାହ୍ୟ ଆକ୍ରମଣ ପରେ ଏହି ଦିବସ ଭାରତର ସାର୍ବଭୌମତ୍ୱର ପ୍ରତୀକ । ତେଣୁ ପ୍ରତିବର୍ଷ ଏହି ଦିବସକୁ 'ପ୍ରତିଷ୍ଠା ଦ୍ୱାଦଶୀ' ଭାବରେ ପାଳନ କରାଯିବା ଉଚିତ୍ ।

– ମୋହନ ଭାଗବତ, ଆରଏସ୍ଏସ୍ ମୁଖ୍ୟ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖ, ସମୟ: ସକାଳ ୮ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମ୍ୟାଲାର୍ପଣ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ସ୍ୱନକ୍ଷତ୍ର ଦିବସ, ସ୍ଥାନ: କଳିଙ୍ଗ ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ୫୫ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ବ୍ଲକ ଅଧୀନ ସାନ ବଇଁଚୁଆ ଗ୍ରାମର ମା' ଚମ୍ପାଦେଇଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ମହୋତ୍ସବ ଉଦ୍‌ଘାଟନ ଓ ସଂଭାବନାର ମକର ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- କବିତା ପାଠୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା ଓ ସାଧାରଣ ସଭା, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡର ନହରକଣ୍ଟା (ଖ)ସ୍ଥିତ ମାରୁତି ମଣ୍ଡପ ପରିସର, ସମୟ: ରାତି ୭ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର, ମୁଖ୍ୟ ଫାଟକ ପାଖ, ସମୟ: ସକାଳ ୯ଟା।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ନାଟକ 'ତମେ ଚାଲିଗଲା ପରେ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଡମଣୀ ପୀଠରେ ମକର ମେଳା, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ବେରେଣା ଗ୍ରାମ ନିକଟ, ଚୌଦ୍ୱାର ସମୟ: ସକାଳ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଚାରବାଟିଆ ଜଗନ୍ନାଥ ମନ୍ଦିର, ଚୌଦ୍ୱାର ସମୟ: ସକାଳ ୯ଟା।

## ଖୋର୍ଦ୍ଧା

- ହନୁମାନ ମନ୍ଦିରରେ ତ୍ରୟୋବିଂଶତମ ମକର ଉତ୍ସବ, ସ୍ଥାନ: ଭାଲୁମୁଣ୍ଡିଆ ହନୁମାନ ମନ୍ଦିର, ମାଣିକାଗୋଡ଼ା, ବୋଲଗଡ଼, ସମୟ: ପ୍ରାତଃ ୫ଟା।
- ମା'ବୁଢ଼ୀ ଭୂୟାଁଣି ଦେବୀଙ୍କ ପଞ୍ଚମ ବାର୍ଷିକ ମକର ଉତ୍ସବ, ସ୍ଥାନ: ମା'ବୁଢ଼ୀ ଭୂୟାଁଣି ପୀଠ, ବୋଲଗଡ଼, ସମୟ: ସକାଳ ୮ଟା
- ୩୦ତମ ଗୀତା ଅଭିଷେକ ଏବଂ ମହାମନ୍ତ୍ର ନାମ, ସ୍ଥାନ: ଗୋପବନ୍ଧୁ ଛକ, ବୋଲଗଡ଼, ସମୟ: ସକାଳ ୯ଟା।
- କବିତା ପାଠୋତ୍ସବ ଏବଂ ସାହିତ୍ୟ ସଭା, ସ୍ଥାନ: ନନ୍ଦିଘୋଷ ଭବନ ପ୍ରେକ୍ଷାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ

- ଏସ୍‌ପି ଫାଉଣ୍ଡେଶନ ପ୍ରାୟୋଜିତ ୧୧ତମ ଅଲ୍ ଓଡ଼ିଶା ନିମାପଡ଼ା ଓପନ ଚେସ ଟୁର୍ନାମେଣ୍ଟ, ସ୍ଥାନ: ଶହୀଦ ଭବନ ପରିସର, ନିମାପଡ଼ା, ସମୟ: ସକାଳ ୯ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ମକର ବେଢ଼ା ଓ ମକର ଚାଉଳ ଭୋଗ, ସ୍ଥାନ: ମନ୍ଦିର ପରିସର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉ ମନ୍ଦିରରେ ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ତୁଣ୍ଡୁପଡା ମଠ ଓ ଶନିଶ୍ଚର ମହାଗ୍ରହଙ୍କ ବାର୍ଷିକ ନାମଯଜ୍ଞ, ସ୍ଥାନ: ଦଧିଚି ମୁନୀ ଆଶ୍ରମ ଓ ଜଟିଆ ବାବାଜୀ ମଠ, କଳାବୁଦା, ଗରଦପୁର, ସମୟ: ସକାଳ ୭ଟା।
- ଶ୍ରୀଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କପ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଅଙ୍ଗୁଲାଇ ହାଇସ୍କୁଲ ଖେଳ ପଡିଆ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତାଳଚୁଆ ଜେଟି, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ସାହାଡ଼ା ସୁନ୍ଦରୀ ପୀଠରେ ମକର ମେଳା, ଦିନରେ ରାମଲୀଳା ଯାତ୍ରା, ସ୍ଥାନ: ସିହା ଗ୍ରାମ, ଏରସମା ବ୍ଲକ, ସମୟ: ସକାଳ ୭ଟା।
- ମର୍ଣ୍ଣିଂ କ୍ରିକେଟ କ୍ଲବ(ଏମ୍‌ସିସି)ପକ୍ଷରୁ ଦିନିକିଆ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଏମ୍‌ସିସି ଖେଳପଡ଼ିଆ, ଜୟଦେବ ଭବନ ସମ୍ମୁଖ, ବଡ଼ପଡିଆ ପାରାଦୀପ, ସମୟ: ସକାଳ ୮ଟା।
- ବାଉରିଆପାଳନ୍ଦା ବସ୍ତି କମିଟିର ବିସ୍ଥାପନ ସମ୍ପର୍କିତ ବୈଠକ, ସ୍ଥାନ: ବାଉରିଆପାଳନ୍ଦା ପାରାଦୀପ, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ମୁଣ୍ଡୋମାଳ ଶିଶୁ ମନ୍ଦିର ପରିସର, ସମୟ: ସକାଳ ସାଢେ ୭ଟା।
- ଜିଲାସ୍ତରୀୟ କୋଷ୍ଟାଲ ହକି ମ୍ୟାଚ, ସ୍ଥାନ: ଯାଜପୁର ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ମକର ସଂକ୍ରାନ୍ତି ଅବସରରେ ଯାତ୍ରା, ସ୍ଥାନ: ଗୋଡ଼ିପଡ଼ା ନିକଟସ୍ଥ ହରିଡ଼ାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ: ଭୋର ୫ଟା।
- ରାଜ୍ୟସ୍ତରୀୟ ଖଳିସାହି କପ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ଯାତ୍ରାର ୨ୟ ଦିବସରେ ହୋମ, ସ୍ଥାନ: ନୟାଗଡ଼ ବ୍ଲକ କ୍ରୀଦାଶପୁର ବ୍ରାହ୍ମଣୀ ଦେଇ ପୀଠ, ସମୟ: ମଧାହ୍ନ ୧୨ଟା।

## ବାଲେଶ୍ୱର

- ବ୍ୟାସକବି ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ସମାରୋହ ଓ ପରିଷଦର ୭୮ତମ ବାର୍ଷିକୋତ୍ସବର ଦ୍ୱିତୀୟ ଉତ୍ସବ ଉପଲକ୍ଷେ ପ୍ରଭାତଫେରି, ସମୟ: ସକାଳ ୭ଟା।
- ଶାନ୍ତିଘାଟରେ ମାଲ୍ୟାର୍ପଣ, ସମୟ: ସକାଳ ୯ଟା।
- ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମକର ବଣ୍ଟନ, ସମୟ: ପୂର୍ବାହ୍ନ ୧୦ଟା।
- ଜୟନ୍ତୀ ଓ ସମ୍ବର୍ଦ୍ଧନା ପର୍ବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନାଟକ 'ଅପୂର୍ବ ମିଳନ' ପରିବେଷଣ, ସମୟ: ସନ୍ଧ୍ୟା ୬ଟା, ସ୍ଥାନ: ଫକୀରମୋହନ ସାହିତ୍ୟ ପରିଷଦ, ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର।
- ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ମାଣିଖମ୍ବ ୟୁପି ସ୍କୁଲ, ବାଲେଶ୍ୱର, ସମୟ: ଦିବସ ବ୍ୟାପୀ।
- ମଇତାପୁରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡ଼ିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଓଡ଼ିଶା ରାପିଡ୍ ଏବଂ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ୨୦୨୪-୨୫ର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଦପାନାୟକାଣୀ ପୀଠରେ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ମା' ବଉଳାଶୁଣୀଙ୍କ ପୀଠରେ ମକର ଉତ୍ସବ ଆରମ୍ଭ, ସ୍ଥାନ: ନିଳୋକ, ବନ୍ତ, ସମୟ: ସକାଳ ୭ଟା।
- ବାଲ୍ମିକୀ ମୁନି ମଣ୍ଡପର ପୂଜା ଉତ୍ସବ, ସ୍ଥାନ: ଗୋପାଳପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମକର ମେଳା, ସ୍ଥାନ: କୁଆଁର୍ଦ୍ଧା ଧୂନୀବାଡ଼ି ପୀଠ, ବନ୍ତ, ସମୟ: ସକାଳ ୯ଟା।
- ଗୋପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀଉ ଗୋଶାଳା, ଭଦ୍ରକ, ସମୟ: ସକାଳ ୯ଟା।

## କେନ୍ଦୁଝର

- ଗଡ଼ଚଣ୍ଡୀ ପୀଠରେ ମକରମେଳା ଓ ଯଜ୍ଞ ଉତ୍ସବ, ସ୍ଥାନ: ଗଡ଼ଚଣ୍ଡୀ, ସୁନ୍ଦରପାଳ, ସମୟ: ସକାଳ ୭ଟା।
- ପଢିଆରୀପଲ୍ଲି ଗୋବର୍ଦ୍ଧନ ପର୍ବତ ସିଦ୍ଧ ଗୁମ୍ଫାରେ ମକର ମେଳା ଓ ରାମ ଚରିତ ମାନସ ପାଠ, ସ୍ଥାନ: ସିଦ୍ଧଗୁମ୍ଫା ମଠ, ପଢ଼ିଆରୀପଲ୍ଲି, ସମୟ: ସକାଳ ୭ ଟା।
- ଚକ୍ରତୀର୍ଥ ମଠ ମକର ସଂକ୍ରାନ୍ତି ଉପଲକ୍ଷେ ଭଜନ କୀର୍ତ୍ତନ, ସ୍ଥାନ: କାଠକଟା, ଛେନାପଦି, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ ଟା।
- ମକର ମେଳାର ଶୁଭାରମ୍ଭ, ମା'ଙ୍କ ପୂଜାର୍ଚ୍ଚନା, ସ୍ଥାନ: ଆମ୍ଭୋ, ଛେନାପଦି, ସମୟ: ସକାଳ ୯ ଟା ଓ ସନ୍ଧ୍ୟା ୬ ଟା।
- ମୁଖ୍ୟମନ୍ତ୍ରୀଙ୍କ ମକର ବୁଡ଼, ପରମେଶ୍ୱର ଶିବ ଓ ଆନନ୍ଦେଶ୍ୱର ମହାଦେବଙ୍କ ଦର୍ଶନ, ସ୍ଥାନ: ପାଟଣା ମୁଖ୍ୟାଳୟ ବୈତରଣୀ ନଦୀର ଅନୁସୟା ଘାଟ, ସମୟ: ପୂର୍ବାହ୍ନ ୧୦ ଟା ୪୦।

## ମୟୂରଭଞ୍ଜ

- ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ମହର୍ଷି ପବ୍ଲିକ ସ୍କୁଲ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ, ସ୍ଥାନ:ମହର୍ଷି ପବ୍ଲିକ ସ୍କୁଲ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଶୀର୍ଷା ଟୁସୁ ମହୋତ୍ସବ କମିଟି ଆନୁକୂଲ୍ୟରେ ଟୁସୁ ମେଳା,ସ୍ଥାନ:ଶୀର୍ଷା ମେରୁମଠ, ସୁବର୍ଣ୍ଣରେଖା ତଟ,ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା, ସ୍ଥାନ: ସିଂହଟିଆ ବଡ଼ସାହି ବ୍ଲକ,ସମୟ:ଅପରାହ୍ନ ୩ଟା।
- ଟୁସୁ ମୂର୍ତ୍ତି ଗ୍ରାମ ପରିକ୍ରମା, ସ୍ଥାନ:ମାର୍କେଟ ସାହି, ଚିତ୍ରଡ଼ା, ମୋରଡ଼ା. ସମୟ: ଅପରାହ୍ନ ୩ଟା।
- ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ:ପାରିଆଉଡ଼ା,ଶୀର୍ଷାପାଳ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ମହର୍ଷି ଦୟାନନ୍ଦ ବୈଦିକ ଯୋଗାଶ୍ରମର ବାର୍ଷିକ ଉତ୍ସବ,ସ୍ଥାନ:ବୁଗୁଡ଼ା, ଆଶ୍ରମ ପରିସର, ସମୟ:ସକାଳ ୭ଟା।
- ହରି ହର ଭେଟ କାର୍ଯ୍ୟକ୍ରମ, ସ୍ଥାନ:ବାଲିପଦର,ମକର ପଡ଼ିଆ, ସମୟ:ଅପରାହ୍ନ ୧ଟା।

## ଢେଙ୍କାନାଳ

- ଢେଙ୍କାନାଳରେ ମଗଜି ମହୋତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ଅପରାହ୍ନ ୫ଟା।
- ବ୍ୟାସକବି ଫକିର ମୋହନ ଜୟନ୍ତୀ ଓ ମକର ମିଳନ, ସ୍ଥାନ: ଲେଖକ ସଂସଦ ଶାଣ୍ଡିଲ୍ୟ ବସନ୍ତ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲାସକବି ଫକିର ମୋହନ ଜୟନ୍ତୀ ଓ ମକର ମିଳନ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଚାଉଳିଆ ଖମାର, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ରାୟଗଡ଼ା

- ମକର ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ଉତ୍ତରା ଦର୍ଶନ, ସ୍ଥାନ: ଭେଙ୍କଟେଶ୍ୱର ମନ୍ଦିର, ଜେକେପୁର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।
- ବ୍ରାହ୍ମଣ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଆରଏସ୍ଏସ୍‌ର ମକର ମିଳନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର

- ଫକୀର ମୋହନ ଜୟନ୍ତୀ, ମକର ମିଳନ, ସ୍ଥାନ: ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସଙ୍କଟ ମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବୁଦ୍ଧହିଲ ସ୍ଥିତ ଶ୍ରୀହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ମକର ମିଳନ ପୂଜାର୍ଚ୍ଚନା ଓ ମିଳନ କାର୍ଯ୍ୟକ୍ରମ, ସ୍ଥାନ : ଠେମରା ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁର ଯୁଥ ପକ୍ଷରୁ କାଇଟ ଫେଷ୍ଟିଭାଲ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଯୋଗ ପରିବାର ପକ୍ଷରୁ ଚାରମଲି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ : ସିନ୍ଦୁରପଙ୍କ ନିକଟସ୍ଥ ପିତାବଲି ମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ନୂଆଁଗଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ବାଗବର ହନୁମାନ ଛକ, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୭ଟା।
- ତରଭା ବରିଷ୍ଠ ନାଗରିକ କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମାରୱାଡି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସଂକ୍ରାନ୍ତି ଓ ଷୋଳ ଉପଚାର ପୂଜା, ସ୍ଥାନ: ବଡ଼ମାଳ ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ମକର ସଂକ୍ରାନ୍ତି ଉପଲକ୍ଷେ ସୁନ୍ଦରା କାଣ୍ଡ ପଠନ ଓ ଷୋଳ ଉପଚାର ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ୮ଟା।
- ମକର ସଂକ୍ରାନ୍ତି ପୂଜା ଓ ରାମାୟଣ ପାଠ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ସକାଳ ୮ଟା।

## ସୁନ୍ଦରଗଡ଼

- ମହେଶଡିହି ମକରମେଳା, ହରିହରଭେଟ କାର୍ଯ୍ୟକ୍ରମ, ସ୍ଥାନ: ମହେଶଡିହି ଜଗନ୍ନାଥ ମନ୍ଦିର ପରିସର, ସୁନ୍ଦରଗଡ, ସମୟ:ଅପରାହ୍ନ ୪ଟା
- ମକରମେଳା, ସ୍ଥାନ: ହେମଗିର, ମାଲିପଡା,ସମୟ: ସକାଳ ୯ଟା।
- ମକରମେଳା, ସ୍ଥାନ: ମୁଣ୍ଡେରକ୍ଷେତ, ସମୟ:ସକାଳ ୯ଟା।

## ରାଉରକେଲା

- ସୁବର୍ଣ୍ଣରେଖାର ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସ ଭବନ, ବାସନ୍ତୀ କଲୋନୀ, ସମୟ: ସକାଳ ୯ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ୩ୟ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ସରଣା କ୍ଲବ ପକ୍ଷରୁ ମକର ମିଳନ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୦ଟା।
- ଧାମରା ସଂଘର ୩୬ତମ ବାର୍ଷିକୋତ୍ସବ ଓ ପାରମ୍ପରିକ ମକର ମିଳନ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମକର ଯାତ୍ରା ଉତ୍ସବ କଂସର ମକରହୁଲ, ସ୍ଥାନ: ତିଲେଇବଣି ବ୍ଲକ, କଂସର ଗ୍ରାମ, ସମୟ: ସକାଳ ୫ଟା।
- ଶ୍ରୀଶ୍ରୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଜାମୁଣ୍ଡା ଗ୍ରାମ, ସମୟ: ପୂଜାରମ୍ଭ ସକାଳ ୯ଟା।
- ମକର ସଂକ୍ରାନ୍ତି ଉପଲକ୍ଷେ ମକରଧ୍ୱଜ ଶୃଙ୍ଗରେ ଭକ୍ତ ବାନ୍ଧିବେ ମାନସିକ ଧ୍ୱଜା: ସ୍ଥାନ: ମକରଧ୍ୱଜ ଶୃଙ୍ଗ ପର୍ବତ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ରଜାମୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୧ଟା।

## ବୌଦ୍ଧ

- ଶ୍ରୀରାମଲୀଳା ନାଟ୍ୟ ସଂସଦର ରାମଲୀଳା ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ରାମଲୀଳା ମୈଦାନ, (ରଘୁନାଥ ମନ୍ଦିର) ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରିବେ । ଅର୍ଥ ସଙ୍କଟ ସାଙ୍ଗକୁ ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ । ପୂର୍ବ ପରିକଳ୍ପିତ ଯୋଜନା ଅନୁଯାୟୀ କର୍ମ କରିଚାଲିଲେ ଉପକୃତ ହୋଇପାରିବେ । ମାତ୍ରାଧିକ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟିହେବା ଆଶଙ୍କା ରହିଛି ।

**ବୃଷ** – ଆତ୍ମୀୟଙ୍କ ସାହାଯ୍ୟ, ସହାନୁଭୂତି ଦ୍ୱାରା ସମସ୍ୟାର ସମାଧାନ ହେବ । ଅଭାବ ପୂରଣ ଦିଗରେ ସହକର୍ମୀଙ୍କ ସହଯୋଗ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବ । କୌଣସି ଆନୁଷ୍ଠାନିକ କାର୍ଯ୍ୟ ମାଧ୍ୟମରେ ସାମାଜିକ ସ୍ତରରେ ପ୍ରତିଷ୍ଠା ଓ ପ୍ରଶଂସା ପାଇପାରନ୍ତି । ପାରିବାରିକ ଜୀବନରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ ।

**ମିଥୁନ** – ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କର୍ମକ୍ଷେତ୍ରରେ ପଦସ୍ଥଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇବେ । ଗୃହ ନିର୍ମାଣ, ଜମିଜମା କାରବାର ଦିଗରେ ତତ୍ପର ରହିବେ । ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି ଓ ପାରିବାରିକ ଦିଗଟି ଅନୁକୂଳ ରହିବ । ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି ।

**କର୍କଟ** – ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ । ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ । ଶିଳ୍ପ, ଗୃହ ନିର୍ମାଣ, ପରିବହନ, ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ । ବିବାଦୀୟ ଘଟଣା, କଚେରି ମାମଲା, ଜମିଜମା କାରବାର ଓ ଚୁକ୍ତିପତ୍ର ସମ୍ପର୍କିତ ସମସ୍ୟା ସମାଧାନ ହୋଇପାରେ ।

**ସିଂହ** – ବିଭିନ୍ନ ସମସ୍ୟା ବିଜଡ଼ିତ ରହିବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ । କଳା, କ୍ରୀଡ଼ା, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ହେବେ । ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନିଜନିତ ସ୍ଥଗିତ କାମ ପାଇଁ କୈଫିୟତ ଦେବାକୁ ପଡ଼ିପାରେ । ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବା ଆଶଙ୍କା ରହିଛି ।

**କନ୍ୟା** – କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ସାମାଜିକ ସ୍ତରରେ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ । ସାମାନ୍ୟ ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବେ । ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ, ପରିବହନ, କ୍ରୟବିକ୍ରୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ । କେତୁଙ୍କ ରାଶ୍ୟାବସ୍ଥାନ କାରଣରୁ ଚିନ୍ତାଧାରା ବିଶୃଙ୍ଖଳିତ ରହିବ ।

**ତୁଳା** – ନିଜ ଲୋକ ଈର୍ଷାପରାୟଣ ହୋଇ ପାରିବାରିକ ଜୀବନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି । କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ । ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ ।

**ବିଛା** – ଆଜି ବାରମ୍ବାର ଭ୍ରମଣଜନିତ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘସମୟ ସ୍ଥିର ଭାବରେ ରହିପାରିବେ ନାହିଁ । ଆନୁଷ୍ଠାନିକ କାର୍ଯ୍ୟ, ସଭାସମିତି, ମନୋରଞ୍ଜନ ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ । ବନ୍ଧୁଙ୍କ ସହଯୋଗରେ ବ୍ୟବସାୟ ଆଗକୁ ବଢ଼ାଇବେ । ପରିବହନରେ ସମସ୍ୟାର ସମ୍ମୁଖୀନ ହେବେ ।

**ଧନୁ** – ସକାଳୁ କୌଣସି କର୍ମାରମ୍ଭରେ ସମସ୍ୟା ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି । ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମକଲେ ହଇରାଣରେ ପଡ଼ିବା ସୂଚନା ରହିଛି । ସୁସ୍ଥତା ଫେରିପାଇବେ, କିନ୍ତୁ ବିଶେଷ ଶ୍ରମ ଓ ଭ୍ରମଣ ଠିକ୍ ହେବନାହିଁ । ଲେଖାପଢ଼ା, ସାମ୍ବାଦିକତା, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ ।

**ମକର** – ଅର୍ଥ ସମ୍ବନ୍ଧୀୟ ସମସ୍ୟା ନ ଥିଲେ ମଧ୍ୟ ସ୍ଥାନାନ୍ତରଜନିତ ମାନସିକ ଅସ୍ଥିରତା ଲାଗିରହିବ । ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନର ସମସ୍ୟା ସମାଧାନରେ ସଫଳ ହେବେ । କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ । ପାରିବାରିକ ଜୀବନରେ ବୁଝାମଣାର ଅଭାବ ଦେଖାଦେବା ସୂଚନା ରହିଛି ।

**କୁମ୍ଭ** – ନୂତନ କର୍ମନିଯୁକ୍ତି ସମ୍ପର୍କରେ ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନାର ସୁଯୋଗ ଜୁଟିପାରେ । ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ଉପଭୋଗ୍ୟ ନ ହୋଇପାରେ । ନୂତନ ଗୃହ, ଯାନବାହନ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ୍ ଜିନିଷ ପାଇଁ ମନ ବଳାଇବେ । ପଦମର୍ଯ୍ୟାଦା ବୃଦ୍ଧି ସହ ସମ୍ପର୍କୀୟଙ୍କ କଥାବାର୍ତ୍ତା ବ୍ୟଥିତ କରିପାରେ ।

**ମୀନ** – ଆଜି ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ । ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦର ମନକୁ ପ୍ରଫୁଲ୍ଲିତ କରି ରଖିବ । ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବା ସମ୍ଭାବନା ରହିଛି ।

ଆଜି ଜାନୁଆରୀ ୧୪ ତାରିଖ, ମକର ସଂକ୍ରାନ୍ତି, ପ୍ରୟାଗତୀର୍ଥେ ମହାକୁମ୍ଭ ସ୍ନାନ, ଗଙ୍ଗାସାଗର ସ୍ନାନ, ଉତ୍ତରାୟଣ ବନ୍ଦାପନା, ପୋଙ୍ଗଲ, ଶୁଦ୍ଧକାଳ ଓ ମାଘ ବ୍ରତାରମ୍ଭ, ଶ୍ରୀଲିଙ୍ଗରାଜଙ୍କ ଘୃତକମ୍ବଳ, ମାଘ କୃଷ୍ଣ ପ୍ରତିପଦା ମଙ୍ଗଳବାର । ରାଶିନକ୍ଷତ୍ର-ପୁନର୍ବସୁ/କର୍କଟ, ଦିବା ଘ.୧୦।୧୭ ମି. ଗତେ ପୁଷ୍ୟା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ । ଦିବା ଘ.୦୯।୧୧ ଗତେ, ଘ.୧୦।୫୦ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୨।୩୯ ଗତେ, ଘ.୦୪।୦୧ ମଧ୍ୟେ ରାହୁକାଳ ।

# ଜବତ ଟ୍ରଲରରୁ ମୃତ ଅଲିଭ୍‌ରିଡ୍‌ଲେ କଇଁଛ ଉଦ୍ଧାର

**୮ ମତ୍ସ୍ୟଜୀବୀଙ୍କୁ ଖସାଇନେବା ଘଟଣା**

- ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା
- ଡ୍ରାଇଭର, ଟ୍ରଲର ମାଲିକ କୋର୍ଟ ଚାଲାଣ



**ରାଜନଗର, ୧୩।୧ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରେ ଟ୍ରଲର ମାଲିକମାନେ ବେଧଡ଼କ ଭାବେ ମାଛ ମାରିବା ସହ ଆତଙ୍କରାଜ ଚଳାଇଛନ୍ତି। ଅଲିଭରିଡଲେ କଇଁଛଙ୍କ ଲାଗି କଟକଣା ସତ୍ତ୍ୱେ ଏହାକୁ ସେମାନେ ଖାତିର କରୁନାହାନ୍ତି। ସେମାନେ ମାଛ ସହ କଇଁଛ ମଧ୍ୟ ମାରୁଛନ୍ତି। ବନ ବିଭାଗ ରବିବାର ଚଣ୍ଡୀ ତାରିଣୀ –୩ ଟ୍ରଲରକୁ ଜବତ କରିଥିବା ବେଳେ ସେଥିରୁ ୪୦ କେଜି ଓଜନର ଗୋଟିଏ ମୃତ ଅଲିଭରିଡଲେ କଇଁଛ ଉଦ୍ଧାର ହୋଇଛି। ସମୁଦ୍ର ଭିତରେ ବନ ବିଭାଗ ପାଟ୍ରୋଲିଂ ଟିମକୁ ବୁଡ଼ାଇ ମାରି ଦେବାକୁ ଉଦ୍ୟମ କରିଥିବା ଟ୍ରଲର ଓ ଟ୍ରଲର ମାଲିକଙ୍କ ବିରୋଧରେ ବନ ବିଭାଗ ପକ୍ଷରୁ ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦିଆଯାଇଛି। ଏତଲା ଆଧାରରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ଚଣ୍ଡୀ ତାରିଣୀ–୩ ଟ୍ରଲରର ମାଲିକ ଅବିନାଶ କୁମାର ନାୟକଙ୍କୁ ମହାକାଳପଡ଼ା ବ୍ଲକର ଶାସନପେଟାରୁ ଗିରଫ କରାଯାଇଛି।

ଗହୀରମଥା ରେଞ୍ଜର ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ତାଳଚୁଆ ସାମୁଦ୍ରିକ ଥାନାରେ କରିଥିବା ଅଭିଯୋଗ ମୁତାବକ, ରବିବାର ତାଙ୍କ ସହ ଅନ୍ୟ ୧୩ଜଣ ମିଳିତ ଭାବେ ସମୁଦ୍ରରେ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ଭାବେ ମାଛ ମାରୁଥିବା ଟ୍ରଲରକୁ ଜବତ କରୁଥିଲେ। ଏହି ସମୟରେ ଟ୍ରଲର ଡ୍ରାଇଭର ମାଧବାନନ୍ଦ ମଲିକ ଭିଏଚ୍‌ଏଫ୍ ମାଧ୍ୟମରେ ଟ୍ରଲର ମାଲିକ ଅବିନାଶଙ୍କୁ ସୂଚନା ଦେଇଥିଲେ। ଅବିନାଶଙ୍କ ନିର୍ଦ୍ଦେଶକ୍ରମେ ସେହି ପାଖରେ ବେଆଇନ ଭାବେ ମାଛ ମାରୁଥିବା ଅନ୍ୟ ଏକ ଚାନ୍ଦି ତାରିଣୀ ଟ୍ରଲର, ୨ ଗୋଟି ଜଳଦେବୀ ନାମକ ଟ୍ରଲର ଓ ଅନ୍ୟ ୨ଟି ଟ୍ରଲର ମିଳିତ ଭାବେ ବନ ବିଭାଗ ପାଟ୍ରୋଲିଂ ଟ୍ରଲରକୁ ବାଡ଼େଇ ବୁଡ଼େଇ ଦେବାକୁ ଉଦ୍ୟମ କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଜବତ ହୋଇଥିବା ଚଣ୍ଡୀ ତାରିଣୀ–୩ ଟ୍ରଲରରୁ ୮ ଜଣ ମତ୍ସ୍ୟଜୀବୀଙ୍କୁ ଜୋର ଜବରଦସ୍ତି ଛଡ଼ାଇ ନେଇଥିଲେ। ପାଟ୍ରୋଲିଂ ଟ୍ରଲରରେ ଥିବା ୨ ଜଣ ଫରେଷ୍ଟର ଗୋଟିଏ ଲେଖାଏ ଫାଙ୍କା ଗୁଳି ଚାଳନା କରିଥିଲେ। ଫଳରେ ଟ୍ରଲରଗୁଡ଼ିକ ପାଟ୍ରୋଲିଂ ଟ୍ରଲର ଓ ଜବତ ଟ୍ରଲରକୁ ଛାଡ଼ି ପଳାଇଥିଲେ। ଜବତ ଟ୍ରଲରରେ ରହିଯାଇଥିବା ଜଣେ ଡ୍ରାଇଭର, ମାଲିକଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜବତ ଚଣ୍ଡୀ ତାରିଣୀ ଟ୍ରଲରରୁ ୨ଟି ଜିପିଏସ୍, ୩ଟି ଭିଏଚ୍‌ଏଫ, ୧୧ଟି ଟ୍ରଲିଂ ନେଟ, ଗୋଟିଏ ମୃତ ଅଲିଭରିଡଲେ କଇଁଛ ଓ ୨୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଘଟଣା ପରେ ଟ୍ରଲର ମାଲିକ ଅବିନାଶ ବାଲେଶ୍ୱରରୁ ଆସି ଶାସନପେଟାଠାରେ ଥିବା ଗହୀରମଥା ରେଞ୍ଜ କାର୍ଯ୍ୟାଳୟ ବାହାରେ ବୁଲୁଥିଲେ। ପୋଲିସ ମୋବାଇଲ ଟ୍ରାକିଂ କରି ଅବିନାଶଙ୍କୁ ଉଠାଇ ନେଇଥିଲା। ରବିବାର ଘଟଣା ପରେ ଏସିଏଫ୍ ମାନସ କୁମାର ଦାସଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ସୋମବାର ମଧ୍ୟ ଗଭୀର ସମୁଦ୍ରରେ ପାଟ୍ରୋଲିଂକୁ ଜୋରଦାର କରିଛନ୍ତି।

# ବିଦ୍ୟାଳୟରେ ଗିଫ୍ଟ ମିଲ୍କ

- ଆଭାସୀ ମାଧ୍ୟମରେ ଶୁଭାରମ୍ଭ କଲେ ରାଷ୍ଟ୍ରପତି
- ଗୋ ସମାବେଶ, ଓମ୍‌ଫେଡ୍‌କୁ ବିପଣନ ସହାୟତା

**ରାଇରଙ୍ଗପୁର(ମାନସ ମହାନ୍ତି)/ ବାରିପଦା,୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହତାବ ଭବନ ପରିସରରେ ଗୋ ସମାବେଶ, ଓମ୍‌ଫେଡ୍‌କୁ ବିପଣନ ସହାୟତା ଏବଂ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଭାସୀ ମାଧ୍ୟମରେ ଏହାକୁ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଗୋ ଧନ ଓ ପିଲାମାନେ ଉଭୟ ଉପକୃତ ହେବେ ଏବଂ ଗ୍ରାମୀଣ ଗୋପାଳକମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ବୋଲି ରାଷ୍ଟ୍ରପତି କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋସମ୍ପଦର ବିକାଶ ପାଇଁ ରାଜ୍ୟ ସରକାର କରିଥିବା କାମଧେନୁ ଯୋଜନା, ଅସହାୟ ଓ ବୁଲା ଗାଇ ଗୋରୁଙ୍କ ପାଇଁ ଗୋଶାଳା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟ, ପ୍ରାଣୀପାଳନ ଓ ଡାଏରି ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ମତ୍ସ୍ୟ, ପ୍ରାଣୀପାଳନ ଓ ଡାଏରି ଏବଂ ପଞ୍ଚାୟତିରାଜ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ୍‌ପି ସିଂହ ବଘେଲ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଏନ୍‌ଡିଡିବି ଅଧ୍ୟକ୍ଷ ଡ. ମିନେଶ ସାହା ଓ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖଙ୍କ ଉପସ୍ଥିତି ରେ ଉକ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସଏ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶଥାଉକି, ଏନଡିଡିବି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧୀନ ପି.ଇ.ଏସ୍. ଯୋଜନା ମାଧ୍ୟମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକକୁ ସମୁଦାୟ ୩୦୦୦ ଉନ୍ନତ ମାନର ଦୁଧିଆଳୀ ଗାଈ ହିତାଧିକାରୀମାନଙ୍କୁ ଯୋଗାଇଦେବା ନିମନ୍ତେ ବ୍ୟବସ୍ଥା ହୋଇଛି। ସେଥିମଧ୍ୟରୁ ରାଇରଙ୍ଗପୁର ସବ୍‌ଡିଭିଜନ ପାଇଁ ୧୦୦୦ ହିତାଧିକାରୀଙ୍କୁ ଗୋଟିଏ ଲେଖାଏ ଗାଈ ଯୋଗାଇ ଦିଆଯିବ।




ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ଓ ଅତିଥିମାନେ।




# ଚଳନ୍ତା ବସରୁ ଖସିପଡ଼ି କଣ୍ଡକ୍ଟର ମୃତ

**ବାଉଁଶୁଣୀ, ୧୩।୧ (ଦେବାଶିଷ ନେପାକ)**

ରବିବାର ରାତିରେ ୫୭ନଂ. ଜାତୀୟ ରାଜପଥର ବାଉଁଶୁଣୀ ଥାନା ତାଲସରଡା ଗ୍ରାମ ନିକଟରେ ଏକ ଚଳନ୍ତା ଯାତ୍ରୀବାହୀ ବସରୁ ଖସିପଡ଼ି କଣ୍ଡକ୍ଟରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରମୋଦ କୁମାର ଦାଶ। ମିଳିଥିବା ସୂଚନା ଅନୁଯାୟୀ, କଟକରୁ ଛତିଶଗଡ ରାଜ୍ୟର ରାୟପୁର ଅଭିମୁଖେ ଯାଉଥିବା ଗ୍ରାଣ୍ଡ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ (ନଂ.ଓଡି ୦୫ଏଇ-୮୫୨୨)ରୁ କଣ୍ଡକ୍ଟର ପ୍ରମୋଦ କୁମାର କୌଣସି କାରଣରୁ ଖସି ପଡିଥିଲେ। ଫଳରେ ତାଙ୍କ ଉପରେ ବସର ପଛ ଚକ ଚଢି ଯାଇଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ କଣ୍ଡକ୍ଟରଙ୍କ ଘର କଟକ ବୋଲି ସୂଚନା ମିଳିଛି। ବାଉଁଶୁଣୀ ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ

**କେନ୍ଦୁଝର, ୧୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**



ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମକର ସଂକ୍ରାନ୍ତି ଅବସରରେ ୩ ଦିନିଆ କେନ୍ଦୁଝର ଗସ୍ତରେ ମଙ୍ଗଳବାରଠାରୁ ଆସୁଛନ୍ତି। ମକର ସଂକ୍ରାନ୍ତି ଅବସରରେ ସେ ବୈତରଣୀ ନଦୀରେ ମକର ବୁଡ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୯ଟା ୩୦ରେ ସ୍ୱତନ୍ତ୍ର ବିମାନରେ ଆସି ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇବେ। ପୂର୍ବାହ୍ନ ୧୦ଟା ୪୦ରେ ପାଟଣାରେ ପହଞ୍ଚି ବୈତରଣୀ ନଦୀରେ ମକରବୁଡ଼ ଦେବେ। ସେଠାରେ କିଛି ସମୟ ରହଣି ପରେ ସର୍କିଟ ହାଉସ୍‌ରେ ପହଞ୍ଚି ଅପରାହ୍ନ ୪ଟାରେ ଝୁମ୍ପୁରାରେ ଏକ ପୋଲର ଶୁଭ ଉଦ୍‌ଘାଟନ କରିବେ। ସେଠାରୁ ରାଇକଳାସ୍ଥିତ ନିଜ ବାସଭବନକୁ ଯାଇ ରାତିରେ କେନ୍ଦୁଝର ଫେରି ସର୍କିଟ ହାଉସରେ ରାତ୍ରିଯାପନ କରିବେ। ବୁଧବାର ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସାମାଜିକ ସୁରକ୍ଷା ପେନ୍‌ସନ୍ ଯୋଜନାର ଲୋକାର୍ପଣ ଉତ୍ସବରେ ଯୋଗଦେବେ।

# କଂସବଧ ସହ ସରିଲା ବରଗଡ଼ ଧନୁଯାତ୍ରା


ବରଗଡ଼ ଧନୁଯାତ୍ରାର ଅନ୍ତିମ ସନ୍ଧ୍ୟାରେ କଂସବଧ ଦୃଶ୍ୟ।

**ମଥୁରାନଗରୀ, ୧୩।୧ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ୧୧ଦିନ ବ୍ୟାପୀ ହୋଇଥିବା ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ କଂସବଧ ଦୃଶ୍ୟାଭିନୟ ହୋଇଥିଲା। ଏହାପରେ ଉଗ୍ରସେନଙ୍କ ରାଜାଭିଷେକ ହୋଇଥିଲା ଏବଂ ଚଳିତବର୍ଷ ଧନୁଯାତ୍ରା ମହୋତ୍ସବ ସରିଥିଲା। ଅନ୍ତିମ ଦିବସରେ ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥିଲା।

ଅନ୍ୟଦିନ ଭଳି କଂସ ମହାରାଜ ରାଜମହଲରୁ ମଥୁରା ପରିଭ୍ରମଣରେ ବାହାରିଥିଲେ। ବାଟରେ ସେ ଜର୍ଜ ହାଇସ୍କୁଲ ପଡ଼ିଆରେ ଲାଗିଥିବା ମୀନାବଜାର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଚାଲିଥିବା ରେଡ୍ ଡ୍ରପ୍ ମାରାଥନ ରକ୍ତଦାନ ଶିବିର ପରିଦର୍ଶନ କରିଥିଲେ। ଭ୍ରମଣ ସାରି କଂସ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜଦରବାରରେ ପହଞ୍ଚିଥିଲେ। ସେଠାରେ ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟ ସାମନ୍ତଙ୍କ ସହିତ ରଣକୌଶଳ କରିଥିଲେ।

ଅନ୍ୟପଟେ ଶ୍ରୀକୃଷ୍ଣ ହାଟପଦାସ୍ଥିତ ଦରବାରକୁ ଯାଇ ଶିବଧନୁ ଭଙ୍ଗ କରିଥିଲେ। ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ଏହାପରେ ଶ୍ରୀକୃଷ୍ଣ, ବଳରାମ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜଦରବାରରେ ପହଞ୍ଚିଥିଲେ। ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେମାନେ ନିଶ୍ଚୟ ସକ୍ଷମ ହେବେ ବୋଲି କଂସଙ୍କ ପାତ୍ରମନ୍ତ୍ରୀ, ସେନାପତି ନିଜ ପରାକ୍ରମ ଦେଖାଇଥିଲେ। କଂସ ମହାରାଜ ମଧ୍ୟ ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ରଣାଙ୍ଗନକୁ ଓହ୍ଲାଇଥିଲେ। କିନ୍ତୁ ବେନିଭାଇଙ୍କ ହାତରେ ତାଙ୍କର ନିଧନ ହୋଇଥିଲା। ଏହାପରେ ରାଜା ଉଗ୍ରସେନଙ୍କ ପୁଣି ରାଜାଭିଷେକ ହୋଇଥିଲା।

ଅନ୍ତିମ ଦିବସରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ରାଜଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# ମ୍ୟାନ୍‌ଗ୍ରୋଭ୍ ସୁରକ୍ଷା ପାଇଁ ବିକଶିତ ହେବ ଏଆଇ ସଲ୍ୟୁଶନ୍



**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ଓଡ଼ିଶା ଉପକୂଳର ରକ୍ଷକ ସାଜିଥିବା ମ୍ୟାନ୍‌ଗ୍ରୋଭ୍ ଫରେଷ୍ଟ ବା ହେନ୍ତାଳ ବଣର ସୁରକ୍ଷା ପାଇଁ ବିକଶିତ ହେବ ଏଆଇ ସଲ୍ୟୁଶନ। ଏଥିଲାଗି ଆମେରିକାର ସାନ୍‌ଫ୍ରାନ୍‌ସିସ୍‌କୋରେ ଅବସ୍ଥାପିତ ଓଡ଼ିଆ ଏଆଇ ବୈଜ୍ଞାନିକ ଅଞ୍ଜନ କୁମାର ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ୧୮ତମ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବା ପାଇଁ ଆସିଥିବା ବୈଜ୍ଞାନିକ ପଣ୍ଡା ଦେବୀନଦୀ ମୁହାଣରେ ଏକ ସମ୍ପ୍ରଦାୟ-ନେତୃତ୍ୱାଧୀନ ମ୍ୟାନ୍‌ଗ୍ରୋଭ୍ ସଂରକ୍ଷଣ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ପ୍ରାକୃତିକ ମ୍ୟାନ୍‌ଗ୍ରୋଭ୍ ଅନୁସନ୍ଧାନ କରିବା ସହ ଏହାର ସଂରକ୍ଷଣ ନେଇ ତୃଣମୂଳସ୍ତରରେ କାମ କରୁଥିବା ବିଭିନ୍ନ ସମ୍ପ୍ରଦାୟକୁ ଭେଟିଥିଲେ। ଯୁବ ମ୍ୟାନ୍‌ଗ୍ରୋଭ୍ ସୁରକ୍ଷାକର୍ମୀ ତଥା ଓଡିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ସହ ଆଲୋଚନାବେଳେ ସେ ଏହି ବଡ଼ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମ୍ୟାନ୍‌ଗ୍ରୋଭ୍ ଓ ଅଲିଭ୍ ରିଡ୍‌ଲେ କଇଁଛ ସଂରକ୍ଷଣ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିଙ୍କୁ ସହଯୋଗ ପାଇଁ ଏକ ଏଆଇ ନେତୃତ୍ୱାଧୀନ ପଦକ୍ଷେପ ବା ଏଆଇ ସଲ୍ୟୁଶନ୍ ବିକଶିତ କରିବାକୁ ଯାଉଛନ୍ତି। ଏହି ଏଆଇ ପ୍ରଯୁକ୍ତିବିଦ୍ୟା ମ୍ୟାନ୍‌ଗ୍ରୋଭ୍‌ର ସ୍ୱାସ୍ଥ୍ୟ ବା ସ୍ଥିତି ନିରୀକ୍ଷଣ କରିବା, ଜଳବାୟୁ ପ୍ରଭାବର ପୂର୍ବାନୁମାନ କରିବା, ସଂରକ୍ଷଣ ପ୍ରୟାସକୁ ଉନ୍ନତ କରିବା, ସମ୍ପ୍ରଦାୟ ସମ୍ପୃକ୍ତିକୁ ବୃଦ୍ଧି କରିବା ଏବଂ ନୀତିଗତ ନିଷ୍ପତ୍ତିକୁ ସୂଚିତ କରିବା ପାଇଁ ବ୍ୟବହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



# କାନି ବା ହାତ ଧରନି

ସ୍ୱାମୀ ଓ ସ୍ତ୍ରୀ ପରସ୍ପର ସହମତିରେ ବିବାହ ବିଚ୍ଛେଦ ପାଇଁ ଦାୟର କରିଥିବା ମାମଲା ବିଚାରାଧୀନ ଥିବା ସମୟରେ ଦମ୍ପତିଙ୍କ ମଧ୍ୟରୁ ଜଣେ ଯେକୌଣସି ସମୟରେ ଏକପାଖିଆ ଭାବେ ସମ୍ମତି ପ୍ରତ୍ୟାହାର କରିପାରିବେ ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଛନ୍ତି। ବିବାହ ବିଚ୍ଛେଦ ପାଇଁ ବାଲେଶ୍ୱର ପରିବାର ଅଦାଲତ ୨୦୨୧ ନଭେମ୍ବର ୨୨ରେ ପ୍ରଦାନ କରିଥିବା ରାୟକୁ ରଦ୍ଦ କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଏହା ସହ ଏହି ମାମଲାରେ ପରିବାର ଅଦାଲତ ସାନି ଶୁଣାଣି କରି ୬ ମାସ ଭିତରେ ଫଇସଲା କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ଯେ, ଆବେଦନକାରୀଙ୍କ ବିବାହ ୨୦୧୮ରେ ହୋଇଥିଲା। ସେମାନେ କିଛି ଦିନ ଭଲରେ ଚଳିଥିଲେ। ପରେ ଦୁହିଁଙ୍କ ମଧ୍ୟରେ ମତାନ୍ତର ଯୋଗୁ ସମ୍ପର୍କରେ ଫାଟ ଦେଖାଯାଇଥିଲା। ୨୦୨୦ରେ ପରସ୍ପର ସହମତିରେ ବାଲେଶ୍ୱର ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ହିନ୍ଦୁ ବିବାହ ଅଧିନିୟମ ୧୯୫୫ର ଧାରା ୧୩(ଖ)ରେ ଯୁଗ୍ମ ଆବେଦନ ଦାୟର କରିଥିଲେ। ଏହି ମାମଲା ବିଚାର ଚାଲିଥିଲା। ଏହା ମଧ୍ୟରେ ପତ୍ନୀ ନିଜ ସମ୍ମତି ନଭେମ୍ବର ୧୮, ୨୦୨୧ରେ ପ୍ରତ୍ୟାହାର କରି ନେବା ସହ ତାହା ଅଦାଲତଙ୍କୁ ଅବଗତ କରିଥିଲେ। ପରେ ନଭେମ୍ବର ୨୨ରେ ପରିବାର ଅଦାଲତ ବିବାହ ବିଚ୍ଛେଦ ଆଦେଶ ପ୍ରଦାନ କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ପତ୍ନୀ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବାର ଅଦାଲତଙ୍କ ଆଦେଶ ବିରୋଧରେ ପତ୍ନୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ପରିବାର ଅଦାଲତ ଦେଇଥିବା ରାୟକୁ ରଦ୍ଦ କରିଥିଲେ।

ଭାରତରେ ବିବାହ ଏକ ସାମାଜିକ ବନ୍ଧନ। ଅନ୍ୟ ସମାଜରେ ବିଶେଷକରି ପାଶ୍ଚାତ୍ୟ ଦେଶଗୁଡ଼ିକରେ ବିବାହକୁ ଏକ ଚୁକ୍ତି ଆକାରରେ ଦେଖାଯାଇଥାଏ। ସେଥିପାଇଁ ଅନେକ ଦେଶରେ ବିବାହ ପୂର୍ବରୁ ଏବଂ ଦୁଇ ପକ୍ଷର ସୁସ୍ଥ ସମ୍ପର୍କ ଥିବା ସମୟରେ 'ପ୍ରିନପ' (ବିବାହ ପୂର୍ବରୁ ଚୁକ୍ତି ଦସ୍ତଖତ) କରାଯାଇଥାଏ। ଏହା ଆଧୁନିକ ସମାଜରେ ଏକ ସ୍ୱୀକୃତିପ୍ରାପ୍ତ ଚୁକ୍ତି ଭାବେ ଗ୍ରହଣ କରିନିଆଗଲାଣି। ବ୍ରିଟେନ ଭଳି ଦେଶରେ ୪୦ ପ୍ରତିଶତରୁ ଅଧିକ ବିବାହ ବିଚ୍ଛେଦରେ ପରିଣତ ହେଉଥିବାର ତଥ୍ୟ ମିଳୁଛି। ସେଥିପାଇଁ ବିବାହ ପୂର୍ବରୁ ଚୁକ୍ତି ହୋଇଗଲେ ପରିବର୍ତ୍ତୀ ସମୟରେ ଦ୍ୱେଷ ଏବଂ କ୍ରୋଧ କିମ୍ବା ହିଂସାରେ ପରିଣତ ହେଉନାହିଁ। ଅନ୍ୟପଟେ ଭାରତରେ ହିନ୍ଦୁ ବିବାହ ଆଇନ ୧୯୫୫ରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ବିବାହକୁ ଚୁକ୍ତି ଭାବେ ଗଣାଯାଉ ନାହିଁ। ଏହାର ଫଳସ୍ୱରୂପ ସ୍ୱାମୀ ଦ୍ୱାରା ସ୍ତ୍ରୀର ହତ୍ୟା କିମ୍ବା ସ୍ତ୍ରୀ ତରଫରୁ ଅନ୍ୟ ଲୋକଙ୍କୁ ଜଡ଼ିତ କରି ସ୍ୱାମୀର ହତ୍ୟା ଘଟାଉଥିବାର ଅନେକ ଉଦାହରଣ ଭାରତରେ ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରୁ ବୁଝାପଡୁଛି ଯେ, ବିବାହ ପୂର୍ବରୁ ଏବଂ ବିବାହ ସମୟରେ ଉଭୟ ପଟରେ ସ୍ନେହ, ଶ୍ରଦ୍ଧା ଏବଂ ପ୍ରେମ ରହିଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ତିକ୍ତତା ପ୍ରବେଶ କରେ। ବିଶେଷକରି ବ୍ୟବସ୍ଥିତ ବା ପ୍ରସ୍ତାବିତ ବିବାହରେ ଉଭୟ ପଟ ପରସ୍ପରକୁ ଭଲଭାବେ ଚିହ୍ନି ନ ଥିବା ହେତୁ ଅନେକ ସମୟରେ ବିବାହ ପରେ ଖୁବ୍‌ଶୀଘ୍ର ବୁଝାମଣା ଭାଙ୍ଗିଯାଇଥାଏ। ଏହା କେବଳ ଭାରତର ଶିକ୍ଷିତ ଏବଂ ସହରାଞ୍ଚଳରେ ରହୁଥିବା ଦମ୍ପତିଙ୍କ କ୍ଷେତ୍ରରେ ସୀମିତ ନୁହେଁ। ଭାରତର ଗ୍ରାମାଞ୍ଚଳରେ ମଧ୍ୟ ବିବାହ ବିଚ୍ଛେଦର ଉଦାହରଣ ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ ସମୟରେ ବିଧିବଦ୍ଧ ବିଚ୍ଛେଦ ପରିବର୍ତ୍ତେ ସାଧାରଣତଃ ପୁରୁଷମାନେ ସ୍ତ୍ରୀକୁ ଛାଡ଼ି ଉଭାନ ହୋଇଯାଉଛନ୍ତି। ଯେଉଁଥିପାଇଁ ପ୍ରେମରୁ ଉପୁଜୁଥିବା ବିବାହ କ୍ଷେତ୍ରରେ ୪୦ ପ୍ରତିଶତ ବିଚ୍ଛେଦ ତଥ୍ୟ ମିଳୁଥିବା ବେଳେ ପ୍ରସ୍ତାବିତ ବିବାହ ମାତ୍ର ୪ ପ୍ରତିଶତ ବିଚ୍ଛେଦ ଘଟିଥାଏ ବୋଲି ବିଭିନ୍ନ ସୂତ୍ରରୁ ତଥ୍ୟ ମିଳେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରେମରୁ ବିବାହ ବିଚ୍ଛେଦ ତଥ୍ୟ ସତ୍ୟ ହୋଇଥିବା ସମ୍ଭାବନା ଅଧିକ। ଅପରପଟେ ପ୍ରସ୍ତାବିତ ବିବାହରୁ ଘଟୁଥିବା ବିଚ୍ଛେଦ ମାତ୍ର ୪ ପ୍ରତିଶତ ହୋଇଥିବା ତଥ୍ୟ ବାସ୍ତବତାଠାରୁ ଅନେକ ଦୂରରେ ଥିବାଭଳି ମନେହୁଏ। ଭାରତରେ ସାମାଜିକ ଚାପ ଯୋଗୁ ବିଧିବଦ୍ଧ ବିଚ୍ଛେଦ ପ୍ରସ୍ତାବିତ ବିବାହଗୁଡ଼ିକରେ ଦେଖିବାକୁ ମିଳେନାହିଁ। ଏହାଫଳରେ ହତ୍ୟା କିମ୍ବା ଅତ୍ୟାଚାରର ଘଟଣା ବୃଦ୍ଧି ପାଉଛି। ସେଥିପାଇଁ ଶେଷରେ ଏହା କୁହାଯାଇପାରେ ଯେ ବିଚ୍ଛେଦକୁ ବିଳମ୍ବିତ ବା ବିରୋଧ କରିବା ପରିବର୍ତ୍ତେ ସୁବିଧାରେ ଅନୁମତି ଦିଆଯାଇପାରିଲେ ଉଭୟ ପଟ ସୁରକ୍ଷିତ ଏବଂ ଶାନ୍ତିରେ ରହିପାରିବେ। ସମ୍ପର୍କକୁ ହାତଧରି ହେଉ କିମ୍ବା କାନି ଧରି ଅଟକାଯାଇ ପାରିବ ନାହିଁ। ଦୁହିଁଙ୍କ ମନ ଠିକ୍ ରହିଲେ ସମ୍ପର୍କ ମଧ୍ୟ ସମ୍ପୂର୍ଣ୍ଣ ଭଲ ରହିବ। ଥରେ ମନ ଫାଟିଗଲେ ସେତେବେଳେ କୌଣସି ଆଇନକୁ ବ୍ୟବହାର କରି ଅଟକାଯାଇ ପାରିବ ନାହିଁ। ସମ୍ପର୍କ ପ୍ରେମ, ସ୍ନେହ ଓ ଉତ୍ତମ ବୁଝାମଣାରେ ମଜଭୁତ ହୋଇଥାଏ । ଏହାର ଅଭାବରେ ବିଚ୍ଛେଦ ଘଟିବା ସ୍ୱାଭାବିକ।

**ଶେଷରେ ଏହା କୁହାଯାଇପାରେ ଯେ ବିଚ୍ଛେଦକୁ ବିଳମ୍ବିତ ବା ବିରୋଧ କରିବା ପରିବର୍ତ୍ତେ ସୁବିଧାରେ ଅନୁମତି ଦିଆଯାଇପାରିଲେ ଉଭୟ ପଟ ସୁରକ୍ଷିତ ଏବଂ ଶାନ୍ତିରେ ରହିପାରିବେ। ସମ୍ପର୍କକୁ ହାତଧରି ହେଉ କିମ୍ବା କାନି ଧରି ଅଟକାଯାଇ ପାରିବ ନାହିଁ। ଦୁହିଁଙ୍କ ମନ ଠିକ୍ ରହିଲେ ସମ୍ପର୍କ ମଧ୍ୟ ସମ୍ପୂର୍ଣ୍ଣ ଭଲ ରହିବ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 6 | | | | |
| | | 9 | 5 | | | | | |
| | 5 | | | | | 6 | 3 | 1 |
| | | 7 | 8 | | | | | 9 |
| | 9 | | | 4 | | | | |
| | | | | | 3 | | 4 | |
| 4 | 1 | 8 | | | | | | 2 |
| | | | 7 | | | | | 4 |
| | | | | 2 | 6 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 8 | 1 | 5 | 9 | 4 | 2 |
| 5 | 4 | 8 | 7 | 2 | 9 | 6 | 1 | 3 |
| 9 | 2 | 1 | 4 | 6 | 3 | 8 | 7 | 5 |
| 7 | 8 | 9 | 5 | 4 | 1 | 3 | 2 | 6 |
| 6 | 1 | 5 | 3 | 8 | 2 | 7 | 9 | 4 |
| 2 | 3 | 4 | 9 | 7 | 6 | 5 | 8 | 1 |
| 4 | 6 | 7 | 1 | 3 | 8 | 2 | 5 | 9 |
| 1 | 5 | 3 | 2 | 9 | 7 | 4 | 6 | 8 |
| 8 | 9 | 2 | 6 | 5 | 4 | 1 | 3 | 7 |

ଗତକାଲିର ଉତ୍ତର

# ସାଂସ୍କୃତିକ ସମର ଓ ସେନାପତି ଫକୀରମୋହନ



ଡ.ପ୍ରଫୁଲ୍ଲ କୁମାର ସାହୁ

ସାଂସ୍କୃତିକ ଜାଗରଣର ଅଗ୍ରଦୂତ ଫକୀରମୋହନ ସେନାପତି। ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର। କେନ୍ଦ୍ରାପଡ଼ାର କୁଶିନ୍ଦା ଗ୍ରାମରୁ ଆସି ବାଲେଶ୍ୱର ଜିଲାର ମଲ୍ଲିକାଶପୁରରେ ସ୍ଥାୟୀ ଭାବରେ ରହୁଥିଲେ ପାଇକ ସର୍ଦ୍ଦାର ହନୁ ମଲ୍ଲ, ଯିଏ ନିଜର ବୀରତ୍ୱ ପାଇଁ ମରହଟ୍ଟା ଅମଳରେ ପାଇଥିଲେ ସେନାପତି ପଦବୀ। କୁଶ ମଲ୍ଲ (ସେନାପତି) ଥିଲେ ହନୁ ମଲ୍ଲଙ୍କ ନାତି ଏବଂ ଫକୀରମୋହନଙ୍କ ଜେଜେବାପା। ଅର୍ଥାତ୍ ଫକୀରମୋହନ ହେଉଛନ୍ତି ହନୁ ମଲ୍ଲଙ୍କ ପଞ୍ଚମ ପିଢ଼ିର ଦାୟାଦ। ଆଜନ୍ମ ରୋଗାକ୍ରାନ୍ତ ଫକୀରମୋହନ ପୂର୍ବଜଙ୍କ ପରି ରଣରଙ୍ଗା ଯୋଦ୍ଧା ନ ହେଲେ ମଧ୍ୟ ସେ ଥିଲେ ପରାଧୀନ ଦେଶର ଏକ ପରିଚୟହୀନ ଭୂଖଣ୍ଡର କର୍ମଯୋଗୀ ଚିନ୍ତାନାୟକ। ତାଙ୍କ ସମୟରେ କଲିକତାରେ ରହି ଇଂରେଜମାନେ ଓଡ଼ିଶାକୁ ଶାସନ କରୁଥିଲେ ଏବଂ କଲିକତାରୁ ନିଯୁକ୍ତି ପାଇ ଓଡ଼ିଶା ଆସୁଥିଲେ ହାକିମ, ପେସ୍କାର,କିରାଣିମାନେ। ପ୍ରତ୍ୟେକ ସ୍କୁଲର ଅଧିକାଂଶ ଶିକ୍ଷକ ଥିଲେ ବଙ୍ଗାଳୀ। ସାହେବମାନଙ୍କ ହୁକୁମ ଓ ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ମଝିରେ ବନ୍ଧାପଡ଼ିଥିଲା ସ୍ୱାଭିମାନୀ ଓଡ଼ିଆ ଜାତିର ଭାଗ୍ୟ। ଏହାର ସୁଯୋଗ ନେଇ ବିଦ୍ୟାଳୟରୁ ଓଡ଼ିଆ ଭାଷାକୁ ଉଚ୍ଛେଦକରି ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଏଠାରେ ରହୁଥିବା କତିପୟ ବଙ୍ଗାଳୀ ଶିକ୍ଷକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଆରମ୍ଭହେଲା ଚକ୍ରାନ୍ତ। ତାକୁ ପ୍ରତିହତ କରିବାକୁ ଯାଇ ଓଡ଼ିଆ ଜାତି ଯେଉଁ ବୌଦ୍ଧିକ ଲଢ଼େଇ ଲଢ଼ିଥିଲା ତା'ର ରିଂ ଲିଡର ଥିଲେ ସେନାପତି ଫକୀରମୋହନ। ଆନୁଷ୍ଠାନିକ ଶିକ୍ଷା ସ୍ୱଳ୍ପ ହେଲେ ହେଁ ଅସାଧାରଣ ଥିଲା ତାଙ୍କ ପାଣ୍ଡିତ୍ୟ ଓ ପ୍ରତ୍ୟୁତ୍ପନ୍ନମତିତା। ତାଙ୍କର ଅକାଟ୍ୟ ଯୁକ୍ତି ବିଚାରବନ୍ତ ସାହେବମାନଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ପଣ୍ଡ ପରିଶ୍ରମରେ ପରିଣତ ହୋଇଥିଲା ବଙ୍ଗାଳୀମାନଙ୍କ ଷଡ଼ଯନ୍ତ୍ର। ଏଥିପାଇଁ କିନ୍ତୁ କମ୍ ଲଢ଼େଇ କରିନାହାନ୍ତି ସେନାପତି ଫକୀରମୋହନ। ନିଜ ଆତ୍ମଜୀବନୀରେ ସେ ଲେଖିଛନ୍ତି- ''ସଭାସମିତିରେ ବକ୍ତୃତା,ଖବରକାଗଜରେ ଲେଖାଲେଖି ଏବଂ ପ୍ରକାଶ୍ୟରେ ତର୍କବିତର୍କ କରିବା ଫଳରେ ମୁଁ ବଙ୍ଗାଳୀ ସମାଜର ପରମ ଶତ୍ରୁ ହୋଇ ପଡ଼ିଲି। ବଙ୍ଗାଳୀବାବୁମାନେ ଅତ୍ୟନ୍ତ ଘୃଣା ଯୋଗୁ ମୋ ନାମ ଧରନ୍ତି ନାହିଁ। କୁହନ୍ତି , ଶାଳା ରିଂ ଲିଡର।'' ଓଡ଼ିଆରେ ମୁଦ୍ରିତ ପାଠ୍ୟପୁସ୍ତକ ନାହିଁ- ଏହା ହିଁ ଥିଲା ଓଡ଼ିଆ ଭାଷାର ବିଲୋପ ନିମନ୍ତେ ଯୁକ୍ତି କରୁଥିବା ବଙ୍ଗୀୟ କର୍ମଚାରୀଙ୍କ ପ୍ରଥମ ଅଭିଯୋଗ, ଯାହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ ସେନାପତି ଫକୀରମୋହନ। ଲେଖିଲେ ଭାରତ ଇତିହାସ (ପ୍ରଥମ ଓ ଦ୍ୱିତୀୟ ଭାଗ) ବ୍ୟାକରଣ ଓ ଅଙ୍କମାଳା। ପାଠ୍ୟପୁସ୍ତକ ଛାପା ଓ ସାହିତ୍ୟର ବିକାଶ ପାଇଁ ବାଲେଶ୍ୱରରେ ସ୍ଥାପନକଲେ ଛାପାଖାନା। ପ୍ରେସ୍ ସ୍ଥାପନ ପାଇଁ ସେ ଯେଭଳି ବ୍ୟବସାୟିକ ଶଠତାର ଶିକାରହେବା ସହ ଯେଉଁ ଆର୍ଥିକ ଅନଟନ, ଶାରୀରିକ ଯନ୍ତ୍ରଣା, ଲଜ୍ଜା, ଅପମାନ, ଦୁଃଖ ଓ ଦୁର୍ଦ୍ଦଶା ଭୋଗ କରିଛନ୍ତି, ତାହା ଜାଣିଲେ ଓଦା ହୋଇଯିବ ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆର ଆଖି। ପ୍ରେସ୍ ପ୍ରତିଷ୍ଠା ସହ ଜାତୀୟ ଜାଗରଣ ନିମନ୍ତେ ପାକ୍ଷିକ ଖବରକାଗଜ 'ସମ୍ବାଦବାହିକା' ଓ



ସାହିତ୍ୟ ପତ୍ରିକା 'ବୋଧଦାୟିନୀ' ପ୍ରକାଶନ ଥିଲା ମୁମୂର୍ଷୁ ଓଡ଼ିଆ ଭାଷା ଓ ଭଗ୍ନଜାନୁ ଓଡ଼ିଆ ଜାତିର ମର୍ମନ୍ତୁଦ ଇତିହାସର ଏକ ଏକ ସ୍ମରଣୀୟ ଅଧ୍ୟାୟ।

ପୁରାତନ ଚାହାଳି ପାଠ ପରେ ପାର୍ସି ସ୍କୁଲରେ ଉର୍ଦ୍ଦୁ ବିଦ୍ୟା ଓ ସାମାନ୍ୟ କିଛି ଆଧୁନିକ ଶିକ୍ଷା- ଏତିକି ଯୋଗ୍ୟତା ନେଇ ଆରମ୍ଭକଲେ ଶିକ୍ଷକତା । ମାତ୍ର କଠିନ ଅଧ୍ୟବସାୟ ତାଙ୍କୁ ଆଣିଦେଲା ବାଲେଶ୍ୱର ମିଶନ ସ୍କୁଲର ଜଣେ ପ୍ରଭାବଶାଳୀ ପ୍ରଧାନ ଶିକ୍ଷକ ତଥା ଗଣିତ,ଭୂଗୋଳ ଓ ଇତିହାସ ଆଦି ପାଠ୍ୟ ପୁସ୍ତକ ରଚୟିତାର ପରିଚୟ ଓ ପ୍ରତିଷ୍ଠା। ସବୁଠାରୁ ସଂଘର୍ଷମୟ ଥିଲା ତାଙ୍କ ପ୍ରଶାସନିକ ଜୀବନ। ୧୮୭୧ ରୁ ୧୮୮୬ ପର୍ଯ୍ୟନ୍ତ ସେ ନୀଳଗିରି, ଡମପଡ଼ା, ଢେଙ୍କାନାଳ, ପାଲଲହଡ଼ା ଓ କେନ୍ଦୁଝର ଆଦି ବିଭିନ୍ନ ରାଜ୍ୟରେ ପ୍ରଶାସନିକ ଦାୟିତ୍ୱରେ ରହିଛନ୍ତି ଏବଂ ବିଶେଷକରି କେନ୍ଦୁଝରର ପ୍ରଜାମେଳିକୁ ସାମ୍ନା କରିବାକୁ ଯାଇ ଯେଉଁ ସେନାପତିତ୍ୱର ପରିଚୟ ଦେଇଛନ୍ତି ତାହା ଏକ ସନନ୍ଦ ହୋଇ ରହିଛି କେନ୍ଦୁଝର ପ୍ରଜାମେଳି ଇତିହାସରେ। କେନ୍ଦୁଝର ରାଜ୍ୟର ଦେୱାନ ଭାବରେ ସେ ଆନନ୍ଦପୁର ଇଲାକାରେ କାର୍ଯ୍ୟରତ ଥିବା ସମୟରେ ମାଛକାନ୍ଦଣା ଜୋର ଖୋଲାକୁ କେନ୍ଦ୍ରକରି କେନ୍ଦୁଝରରେ ଦାନା ବାନ୍ଧିଲା ପ୍ରଜା ଆନ୍ଦୋଳନ। ଭୂୟାଁ ସର୍ଦ୍ଦାର ଧରଣୀଧରଙ୍କ ନେତୃତ୍ୱରେ ବିଦ୍ରୋହ ଏତେ ଉଗ୍ରରୂପ ଧାରଣକଲା ଯେ ନିଜ ଗଡ଼ ଛାଡ଼ି ଆନନ୍ଦପୁରରେ ଆଶ୍ରୟ ନେଲେ ରାଜା ଧନଞ୍ଜୟ ନାରାୟଣ ଭଞ୍ଜ। ରାଜବାଟୀ ଭିତରେ ଅସହାୟ ଅବସ୍ଥାରେ ରହିଗଲେ ରାଣୀ ଓ ପରିବାରବର୍ଗ। ରାଜପରିବାର ସୁରକ୍ଷା ତଥା ରାଜବାଟି ଦଖଲ କରିବାକୁ ସଜ ହେଉଥିବା ବିଦ୍ରୋହୀମାନଙ୍କ ଆହ୍ୱାନ ଆଗରେ ଗର୍ଜନ ଛାଡ଼ିଲା ଫକୀରମୋହନଙ୍କ ସେନାପତିପଣିଆ। ଯୁଦ୍ଧବିଦ୍ୟା ବିସ୍ମୃତ କିଛି ପାଇକଙ୍କୁ ସାଙ୍ଗରେ ଧରି ବିଦ୍ରୋହ ଦମନ ପାଇଁ ବାହାରି ପଡ଼ିଲେ ନିଜଗଡ଼ ଅଭିମୁଖେ। ମାତ୍ର ଘାଟି ଅତିକ୍ରମ କରିବା ସମୟରେ ବିଦ୍ରୋହୀଙ୍କ ହାତରେ ଧରାପଡ଼ିଲେ ଏବଂ ବନ୍ଦୀ ହୋଇ ରହିଲେ ରାଇସୁଆଁ ଆମ୍ବତୋଟାରେ। ହଣା ଖାଇବା ଥିଲା ନିଧାର୍ଯ୍ୟ।

କୁହାଯାଏ ଯୋଦ୍ଧାର ଅସଲ ପରୀକ୍ଷା ହୁଏ ସଙ୍କଟ ସମୟରେ। ଫକୀରମୋହନଙ୍କ ପାଖରେ ତାଙ୍କ ପୂର୍ବଜ ହନୁ ମଲ୍ଲଙ୍କ ଭଳି ଶାରୀରିକ ଶକ୍ତି ନ ଥିଲା ତ,ହେଲେ ଦୁର୍ବଳ ଶରୀରର ମସ୍ତିଷ୍କଟା ଥିଲା ପ୍ରଖର ବୁଦ୍ଧିଦୀପ୍ତ। ସେଥିପାଇଁ ବିଧାତା ତାଙ୍କ ହାତରେ ଶତ୍ରୁଜୟୀ ଅସ୍ତ୍ର ପରିବର୍ତ୍ତେ ଧରାଇଥିଲେ କାଳଜୟୀ କଲମ। ସେହି ବୁଦ୍ଧି ଓ କଲମ ବଳରେ ବିଦ୍ରୋହୀଙ୍କ ହାତରୁ ସେ କେମିତି ବଞ୍ଚିଲେ, ସେ ସଂଘର୍ଷପୂର୍ଣ୍ଣ କାହାଣୀ ଗୋଟେ ରହସ୍ୟମୟ ଉପନ୍ୟାସଠାରୁ ଆହୁରି ରୋମାଞ୍ଚକର।

ମେଳି ସର୍ଦ୍ଦାର ଧରଣୀଧରଙ୍କ ଅନୁମତିକ୍ରମେ ବାଲେଶ୍ୱରରୁ ପାନଗୁଆ ମଗାଇବା ଛଳରେ ସେ ଲେଖିଥିଲେ ଏକ କୃତାର୍ଥପୂର୍ଣ୍ଣ ଖୋଲା ଚିଠି। ସେଥିରେ ଲେଖାଥିଲା-'ଭୋଳାନାଥ ଖମାରିଆ (ଖମାର ତତ୍ତ୍ୱାବଧାରକ) ଜାଣିବୁ,ମହାରାଣୀ ପୁତ୍ରଙ୍କ (ବିଦ୍ରୋହୀ ନେତା ଧରଣୀଧର)ସକାଶେ ନିତାନ୍ତ ଦରକାର, ଅତିଶୀଘ୍ର ଶହେ ହେଲେ ମଧ୍ୟ ପାନ, ଦୁଇଶହ ଗୁଆ ପଠାଇବୁ। ଉତ୍ତର ପଟୁ ମାହାରା କରି ଆଖୁବାଡ଼ିକୁ ଶୀଘ୍ର ପାଣି ବୁହାଇବୁ। ନୋହିଲେ ଆଖୁବାଡ଼ି ବିନାଶ ଯିବ ବୋଲି ଜାଣିବୁ।ଇତି।'' ପତ୍ରବାହକ ଭାବରେ ୪ଜଣ ପାଇକଙ୍କୁ ଭୋଳାନାଥ ଖମାରିଆଙ୍କ ପାଖକୁ ପଠାଗଲା, ଯେଉଁ ୪ଜଣ ବନ୍ଦୀ ହୋଇଥିଲେ ଫକୀରମୋହନଙ୍କ ସହିତ। ଫକୀରମୋହନଙ୍କ ଇସାରାକ୍ରମେ ସେମାନେ ବାଲେଶ୍ୱର ପରିବର୍ତ୍ତେ ଆନନ୍ଦପୁରରେ ପହଞ୍ଚିଲେ, ଯେଉଁଠି ଅବସ୍ଥାନ କରୁଥିଲେ ରାଜା ଧନଞ୍ଜୟ ଭଞ୍ଜ।

ଚିଠିର ଅସଲ ଅର୍ଥ ବାହାର କରିବା ଉଦ୍ଦେଶ୍ୟରେ ବିଜ୍ଞ ଲୋକଙ୍କ ସାହାଯ୍ୟ ଲୋଡ଼ିଲେ ରାଜା। ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ପରେ ସ୍ପଷ୍ଟହେଲା ଯେ ପାନ ଅର୍ଥ ସିପାହି ,ଗୁଆ ଅର୍ଥ ଗୁଳି ଓ ଆଖୁ କିଆରି ହେଉଛି ରାଜବାଟି। ଉତ୍ତରପଟୁ ମାହାରାକରି ପାଣି ବୁହାଇବା ନିମନ୍ତେ ଲେଖିବା ଅନ୍ତରାଳରେ ଥିଲା ସିଂହଭୂମରୁ ସୈନ୍ୟ ଆଣି ବିଦ୍ରୋହୀ ଦଳ ଉପରେ ଆକ୍ରମଣ କରିବାର ଇସାରା। ବାକି ଚିଠି ଉପରେ ତିନିଖଣ୍ଡ ତାର ବାନ୍ଧିବାର ଉଦ୍ଦେଶ୍ୟ ବୁଝିପାରି ଗଭର୍ନର, ସୁପରିଣ୍ଟେଣ୍ଡେଣ୍ଟ ଓ ନନ୍ଦକିଶୋର ବାବୁଙ୍କୁ ତାରବାର୍ତ୍ତା ପଠାଇ ଦିଆଗଲା ତତ୍କାଳ। ଚିଠି ପାଇବା ମାତ୍ରେ ପଦକ୍ଷେପ ନେଲେ ଇଂରେଜ ସରକାର।

ଏକ କ୍ଷୟିଷ୍ଣୁ ଅଭିଜାତ ପରିବାରର ଅସହାୟ ଶିଶୁ ପରବର୍ତ୍ତୀ ସମୟରେ ଶିକ୍ଷକ,ସମ୍ପାଦକ, ସଙ୍ଗଠକ ଓ ପ୍ରଶାସକ ଭାବରେ ଅର୍ଜନ କରିଥିବା ବିପୁଳ ଅଭିଜ୍ଞତାକୁ ପୁଞ୍ଜିକରି ଗଢ଼ିଉଠିଥିଲା ସେନାପତି ସାହିତ୍ୟ। ଦୀର୍ଘ ୨ଶହ ବର୍ଷର ଓଡ଼ିଶାର ସାମାଜିକ,ରାଜନୈତିକ ଓ ସାଂସ୍କୃତିକ ଇତିହାସର ପୃଷ୍ଠଭୂମିରେ ଠିଆହୋଇଥିବା ଏ ସାହିତ୍ୟର ମୌଳିକ ବିଭବ ଥିଲା ଆଖିଦେଖା ମଣିଷ, ଅଙ୍ଗେନିଭା ଅନୁଭୂତି ଓ ପ୍ରାଣଛୁଆଁ ସୁଖଦୁଃଖ। ଓଡ଼ିଆ ଜୀବନ ଚିତ୍ରର ଛିନ୍ନ ଚୌପଦୀ ''ଛ'ମାଣ ଆଠଗୁଣ୍ଠ''। ଓଡ଼ିଆ ଚଷାର ଏକ ବିସ୍ଥାପନ କାହାଣୀ। ଶୋଷଣ କଷଣର ଏକ ଜୀବନ୍ତ ଇତିହାସ। ଛ'ମାଣ ଆଠଗୁଣ୍ଠ କେବଳ ଏକ ଜମି ନୁହେଁ, ଓଡ଼ିଆ ପରିଚୟର ବିସ୍ତୃତ ଭୂମି। ଫକୀରମୋହନ ଥିଲେ ସଂସ୍କାର ପ୍ରୟାସୀ। ତେଣୁ ତାଙ୍କ ରେବତୀ ,ସଭ୍ୟ ଜମିଦାର, ବଗଲାବଗୁଲୀ, ବିରେଇ ବିଶାଳ, ଡାକମୁନ୍‌ସୀ, ଧୂଳିଆବାବା ଓ ପେଟେଣ୍ଟ ମେଡ଼ିସିନ ଆଦି ପ୍ରତ୍ୟେକ ଗଳ୍ପରେ ପରିବେଷିତ ବିମଳ-ଚଟୁଳ ହାସ୍ୟରସ ଅନ୍ତରାଳରେ ରହିଛି ସମାଜ ସଂସ୍କାର ନିମନ୍ତେ ଏକ କ୍ରିୟାସ୍ନାତ ଖସଡ଼ା। 'ଉତ୍କଳ ଭ୍ରମଣ' ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ଇତିହାସ ଆଦିର ଏକ ଅମୂଲ୍ୟ ଦସ୍ତାବିଜ। ଏକ କାବ୍ୟିକ ଇତିହାସ। କଥା ହେଉ କି କବିତା, ତାଙ୍କର ପ୍ରତ୍ୟେକଟି ସର୍ଜନା ମଧ୍ୟରେ ଶୁଣିବାକୁ ମିଳେ ଓଡ଼ିଆ ରକ୍ତର ଅନ୍ତରଙ୍ଗ ସ୍ୱର।

ମୋ: ୬୩୭୧୬୪୨୪୬୪

# ଭୂତଳ ଜଳ ଜହର



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶର ଭୂତଳ ଜଳ ଓ ଏହାର ଗୁଣ ନେଇ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି)ର ବାର୍ଷିକ ମୂଲ୍ୟାୟନ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଚିନ୍ତାଜନକ। କହିବା ଯଥାର୍ଥ ଯେ, ଭୂତଳ ଜଳରେ ନାଇଟ୍ରେଟ(ଏନ୍‌ଏ୩) ରହିଥିବା କୁହାଯାଇଛି, ଯାହାକି କେବଳ ମଣିଷ ନୁହେଁ, ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ବିପଜ୍ଜନକ। ଉଲ୍ଲେଖଯୋଗ୍ୟ ଯେ, ଦେଶର ୭୭୯ଟି ଜିଲା ମଧ୍ୟରୁ ଅର୍ଦ୍ଧାଧିକ ତଥା ୪୪୦ଟି ଜିଲାର ଭୂତଳ ଜଳରେ ନାଇଟ୍ରେଟର ପରିମାଣ ମାତ୍ରାଧିକ ରହିଥିବା ରିପୋର୍ଟରେ କୁହାଯାଇଛି। ତେବେ ଉଦ୍‌ବେଗଜନକ ପ୍ରସଙ୍ଗ ଏହି ଦେଶରେ ଗୋଟିକ ପରେ ଗୋଟିଏ ଜିଲାରେ ଭୂତଳ ଜଳରେ ବିଷାକ୍ତ ନାଇଟ୍ରେଟ ମାଡ଼ି ଚାଲିଛି। ୨୦୧୭ରେ ଦେଶର ୩୫୯ଟି ଜିଲାରେ ଭୂତଳ ନାଇଟ୍ରେଟ ଥିବା ଜଣାଯାଇଥିବାବେଳେ ୨୦୨୩ରେ ଜିଲା ସଂଖ୍ୟା ୪୪୦କୁ ବୃଦ୍ଧି ପାଇଛି। ଏହି ସମସ୍ତ ଜିଲାର ଭୂତଳ ଜଳରେ ପ୍ରତି ଲିଟରରେ ୪୫ ମିଲିଗ୍ରାମ୍ ନାଇଟ୍ରେଟ ରହିଛି, ଯାହାକି ଅତ୍ୟନ୍ତ ମାତ୍ରାଧିକ। ଏହା ସତ୍ୟ ଯେ, ଜଳରେ ମାତ୍ରାଧିକ ନାଇଟ୍ରେଟର ମାତ୍ରା ବୃଦ୍ଧି ଦୁଇଟି ଉଦ୍‌ବେଗର କାରଣ।

ପ୍ରଥମତଃ ଏହା ମଣିଷର ଶରୀର ଉପରେ ପ୍ରଭାବ ପକାଇଥିବାବେଳେ ପରିବେଶରେ ଗଭୀର ସଂକଟ ସୃଷ୍ଟି କରିଥାଏ। ମଣିଷ ଶରୀରରେ ମୋଥୋମୋଗ୍ଲୋବିନିମିଆ କିମ୍ବା ଲୋହିତ ରକ୍ତ ସେଲ୍‌ଗୁଡ଼ିକୁ ହ୍ରାସ କରିଦେଇଥାଏ। ଫଳରେ ଶରୀରକୁ ଆବଶ୍ୟକ ଅମ୍ଳଜାନ ପ୍ରବାହ ହୋଇପାରେ ନାହିଁ। ଏହା ବେଳେ ବେଳେ ନବଜାତକଙ୍କଠାରେ 'ବ୍ଲୁ ବାବି ସିଣ୍ଡ୍ରୋମ'ର କାରଣ ହୋଇଥାଏ। ତେବେ ଏହାଠାରୁ ପରିବେଶ ପ୍ରତି ବିପଦ ଆହୁରି ସାଂଘାତିକ। ଥରେ ଯଦି ଭୂତଳ ଜଳ ବୃଦ୍ଧି ପାଇ ଭୂପୃଷ୍ଠ ଉପର ସମତଳକୁ ନାଇଟ୍ରେଟ୍ ଆସିଯାଏ, ତେବେ ଏହା କେବଳ ପୋଖରୀ ଏବଂ ହ୍ରଦର ଜଳକୁ ବିଷାକ୍ତ କରେ ନାହିଁ ଜୈବିକ ବିବିଧତା ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଉଲ୍ଲେଖଯୋଗ୍ୟ ଯେ, ସିଜିଡବ୍ଲ୍ୟୁବି ଦେଶବ୍ୟାପୀ ୧୫,୨୩୯ ଭୂତଳ ଜଳ ସାମ୍ପୁଲ ପରୀକ୍ଷା କରିଥିବାବେଳେ ସେଥିମଧ୍ୟରୁ ୧୯.୮ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଥିବା ଜଣାଯାଇଛି। ପୂର୍ବରୁ ୨୦୧୭ରେ ୧୩,୦୨୮ ସାମ୍ପୁଲ ପରୀକ୍ଷା ହୋଇଥିବାବେଳେ ୨୧.୬ ପ୍ରତିଶତ ସାମ୍ପୁଲରେ ମାତ୍ରାଧିକ ନାଇଟ୍ରେଟ ରହିଥିବା ଜଣାପଡ଼ିଥିଲା। ସୁଖର କଥା ବର୍ତ୍ତମାନର ଏବଂ ପୂର୍ବ ପରୀକ୍ଷାର ଅନୁପାତରେ ବିଶେଷକରି ଫରକ



ନ ଥିବା କୁହାଯାଏ। କିନ୍ତୁ ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁର ଭୂତଳ ଜଳରେ ମାତ୍ରାଧିକ ନାଇଟ୍ରେଟ ଥିବା ଜଣାଯାଏ। ରାଜସ୍ଥାନ ଭୂତଳ ଜଳରେ ଜଳର ୪୯ ପ୍ରତିଶତ, କର୍ଣ୍ଣାଟକରେ ୪୮ପ୍ରତିଶତ ଓ ତାମିଲନାଡୁରେ ୩୭ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଦୂଷିତ ପରିମାଣ ସୀମା ଅତିକ୍ରମ କରିଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଗୁଜରାଟରେ ମଧ୍ୟ ଭୂତଳଜଳରେ ସର୍ବାଧିକ ଭାଗ ନାଇଟ୍ରେଟ ରହିଛି।

କେନ୍ଦ୍ରୀୟ ଏବଂ ଦକ୍ଷିଣାଞ୍ଚଳରେ ମଧ୍ୟ ଏବେ ଭୂତଳ ଜଳରେ ନାଇଟ୍ରେଟର ମାତ୍ରା ବଢ଼ିବାରେ ଲାଗିଛି। କେବଳ ନାଇଟ୍ରେଟ ନୁହେଁ ଭୂତଳ ଜଳରେ ମଧ୍ୟ ଫ୍ଲୋରାଇଡ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ଥାନ, ହରିୟାଣା, କର୍ଣ୍ଣାଟକ, ଆନ୍ଧ୍ର ଓ ତେଲଙ୍ଗାନାରେ ଫ୍ଲୋରାଇଡ ଏବେ ଗୁରୁତର ଉଦ୍‌ବେଗଜନକ ସ୍ଥିତି ଉତ୍ପନ୍ନ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗତ ୨୦୦୯ ମସିହାଠାରୁ ଭୂତଳ ଜଳ ଉତ୍ତୋଳନ ବୃଦ୍ଧି ପାଇଥିବାବେଳେ ଏହାର ପରିମାଣ ଏବେ ୬୦.୪ ପ୍ରତିଶତ ଅତିକ୍ରମ କରିଛି। ତେବେ ଦେଶର ୭୩ ପ୍ରତିଶତ ବ୍ଲକ ଅଞ୍ଚଳରେ ଭୂତଳ ଜଳସ୍ତର ନିରାପଦ ସ୍ତରରେ ରହିଥିବାବେଳେ ବହୁ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ସୂଚନା ଦିଆଯାଇପାରେ ଯେ, ନାଇଟ୍ରେଟ (ଏନଓ୩) ଯବକ୍ଷାରଜାନ ଓ ଅମ୍ଳଜାନର ଏକ ରାସାୟନିକ ଉପାଦାନ ଯାହା ପ୍ରାକୃତିକ ଉପାୟରେ ମାଟି, ପାଣି, ପବନ ଓ ଖାଦ୍ୟରେ ରହିଥାଏ। ଏହାକୁ ରାସାୟନିକ ସାର, ବିସ୍ଫୋରକ, ଔଷଧ, ଫସଲର ଅଭିବୃଦ୍ଧିରେ ବ୍ୟବହାର କରାଯାଇଥାଏ। ନାଇଟ୍ରେଟ ପରିମାଣ ଜଳ ଓ ମାଟିରେ ଅଧିକ ହେଲେ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ସ୍ଥିତି ଉତ୍ପନ୍ନ କରେ। ସେହିପରି ଫ୍ଲୋରାଇଡ ପରିମାଣ ଅଧିକ ହେଲେ, ଦାନ୍ତ ଓ ହାଡ଼ କ୍ଷୟ କରି ମଣିଷକୁ ପଙ୍ଗୁ କରିଦେଇଥାଏ।

ଆମ ରାଜ୍ୟର ୩୦ଟି ଜିଲା ମଧ୍ୟରୁ ୨୫ଟି ଜିଲାର ଭୂତଳ ଜଳ ବିପଜ୍ଜନକ ସ୍ଥିତିରେ ପହଞ୍ଚିଥିବା ସିଜିଡବ୍ଲ୍ୟୁବି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ନାଇଟ୍ରେଟ ପରିମାଣ ଅଧିକ ଥିବାବେଳେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଆଦି ୧୦ଟି ଜିଲାରେ ଫୋରାଇଡ୍ ସ୍ଥିତି ଅଧିକ ରହିଛି। ଏହା ନିଃସନ୍ଦେହ ଯେ, ଭୂତଳ ଜଳ ଏବେ ଜହର ପାଲଟିଛି। ଏହାର ପ୍ରତିକାର ପାଇଁ ଏବେଠାରୁ ପଦକ୍ଷେପ ଗ୍ରହଣ କରା ନ ଗଲେ, ପ୍ରକୃତିଦତ୍ତ ଏହି ସମ୍ପଦ ଜୀବନଦାନ କରିବା ପରିବର୍ତ୍ତେ ବିନାଶର କାରଣ ହେବ।

ମୋ:୯୪୩୭୯୯୪୩୭୯

## ଏଇ ଭାରତରେ

୧୪ ବର୍ଷ ବୟସରେ ବାହା ହୋଇଥିଲେ ତାଙ୍କଠାରୁ ତିନିଗୁଣ ଅଧିକ ବୟସର ବ୍ୟକ୍ତିଙ୍କୁ। ସେ ମା' ହେଲେ ୧୫ ବର୍ଷରେ। ବାଲ୍ୟ ବିବାହର ଯନ୍ତ୍ରଣାକୁ ଅତି ନିକଟରୁ ଦେଖିଥିବା ଏହି ମହିଳା ଜଣକ ହେଉଛନ୍ତି ବିହାରର ରୋଶନି ପରୱିନ। ସେ ଏବେ ଏହି ପ୍ରଥାକୁ ଦୂର କରିବା ଲାଗି ଅଭିଯାନ ଚଳାଇଛନ୍ତି। ରୋଶନି କିଶାନଗଞ୍ଜ ସିମନବାରିର ଏକ ଛୋଟ ଗାଁରେ ରୁହନ୍ତି। ସେ ନବମରେ ପଢୁଥିବା ସମୟରେ ପରିବାର ଲୋକେ ବାଧ କରି ତାଙ୍କୁ ୪୫ ବର୍ଷ ବୟସର ବ୍ୟକ୍ତିଙ୍କ ସହ ବାହାଘର କରାଇଦେଇଥିଲେ। ପରେ ପାରିବାରିକ ବିବାଦରୁ ତାଙ୍କ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରି ନ ଥିଲେ । ଫଳରେ ସେ ସେଠାରୁ ଦୂରେଇ ଆସି ବାଲ୍ୟ ବିବାହ ବିରୋଧରେ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ରୋଶନି ପ୍ରଥମେ ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନରେ ଯୋଗଦେଇଥିଲେ । ପରେ ସେଭ୍ ଦି ଚାଇଲ୍ଡ ଓ ୟୁନିସେଫ ସହଯୋଗରେ ଏହି ସଂସ୍ଥାର ନେତୃତ୍ୱ ନେଇ ସେ ବାଲ୍ୟ ବିବାହ ରୋକିବା ଲାଗି ବିଭିନ୍ନ ଅଭିଯାନ ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରୋଶନି ୬୦ଟି ବାଲ୍ୟବିବାହ ବନ୍ଦ କରିବାରେ ସକ୍ଷମ ହୋଇପାରିଛନ୍ତି। ଏଥିପାଇଁ ସେ ମଧ୍ୟ ଜାତିସଂଘ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଜାନୁଆରୀ ୧୯୭୬

- ବିଶ୍ୱବିଖ୍ୟାତ ଉପନ୍ୟାସ ଲେଖିକା ଆଗାଥା କ୍ରିଷ୍ଟୀଙ୍କ ପରଲୋକ।
- ଭାରତ ଓ ବାଂଲାଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି କରାଯିବା ଲାଗି ଏକ ରାଜିନାମା ସ୍ୱାକ୍ଷରିତ।
- ଇକ୍ୱେଡରରେ ଏକ ଶାନ୍ତିପୂର୍ଣ୍ଣ ବିଦ୍ରୋହରେ ସାମରିକ ବାହିନୀ କ୍ଷମତା ଦଖଲ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡର ଇ-କେୱାଇସି ଯାଞ୍ଚ

ମହାଶୟ,

୨୦୧୩ରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ସମୟରେ ଯୋଗ୍ୟ ହିତାଧିକାରୀ ନିର୍ଦ୍ଧାରଣ ପାଇଁ କେତେକ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଦରିଦ୍ର, ଅସହାୟ, ବିଧବା, ବାସହୀନ ଓ ଆଦିବାସୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। କିନ୍ତୁ ଏହାକୁ ଉଲ୍ଲଂଘନକରି ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ରାଶନ କାର୍ଡ ହାତେଇ ରାଶନ ସାମଗ୍ରୀ ଲୁଟ୍ କରିବାରେ ଲାଗିଛନ୍ତି। ଏହା ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଏକ ମାଧ୍ୟମ ବୋଲି କୁହାଯାଉଥିଲେ ମଧ୍ୟ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ପୂର୍ବ ସରକାରଙ୍କ ସମୟରେ କେତେଜଣଙ୍କ ନାମରେ ଗିରଫ ପରୱାନା ଜାରିହୋଇଥିଲେ ମଧ୍ୟ କୌଣସି କାରଣରୁ କାର୍ଯ୍ୟକାରୀ ହୋଇନଥିଲା। ନୂତନ ସରକାର ଆସିବା ପରେ ଯୋଗାଣ ମନ୍ତ୍ରୀ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟାପକ ଜାଲିଆତି ହେଉଥିବା ଜାଣି ରାଶନ କାର୍ଡର ଇ-କେୱାଇସି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ପରେ ୧,୭୭,୫୬୮ ମୃତ ବ୍ୟକ୍ତିଙ୍କ ନାମରେ ବର୍ଷ ବର୍ଷ ଧରି ରାଶନ ସାମଗ୍ରୀ ଉଠାଯାଉଛି ବୋଲି ବିଧାନସଭାରେ ବିବୃତି ଦେଇଛନ୍ତି। ଯାଞ୍ଚ କାର୍ଯ୍ୟ ଡିସେମ୍ବର ସୁଦ୍ଧା ସରିବ ବୋଲି ମଧ୍ୟ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶ ଯେ, ଯେଉଁ ପରିବାରରେ ଗୋଟିଏ ବାଇକ୍ ଓ ଫ୍ରିଜ୍ ଥିବ, ସେମାନେ ଅଯୋଗ୍ୟ ଘୋଷିତ ହେବେ ନାହିଁ। ତେବେ ଯେଉଁ ଗଳାବାଟ ଦେଇ ଅବାଞ୍ଛିତ ବ୍ୟକ୍ତି ଅନୈତିକ ଉପାୟରେ ମାଗଣା ଚାଉଳ ଖାଉଛନ୍ତି ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହେବ ଜଣାପଡୁନାହିଁ।

-ହରମୋହନ ମହାନ୍ତି, ଦଉତୋଟା, ପୁରୀ

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆପ୍ ନେତା ମନୀଷ ସିସୋଡିଆଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏକ ରାଲିରେ ସୋମବାର ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଭଦ୍ରକ ଜିଲା ଭାଜପା ସଭାପତି ପଦ ପାଇଁ ଛକାପଞ୍ଝା

**ଭଦ୍ରକ, ୧୩।୧ (ସନାତନ ରାଉତ)**

ଓଡ଼ିଶାରେ ଭାଜପା ଏକାକୀ ପ୍ରଥମଥର ପାଇଁ ସରକାର ଗଠନ କରିବା ପରେ ଏବେ ସାଙ୍ଗଠନିକ ପଦପଦବୀ ଚୟନ ଚାଲିଛି। ଭଦ୍ରକ ଜିଲାରେ ସଭାପତି ପଦ ହାତେଇବାକୁ ଛକାପଞ୍ଝା ଚାଲିଥିବା ଦେଖିବାକୁ ମିଳିଛି। ଜିଲାର ଯୁବନେତୃତ୍ୱ ଓ ବରିଷ୍ଠଙ୍କୁ ମିଶାଇ ୫ରୁ ଊର୍ଦ୍ଧ୍ୱ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ନିକଟରେ ବାଲେଶ୍ୱରରେ ଉତ୍ତର ଓଡ଼ିଶାର କିଛି ଜିଲାକୁ ନେଇ ସଭାପତି ପଦ ପାଇଁ ବିଚାର ବିମର୍ଷ କରାଯାଇଛି। ପ୍ରଭାରୀ ଦାୟିତ୍ୱରେ ଥିବା ବିଜୟ ପାଲ ସିଂ ତୋମାର ପ୍ରତ୍ୟେକ ଜିଲାରୁ ଯାଇଥିବା ନେତୃବୃନ୍ଦଙ୍କ ସହ ପୃଥକ୍ ଭାବେ ଆଲୋଚନା କରିଛନ୍ତି। ପୂର୍ବତନ ସଭାପତି, ବିଭିନ୍ନ ମୋର୍ଚ୍ଚା ଦାୟିତ୍ୱରେ ଥିବା ନେତୃତ୍ୱ ଓ ମଣ୍ଡଳ ସଭାପତିମାନଙ୍କ ମତାମତ ନେଇଥିବା ଆଲୋଚନା ହେଉଛି।

ଜିଲା ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିବା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ମନୋରଞ୍ଜନ ମଲ୍ଲିକ ସଭାପତି ଦୌଡ଼ରେ ରହିଥିବା ବେଳେ ଗତ ସଦସ୍ୟତା ସଂଗ୍ରହ ଅଭିଯାନରେ ଜିଲା ସଂଯୋଜକ ଦାୟିତ୍ୱରେ ମଧ୍ୟ ଥିଲେ। ଧାମନଗରର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିକଟତର ହୋଇଥିବାରୁ ତାଙ୍କୁ ଏହି ପଦ ମିଳିପାରେ ବୋଲି ଆଲୋଚନା ହେଉଛି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସଙ୍କ ନାମ ଚର୍ଚ୍ଚାରେ ରହିଛି। ପୂର୍ବରୁ

## ଯୁବ, ବରିଷ୍ଠଙ୍କୁ ମିଶାଇ ୫ରୁ ଊର୍ଦ୍ଧ୍ୱ ଆଶାୟୀ

ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଦାୟିତ୍ୱରେ ରହିଥିବା ବେଳେ ଜଣେ ଜଣାଶୁଣା ଯୁବ ଚେହେରା ଭାବେ ସେ ପରିଚିତ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ତାଙ୍କର ସମ୍ପର୍କ ବହୁ ନିକଟତର ହୋଇଥିବାରୁ ତାଙ୍କୁ ମଧ୍ୟ ସଭାପତି ପଦ ମିଳିପାରେ ବୋଲି ଦଳ ଭିତରେ ଟୁପୁରଟାପୁର ଚାଲିଛି। ସେହିପରି ଜିଲା ସାଧାରଣ ସମ୍ପାଦକ ଭଗବାନ ପଣ୍ଡାଙ୍କ ନାଁ ଚର୍ଚ୍ଚାରେ ରହିଛି। ବହୁଦିନରୁ ସେ ଦଳୀୟ ସଙ୍ଗଠନରେ ରହିଥିବା ବେଳେ ଭଦ୍ରକ ଏମ୍‌ପିଙ୍କ ନିକଟତର। ଆଉ ଜଣେ ଯୁବ ଚେହେରା କ୍ଷୀତିଶ ସାମନ୍ତ ବେହେରା ମଧ୍ୟ ରେସ୍‌ରେ ଅଛନ୍ତି। ଦଳୀୟ ସଙ୍ଗଠନ ସହ ସେ ଦୀର୍ଘଦିନ ଧରି ରହିଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ବେଳେ ସାଙ୍ଗଠନିକ ଦକ୍ଷତାକୁ ନେଇ ସେ ବି ଦୌଡ଼ରେ ଅଛନ୍ତି। ସେହିପରି ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁଙ୍କ ନାଁ ଚର୍ଚ୍ଚାରେ ରହିଛି। ପୂର୍ବରୁ ଭଦ୍ରକ ଜିଲା ସଭାପତି ଭାବେ ସେ ଦୁଇ ଦୁଇଥର ଦାୟିତ୍ୱ ନେଇଛନ୍ତି। ଜଣେ ଅଭିଜ୍ଞ ଭାବେ ସେ ପରିଚିତ ଥିବାରୁ ତାଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏହାବ୍ୟତୀତ ଏକାଧିକବାର ଭଦ୍ରକ ପୌରପାଳିକାର କାଉନସିଲର ଥିବା ଶରତ ପଡ଼ିଆରୀଙ୍କ ନାମ ମଧ୍ୟ ଆସୁଛି। ଦୀର୍ଘଦିନର କର୍ମକର୍ତ୍ତା ଭାବେ ଦଳ ସଙ୍ଗଠନ ସହ ସେ ଜଡ଼ିତ ଅଛନ୍ତି। ଏମାନଙ୍କ ବ୍ୟତୀତ ଏବେକାର ସଭାପତି ଦାୟିତ୍ୱରେ ଥିବା ହେମନ୍ତ ପାଢ଼ୀ, ପୂର୍ବତନ ସଭାପତି ବଦ୍ରିନାରାୟଣ ଧଳଙ୍କ ସମେତ କିଛି ଯୁବ ନେତୃତ୍ୱଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ ଏମାନଙ୍କ ମଧ୍ୟରୁ ସଭାପତି ପଦ କାହାକୁ ମିଳିବ କିମ୍ବା ସମ୍ପୂର୍ଣ୍ଣ ନୂଆ ନେତୃତ୍ୱଙ୍କୁ ଜିଲା ଭାଜପା ଦାୟିତ୍ୱ ଅର୍ପଣ କରାଯିବ ତାହା ସମୟ ଆସିଲେ ଜଣାପଡ଼ିବ।

ଜିଲା ସଭାପତି ପଦ ପାଇଁ ଭାଜପାର କେତେକ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିବା ଚର୍ଚ୍ଚା ହେଉଛି। ୪୫ରୁ ୬୦ ବର୍ଷ ବୟସସୀମା ରହିଥିବା ବେଳେ ଦଳ ଓ ସଙ୍ଗଠନ ସହ ଜଡ଼ିତ ଥିବେ। ପୂର୍ବରୁ ବିଭିନ୍ନ ସାଙ୍ଗଠନିକ ପଦପଦବୀରେ ରହି ଦଳୀୟ ଶୃଙ୍ଖଳା ଭିତରେ ଦାୟିତ୍ୱ ନିର୍ବାହ କରିଥିବେ। ତେବେ ପ୍ରଭାରୀ ତୋମାର ବିଭିନ୍ନ ନେତୃତ୍ୱଙ୍କ ସହ ଆଲୋଚନା କରିଥିବା ବେଳେ ଆଶାୟୀମାନଙ୍କ ନାମ ତାଲିକାଭୁକ୍ତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ପୂର୍ବରୁ ସଭାପତି ପଦ ପାଇଁ ଏତେ ସଂଖ୍ୟାରେ ଆଶାୟୀ ରହୁ ନ ଥିବା ବେଳେ ଦଳ ସରକାରକୁ ଆସିଥିବାରୁ ସଂଖ୍ୟା ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ଜିଲାରେ ଭାଜପା ୨ଟି ବିଧାନସଭା ଆସନରେ ବିଜୟୀ ହୋଇଥିବା ବେଳେ ବ୍ଲକ ଓ ପଞ୍ଚାୟତ ସ୍ତରରେ ସଙ୍ଗଠନ ସ୍ଥିତି ସେତେ ସୁଦୃଢ଼ ହୋଇନାହିଁ। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଜଣେ ଦକ୍ଷ ଓ ସଙ୍ଗଠନ ନେତୃତ୍ୱ ନେଇପାରୁଥିବା ବ୍ୟକ୍ତିଙ୍କୁ ସଭାପତି ପଦ ମିଳିବ ବୋଲି ଭାଜପା କର୍ମୀମାନେ ଆଶାୟୀ ଅଛନ୍ତି।

# ଅର୍ଚ୍ଚନାଙ୍କ ପରେ ହଂସିତା

**ଭୁବନେଶ୍ୱର, ୧୩।୧ (ଜିତେନ୍ଦ୍ର କୁମାର ନାୟକ)**



ଅର୍ଚ୍ଚନା ନାଗ



ହଂସିତା ଅଭୀଲିପ୍ସା

ଦୁଇ ବର୍ଷ ତଳେ ଅର୍ଚ୍ଚନା ନାଗଙ୍କ କାରନାମା ନେଇ ରାଜ୍ୟ ହୁଲସ୍ଥୂଲ୍ ହୋଇଥିଲା। କଳାହାଣ୍ଡିରୁ ଆସିଥିବା ଅର୍ଚ୍ଚନା ୨୦୧୫ରେ ଭୁବନେଶ୍ୱର ଆସି ଘରୋଇ ସିକ୍ୟୁରିଟି ସଂସ୍ଥାରେ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱରର ଜଗବନ୍ଧୁ ଚାନ୍ଦଙ୍କୁ ବିବାହ କରି ସେ ବଡ଼ ବଡ଼ ଲୋକଙ୍କୁ ହନି ଟ୍ରପ୍ କରି ତାଙ୍କ ସାମ୍ରାଜ୍ୟ ବିସ୍ତାର କରିଥିଲେ। ରାଜନେତା, ବ୍ୟବସାୟୀ, ଫିଲ୍ମ ଜଗତର ପ୍ରଭାବଶାଳୀ ଲୋକଙ୍କୁ ଫସେଇ ସେ ଅର୍ଥ ରୋଜଗାର କରୁଥିଲେ ବୋଲି ଅଭିଯୋଗ ଆସିଥିଲା। ଖୁବ୍ କମ୍ ସମୟ ମଧ୍ୟରେ ସେ ଅନେକ କୋଟି ଟଙ୍କାର ମାଲିକାଣୀ ପାଲଟି ଯାଇଥିଲେ। ସେତେବେଳେ ରାଜ୍ୟରେ ବିଜୁ ଜନତା ଦଳ (ବିଜେଡି) ସରକାର ଚାଲୁଥିଲା। ସରକାରୀ ଦଳର ଏକାଧିକ ନେତାଙ୍କ ନାମ ଅର୍ଚ୍ଚନାଙ୍କ ସହ ସମ୍ପୃକ୍ତି ଥିବା ନେଇ ବିରୋଧୀ ଭାଜପା ସେତେବେଳେ ଅଭିଯୋଗ କରିଥିଲା। ଘଟଣାକ୍ରମେ ଅର୍ଚ୍ଚନା ଗିରଫ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ସେ ଜାମିନ ପାଇଥିଲେ। ଜେଲରୁ ବାହାରିବା ପରେ ସେ ସମସ୍ତଙ୍କ ମୁଖା ଖୋଲିବେ ବୋଲି ଗଣମାଧ୍ୟମକୁ କହିଥିଲେ। ହେଲେ ଏ ଯାବତ ସେ ମୁହଁ ଖୋଲିପାରି ନ ଥିବାରୁ ସେହି ଘଟଣା ଶିଥିଳ ହେବା ସହ ତାହା ଜନମାନସରୁ ଦୂରେଇ ଯାଇଛି।

ନିକଟରେ ଆଉ ଜଣେ ହାଇପ୍ରୋଫାଇଲ ମହିଳା ହଂସିତା ଅଭୀଲିପ୍ସାଙ୍କ ଠକେଇ ପଦାକୁ ଆସିବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। କନ୍ଧମାଳରୁ ଆସିଥିବା ଏହି ମହିଳା ଖୁବ୍ କମ୍ ସମୟରେ ଭୁବନେଶ୍ୱରରେ ନିଜ କାୟା ବିସ୍ତାର କରିଥିଲେ। ସେ ବିବାହିତ ହୋଇ ମଧ୍ୟ ଠିକଣା ବଦଳାଇ ଅନିଲ ମହାନ୍ତିଙ୍କ ସହ ମିଶି ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ଠକେଇ ମାଧ୍ୟମରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିଥିବା ଖବର ପଦାକୁ ଆସିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ହଂସିତା ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଅନିଲଙ୍କୁ ଜ୍ୱାଇଁ ପରିଚୟ ଦେଇ ଅନେକ ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଠକି ଚାଲିଥିଲେ। ଗତ ମାସ ଶେଷ ଆଡ଼କୁ ସେମାନଙ୍କ କଳାକାରନାମା ଆସିବା ପରେ ବହୁ ଗୁମୁର କଥା ପଦାକୁ ଆସୁଛି। ଏବେ ରାଜ୍ୟରେ ଭାଜପା ସରକାର ଚାଲିଛି। କେତେକ ଭାଜପା ନେତା କହୁଛନ୍ତି ହଂସିତା-ଅନିଲ ଯୋଡ଼ିଙ୍କ ସହ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ବର୍ତ୍ତମାନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଭିଜିଲାନ୍ସ ବିଭାଗ ଏହି ଘଟଣାର ତଦନ୍ତ କରୁଛି। ଭାଜପା ୭ ମାସ ହେବ ଶାସନକୁ ଆସିଲାଣି। ତେଣୁ ପ୍ରତି କଥାରେ ଏବକାର ଅପରାଧ କିମ୍ବା ଠକେଇ ସକାଶେ ପୂର୍ବ ସରକାରଙ୍କୁ ଦାୟୀ କରାଯିବା ସାଧାରଣରେ ଗ୍ରହଣୀୟ ହେଉନାହିଁ। କାରଣ ଅପରାଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର ଚାହିଁଲେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। କିନ୍ତୁ ପରସ୍ପରକୁ ଦୋଷ ଦିଆନିଆ ଚାଲିଲେ ନିଷ୍କର୍ଷରେ ପହଞ୍ଚିବା କଷ୍ଟକର ହୋଇପଡ଼ିବ।

କେତେକେ କହିଲେଣି ଯେ ଏଭଳି ହାଇପ୍ରୋଫାଇଲ ଠକେଇ ଘଟଣା ଜଣାପଡ଼ିଲେ କିଛି ଦିନ ତାହା ଉପରେ ଜୋରଦାର ଚର୍ଚ୍ଚା ହୋଇଥାଏ। ପରେ ସେସବୁ ଧୀରେ ଧୀରେ ଲୋକଲୋଚନରୁ ଦୂରେଇ ଯାଇଥାଏ। ଆଗରୁ ଅର୍ଚ୍ଚନା, ଏବେ ହଂସିତା ଓ ପରେ ଆଉ କିଏ ଆସିପାରନ୍ତି।

# ଦିଲ୍ଲୀରେ ଭାଜପାର କୋର୍ କମିଟି ବୈଠକ

**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**

ଭାଜପାର ଏକ କୋର୍ କମିଟି ବୈଠକ ସୋମବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି। ସାଙ୍ଗଠନିକ ନିର୍ବାଚନ ସମ୍ପର୍କିତ ବିଷୟ ନେଇ ଏଥିରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏବେ ଜିଲା ସଭାପତିମାନଙ୍କ ନାଁ ଘୋଷଣା ଲାଗି ଦଳ ପକ୍ଷରୁ କସରତ ଆରମ୍ଭ ହୋଇଛି। ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ଉପସ୍ଥିତ ଥିବା ଜଣାପଡ଼ିଛି।

# ଶଙ୍ଖ ଭବନକୁ ନେଇ ଭାଜପା-ବିଜେଡି ରାଜନୀତି

**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**

ଶଙ୍ଖ ଭବନକୁ ନେଇ ବିଜେଡି-ଭାଜପା ଭିତରେ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗରେ ଭାଜପା ଓ ବିଜେଡି ନେତା ତର୍କକୁ ଓହ୍ଲାଇ ଆସିଛନ୍ତି। ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ୨୦୨୧ରେ ନୂତନ କାର୍ଯ୍ୟାଳୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ଠାରୁ ବିଜେଡି ଅନୁମତି ପାଇଥିଲା। ସେହି ଜମି ମଧ୍ୟ ବିଜେଡି କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଅଛି। ୨୦୨୪ ନିର୍ବାଚନ ପୂର୍ବରୁ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ହେଲେ ଏବେ ଜଣାପଡ଼ିଛି, ବିଜେଡି କାର୍ଯ୍ୟାଳୟ ହୋଟେଲରେ ପରିଣତ ହୋଇଛି। ଏଭଳି ଘଟଣା ରାଜ୍ୟ ରାଜନୀତିରେ କେବେ ଦେଖିବାକୁ ମିଳିନି। କୌଣସି ସ୍ଥାନରେ କେବେ ରାଜନୈତିକ ଦଳର କାର୍ଯ୍ୟାଳୟକୁ ହୋଟେଲ କରାଯାଇ ନ ଥିଲା। ସତରେ କ'ଣ ବିଜେଡି ନିଶ୍ଚିହ୍ନ ହେବାକୁ ଯାଉଛି ଏବଂ ଲୋକେ ଆଉ ସେଠାକୁ ଆସୁନାହାନ୍ତି କି ବୋଲି ଜଗନ୍ନାଥ ପ୍ରଶ୍ନ କରିଛନ୍ତି।

ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ହୋଟେଲ ମନ୍ତବ୍ୟର ଜବାବ ରଖି ବିଜେଡି ନେତା ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରେଳୱେର କ୍ୟାଣ୍ଟିନ୍ ଅଛି। ସଂସଦରେ ମଧ୍ୟ କ୍ୟାଣ୍ଟିନ୍ ରହିଛି। ଅବଶ୍ୟ ଖାଇବା ଲୋଭ କାହାର ଅଛି, ତାହା ଗଣମାଧ୍ୟମରେ ଦେଖାଯାଉଛି। ଭାଜପା ନେତାଙ୍କୁ ନିମନ୍ତ୍ରଣ କରୁଛି, ତାଙ୍କର ଯେତେବେଳେ ଖାଇବାକୁ ଇଚ୍ଛା ହଉଛି ସେତେବେଳେ ଶଙ୍ଖ ଭବନ କ୍ୟାଣ୍ଟିନକୁ ଆସି ଶୁଦ୍ଧ ଶାକାହାରୀ ଖାଦ୍ୟ ଖାଆନ୍ତୁ। ଭାଜପାର କିଛି କାମ ନାହିଁ ବୋଧହୁଏ। ଶଙ୍ଖ ଭବନ ଯେଉଁଦିନ ତିଆରି ହୋଇଥିଲା, ସେଦିନ କୁହାଯାଇଥିଲା ଏହା ଲୋକଙ୍କ ଅଫିସ। ପ୍ରତିଦିନ ବୈଠକ ବସୁଛି। କର୍ମୀଙ୍କ ସହିତ ନେତା ଓ ସାଧାରଣ ଲୋକ ଆସି ଖାଉଛନ୍ତି। କ୍ୟାଣ୍ଟିନ୍‌ରେ ଖାଇବା କ'ଣ ଖରାପ ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ 'ଆୟୁଷ୍ମାନ'...

ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ ହେଲଥ୍ ୱାର୍କର ଓ ଯୋଗଶିକ୍ଷକ ନିୟୋଜିତ ହେବେ। ଏହିସବୁ କେନ୍ଦ୍ରର ଭିତ୍ତିଭୂମି ବିକଶିତ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୧୮ରୁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଥିଲେ ମଧ୍ୟ ଓଡ଼ିଶାର ଲୋକଙ୍କୁ ବଞ୍ଚିତ କରାଯାଇଥିଲା। ବର୍ତ୍ତମାନ ଏହି ଯୋଜନା ଓଡ଼ିଶାର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଯୋଡ଼ିହେବ। ଏହାଦ୍ୱାରା ଓଡ଼ିଶାରେ ୧.୦୩ କୋଟି ପରିବାର ଦେଶର ପ୍ରାୟ ୩୦ ହଜାର ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ବର୍ତ୍ତମାନ ଓଡ଼ିଶା ଲୋକଙ୍କୁ ପ୍ରାୟ ୯୦୦ ଘରୋଇ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବଜେଟ୍‌ରେ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହାକି ପୂର୍ବ ବର୍ଷ ଅପେକ୍ଷା ୩୨.୨ ପ୍ରତିଶତ ଅଧିକ ଏବଂ ଏହା ରାଜ୍ୟ ବଜେଟର ୮%। ଏହି ପରିମାଣ ଜାତୀୟ ସ୍ୱାସ୍ଥ୍ୟନୀତିର ସୁପାରିସ ଅନୁରୂପ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ମହିଳା ହିତାଧିକାରୀମାନେ ୧୦ ଲକ୍ଷ ଏବଂ ପୁରୁଷମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଳ, ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ବିରୋଧୀ ଦଳରେ ଥିଲା ବେଳେ ଏହି ଯୋଜନାକୁ ଲାଗୁ କରିବାକୁ ଦାବି କରିଥିଲୁ। ସରକାରକୁ ଆସିବା ପରେ ଆମେ ପ୍ରତିଶ୍ରୁତି ପାଳନ କରିଛୁ। ରାଜ୍ୟର ପ୍ରାୟ ସାଢ଼େ ୩ କୋଟି ଲୋକ ଏହି ଯୋଜନା ଦ୍ୱାରା ଉପକାର ପାଇବେ। ଗୋପବନ୍ଧୁ ଜନ ଆରୋଗ୍ୟ ସହ ଆୟୁଷ୍ମାନ ଭାରତର ସୁବିଧା ଗୋଟିଏ କାର୍ଡରେ ମିଳିବ। ସାରା ଦେଶରେ ଯିଏ ଯେଉଁଠି ଥିଲେ ବି ଏହାର ସୁବିଧା ପାଇପାରିବେ ବୋଲି ମହାଲିଙ୍ଗ କହିଛନ୍ତି।

### ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୩।୧ (ଅନିଲ ଦାସ): ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବା ପରେ ରାଜ୍ୟର ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ' ରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଏହା ବାସ୍ତବରେ ଏକ ବିଡ଼ମ୍ବନା ଯେ ଓଡ଼ିଶାର ମୋର ଭଉଣୀ ଓ ଭାଇମାନେ ପୂର୍ବ ସରକାର ଦ୍ୱାରା ଆୟୁଷ୍ମାନ ଭାରତର ଲାଭରୁ ବଞ୍ଚିତ ହୋଇଥିଲେ। ଏହି ଯୋଜନା ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବ। ଏହା ବିଶେଷକରି ଓଡ଼ିଶାର ନାରୀ ଶକ୍ତି ଓ ବୟସ୍କମାନଙ୍କୁ ଲାଭାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି।

### ୧ ଡଲାର...

ମୂଲ୍ୟ ସର୍ବାଧିକ ୬୮ ପଇସା ହ୍ରାସ ପାଇଥିଲା। ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ଡଲାର ତୁଳନାରେ ଟଙ୍କା ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ଗତ ଡିସେମ୍ବର ୧୯ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୫ ଥିବାବେଳେ ଡିସେମ୍ବର ୩୦ରେ ୮୫.୫୨କୁ ଖସିଥିଲା। ଗତ ଶୁକ୍ରବାର ମୂଲ୍ୟ ଆହୁରି ହ୍ରାସ ପାଇ ୮୬.୦୪ ରହିଥିଲା।

### ପୋଷାହାତୀ ମହିନ୍ଦ୍ରାର...

ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆର୍‌ସିସିଏଫ୍ କହିଛନ୍ତି। ସାଢ଼େ ୧୧ଫୁଟ ଉଚ୍ଚ ଓ ୬୬ ବର୍ଷୀୟ ମହିନ୍ଦ୍ରାର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀମାନେ ଦୁଃଖ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରେ ମହିନ୍ଦ୍ରାର କାର୍ଯ୍ୟ ଦକ୍ଷତା ବେଶ୍ ଉଚ୍ଚକୋଟୀର ଥିଲା। ଶିକାର ଓ ଶିକାରୀଙ୍କୁ ଅଟକାଇବା ସହିତ କାଠଚୋରଙ୍କୁ ଧରିବାରେ ବନ କର୍ମଚାରୀଙ୍କୁ ସହଯୋଗ କରୁଥିଲା। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘର ସୁରକ୍ଷା ଦିଗରେ ବନ ବିଭାଗ ମହିନ୍ଦ୍ରାକୁ ନିୟୋଜିତ କରିଥିଲା। ମହିନ୍ଦ୍ରା ପିଠିରେ ବସି କର୍ମଚାରୀମାନେ ବାଘର ଗତିବିଧି ଉପରେ ନଜର ରଖୁଥିବା ବେଳେ ଅନୁପ୍ରବେଶକାରୀଙ୍କୁ ଅଟକାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ବଣୁଆ ହାତୀଙ୍କ ଉପଦ୍ରବ ସମୟରେ ମହିନ୍ଦ୍ରାର କାର୍ଯ୍ୟ ଅତ୍ୟନ୍ତ ଉଲ୍ଲେଖନୀୟ ରହିଥାଏ। ହାତୀପଲଙ୍କୁ ଘଉଡ଼ାଇ ଅନ୍ୟ ଜଙ୍ଗଲ ମୁହାଁ କରିବାରେ ସେ ବେଶ ପାରଙ୍ଗମ ଥିଲା। ବିଗତ ଦିନରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ଆସୁଥିବା ହାତୀପଲଙ୍କୁ ନିଜ ସ୍ଥାନକୁ ଫେରାଇବାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲା।

### ୨୭ ଜିଲାର ୨୪୯୨...

ଚାଷୀମାନଙ୍କୁ ଆଗୁଆ ସୂଚନା ସହ ଟୋକନ ପ୍ରଦାନ କରାଯାଉଛି। ସରକାରଙ୍କ ତଥ୍ୟ ଅନୁଯାୟୀ ବର୍ତ୍ତମାନ ଏହି ଜିଲାଗୁଡ଼ିକରେ ୨୪୯୨ଟି ମଣ୍ଡିରେ ଧାନ କିଣା ଜାରି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

### କଳା ଧାନ, କଳା...

କରାଯାଇଥିଲା। ତେବେ କିଛିବର୍ଷ ଚାଷୀ ଏହାକୁ ଚାଷ ନ କରି ରଖିଥିଲେ। ଏବେ କଳା ହଳଦୀ ଚାଷ ଆରମ୍ଭ କରିଛନ୍ତି। ଜିଲାର ସମସ୍ତ ବ୍ଲକରୁ ବାର୍ଷିକ ପ୍ରାୟ ୪ କୁଇଣ୍ଟାଲ ହଳଦୀ ଉତ୍ପାଦିତ ହେଉଛି। ସାଧାରଣ ହଳଦୀ ଭଳି ଏହା ଜାନୁଆରୀ-ଫେବୃଆରୀରେ ଲଗାଯାଇ ଜୁଲାଇ-ଅଗଷ୍ଟ ବେଳକୁ ଅମଳ କରାଯାଇଥାଏ। କମ୍ ପରିମାଣର ଅମଳ ହେଉଥିବାରୁ ଏବଂ ପ୍ରଚୁର ଔଷଧୀୟ ଗୁଣ ଯୋଗୁ ଏହାର ବିକ୍ରିରେ କୌଣସି ସମସ୍ୟା ହୁଏନାହିଁ। ଔଷଧ କମ୍ପାନୀମାନେ ଏହା ଚାଷୀଙ୍କଠାରୁ କିଣି ନେଇଥାନ୍ତି। ଏବେ ଏହି ହଳଦୀର କିଲୋପ୍ରତି ବଜାର ଦର ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ରହିଛି। କର୍କଟ, ରକ୍ତଚାପ ଏବଂ ବିଭିନ୍ନ ଚର୍ମରୋଗର ନିରାକରଣ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ ବୋଲି କୁହାଯାଉଛି।

ଜୈବିକ କୃଷିରେ ଅନ୍ୟତମ ନୂତନ ପ୍ରୟୋଗ ହେଉଛି କଳା ଗହମ। ରାଜ୍ୟରେ କନ୍ଧମାଳ ଜିଲାରେ ପ୍ରଥମ କରି ଏହା ଆରମ୍ଭ ହୋଇଛି। ଗତ ଖରିଫ ଋତୁରେ ପରୀକ୍ଷାମୂଳକ ଭାବେ ଚାଷୀଙ୍କୁ ୧୩ କିଲୋ ବିହନ ଯୋଗାଇ ଦିଆଯାଇଥିଲା। ପଞ୍ଜାବରୁ ଆସିଥିବା ଏହି ବିହନକୁ ନେଇ ଫିରିଙ୍ଗିଆ ବ୍ଲକର କିଛି ଚାଷୀ କଳା ଗହମ ଚାଷ କରିଥିଲେ। ସେପ୍ଟେମ୍ବରରେ ବିହନ ବୁଣି ଫେବୃଆରୀରେ ଅମଳ କରିଥିଲେ। ଚଳିତ ବର୍ଷ ମଧ୍ୟ ସୀମିତ ପରିମାଣରେ ଚାଷ କରାଯାଇଛି। ଏହା ସଫଳ ହେଲେ ଆଗାମୀ ଖରିଫ ଋତୁରେ ପ୍ରାୟ ଏକ କୁଇଣ୍ଟାଲ ବିହନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। କନ୍ଧମାଳ ଜିଲାର ମାଳଭୂମି, ସ୍ୱଳ୍ପ ବୃଷ୍ଟିପାତ ଓ ଢାଲୁ ଜମି ଏହି ଚାଷ ପାଇଁ ବେଶ୍ ଅନୁକୂଳ ବୋଲି କୃଷିବିତ୍‌ମାନେ ମତ ଦିଅନ୍ତି। କଳା ଗହମର ମଧ୍ୟ ଔଷଧୀୟ ଗୁଣ ରହିଛି। ଉଚ୍ଚ ରକ୍ତଚାପ, ମଧୁମେହର ନିୟନ୍ତ୍ରଣ ପାଇଁ ଏହା ବେଶ୍ ଉପଯୋଗୀ। ଏଥିରୁ ପ୍ରସ୍ତୁତ ଦଲିଆ ମଧ୍ୟ ବଜାରରେ ଉପଲବ୍ଧ ହେଉଛି। କିଲୋ ପ୍ରତି ଏକ ଶହ ଟଙ୍କାରେ ବିକ୍ରି ହେଉଛି କଳା ଗହମ। ଆଗକୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଗଲେ ଜିଲାର ଚାଷୀ ଉପକୃତ ହେବେ।

ସେହିପରି କଳାବତୀ ନାମରେ ଖ୍ୟାତ କନ୍ଧମାଳ ଜିଲାର କଳା ଧାନ ଜିଲା ପାଇଁ ଅନ୍ୟ ଏକ ପରିଚୟ ସୃଷ୍ଟି କରିଛି। ଉପରକୁ ଏହା ସାଧାରଣ ଧାନଭଳି ଦେଖାଯାଉଥିଲେ ସୁଦ୍ଧା ଭିତରର ଚାଉଳର ରଙ୍ଗ ସମ୍ପୂର୍ଣ୍ଣ କଳା। ଏଥିରେ ମଧ୍ୟ ରହିଛି କ୍ୟାନ୍‌ସର, ରକ୍ତଚାପ ନିୟନ୍ତ୍ରଣ କରିବାର କ୍ଷମତା। କସମର ପ୍ରୟାସରେ ୨୦୧୮ରେ ମାତ୍ର ୫ କିଲୋ ବିହନରେ ଫିରିଙ୍ଗିଆ, ଚକାପାଦ, ଖଜୁରିପଡା, ରାଇକିଆ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ଏହି ଚାଷ ଆରମ୍ଭ ହୋଇଥିଲା। ପ୍ରଥମ ବର୍ଷ ମାତ୍ର ୪୦ରୁ ୫୦ କିଲୋ କଳାଧାନ ଅମଳ ହୋଇଥିବା ବେଳେ ବର୍ତ୍ତମାନ ୫୦୦ କୁଇଣ୍ଟାଲରେ ପହଞ୍ଚିଛି।

ଏହି ଧାନର ବିଶେଷତ୍ୱ ହେଲା ଏହା ବର୍ଷକୁ ତିନି ଥର ଚାଷ ହୋଇଥାଏ। ଚାଷୀଙ୍କଠାରୁ ଚାଉଳ ସଂଗ୍ରହ କରି କସମ ବଜାରରେ କିଲୋ ପ୍ରତି ୧୪୦ ଟଙ୍କାରେ ବିକ୍ରି କରୁଛି। ତେବେ ଅନଲାଇନ ମାର୍କେଟରେ କିଲୋ ପ୍ରତି ୩୫୦ ଟଙ୍କାରେ ଏହା ବିକ୍ରି ହେଉଛି। ଏହି ଚାଉଳରେ ଶର୍କରା ପରିମାଣ ଅତି କମ ରହିଥିବାରୁ ଡାଏବେଟିସ ରୋଗୀଙ୍କ ପାଇଁ ଏହା ଉପାଦେୟ ହୋଇଥାଏ। ସରକାରୀ ପ୍ରୋତ୍ସାହନ ଓ ମାଗଣା ସାର, ବିହନ, ସବ୍‌ସିଡି ମିଳିଲେ ଅଧିକ ସଂଖ୍ୟାରେ ଚାଷୀ କଳାଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରନ୍ତେ ବୋଲି ମତ ପ୍ରକାଶ ପାଉଛି।

### ଚାଷୀଙ୍କ ଆକାଉଣ୍ଟକୁ...

ଚାଷୀ ଫସଲବୀମା ପୋର୍ଟାଲରେ ମୋଟ ୨,୦୦,୭୨୯ଟି ପ୍ଲଟରେ କ୍ଷତି ହୋଇଥିବାର ଆବେଦନ କରିଥିଲେ। ତନ୍ମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୪୭,୯୬୯ ସଂଖ୍ୟକ ଆବେଦନ ପତ୍ର ମିଳିଥିବା ବେଳେ ଗଞ୍ଜାମ ସମେତ ଗଜପତି, ପୁରୀ, କେନ୍ଦ୍ରାପଡ଼ା, ନୟାଗଡ଼, କଟକ, ଖୋର୍ଦ୍ଧା ଏବଂ ଜଗତସିଂହପୁର ଜିଲାରୁ ମୋଟ ୧,୬୨,୯୭୨ ସଂଖ୍ୟକ ଆବେଦନପତ୍ର ମିଳିଥିଲା। ଏହି ସମସ୍ତ ଆବେଦନକୁ ଭିତ୍ତି କରି କ୍ଷେତ୍ରୀୟ ସ୍ତରରେ ଫସଲ କ୍ଷତି ଆକଳନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ୪ ଗୋଟି ବୀମା କମ୍ପାନୀ ଯଥା ଏଗ୍ରିକଲଚର ଇନ୍‌ସୁ୍ୟରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଏଲ୍‌ଟିଡି, ଏସ୍‌ବିଆଇ ଜେନେରାଲ ଇନ୍‌ସୁ୍ୟରାନ୍ସ କମ୍ପାନୀ ଏଲ୍‌ଟିଡି, ଫ୍ୟୁଚର ଜେନେରାଲ ଇଣ୍ଡିଆନ ଇନ୍‌ସୁ୍ୟରାନ୍ସ ଏଲ୍‌ଟିଡି ଏବଂ ରିଲାଏନ୍ସ ଜିଆଇସି ଏଲ୍‌ଟିଡିଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ବୀମା କମ୍ପାନୀଗୁଡ଼ିକ ପକ୍ଷରୁ ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କ୍ଷତିପୂରଣ ରାଶି ପ୍ରଦାନ ପ୍ରକ୍ରିୟାକୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ସମବାୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ତଦାରଖ ଏବଂ ସମୀକ୍ଷା କରୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

DALDS - 86



ଓଡ଼ିଶା ସରକାର

**ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ତା.୧୪.୦୧.୨୦୨୫ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସ୍ଥାନ - ଜୟଦେବ ଭବନ, ଭୁବନେଶ୍ୱର

ଅପରାହ୍ନ- ୩ ଘଟିକା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ ଆୟୋଜନ (ଆୟୋଜକ - ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର)

ସାଧାରଣ ସଭା ସନ୍ଧ୍ୟା ଘ-୫.୩୦ ମିନିଟ

ମୁଖ୍ୟ ଅତିଥି- ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ, ବାଲେଶ୍ୱର
ସମ୍ମାନନୀୟ ଅତିଥି- ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆ, ବିଧାୟକ, ନୀଳଗିରି
ମୁଖ୍ୟବକ୍ତା- ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ପ୍ରାରମ୍ଭିକ ବକ୍ତବ୍ୟ - ଡ଼ ବିରାଜ ମୋହନ ଦାସ, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ଧନ୍ୟବାଦ ଅର୍ପଣ- ଶ୍ରୀଯୁକ୍ତ ଜୀବନ ମହାପାତ୍ର, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0367/2425

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୧।୨୦୨୫

| | |
|---|---|
| ୮,୧୩,୪୫୦ ଟଙ୍କା | |
| ସୁନା | ୩୫୦ ମିଲିଗ୍ରାମ୍ |
| ରୁପା | ୨୭୯.୭୫୦ ଗ୍ରାମ୍ |

# ପରିବେଶ ସୁରକ୍ଷା ପାଇଁ ବାଗେଶ୍ୱର ବାବାଙ୍କ ଆହ୍ୱାନ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

- ବେଳାଭୂମିରେ ପ୍ରବଚନ ଶୁଣାଇଲେ
- ଓଡ଼ିଶାରୁ ହିନ୍ଦୁରାଷ୍ଟ୍ରର ବିଗୁଲ ବାଜିପାରିବ କହିଲେ

ଶ୍ରୀବାଗେଶ୍ୱର ଜନସେବା ସମିତି ଆନୁକୂଲ୍ୟରେ ପୁରୀ ଲାଇଟ୍ ହାଉସସ୍ଥିତ ଏକ ହୋଟେଲ ପରିସରରେ ପଣ୍ଡିତ ଧୀରେନ୍ଦ୍ରକୃଷ୍ଣ ଶାସ୍ତ୍ରୀ (ବାଗେଶ୍ୱର ବାବା)ଙ୍କ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାରିଧାମ ଭ୍ରମଣରେ ଆସିଥିବା ୨୦୦ ପରିବାରଙ୍କୁ ବାଗେଶ୍ୱର ବାବା ହନୁମାନ ଗାଥା ଶୁଣାଉଛନ୍ତି। ତେବେ ସୋମବାର ବାବା ପୁରୀ ବେଳାଭୂମିରେ ଭକ୍ତଙ୍କୁ ଗାଥା ଶୁଣାଇବା ସହ ଭଜନ କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରତ୍ୟେକ ବ୍ୟକ୍ତି ଆଧାତ୍ମିକ ମାର୍ଗରେ ଚାଲିବା ସହ ପରିବେଶର ସୁରକ୍ଷା କରିବା ପାଇଁ ସେ ନିବେଦନ କରିଛନ୍ତି।



ମହାପ୍ରଭୁ ସ୍ୱୟଂ ଦାରୁଭୂତ ହୋଇ ବୃକ୍ଷ ତଥା ପରିବେଶର ସୁରକ୍ଷା କରିବାକୁ ବାର୍ତ୍ତା ଦେଇଛନ୍ତି। ତେଣୁ ବୃକ୍ଷର ସୁରକ୍ଷା କଲେ ମହାପ୍ରଭୁ ପ୍ରସନ୍ନ ହେବେ ବୋଲି ବାଗେଶ୍ୱର ବାବା କହିବା ସହ ସମସ୍ତେ ଏ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ବାବା କହିଛନ୍ତି, ଓଡ଼ିଶା ହେଉଛି ଦେଶର ଆଧାତ୍ମିକ ରାଜଧାନୀ। ସାଗର ଦେବତାଙ୍କ ଦର୍ଶନ ବହୁ ଭଲରେ ହେଲା। ଏଠାକାର ଭକ୍ତ ଭାବନା ବହୁତ ଅଦ୍ଭୁତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆତ୍ମା ଉତ୍ଫୁଲ୍ଲିତ ହୋଇଯାଇଛି। ମହାପ୍ରସାଦ ପାଇ ମନକୁ ଶାନ୍ତି ଓ ପ୍ରସନ୍ନ ଲାଗିଛି। ଓଡ଼ିଶାରୁ ହିନ୍ଦୁ ରାଷ୍ଟ୍ରର ବିଗୁଲ ବାଜିପାରିବ। ସେଥିପାଇଁ ଓଡ଼ିଶାର ପ୍ରତ୍ୟେକ ହିନ୍ଦୁଙ୍କ ସହଯୋଗ ଦରକାର। ଆମେ ମିଳିମିଶି ଭାରତବର୍ଷକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା। ଯେ ପର୍ଯ୍ୟନ୍ତ ଭାରତ ହିନ୍ଦୁ ରାଷ୍ଟ୍ର ନ ହୋଇଛି ସେପର୍ଯ୍ୟନ୍ତ ସନାତନ ଏକତା ଯାତ୍ରା ଦେଶର କୋଣକୋଣରେ ଜାରି ରହିବ ବୋଲି ବାଗେଶ୍ୱର ବାବା କହିଛନ୍ତି।

## ସଂକ୍ଷେପରେ

### ନୂଆଗାଁରେ ୧୦ ଦିନ ହେଲା ଝାଡ଼ାବାନ୍ତି, ୨ ମୃତ

କଣାସ, ୧୩।୧ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମରେ ୧୦ଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସାରଥ ପ୍ରଧାନ (୭୫) ଏବଂ ସଚଳା ସାହୁ (୬୦)। ସୂଚନାଯୋଗ୍ୟ, ନୂଆଗାଁ ଗ୍ରାମରେ ଦୀର୍ଘ ୧୦ଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ ମେଡିକାଲ୍‌ରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସାରଥ ପ୍ରଧାନ ଝାଡ଼ାରେ ଆକ୍ରାନ୍ତ ହେବାପରେ ସେ ପ୍ରଥମେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ୬ଦିନ ତଳେ ମୃତ୍ୟୁ ହୋଇଥିଲା। ସେହିପରି ସଚଳା ସାହୁ ଝାଡ଼ାରେ ଆକ୍ରାନ୍ତ ହେବାପରେ ରବିବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସେଠାରେ ସଚଳାଙ୍କ ସୋମବାର ମୃତ୍ୟୁ ଘଟିଛି। ଗ୍ରାମରେ ଥିବା ଆଶା ଦିଦି ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି। ପାନୀୟଜଳ ସମସ୍ୟାକୁ ନେଇ ଝାଡ଼ାବାନ୍ତି ଲାଗିରହିଥିବା ବୃଦ୍ଧ ବ୍ୟକ୍ତିମାନଙ୍କଠାରୁ ପ୍ରକାଶ।

### କ୍ଲଷ୍ଟର ବୈଠକ ଓ ସମ୍ବର୍ଦ୍ଧନା ସଭା

କଣାସ, ୧୩।୧ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଜାଗୁଳେଇପଦର ନୋଡାଲ୍ ଉ.ପ୍ରା. ବିଦ୍ୟାଳୟ କ୍ଲଷ୍ଟର୍‌ରେ ସୋମବାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ 'ଉଗ୍ରତାରା' ଶୀର୍ଷକରେ ଏକ ବୈଠକ ସିଆର୍‌ସିସି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ୧୨ଜଣ ଶିକ୍ଷକ ଓ ବଦଳି ହୋଇଥିବା ୧୦ ଶିକ୍ଷକଙ୍କୁ ଉତ୍ତରୀୟ, ଶୀତବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାନଓରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ ଶ୍ରୀଚନ୍ଦନ, ଅଦ୍ୱୈତ ବେହେରା, ବାସୁଦେବ ହରିଚନ୍ଦନ, ରମେଶ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ପ୍ରାକ୍ତନ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ରବିନାରାୟଣ ମହାପାତ୍ର, ଭାସ୍କର ଚନ୍ଦ୍ର ପ୍ରଧାନ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ୬୦ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।

### ଲକ୍ଷ୍ମୀନାରାୟଣ ସୁରକ୍ଷା କମିଟି ନୂତନ କର୍ମକର୍ତ୍ତା

ସାକ୍ଷୀଗୋପାଳ, ୧୩।୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ କବିରାଜପୁରସ୍ଥିତ ଲକ୍ଷ୍ମୀନାରାୟଣ ସୁରକ୍ଷା କମିଟିର ୩୭ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ଅଧକ୍ଷତାରେ ସଭାରେ ସାଧାରଣ ସମ୍ପାଦକ ନଟବର ଆଚାର୍ଯ୍ୟ ବାର୍ଷିକ ବିବରଣୀ ଓ ଆୟବ୍ୟୟ ଉପସ୍ଥାପନା କରିଥିଲେ। ସର୍ବସମ୍ମତିକ୍ରମେ ୨ ବର୍ଷ ପାଇଁ ନିର୍ବାଚନ ଅଧିକାରୀ ପ୍ରସନ୍ନ କୁମାର ଶତପଥି କର୍ମକର୍ତ୍ତା ଘୋଷଣା କରିଥିଲେ। ସଭାପତି ବୀରେନ୍ଦ୍ର ଭୂଷଣ ହୋତା, କାର୍ଯ୍ୟକାରୀ ସଭାପତି ନବକିଶୋର ହୋତା, ସାଧାରଣସମ୍ପାଦକ ନଟବର ଆଚାର୍ଯ୍ୟ ଓ କାର୍ଯ୍ୟକାରୀ ସଭ୍ୟ ମହେଶ୍ୱର ଦାଶ, ସୁରେନ୍ଦ୍ର ହୋତା, ଜଗନ୍ନାଥ ପାଣୀ, ରମାରଞ୍ଜନ ଶତପଥି, ଚନ୍ଦ୍ରଶେଖର ପାଣି, ସନାତନ ଦାଶ, ଧଡ୍ଡୁ, ମାଧବ ପାଣୀ, କାବୁ ଆଚାର୍ଯ୍ୟ, କାବୁଲି, ରାଜୀବ ହୋତା, ବାବୁ ଦାଶ ଓ ପିଙ୍କୁ ଦାଶ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଶେଷରେ ଅନିଲ ଦାଶ ଧନ୍ୟବାଦ ଦେଇଥିଲେ।

# ବଉଳାଙ୍ଗ ଆର୍‌ଆଇଙ୍କ ଭିଡିଓ ଭାଇରାଲ୍

ଯୋଗେଶ୍ୱରପୁର, ୧୩।୧ (ରଶ୍ମିରଞ୍ଜନ ସାହୁ)

ବଉଳାଙ୍ଗ ଆର୍‌ଆଇ ମାର୍ଶାଲ୍ ପ୍ରଧାନଙ୍କ ଏକ ଭିଡିଓ ସୋମବାର ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ଆର୍‌ଆଇ ପ୍ରଧାନ ଏହି ଭିଡିଓ ମାଧମରେ ମୁଁ ଦେଶର ପ୍ରଧାନମନ୍ତ୍ରୀ ହେବି। ମୋଦି ମୋର ପ୍ରିୟ ସାଙ୍ଗ ବୋଲି କହୁଥିବା ଦେଖିବାକୁ ମିଳିଛି । ଅଫିସ୍ କାର୍ଯ୍ୟ ସମୟରେ ସେ ନିଶାସକ୍ତ ଅବସ୍ଥାରେ ଥିବାଭଳି ଅଭିନୟ କରୁଥିବାରୁ, ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ ସୋମବାର ଚାଷୀମାନେ ଆର୍‌ଆଇ ଅଫିସ୍‌କୁ ନିଜ ଜମିର ପାଉତି କାଟିବା ସହ ଫସଲ କ୍ଷୟକ୍ଷତିର ଫର୍ମ ଡିପୋଜିଟ୍ ପାଇଁ ଆସିଥିଲେ। ଆର୍‌ଆଇ ପ୍ରଧାନ ନିଜ ଆସନରେ ନ ବସି ଅଫିସ ବାହାରେ ନିଶାସକ୍ତ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ଶତାଧିକ ଚାଷୀ ନିରାଶ ହୋଇ ଫେରିଛନ୍ତି ବୋଲି ପୂର୍ବତନ ସରପଞ୍ଚ କମଳାକାନ୍ତ କୁଁଅର, ଲକ୍ଷ୍ମୀଧର ପାତ୍ର, ବିଜ୍ଞାନ ପାଢ଼ୀ, ଯମୁନା ବେହେରା ଓ କାମିନୀ ଗୋଛାୟତ ଅଭିଯୋଗ କରିଛନ୍ତି। ଏହାର ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏନେଇ ତହସିଲ୍‌ଦାର ଅନିଲ କୁମାର ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ସେ ଫୋନ୍ ଉଠାଇ ନ ଥିବାରୁ ତାଙ୍କର ମତାମତ ମିଳିପାରି ନାହିଁ। ଏଥିପ୍ରତି ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦୃଷ୍ଟିଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।



ମକର ସଂକ୍ରାନ୍ତି ଉପଲକ୍ଷେ ମହାପ୍ରଭୁଙ୍କ ପାଇଁ ପୁରୀ ଓଡ଼ିଆ ମଠରେ ଚୌସରା ମାଳ ପ୍ରସ୍ତୁତ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ଜନଅସନ୍ତୋଷ

କଣାସ, ୧୩।୧ (ବିଭୂତି ଭୂଷଣ ତ୍ରିପାଠୀ)

## ବିନା ସୂଚନାରେ ଜନଶୁଣାଣି ଶିବିର

କଣାସ ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶିବିରରେ ଯୋଗ ନ ଦେବା ଏବଂ ଜନସାଧାରଣଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବାରୁ କଣାସ ଅଞ୍ଚଳର ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ରାଉତ, ବିଡିଓ ନାରାୟଣ ସାହୁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ଏପିଡି ରାଜୀବ କୁମାର ବେହେରା, ଅତିରିକ୍ତ ଏସ୍‌ପି ବିଷ୍ଣୁଚରଣ ପତି, ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଯୋଗଦେଇଥିବା ବେଳେ ଜିଲାର କେତେଜଣ ଅଧିକାରୀ ଉପସ୍ଥିତ ଥିବାବେଳେ କେତେଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିବାରୁ ଅତିରିକ୍ତ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ୧୦୧ଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳି ନ ଥିବା, ୮୦ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବର୍ଦ୍ଧିତ ଭତ୍ତା ମିଳି ନ ଥିବା, ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ ଭତ୍ତା ମିଳି ନ ଥିବା, ସିଆର୍‌ବି ଚୟନରେ ଅନିୟମିତତା ହୋଇଥିବା, ବାରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା, ସମିତିସଭ୍ୟଙ୍କ ଅର୍ଥ ବଣ୍ଟନ କରାଯାଉ ନ ଥିବା, ପାନୀୟଜଳ ସମସ୍ୟା, ଅଙ୍ଗନୱାଡି ଠିକ୍ ଭାବେ ଚାଲୁ ନ ଥିବା, ମହିଳା ମହାସଂଘରେ ୧୮ବର୍ଷ ଧରି ନିର୍ବାଚନ ହୋଇ ନ ଥିବା, ନୂଆ ରାଶନକାର୍ଡ ଓ ନାମ ସଂଯୋଗ ହୋଇପାରୁ ନ ଥିବା ପ୍ରଭୃତି ଅଭିଯୋଗମାନ ହୋଇଥିବା ଜଣାପଡ଼ିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଉଠାଦୋକାନୀ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ଥଇଥାନ ସହ ଅନ୍ୟାନ୍ୟ ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସରକାର ତୁରନ୍ତ ଉଠାଦୋକାନୀଙ୍କୁ ବଡ଼ଦାଣ୍ଡରେ ନଚେତ୍ ଜଗନ୍ନାଥ ବଲ୍ଲଭ ପରିସରରେ ବ୍ୟବସାୟ ପାଇଁ ଅନୁମତି ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଉଠାଦୋକାନୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ସରକାର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ବକେୟା ରାଶି ତୁରନ୍ତ ଦେବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରିବେ ବୋଲି ଉଠାଦୋକାନୀ ଚେତାବନୀ ଦେଇଛନ୍ତି। ତେବେ ଶ୍ରୀସେତୁ ନିକଟରେ ସେମାନଙ୍କୁ ଥଇଥାନ କରିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର କହିଛନ୍ତି।

# କେବିଇଏମ୍ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଅସ୍ତରଙ୍ଗ, ୧୩।୧ (ମମତା ଜେନା)

କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେବିଇଏମ୍ କିଡ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେବିଇଏମ୍ ପବ୍ଲିକ ସ୍କୁଲ ନିର୍ଦ୍ଦେଶକ ଦିବ୍ୟରଞ୍ଜନ ସାହୁ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମିଜୋରାମ ବିଶ୍ୱବିଦ୍ୟାଳୟର ହିମାଂଶୁ ଭୂଷଣ ରାଉତ, ମୁଖ୍ୟବକ୍ତା ଭାବେ ମିଜୋରାମ ବିଶ୍ୱବିଦ୍ୟାଳୟର ଆରକେ ମହାନ୍ତି, କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ପୁରୀ ଜିଲା ଆରକ୍ଷୀ ଉପ–ଅଧୀକ୍ଷକ ବିଷ୍ଣୁ ମୋହନ ପତି, ନିମାପଡ଼ା ଆରକ୍ଷୀ ଉପଖଣ୍ଡ ଅଧିକାରୀ ପ୍ରଭାତ ରଞ୍ଜନ ମଲ୍ଲିକ, କାକଟପୁର ଥାନାଧିକାରୀ ଉମେଶ ଚନ୍ଦ୍ର ସାହୁ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ କୁମାର ବଳିୟାରସିଂ, ଶିକ୍ଷାବିତ୍ ରଞ୍ଜନ ବେହେରା, କାକଟପୁର ବ୍ଲକର ପୂର୍ବତନ ସହଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲର ସହନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ଚ୍ଚନା



@ ପ୍ରଶାନ୍ତ



@ ସନ୍ତୋଷ



@ ବିରଞ୍ଚି



@ ବିଷ୍ଣୁଚରଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୫ରୁ ଶ୍ରୀକ୍ଷେତ୍ର ମକର ମହୋତ୍ସବ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ତାଳବଣିଆ ଉନ୍ନୟନ ପରିଷଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଥମ ଥର ପାଇଁ ପୁରୀରେ ଶ୍ରୀକ୍ଷେତ୍ର ମକର ମହୋତ୍ସବ ଆସନ୍ତା ୧୫ ଓ ୧୬ ତାରିଖ ୨ ଦିନ ଧରି ତାଳବଣିଆ ପଡ଼ିଆରେ ଆୟୋଜିତ ହେବାକୁ ଯାଉଛି। ଏନେଇ ମଙ୍ଗଳବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥିର ହୋଇଛି। ସମ୍ମଳନୀରେ ମହୋତ୍ସବ ରୂପରେଖ ସଂକ୍ରାନ୍ତରେ ଅଭ୍ୟର୍ଥନା କମିଟି ଅଧକ୍ଷ ତଥା ବରିଷ୍ଠ ସେବକ ମଧୁସୂଦନ ସିଂହାରୀ ସୂଚନା ଦେଇ କହିଛନ୍ତି, ଉଦ୍‌ଘାଟନୀ ଉତ୍ସବରେ ପୁରୀ ଲୋକସଭା ଏମ୍‌ପି ଡା. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ସେହିପରି ଦିଗପହଣ୍ଡି ବିଧାୟକ ତଥା ସିନେ ତାରକା ସିଦ୍ଧାନ୍ତ ମହାପାତ୍ର, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ନେତ୍ରୀ ପିଙ୍କି ପ୍ରଧାନ ଏବଂ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅତିଥି ଭାବେ ଉପସ୍ଥିତ ରହିବେ। ଉଦ୍‌ଯାପନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମହୋତ୍ସବ ଅବସରରେ ମକର ଚାଉଳ, ଗୁଡ଼ି ଉଡା ଏବଂ ମକର କବିତା ଆସର ଅନୁଷ୍ଠିତ ହେବ। ଏଥିନେଇ ୨୦ଟି ଷ୍ଟଲ ଖୋଲାଯିବାକୁ ଥିବାବେଳେ କିଣାବିକାର ସୁଯୋଗ ମିଳିବ। ଭାରତ ସରକାରଙ୍କ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ, ଭଜନ, ସମ୍ବଲପୁରୀ, ଗୋଟିପୁଅ ଆଦି ବିଭିନ୍ନ ପ୍ରକାର ନୃତ୍ୟ, ଗୀତର ଆସର ଜମିବ।

ମକର ମହୋତ୍ସବ ଉପଲକ୍ଷେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ କରାଯାଇଥିବା ଭକ୍ତି ସଙ୍ଗୀତ, ଚିତ୍ରାଙ୍କନ ଏବଂ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଅଭ୍ୟର୍ଥନା କମିଟି ଅଧକ୍ଷ ସିଂହାରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟି ଉପାଧକ୍ଷ ଦିଗ୍‌ଦର୍ଶନ ପଟ୍ଟନାୟକ, ଅଭ୍ୟର୍ଥନା କମିଟି ଉପାଧକ୍ଷ ଉମାକାନ୍ତ ନାୟକ, ସାଙ୍ଗଠନିକ ଅଧକ୍ଷ ସନାତନ ଦାସ, ସଭାପତି ସିଉ ଜାମାତ୍ ରାଓ, ସମ୍ପାଦକ ସୁଜିତ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାଜେଶ ନନ୍ଦ, ଆବାହକ ଶିବପ୍ରସାଦ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଅନିତା ପଟ୍ଟନାୟକ, ସାଂସ୍କୃତିକ ସଂଯୋଜକ ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସି କାର୍ଯ୍ୟାଳୟରେ ଉଠାଦୋକାନୀଙ୍କ ବିକ୍ଷୋଭ

ନିମାପଡ଼ା, ୧୩।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍‌ଏସି ଅଧୀନ ତଳଅଣ୍ଡିଆ ଛକଠାରୁ କୁଶଭଦ୍ରା ବ୍ରିଜ୍ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ୨ ପାର୍ଶ୍ୱରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ଥଇଥାନ କରାଯିବା ଦାବିରେ ସେମାନେ ସୋମବାର ଏନ୍‌ଏସି କାର୍ଯ୍ୟାଳୟ ଘେରିଥିଲେ। ଏନ୍‌ଏସି ପକ୍ଷରୁ ତୁରନ୍ତ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଉଚ୍ଛେଦ ଶହ ଶହ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ସମ୍ପର୍କରେ ଉଠାଦୋକାନୀ ସମୂହ ପକ୍ଷରୁ ଏକ ଦାବିପତ୍ର ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁଙ୍କୁ ପ୍ରଦାନ କରାଯାଇଛି। ଏନେଇ ଉପମୁଖ୍ୟମନ୍ତ୍ରୀ, ପୁରୀ ଜିଲାପାଳ, ନଗର ଉନ୍ନୟନ ବିଭାଗ ସଚିବ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଅବଗତ କରାଯାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଉଠାଦୋକାନୀ ସମୂହଙ୍କ ପକ୍ଷରୁ ଗଣଆନ୍ଦୋଳନ କରାଯିବ ଓ ଏନ୍‌ଏସି କାର୍ଯ୍ୟାଳୟରେ ତାଲା ପଡ଼ିବ ବୋଲି ବିଜେଡି ଯୁବନେତା ଦିଲୀପ ପାତ୍ର, ଉଠାଦୋକାନୀ ସମୂହ ବ୍ୟବସାୟୀ ତପନ ପଣ୍ଡା, ପ୍ରଶାନ୍ତ ମହାପାତ୍ର, ଅଜୟ ମହାପାତ୍ର, ଦିଲୀପ ସାହୁ, ଦେବେନ୍ଦ୍ର ପାତ୍ର, ଲକ୍ଷ୍ମଣ ନାୟକ, ଦୀପକ କୁମାର ସାହୁ, କାଳନ୍ଦୀ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଆସନ୍ତା ୨ ଦିନ ପରେ ବିଚାର ବିମର୍ଷ କରାଯାଇ ପଦକ୍ଷେପ ନିଆଯିବ ବୋଲି ଏନ୍‌ଏସି ଅଧକ୍ଷା ସାହୁ ଆନ୍ଦୋଳନରତ ଉଠାଦୋକାନୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ଶତାଧିକ ଉଠାଦୋକାନୀ ବ୍ୟବସାୟୀଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।




ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଉଠାଦୋକାନୀମାନେ ବିକ୍ଷୋଭ କରୁଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ପୁଷ୍ୟାଭିଷେକ ନୀତି

ପୁରୁଣା ଭୁବନେଶ୍ୱର, ୧୩।୧ (ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୁଷ୍ୟାଭିଷେକ ନୀତି ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୋର ୫ଟା ୧୧ରେ ଦ୍ୱାର ଖୋଲାଯାଇ ବିଭିନ୍ନ ନୀତିକାନ୍ତି କରାଯାଇଥିଲା। ଦୈନିକ ନୀତି ଭୋଗମଣ୍ଡପ ସରିବା ପରେ ପୁନଃ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା ଆଦି ହୋଇଥିବା। ବଡୁସେବକମାନେ ବିନ୍ଦୁ ସାଗରରୁ ୧୦୮କଳସ ପାଣି ଆଣିବା ପରେ ବେହରଣ ମଣ୍ଡପରେ ରଖିଥିଲେ। ପାଣିକୁ ପୂଜାପଣ୍ଡା ସେବକ ଅଧିବାସୀ ପୂଜା କରି ଶୁଦ୍ଧି କରିସାରିବା ପରେ ପ୍ରଥମ କଳସ ପାଣିକୁ ଶ୍ରୀଜୀଉଙ୍କୁ ଲାଗି କରିଥିଲେ। ଅବଶିଷ୍ଟ ୧୦୮ କଳସ ପାଣିକୁ ଶ୍ରୀଜୀଉଙ୍କୁ ଲାଗି କରାଯାଇଥିଲା। ଏହାପରେ କୋଠରୋଷରୁ ଯାତ୍ରାପୂଜା ଯାତ୍ରାପୂଜା ଭୋଗ ଧଳା ଛତା ତଳେ ଶ୍ରୀଜୀଉଙ୍କ ଛାମୁକୁ ଯାଇଥିଲା। ମହାସୁଆର ସେବକ ଧଳା ଛତା ଧରି ପାର୍ବତୀଙ୍କ ନିକଟରେ ଠିଆ ହୋଇଥିଲେ। ପୂଜାପଣ୍ଡା ସେବକ ଶ୍ରୀଲିଙ୍ଗରାଜ ଏବଂ ପାର୍ବତୀ ଠାକୁରାଣୀଙ୍କ ଉପରେ ଏକ ଉତ୍ତରୀୟ ପକାଇଥିଲେ। ଏହାପରେ ବିଭିନ୍ନ ନୀତିକାନ୍ତି ହୋଇ ଆଳତି କରାଯାଇଥିଲା।

# ସାମାଜିକ ସମସ୍ୟାରୁ ସାହିତ୍ୟ ସୃଷ୍ଟି: କୁମୁଦ ଶର୍ମା



ସମ୍ମିଳନୀରେ ଯୁବ ପୁରସ୍କାର ପାଇଥିବା ୨୨ ଲେଖିକା ଲେଖକଙ୍କ ସହ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଓ ଅନ୍ୟମାନେ।

## ସାହିତ୍ୟ ଏକାଡେମୀର 'ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ'

ଭୁବନେଶ୍ୱର, ୧୩।୧ (ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ସୋମବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବା ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଅନୁଭୂତି ବଖାଣିଥିଲେ। ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଅଧ୍ୟକ୍ଷତା କରି କହିଲେ, ଯୁବ ଲେଖକମାନଙ୍କ ମଧ୍ୟରେ ପ୍ରଚୁର ସୃଜନଶୀଳତା ରହିଛି। ସେମାନେ ନିଜର ଅନୁଭୂତି ଏବଂ ଅନୁଭବକୁ ଖୁବ ସୁନ୍ଦର ଭାବରେ ସାହିତ୍ୟ ମାଧ୍ୟମରେ ପରିପ୍ରକାଶ କରୁଛନ୍ତି। ସାମାଜିକ ସମସ୍ୟାରୁ ପ୍ରେରିତ ହୋଇ ମଧ୍ୟ ସେମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି। ଏହି ଅବସରରେ ୨୨ଟି ଭାଷାର ଯୁବ ଲେଖିକାଲେଖକ ନିଜ ସାରସ୍ୱତ ଅନୁଭୂତି ପ୍ରକାଶ କରିଥିଲେ। ଓଡ଼ିଆ ଭାଷାରେ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବା ସଞ୍ଜୟ କୁମାର ପଣ୍ଡା (ଓଡ଼ିଆ) କୃତଜ୍ଞତା ପ୍ରକାଶ କରିବା ସହ ତାଙ୍କ ସାହିତ୍ୟ ଯାତ୍ରାରେ ତାଙ୍କ ଗ୍ରାମ ଇରମର ପ୍ରଭାବକୁ ରେଖାଙ୍କିତ କରିଥିଲେ। ସେ ସ୍ୱର ନ ଥିବା ଲୋକଙ୍କର ସ୍ୱର ହେବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅନ୍ୟାୟ ବିରୋଧରେ ନିରନ୍ତର ସମର୍ଥନ ପାଇଁ ଆହ୍ୱାନ କରିଥିଲେ। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ଧନ୍ୟବାଦ ଦେଇଥିଲେ।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ଚ୍ଚନା



@ ପ୍ରଶାନ୍ତ



@ ସନ୍ତୋଷ



@ ବିରଞ୍ଚି



@ ବିଷ୍ଣୁଚରଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ପରିବେଶ ସୁରକ୍ଷା ପାଇଁ ବାଗେଶ୍ୱର ବାବାଙ୍କ ଆହ୍ୱାନ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

■ବେଳାଭୂମିରେ ପ୍ରବଚନ ଶୁଣାଇଲେ

■ଓଡ଼ିଶାରୁ ହିନ୍ଦୁରାଷ୍ଟ୍ରର ବିଗୁଲ ବାଜିପାରିବ କହିଲେ

ଶ୍ରୀବାଗେଶ୍ୱର ଜନସେବା ସମିତି ଆନୁକୂଲ୍ୟରେ ପୁରୀ ଲାଇଟ୍ ହାଉସସ୍ଥିତ ଏକ ହୋଟେଲ ପରିସରରେ ପଣ୍ଡିତ ଧୀରେନ୍ଦ୍ରକୃଷ୍ଣ ଶାସ୍ତ୍ରୀ ଓରଫ୍ ବାଗେଶ୍ୱର ବାବାଙ୍କ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାରିଧାମ ଭ୍ରମଣରେ ଆସିଥିବା ୨୦୦ ପରିବାରଙ୍କୁ ବାଗେଶ୍ୱର ବାବା ହନୁମାନ ଗାଥା ଶୁଣାଉଛନ୍ତି। ତେବେ ସୋମବାର ବାବା ପୁରୀ ବେଳାଭୂମିରେ ଭକ୍ତଙ୍କୁ ଗାଥା ଶୁଣାଇବା ସହ ଭଜନ କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରତ୍ୟେକ ବ୍ୟକ୍ତି ଆଧାତ୍ମିକ ମାର୍ଗରେ ଚାଲିବା ସହ ପରିବେଶର ସୁରକ୍ଷା କରିବା ପାଇଁ ସେ ନିବେଦନ କରିଛନ୍ତି।

ମହାପ୍ରଭୁ ସ୍ୱୟଂ ଦାରୁଭୂତ ହୋଇ ବୃକ୍ଷ ତଥା ପରିବେଶର ସୁରକ୍ଷା କରିବାକୁ ବାର୍ତ୍ତା ଦେଇଛନ୍ତି। ତେଣୁ ବୃକ୍ଷର ସୁରକ୍ଷା କଲେ ମହାପ୍ରଭୁ ପ୍ରସନ୍ନ ହେବେ ବୋଲି ବାଗେଶ୍ୱର ବାବା କହିବା ସହ ସମସ୍ତେ ଏ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ବାବା କହିଛନ୍ତି, ଓଡ଼ିଶା ହେଉଛି ଦେଶର ଆଧାତ୍ମିକ ରାଜଧାନୀ। ସାଗର ଦେବତାଙ୍କ ଦର୍ଶନ ବହୁ ଭଲରେ ହେଲା। ଏଠାକାର ଭକ୍ତ ଭାବନା ବହୁତ ଅଦ୍ଭୁତ। ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆତ୍ମା ଉତ୍ଫୁଲ୍ଲିତ ହୋଇଯାଇଛି। ମହାପ୍ରସାଦ ପାଇ ମନକୁ ଶାନ୍ତି ଓ ପ୍ରସନ୍ନ ଲାଗିଛି। ଓଡ଼ିଶାରୁ ହିନ୍ଦୁ ରାଷ୍ଟ୍ରର ବିଗୁଲ ବାଜିପାରିବ। ସେଥିପାଇଁ ଓଡ଼ିଶାର ପ୍ରତ୍ୟେକ ହିନ୍ଦୁଙ୍କ ସହଯୋଗ ଦରକାର। ଆମେ ମିଳିମିଶି ଭାରତବର୍ଷକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା। ଯେ ପର୍ଯ୍ୟନ୍ତ ଭାରତ ହିନ୍ଦୁ ରାଷ୍ଟ୍ର ନ ହୋଇଛି ସେପର୍ଯ୍ୟନ୍ତ ସନାତନ ଏକତା ଯାତ୍ରା ଦେଶର କୋଣକୋଣରେ ଜାରି ରହିବ ବୋଲି ବାଗେଶ୍ୱର ବାବା କହିଛନ୍ତି।



ପୁରୀଠାରେ ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାଗେଶ୍ୱର ବାବା।

# ଖୋଲିଲା ରାଜଭବନ ଉଦ୍ୟାନ



## ଉଦ୍ୟାନ ବୁଲିଲେ, ପିଲାଙ୍କୁ ଚକୋଲେଟ ଦେଲେ ରାଜ୍ୟପାଳ

ଭୁବନେଶ୍ୱର, ୧୩।୧ (ସୌମ୍ୟରଞ୍ଜନ ରାଉତ)

ସର୍ବସାଧାରଣଙ୍କ ଲାଗି ଖୋଲିଲା ରାଜଭବନ ଉଦ୍ୟାନ। ରାଜ୍ୟପାଳ ହରିବାବୁ କମ୍ଭମ୍‌ପଟି ଏବଂ ତାଙ୍କ ସହଧର୍ମିଣୀ ତଥା ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍‌ପଟି ଏହାକୁ ଉଦ୍‌ଘାଟନ କରିବା ସହ ପରିବାର ସହ ଉଦ୍ୟାନ ପରିଭ୍ରମଣ କରିଥିଲେ। ଏହି ସମୟରେ କୁନି ପିଲାଙ୍କୁ ଚକୋଲେଟ ଦେବା ସହ ପରିଦର୍ଶନକାରଙ୍କ ସହ ମିଶିଥିଲେ। ଆସନ୍ତା ୨୨ ପର୍ଯ୍ୟନ୍ତ ଅପରାହ୍ନ ୨ଟା ୩୦ରୁ ସାଢ଼େ ୫ଟା ପର୍ଯ୍ୟନ୍ତ ସାଧାରଣ ଲୋକେ ଉଦ୍ୟାନ ବୁଲିପାରିବେ। କେବଳ ସ୍କୁଲ ପିଲାଙ୍କ ପାଇଁ ସକାଳ ୮ଟା ୩୦ରୁ ସକାଳ ୧୦ଟା ପର୍ଯ୍ୟନ୍ତ ଭ୍ରମଣ ବ୍ୟବସ୍ଥା ହୋଇଛି। ପରିଦର୍ଶନ ପୂର୍ବରୁ ସ୍କୁଲ କର୍ତ୍ତୃପକ୍ଷ ଆବେଦନ କରିବାକୁ ପଡ଼ିବ। ଛାତ୍ରୀଛାତ୍ର ସ୍କୁଲ ପୋଷାକ ଓ ପରିଚୟପତ୍ର ପିନ୍ଧି ଶିକ୍ଷକ ବା କର୍ମଚାରୀଙ୍କ ସହ ଆସିବେ ବୋଲି ସୂଚନା ଦିଆଯାଇଛି। ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ପରିଦର୍ଶନ କରିବା ପାଇଁ ଏଡିସି କିମ୍ବା ମୁଖ୍ୟ ସୁରକ୍ଷା ଅଧିକାରୀଙ୍କୁ ଏକ ଅନୁରୋଧ ପତ୍ର ପଠାଇବେ। ଉଦ୍ୟାନ ପରିଦର୍ଶନ ପାଇଁ କୌଣସି ପ୍ରବେଶ ଶୁଳ୍କ ନାହିଁ। ରାଜଭବନ ପରିଦର୍ଶନ କରିବା ପାଇଁ ଆପଣଙ୍କୁ ଆପ ମାଧ୍ୟମରେ ପଞ୍ଜୀକରଣ କରିବାକୁ ପଡ଼ିବ। ଓଡିଶା ରାଜଭବନ ଉଦ୍ୟାନ ପରିଦର୍ଶନ ୱେବ୍‌ସାଇଟ https://www.rajbhavanodisha.gov.inରେ କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ କରି ରେଜିଷ୍ଟ୍ରେଶନ କରିପାରିବେ।

# ସନ୍ତୋଷ ପାଣିଙ୍କୁ 'ଜ୍ୟୋତିଷ ସିଦ୍ଧାନ୍ତ ସମ୍ରାଟ' ପୁରସ୍କାର

ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)

ଭୃଗୁ ଜ୍ୟୋତିଷ ଆନୁକୂଲ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଏସିଆର ସର୍ବବୃହତ୍ ୧୮ତମ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ସନ୍ତୋଷ କୁମାର ପାଣିଙ୍କୁ 'ଜ୍ୟୋତିଷ ସିଦ୍ଧାନ୍ତ ସମ୍ରାଟ' ପୁରସ୍କାର ପ୍ରଦାନ କରାଯାଇଛି। ଭୃଗୁ ଜ୍ୟୋତିଷ ଅଧ୍ୟକ୍ଷ ଶ୍ରୀଧର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନେପାଳର ମହେନ୍ଦ୍ର ନାଥ ମୁଦ୍ରା ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରବିଚରଣ ରଥ, ଡ. ନିରଞ୍ଜନ ମହାପାତ୍ର, ରାଞ୍ଚିର ଡ. ନଗେନ୍ଦ୍ର କୁମାର ବିଷ୍ଣୁ ଶର୍ମା, ହଜାରୀବାଗର ଦିନେଶ ମିଶ୍ରଙ୍କ ସମେତ ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳର ୬ଟି ଦେଶର ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଜ୍ୟୋତିଷ, ବାସ୍ତୁବିଦ୍‌ମାନେ ଯୋଗଦେଇଥିଲେ।

# ଦୁର୍ବଳ ମନ ନିଜ ଉପରେ ଆସ୍ଥା ହରାଇବସେ

## ମନନର ବାର୍ଷିକ ନାଟକ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର, ୧୩।୧ (ସୌମ୍ୟରଞ୍ଜନ ରାଉତ)

ମନୁଷ୍ୟ ଯେତେ ଶକ୍ତିଶାଳୀ, ଧନଶାଳୀ ଆଉ ସ୍ୱାସ୍ଥ୍ୟବାନ୍ ହେଲେ ବି ମନଟା ତା'ର ସବୁବେଳେ ଦୁର୍ବଳ। କେତେବେଳେ କେଉଁ ପରିସ୍ଥିତିରେ ସେ ମନଟା ଯେ ଭାଙ୍ଗି ନ ଯିବ କେହି କହିପାରିବେ ନାହିଁ। ଖାଲି ସେତିକି ନୁହେଁ, ସେଇ ମନଟା ପୁଣି ଅବୁଝା ଆଉ ସଂକୀର୍ଣ୍ଣ। ବାର୍ଦ୍ଧକ୍ୟ ଅଥବା ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଧନ ଦୌଲତ, ଦେହର ଲାଳସା, ଭୋଗବିଳାସ ଅଥବା ଜ୍ଞାତି କୁଟୁମ୍ବଙ୍କ ପ୍ରତି ମାୟା ମମତାର ଆବଶ୍ୟକତା ନ ଥାଏ। ସେତେବେଳେ ବି କିଛି ଛୋଟ ଛୋଟ ଘଟଣା ମଣିଷର ମାନସିକ ପ୍ରତିକ୍ରିୟାକୁ କଳୁଷିତ ଆଉ କ୍ଷତବିକ୍ଷତ କରିଦିଏ। ନିଜର ଅବଚେତନ ମନର ଦଂଶନରେ ନିଜେ ବିଷାକ୍ତ ହୋଇଯାଏ। ସ୍ରଷ୍ଟାର ସୃଷ୍ଟି ବି ବାଟବଣା ହୋଇଯାଏ। ଏମିତି ସମୟ ଆସେ ନିଜେ ନିଜ ଉପରୁ ବି ଆସ୍ଥା ହରେଇବସେ। ଏଭଳି ଏକ କାହାଣୀକୁ ନେଇ ସୋମବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଆସ୍ଥା'। ମନନ ନାଟ୍ୟସଂସ୍ଥାର ବାର୍ଷିକ ଉତ୍ସବ ପାଳନ ଅବସରରେ ୪୬ତମ ନାଟକ ମହୋତ୍ସବ ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ପରିବେଷିତ ହୋଇଥିବା ଏହି ନାଟକର ନିର୍ଦ୍ଦେଶନା ନିଜେ ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ ଦେଇଥିବାବେଳେ ମନୋଜଙ୍କ ସହ ଅୟସକାନ୍ତ ସ୍ୱାଇଁ, ପି. ରାଜୁ ପାତ୍ର, ଅନୁଜ ପଟ୍ଟନାୟକ, ବିନୋଦ ବେହୁରା, ହିତେସ୍ ମହାପାତ୍ର, ମାମା ବିଶ୍ୱାଳ, ମନିଷା ରଥ ଓ ଦୀକ୍ଷା ଅତି ଚମତ୍କାର ଅଭିନୟ କରିଥିଲେ। ମହେଶ, ସ୍ମୃତି, ମଣ୍ଟୁ, ମୁରଲୀ ମଞ୍ଚ ପରିଚାଳନା କରିଥିଲେ। ଏହି ମହୋତ୍ସବ ୧୭ ତାରିଖ ଯାଏ ଚାଲିବ।



ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ଆସ୍ଥା'ର ଏକ ଦୃଶ୍ୟ।

# ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବେ ଅମ୍ଲାନ

ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)

ଆସନ୍ତା ୨୬ ତାରିଖରେ ରାଜଧାନୀ ଦିଲ୍ଲୀଠାରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ଼ରେ ୩ ସେନାବାହିନୀ ସହ ବିଭିନ୍ନ ସୁରକ୍ଷାବାହିନୀ, ପ୍ରଜ୍ଞାପନ ମେଢ଼ ସମେତ ବିଭିନ୍ନ ରାଜ୍ୟରୁ ମନୋନୀତ କ୍ୟାଡେଟ ଅଂଶଗ୍ରହଣ କରିବେ। ଏହି ପରେଡରେ ଯୋଗଦେବା ପାଇଁ ଖୋର୍ଦ୍ଧା ଜିଲାରୁ ୨ଜଣ ଛାତ୍ର ମନୋନୀତ ହୋଇଛନ୍ତି। ସେମାନେ ହେଲେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀବାହିନୀର ଅମ୍ଲାନ ଅମିତ ପ୍ରିୟଦର୍ଶନ ରହିଛନ୍ତି। ବୋଲଗଡ଼ ଗଡ଼ଭିତରେ ସାହିର ସଙ୍ଗଠକ ଗଦାଧର ଚମ୍ପତିଙ୍କ ପୁଅ ଅମ୍ଲାନ ଉକ୍ତ ପରେଡ୍‌ରେ ଭଲ ପ୍ରଦର୍ଶନ ପାଇଁ ଏବେ ଅଭ୍ୟାସରତ ଅଛନ୍ତି।



# ଉଚ୍ଚଶିକ୍ଷା ବିଭାଗରେ ଅଧାରୁ ଅଧିକ ପଦବୀ ଖାଲି

ଭୁବନେଶ୍ୱର, ୧୩।୧ (ସୁଚିସ୍ମିତା ସାହୁ)

## ଆନ୍ଦୋଳନ ଚେତାବନୀ ଦେଲା ଛାତ୍ର କଂଗ୍ରେସ

■୧୯୧୧ ଅଧ୍ୟାପକ ପଦବୀରୁ ଫାଙ୍କା ପଡ଼ିଛି ୧୧୮୭ ପଦ

■ଓଡ଼ିଆ ବିଶ୍ୱବିଦ୍ୟାଳୟରେ ୨୧ ପଦବୀରେ ନିଯୁକ୍ତି ଶୂନ

ରାଜ୍ୟ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧାରୁ ଅଧିକ ପଦ ଖାଲି ପଡିଥିବାରୁ ପାଠପଢ଼ାରେ ଗୁରୁତର ବିଭ୍ରାଟ ସୃଷ୍ଟି ହୋଇଛି। ଗୋଟିଏ ବିଭାଗରେ ୫ରୁ ୭ଟି ଅଧ୍ୟାପକଙ୍କ ଆବଶ୍ୟକତା ରହିଥିବାବେଳେ ମାତ୍ର ୨ରୁ ୩ ଜଣଙ୍କୁ ନେଇ କାମ ଚଳାଯାଉଛି। ଏଭଳି ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ଏକପ୍ରକାର ଭୁଶୁଡି ପଡିଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖାଲିଥିବା ପଦବୀ ତୁରନ୍ତ ପୂରଣ ନ କରନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ସୟଦ ୟାସିର ନୱାଜ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଚେତାବନୀ ଦେଇଛନ୍ତି। ନୱାଜ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ସମୁଦାୟ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୧୯୧୧ଟି ଅଧ୍ୟାପକ ପଦବୀ ରହିଛି। ସେଥିରୁ ମାତ୍ର ୭୨୪ଟି ପଦବୀ ପୂରଣ ହୋଇଥିବାବେଳେ ୧୧୮୭ ପଦବୀ ଖାଲି ପଡ଼ିଛି। ନିୟମ ଅନୁସାରେ ୭୫ ପ୍ରତିଶତ ଅଧ୍ୟାପକ ପୂରଣ ହୋଇ ନ ଥିବାରୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକ ନାକ୍ ମାନ୍ୟତାରୁ ବଞ୍ଚିତ ହେବେ। ଓଡ଼ିଶାରେ ଶିକ୍ଷାର କୋଣାର୍କ କୁହାଯାଉଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଥିବା ମୋଟ ୨୬୭ ଅଧ୍ୟାପକ ପଦବୀରୁ ୧୫୭ଟି ପଦବୀ ଖାଲି ପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ମଧ୍ୟ ୨୪୪ଟି ପଦବୀରୁ ୧୧୮ଟି ପଦବୀ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର ୨୧ଟି ଅଧ୍ୟାପକ ପଦବୀରୁ ସମ୍ପୂର୍ଣ୍ଣ ୨୧ଟି ଖାଲି ପଡ଼ିଛି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୧୧୫ରୁ ୬୫ଟି ପଦବୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୧୪ରୁ ୭୭, ସମ୍ବଲପୁର ବଶ୍ୱବିଦ୍ୟାଳୟରେ ୧୩୫ରୁ ୭୧, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୧୭ରୁ ୪୯ ଓ ରମାଦେବୀ ବିଶ୍ୱବିଦ୍ୟାଳୟରେ ୧୩୭ରୁ ୭୭ଟି ପଦବୀ ପୂରଣ କରାଯାଉ ନ ଥିବାରୁ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି।

# ଅଚ୍ୟୁତାନନ୍ଦଙ୍କ ପୀଠରେ ପୁଷ୍ୟାଭିଷେକ

## ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କଲେ ଆଇନ ମନ୍ତ୍ରୀ

**ନିଶ୍ଚିନ୍ତକୋଇଲି/ନେମାଳ, ୧୩।୧ (ଅଶୋକ କୁମାର ମହାପାତ୍ର/କିରଣ ଶଙ୍କର ନାୟକ):**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଦ୍ମବନ ପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଷ୍ୟାଭିଷେକ ଉତ୍ସବ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୀଠର ଉନ୍ନତୀକରଣ କାର୍ଯ୍ୟପାଇଁ ଶିଳାନ୍ୟାସ କରିଛନ୍ତି। ସୋମବାର ପ୍ରଭାତରୁ ଇଷ୍ଟଦେବ ଗୋପିନାଥଙ୍କ ଯଥାବିଧି ସ୍ନାନ ଓ ଉପଚାର ପୂଜା ପରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ସ୍ନାନ କରାଯାଇ ଚନ୍ଦନ, ତୁଳସୀ ଲାଗି କରାଯାଇଥିଲା। ଏହାପରେ


ମହାପୁରୁଷ ଅଚ୍ୟୁତାନନ୍ଦ ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ ।

ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଭକ୍ତଙ୍କ ଦ୍ୱାରା ପୀଠର ଚତୁଃପାର୍ଶ୍ୱକୁ ରଙ୍ଗ ବେରଙ୍ଗ ଫୁଲରେ ସଜ୍ଜିତ କରାଯିବା ସହ ମହାପୁରୁଷଙ୍କୁ ଗଜରାମାଳ ପ୍ରଦାନ କରାଯାଇଛି। ସେବାୟତଙ୍କ ଦ୍ୱାରା ଏଲ ସ୍ୱତନ୍ତ୍ର ପଗଡି କୁଞ୍ଜବିହାରୀ ମଠରୁ ଶୋଭାଯାତ୍ରାରେ ଅଣାଯାଇ ଦଧିବାମନ ଜୀଉ ମନ୍ଦିର, ମା'ତାରିଣୀ ପୀଠ, ମଙ୍ଗଳା ମନ୍ଦିର ପରିକ୍ରମା କରାଯାଇ ଥିଲା। ଶେଷରେ ମହାପୁରୁଷଙ୍କ ପୀଠ ଚତୁପାର୍ଶ୍ୱ ପରିକ୍ରମା କରାଯାଇ ମହାପୁରୁଷଙ୍କୁ ଅର୍ପଣ କରାଯାଇଥିଲା। ମହାପୁରୁଷଙ୍କୁ ଲାଗି ହୋଇଥିବା ପଗଡି ୧୫ଜଣ ଶିଳ୍ପୀ ୫ ଦିନ ଅକ୍ଲାନ୍ତ ପରିଶ୍ରମ କରି ୫୦ମିଟର କପଡାରେ ତିଆରି କରିଥିଲେ। ଏହି ପଗଡ଼ି ୧୪ଫୁଟ ଉଚ୍ଚ ହୋଇଥିଲା। ୧୮ବର୍ଷ ହେବ ଏହି ପଗଡି ଯାତ୍ରା ମହାପୁରୁଷଙ୍କ ପୀଠ ସହ ଯୋଡି ହୋଇରହିଛି। ପଗଡି ଲଗାଯିବା ପରେ ବିଭିନ୍ନ ଅଳଙ୍କାରରେ ମହାପୁରୁଷଙ୍କୁ ସଜାଯାଇ ତୁଳସୀ ମାଳ ଲାଗି କରାଯାଇଥିଲା। ଶେଷରେ ଅଧରପଣା ଭୋଗ, ରସାବଳୀ ଭୋଗ, ସର ଲବଣୀ ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ମହାପୁରୁଷଙ୍କ ପାଖରେ ଅଷ୍ଟଗୁଜରୀ,ନବଗୁଜରୀ,ଶରଣ ପଞ୍ଜର ପାଠ କରାଯାଇଥିଲା। ଏହି ଅବସରରେ ମହାପୁରୁଷଙ୍କ ବେଢା ଉନ୍ନତିକରଣ ପାଇଁ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶିଳାନ୍ୟାସ କରିଥିଲେ। ତାଙ୍କ ସହ କଟକ ସଦର ବିଧାୟକ ଇଂ.ପ୍ରକଶ ସେଠୀ, ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଦାନ, ଅଭିନେତା ତଥା ସାଲେପୁର ଭାଜପା ନେତା ଅରିନ୍ଦମ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ପୀଠର ସର୍ବାଙ୍ଗୀନ ଉନ୍ନତି କରଣ କରାଯିବ ବୋଲି ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ୧,୧୦୫ କୁଇଣ୍ଟାଲ ଧାନ କିଣିଲେ ମିଲର


ଟିଗିରିଆସ୍ଥିତ ବିନ୍ଧାଣିମା ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡି ।

**ଟିଗିରିଆ/ବାଙ୍କୀ, ୧୩।୧ (ଜାଫର ଖାଁ/ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ଓ ବିନ୍ଧାଣିମା ସେବା ସମବାୟ ସମିତିରୁ ମିଲର ୭୯୦ କୁଇଣ୍ଟାଲ ଧାନ କ୍ରୟ କରିଛନ୍ତି। ବିନ୍ଧାଣିମା ସେବା ସମବାୟ ସମିତିରେ ସମିତିର ସଭାପତି ମିଟୁ ରାଉତ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଠାରେ ୧୮ ଜଣ ଚାଷୀ ୪୧୮ କୁଇଣ୍ଟାଲ ଧାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ସମ୍ପାଦକ ବିଷ୍ଣୁଚରଣ ନାୟକ,ସରପଞ୍ଚଙ୍କ ପ୍ରତିନିଧି ମାନସ ଜେନା, ସମିତିର ପୂର୍ବତନ ସଭାପତି ଚକ୍ରଧର ରାଉତ, ମୃଣ୍ମୟ ଦାଶ, ମାୟାଧର ରାଉତ, ଓ ନୋଡାଲ ଅଧିକାରୀ ତାପସ କୁମାର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ଗଦାଧରପୁର ସେବା ସମବାୟ ସମିତିକୁ ସମିତିର ସଭାନେତ୍ରୀ ଉଷାରାଣି ସ୍ୱାଇଁ,ମଣ୍ଡି ଶୁଭାରମ୍ଭ କରିଥିଲେ। ଏଠାରେ ୨୪ ଜଣ ଚାଷି ୩୭୨ କୁଇଣ୍ଟାଲ ଧାନ ମିଲର ଙ୍କୁ ଦେଇଥିଲେ।ସମ୍ମାନିତ ଅତିଥିଭାବେ ବିପିନି ଖଟୁଆ,ଲୋକନାଥ ବସ୍ତି, ତ୍ରିଲୋଚନ ମନ୍ତ୍ରୀ,ଗଜେନ୍ଦ୍ର ଦଳେଇ, ବୈକୁଣ୍ଠ ବିହାରୀ ସ୍ୱାଇଁ,ଭୋଳେଶ୍ୱର ସ୍ୱାଇଁ, ଯୋଗଦେଇଥିବା ବେଳେ ନୋଡାଲ ଅଧିକାରୀ ଭାବେ ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ।ସେହିପରି ବାଙ୍କୀ ଏନ.ଏ.ସି ଅନ୍ତର୍ଗତ ସେବାସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ସେବାସମବାୟ ସମିତି ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଚାଷୀ ଶୁଭ୍ରାଂଶୁ ମୋହନ ପାଢ଼ୀ, ପ୍ରବୋଧ ମହାପାତ୍ର, ଦାଶରଥି ସ୍ୱାଇଁ, ଦୁଜ ସ୍ୱାଇଁ, ଅନିରୁଦ୍ଧ ଲେଙ୍କା, ନନ୍ଦକିଶୋର ନାୟକ, ନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ୩୧୫କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା।

# ବିଧାୟକଙ୍କ ଠେଲାପେଲା ସାମାଜିକ ଗଣମାଧ୍ୟମରେ ଭାଇରାଲ

**ନିଶ୍ଚିନ୍ତକୋଇଲି, ୧୩।୧ (ଅଶୋକ କୁମାର ମହାପାତ୍ର)**



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ପୁଷ୍ୟାଭିଷେକ ଉତ୍ସବ ଓ ପୀଠର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସାରଦା ପ୍ରଧାନଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ସେ ଶିଳାନ୍ୟାସ ଉତ୍ସବକୁ ଗଲାବେଳେ ସାଙ୍ଗରେ ବିଧାୟକ ପ୍ରକାଶ ସେଠୀ ଓ ସାରଦା ପ୍ରଧାନ ସାମିଲ ହୋଇଥିଲେ। ଏହି ସମୟରେ ସେ ଭାଜପା କର୍ମୀ ଓ ସୁରକ୍ଷା କର୍ମୀଙ୍କୁ ଠେଲା ପେଲା କରୁଥିବାର ଭିଡିଓ ସାମାଜିକ ଗଣମାଧରେ ଭାଇରାଲ ହେବାରେ ଲାଗିଛି। ଏନେଇ ନେତା ଓ କର୍ମୀଙ୍କ ମଧ୍ୟରେ କ'ଣ ହେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଫେରାର ଗୋରୁ ବ୍ୟବସାୟୀ ଗିରଫ

**ଟିଗିରିଆ, ୧୩।୧ (ଜାଫର ଖାଁ):**

ଟିଗିରିଆ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ଫେରାର ଗୋରୁ ବ୍ୟବସାୟୀଙ୍କୁ ଟିଗିରିଆ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଖବର ଅନୁଯାୟୀ ଡିସେମ୍ବର ୧୦ରେ କରଡ଼ାପଲ୍ଲୀ ଗ୍ରାମ ସଂଲଗ୍ନ ବାରମାଣ ବନ୍ଧ ନିକଟସ୍ଥ ଜଙ୍ଗଲରେ ବ୍ୟବସାୟ ଉଦ୍ଦେଶ୍ୟରେ ଶତାଧିକ ଗୋରୁଙ୍କୁ ବାନ୍ଧି ରଖିଯାଇଥିଲା। କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ଏସମ୍ପର୍କରେ କୌଣସିସୂତ୍ରରୁ ଖବରପାଇ ସଦଳବଳ ଚଢ଼ାଉ କରି ସେମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ପୋଲିସ ମାମଲା (ନଂ. ୨୯୪/୨୪) ଗିରଫ କରି କରଡ଼ାପଲ୍ଲୀ ଗ୍ରାମର କବିର ଖାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଟିଗିରିଆ ଆଇଆଇସି ସମରେନ୍ଦ୍ର ପାଇକରାୟ ପ୍ରକାଶ କରିଛନ୍ତି।

# କ୍ୱାନ୍ କି ଡୋ ସଂଘର ବାର୍ଷିକ ପ୍ରତିଯୋଗିତା


ବାର୍ଷିକ ଉତ୍ସବ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

**ଆଠଗଡ଼, ୧୩।୧ (ସତ୍ୟପ୍ରସାଦ ରଥ):**

କଟକ ଜିଲା କ୍ୱାନ କି ଡୋ ଆସୋସିଏଶନ, ଆଠଗଡ଼ ପକ୍ଷରୁ ୨ୟ କ୍ୱାନ୍ କି ଡୋ ପ୍ରତିଯୋଗିତା ୨୦୨୪-୨୫ ସ୍ଥାନୀୟ ଲକ୍ଷ୍ମୀବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ଲକ୍ଷ୍ମୀ ବଜାରର ଉପସଭାପତି ଅରୁଣ କୁମାର ସାହୁ ଓ ସମ୍ପାଦକ ମନୋରଞ୍ଜନ ରାଉତ ଉଦ୍‌ଘାଟନ କରିଥିଲେ। ଏହିଏକଦିବସୀୟ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଆସୋସିଏଶନର ସଭାପତି ରୁଦ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ, ମୁଖ୍ୟବକ୍ତା ଭାବେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ବଳଭଦ୍ର ବାଘ, ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ବଦ୍ରିନାରାୟଣ ବାହିନୀପତି ଆଜିର ଦିନରେ କ୍ରୀଡ଼ାର ମହତ୍ତ୍ୱ, ଉପକାରିତା ଏବଂ ଭବିଷ୍ୟତରେ କ୍ରୀଡାର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ୧୪ ସ୍ୱର୍ଣ୍ଣ, ୧୧ ରୌପ୍ୟ, ୩ କାଂସ୍ୟ ପ୍ରମୁଖ ବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନର ପ୍ରତିଯୋଗିତା ନିର୍ଦ୍ଦେଶକ ରାହୁଲ କୁମାର ଜେନା, ରେଫ୍‌ରୀ ଚେୟାରମ୍ୟାନ ଚନ୍ଦନ ପ୍ରସାଦ ରାଉତ, ଅଭିଜିତ୍ ପରିଡ଼ା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜକ ସଭାପତି ରାକେଶ ଚନ୍ଦ୍ର ଦାଶ, ଉପସଭାପତି ଶ୍ୟାମ ପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶ୍ରୀତମ କୁମାର ଶତପଥୀ, ପ୍ରତ୍ୟୁଷ କୁମାର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା

ସାଲେପୁର, ୧୩।୧ (ଅରବିନ୍ଦ ଭୂୟାଁ)–

ମଧୁମାଟିସାହିତ୍ୟ ସଂସଦର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ମଧୁବାବୁ ଓ ଆମେ' ଶୀର୍ଷକ ଆଲୋଚନାଚକ୍ର ଏବଂ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସାଲେପୁର ମଧୁମଣ୍ଡପରେ ଆୟୋଜନ କରାଯାଇଥିଲା। ସଂସଦର ମୁଖ୍ୟ ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଓଝା ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଂସଦର କାର୍ଯ୍ୟକାରିଣୀ ସଭାପତି ଖବରଦାତା ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନାଇଜରର କୁଳସଚିବ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅଭୟ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଭ୍ରମଣ କାହାଣୀ ଲେଖକ ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ.ହଳଧର ସାହୁ, ଲୋକସେବା ଫାଉଣ୍ଡେଶନର ଅଧ୍ୟକ୍ଷ ସାମାଜିକ କର୍ମୀ ହିମାଂଶୁ ମହାନ୍ତି ଯୋଗଦେଇଥିଲେ। ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ.ଚିରଞ୍ଜନ ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ଏଥିସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂସଦର ମୁଖପତ୍ର ମଧୁମାଟି ଲୋକାର୍ପଣ ହୋଇଥିଲା। ସେହିପରି ସଂସଦ ପକ୍ଷରୁ ଡ. ଅଭୟ କୁମାର ନାୟକ, ଡଃ ହଳଧର ସାହୁ, ସତ୍ୟନାରାୟଣ ମିଶ୍ର ଓ ବାସୁଦେବ ରାଉତଙ୍କୁ ମଧୁଶ୍ରୀ ସମ୍ମାନ ଓ କୃଷ୍ଣଚନ୍ଦ୍ର ନାୟକ, ଚିନ୍ମୟ ରଞ୍ଜନ ଶତପଥୀ, ଜଗନ୍ନାଥ ଦାଶ, ଲକ୍ଷ୍ମୀପ୍ରିୟା ଦେବୀ, ନିର୍ମଳା ପରିଡ଼ା, ପ୍ରବୀର ଚନ୍ଦ୍ର ଦାସ, ସରୋଜ କୁମାର ସାହୁ, ଗୀତାଞ୍ଜଳି ସାହୁଙ୍କୁ ମଧୁମାଟି ସମ୍ମାନରେ ସମ୍ମାନିତ କରାଯାଇଥିଲା। କବୟିତ୍ରୀ ସୀମା ସ୍ୱାଇଁ, ଗୁରୁମା ଦିପ୍ତିମୟୀ ରାଉତ, ଅଧ୍ୟାପିକା ମମତା ପଣ୍ଡା ଓ ରାମଚନ୍ଦ୍ର ପରିଡ଼ା ମାନପତ୍ର ପାଠ କରିଥିଲେ। ପ୍ରଶାନ୍ତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାୟକ ଟଙ୍କଧରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

**ଝାରସୁଗୁଡ଼ା ନିର୍ବାଚନ ଅନିୟମିତତା ମାମଲା**

**କଟକ, ୧୩।୧ (କାର୍ତ୍ତିକ ସାହୁ)**

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମାମଲାରେ ବିଜୟୀ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ହାଇକୋର୍ଟରେ ସୋମବାର ଯୁକ୍ତି ଉପସ୍ଥାପନ କରାଯାଇଛି। ଏହି ମାମଲାରେ ଆବେଦନକାରୀ ଦୀପାଳି ଦାସଙ୍କ ନିର୍ବାଚନୀ ଆବେଦନକୁ ଶୁଣାଣି ନ କରି ତାହାକୁ ପ୍ରାଥମିକ ପର୍ଯ୍ୟାୟରୁ ହିଁ ଖାରଜ କରିବାକୁ ବିଧାୟକ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ଟଙ୍କଧର ତଥ୍ୟ ଦାଖଲ କରିବାକୁ ପୂର୍ବରୁ ମହଲତ ନେଇଥିଲେ। ଆସନ୍ତା ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ ହୋଇଛି। ଗତ ନଭେମ୍ବର ମାସର ମାମଲାରେ ଶୁଣାଣି କରି ହାଇକୋର୍ଟ ବିଧାୟକଙ୍କୁ ନିଜ ପକ୍ଷ ଉପସ୍ଥାପନ ପାଇଁ ଶେଷ ସୁଯୋଗ ଦେଇଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳର ପରାଜିତ ପ୍ରାର୍ଥୀ ଦୀପାଳି ଦାସ ଟଙ୍କଧରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ବିଜୟୀ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନିର୍ବାଚନକୁ ଖାରଜ କରିବାକୁ ସେ ଆବେଦନରେ ଦର୍ଶାଇଛନ୍ତି। ଟଙ୍କଧର ନାମାଙ୍କନପତ୍ର ଦାଖଲ ବେଳେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦେଇଛନ୍ତି। ଟଙ୍କଧରଙ୍କ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ସେ ସବିଶେଷ ତଥ୍ୟ ପ୍ରଦାନ କରିନାହାନ୍ତି ବୋଲି ମାମଲାରେ ଦର୍ଶାଯାଇଛି। ଏହା ଅସତ୍ୟ ତଥ୍ୟ ଉପରେ ଆଧାରିତ ହୋଇଥିବାରୁ ତାଙ୍କ ନିର୍ବାଚନକୁ ଖାରଜ କରିବାକୁ ସେ ପ୍ରାର୍ଥନା କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅର୍ଚ୍ଚନା


@ ପ୍ରଶାନ୍ତ


@ ସନ୍ତୋଷ


@ ବିରଞ୍ଚି


@ ବିଷ୍ଣୁଚରଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିତ୍ତିଭୂମି, ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ପ୍ରତିନିଧିମଣ୍ଡଳୀ

## ବାଙ୍କୀ କଲେଜରେ ରାଜ୍ୟ ଯୋଜନା, ସମନ୍ୱୟ ବିଭାଗ ଟିମ୍

ବାଙ୍କୀ, ୧୩।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )


ରାଜ୍ୟ ଯୋଜନା,ସମନ୍ୱୟ ବିଭାଗ ଟିମ୍ ସହ ଅଧ୍ୟାପିକା ଓ ଅଧ୍ୟାପକ ଆଲୋଚନା କରୁଛନ୍ତି ।

ରାଜ୍ୟ ସରକାରଙ୍କ ଯୋଜନା ସମନ୍ୱୟ ବିଭାଗର ଏକ ପ୍ରତିନିଧି ଦଳ ସୋମବାର ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ପ୍ରତିନିଧି ଦଳ ବିଶ୍ୱବ୍ୟାଙ୍କ ଆନୁକୂଲ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଭିତ୍ତିଭୂମି ଉପରେ ସମୀକ୍ଷା କରିଥିଲେ। ଏଥିସହ ବିଭିନ୍ନ ବିଭାଗ ଓ ଛାତ୍ରୀଛାତ୍ର ନିବାସ ପରିଦର୍ଶନ କରିଥିଲେ। ବିଭାଗୀୟ ଅଧିକାରୀ ସୁଶୋଭନ ଦାସଙ୍କ ନେତୃତ୍ୱରେ ଏହି ଦଳରେ ଉଦିତାଶା ଦାଶ ଓ ଜ୍ୟୋତିର୍ମୟ ବରାଳ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ରାଣୀ ଶୁକଦେଈ ଛାତ୍ରୀ ନିବାସ, ଆଦିବାସୀ ଛାତ୍ରାବାସ, ମା'ଚର୍ଚ୍ଚିକା ଛାତ୍ରୀ ନିବାସ, ପଦାର୍ଥବିଜ୍ଞାନ ବିଭାଗ ଓ ବିଭିନ୍ନ ବିଭାଗର ବିଜ୍ଞାନାଗାର, ଶ୍ରେଣୀ କକ୍ଷ ବୁଲି ଦେଖିବା ସହ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ବିଭାଗୀୟ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ପରିଦର୍ଶକ ଦଳକୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ସ୍ୱାଗତ କରିଥିଲେ। ବିଶ୍ୱବ୍ୟାଙ୍କ ସଂଯୋଜକ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ସହସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ପୁରାତନ ଛାତ୍ର ଡ. ଅମରେନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଡ. ନିବାସିନୀ ପଣ୍ଡା , ଡ.ଶଶିଭୂଷଣ ମହାପାତ୍ର, ଯୁକ୍ତ ୨ ଅଧ୍ୟକ୍ଷ ସମୀର କୁମାର ମହାପାତ୍ର, ହରିଜନ ଓ ଆଦିବାସୀ ଛାତ୍ରାବାସର ତତ୍ତ୍ୱାବଧାରକ ଅଧ୍ୟାପକ ଯୁଗଳକିଶୋର ମଣ୍ଡଳ ପ୍ରମୁଖ ପରଦର୍ଶକ ଦଳକୁ ସ୍ୱାଗତ କରିଥିଲେ। ପରିଦର୍ଶକ ଦଳ ବାଙ୍କୀ କଲେଜର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି।

# ବିଦ୍ୟାର୍ଥୀଙ୍କ ମନୋବଳ ବୃଦ୍ଧି କରେ ପୁରସ୍କାର

**ବୋଲଗଡ, ୧୩।୧ (ଦେବବ୍ରତ ହୋତା)**



କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥି ।

ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ୪୫ତମ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ମନୋବଳ ବୃଦ୍ଧିରେ ପୁରସ୍କାର ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଓଷ୍ଟାର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ ଏବଂ ସମ୍ମାନିତ ଅତିଥିଭାବେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ପୂର୍ବତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା, ଜିଲା କନିଷ୍ଠ ରେଡ୍‌କ୍ରସ ଅଧିକାରୀ ତୋଫାନ ରାଉତରା, ସରପଞ୍ଚ ଜଳଧର ମହାନ୍ତି, ସମିତିସଭ୍ୟା ବିନୋଦିନୀ ଦତ୍ତ, ରବୀନ୍ଦ୍ର କୁମାର ସୁବୁଦ୍ଧି, ସମ୍ମିତ ଭୂଷଣ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭା ମଧ୍ୟରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମାଗାଜିନ ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ଆବଶ୍ୟକ ଥିବା ଖେଳପଡ଼ିଆ, ୩ଟି ଶ୍ରେଣୀକକ୍ଷ, ପାଠାଗାର ଏବଂ କମ୍ପ୍ୟୁଟର ଯୋଗାଇଦେବାକୁ ମୁଖ୍ୟ ଅତିଥି ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ସୁନିଶ୍ଚିତ କାର୍ଯ୍ୟକ୍ରମ

**ଟାଙ୍ଗୀ, ୧୩।୧ (ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ୨୦୨୫ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ବ୍ଲକସ୍ତରୀୟ ସୁନିଶ୍ଚିତ କାର୍ଯ୍ୟକ୍ରମ ସୋମବାର ହରିପୁର ମା'ଉଗ୍ରତାରା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସୁନିଶ୍ଚିତ ଯୋଜନାରେ ଶତପ୍ରତିଶତ ପାସ ପାଇଁ ରିମେଡିଆଲ ତଥା ମୋଟିଭେସନାଲ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୨୬ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ଯୋଗଦେଇଥିଲେ। ପାଠ୍ୟକ୍ରମକୁ ଛାତ୍ରୀଛାତ୍ରମାନେ କିଭଳି ସହଜ ଓ ସରଳଭାବେ ବୁଝିପାରିବେ ଏହି ଯୋଜନାର ଲକ୍ଷ୍ୟ ବୋଲି ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ କହିଛନ୍ତି। ପ୍ରଶିକ୍ଷକଭାବେ ମାମିନା ବେହେରା, ପାବନ କୁମାର ପ୍ରଧାନ, ତରାନୁମା ଫତିମା, ସ୍ୱାଗତିକା ରଣା, ସର୍ବେଶ୍ୱର ପଲାଇ, ବିଶ୍ୱଜିତ ପଲାଇ, ଦୁର୍ଯ୍ୟୋଧନ ପ୍ରଧାନ, କବିତା ରାଣୀ ବେହେରା, ମହେଶ୍ୱର ମାଝୀ, ସୁରେଶ ଚନ୍ଦ୍ର ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ା, ରବୀନ୍ଦ୍ର ନିମାଲ, ମନୋଜ କୁମାର ନାୟକ, ଦେବାଶିଷ ଜେନା, ଅନିରୁଦ୍ଧ ସେଠୀ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅର୍ଚ୍ଚନା



@ ପ୍ରଶାନ୍ତ



@ ସନ୍ତୋଷ



@ ବିରଞ୍ଚି



@ ବିଷ୍ଣୁଚରଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ୨ ମୋବାଇଲ ଚୋରି

**ବେଗୁନିଆ, ୧୩।୧ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ବଜାରରୁ ଦୁଇଦିନ ମଧ୍ୟରେ ଦୁଇଟି ମୋବାଇଲ ଫୋନ ଚୋରି ହୋଇଥିବା ନେଇ ସିକୋ ଫାଣ୍ଡିରେ ଅଭିଯୋଗ ହୋଇଛି। ସିକୋ ଗଣେଶ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନିକଟରୁ ମନୋଜ ପ୍ରଧାନଙ୍କ ମୋବାଇଲକୁ କେହି ଚୋରି କରି ନେଇଯାଇଛି। ସେହିପରି ଗଦାଧର ରଣବୀରଙ୍କ ଫାଷ୍ଟଫୁଡ୍ ଦୋକାନରୁ ଏକ ମୋବାଇଲ ଫୋନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଫୁଟ୍‌ବଲ: ନିଧିପୁର ସେମିଫାଇନାଲରେ

**ବେଗୁନିଆ, ୧୩।୧ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡିଆରେ ଅନୁଷ୍ଠିତ ମା'ତାରିଣୀ ଫୁଟ୍‌ବଲ ଟୁର୍ନାମଣ୍ଟର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ନିଧିପୁର ଏବଂ ଠଣାପଲ୍ଲି କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ନିଧିପୁର ଟିମ୍ ଗୋଟିଏ ଗୋଲ ଦେଇଥିବା ବେଳେ ଠଣାପଲ୍ଲି ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ନିଧିପୁର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବଡ଼ବେରଣା ସରପଞ୍ଚ ଅସିତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ଶିକ୍ଷକ ତ୍ରିନାଥ ପରିଡା, ଶିକ୍ଷକ ନିରଞ୍ଜନ ଛାଟୋଇ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିବାବେଳେ ତ୍ରିନାଥ ପରିଡା ଏବଂ ପ୍ରକାଶ ନାୟକ ସହଯୋଗ କରିଥିଲେ। ମଙ୍ଗଳବାର ପାଣିଓରା ଏବଂ କୁମ୍ଭିଲ ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

# ୫୪୦ ଅଭିଯୋଗରୁ ୧୪ ସାମୂହିକ



ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

**ବାଣପୁର, ୧୩।୧ (ଦିଲୀପ କୁମାର ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ମୋରାମୋରୀ ପଞ୍ଚାୟତରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୫୪୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୫୧୯ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ରହିଥିଲା। ୫ଟି ଅଭିଯୋଗର ତତ୍କାଳ ଫଏସଲା କରାଯାଇଥିଲା। ଏଥିସହିତ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨୦ହଜାର ଟଙ୍କା ଏବଂ ରେଡକ୍ରସ ଫଣ୍ଡରୁ ଅନ୍ୟଜଣଙ୍କୁ ୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏସ୍‌ପି ସାଗରିକା ନାଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଓଏସ୍‌ଡି ରୋଶନ ଶତପଥୀ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଡିଓ ଶୀତଲ ଅଗ୍ରୱାଲ, ତହସିଲଦାର ଟି.ପଦ୍ମନାଭ ଦୋରା, ମୋରାମୋରୀ ସରପଞ୍ଚ ବସନ୍ତ କୁମାର ମାଳି, ନାଚୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଠାକୁରପଡ଼ା ଚାମ୍ପିୟନ

**ବେଗୁନିଆ, ୧୩।୧ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ ଗ୍ରାମର ମା'କଳାପାଟ କ୍ରିକେଟ ଟୁର୍ନାମେଣ୍ଟରେ ଠାକୁରପଡ଼ା ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଠାକୁରପଡ଼ା ଏବଂ ତୁଳସୀପୁର ଟିମ୍ ମଧ୍ୟରେ ହୋଇଥିଲା। ଠାକୁରପଡ଼ା ଟିମ୍ ୮ଓଭରରେ ୯୧ରନ ସଂଗ୍ରହ କରିଥିଲା। ଜବାବରେ ତୁଳସୀପୁର ଟିମ୍ ୮୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଠାକୁରପଡ଼ା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ବୀରେନ ନାୟକ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

# ପରିବେଶ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ବେଗୁନିଆ, ୧୩।୧ (ହର ପ୍ରସନ୍ନ ପଣ୍ଡା)**




ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମ ସ୍ଥିତ ଆଧ୍ୟାତ୍ମିକ ଚିନ୍ତନ ଓ ଲୋକକଳା ପରିଷଦ (ଆସ୍ଥା) ପକ୍ଷରୁ ରବିବାର ସାରସ୍ୱତ ଆସର ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ସମାରୋହରେ କବିତା ପାଠ, ଚାରାରୋପଣ, ଲୋକକଳା ପରିବେଷଣ ଏବଂ ବହୁ ପ୍ରତିଭାର ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପରିବେଶବିତ୍ ଡ.ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟ କୃଷକ ସଙ୍ଗଠନର ସଭାପତି ଶେଷଦେବ ନନ୍ଦ ବକ୍ତାଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରବିନ୍ଦ୍ର ନାଥ ପାଣିଗ୍ରାହୀ ସଙ୍ଗୀତ ଗାନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରାଯିବା ଜରୁରୀ। ସଭିଏଁ ସଙ୍କଳ୍ପ ନେବା ଗୋଟିଏ ଲେଖାଏ ଚାରା ରୋପଣ କରି ତା'ର ଯତ୍ନ ନେବା। ବିଶେଷକରି ବଟ ବୃକ୍ଷ ବହୁ ଗୁଣରେ ଅମ୍ଳଜାନ ଯୋଗାଇଥାଏ। ବଟ ବୃକ୍ଷକୁ ନେଇ ଏକ ଧାର୍ମିକ ଭାବନା ରହିଛି। ଭାରତର ଜାତୀୟ ବୃକ୍ଷ କୁହାଯାଉଥିବା ବର ତଥା ବଟବୃକ୍ଷ ରୋପଣ କରନ୍ତୁ ବୋଲି ଅତିଥି ଶ୍ରୀଚନ୍ଦନ କହିଥିଲେ। କାର୍ତ୍ତିକେୟ ପାଣିଗ୍ରାହୀ, ସନ୍ତୋଷ ଦାଶଙ୍କ ଆବାହକତ୍ୱରେ ଏବଂ କବି ପ୍ରସନ୍ନ ମଣ୍ଡଳଙ୍କ ସଂଯୋଜନାରେ 'ଗଛ ଆଗ, ଆଉ ସବୁ ପଛ' ଶୀର୍ଷକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ହୋଇଥିଲା। ବହୁ କବୟିତ୍ରୀ ଓ କବି ଯୋଗଦେଇ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ୧୧ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା। ଡଙ୍ଗର ଗ୍ରାମ ସ୍ଥିତ ସବୁଜ ବାହିନୀ ଅନୁଷ୍ଠାନ, ସଦାନନ୍ଦ ବେହେରା, ରାଧାଶ୍ୟାମ ସାହୁ, କାର୍ତ୍ତିକ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଆବାହକ ଦାଶ ଧନ୍ୟବାଦ ଦେଇଥିଲେ।

# ବାର୍ଷିକ ଇଜ୍‌ତେମା ଉଦ୍‌ଯାପିତ

**ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମରେ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓ୍ୱକଫେ ନୌ ସଙ୍ଗଠନର ବାର୍ଷିକ ଇଜ୍‌ତେମା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ସଭାପତି ଅମିରୁଦ୍ଦିନ ଖାଁ ସଭାପତିତ୍ୱ କରିଥିଲେ। ସେକ୍ ଏଜାଜ କୋରାନ ପାଠ କରିଥିବା ବେଳେ ହାନିଆ ମକସୁଦ ଉର୍ଦ୍ଦୁ ନଜମ ପଢିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଜାବରୁ ଆସିଥିବା ଅହମଦୀୟା ମୁସଲିମ ସଙ୍ଗଠନର ମୁଖ୍ୟ ଶିକ୍ଷା ସଚିବ ସେକ୍ ଫରିଦ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଯୋଗଦେଇ ମୌଲାନା ମିର ଅବଦୁଲ ହଫିଜ ଓ୍ୱକଫେ ନୌ ସନ୍ତାନ ଓ ମାତାପିତାଙ୍କ ଦାୟିତ୍ୱ ତଥା ପୁସ୍ତକ ଅଲ-ଓ୍ୱସିୟତ(ଇଚ୍ଛାପତ୍ର)ର ପରିଚୟ ବିଷୟରେ ମତାମତ ରଖିଥିଲେ। ମୁଖ୍ୟ ଅତିଥି ସେକ ଫରିଦ କହିଲେ, ଓକଫେ ନୌ ସଙ୍ଗଠନର ପିଲାମାନେ ଭାଗ୍ୟବାନ ଏବଂ ସୌଭାଗ୍ୟଶାଳୀ। ସେମାନେ ଭଲ ଏବଂ ସଭ୍ୟ ହେବା ଦରକାର। ପାଠପଢି ଭଲ ମଣିଷ ହେବା ଉଚିତ୍। ସମାନେ ବହୁତ ମହାନ। ସର୍ବଦା ଈଶ୍ୱର ତାଙ୍କର ସାହା-ଭରସା ରହିଥାନ୍ତି। ସମ୍ମାନିତ ଅତିଥିଭାବେ ମୌଲାନା ହଲିମ ଅହମଦ ଖାଁ, ମୌଲାନା ସେକ୍ ହାରୁନ ଦସିଦ, ମୌଲାନା କରାମତ ଅହମଦ, ମୌଲାନା ଅବଦୁର ରହିମ ଦର୍ଦ, ମୌଲାନା ଇଫତେଖାର ଅହମ୍ମଦ, ମୌଲାନା ମକସୁଦ ଅଲ୍ଲି ଏବଂ ମୌଲାନା ହଲିମ ଖାଁ ଯୋଗଦେଇଥିଲେ। ସଭାପତି ଅମିରୁଦ୍ଦିନ ଖାଁ ସଙ୍ଗଠନ ପକ୍ଷରୁ ଧନ୍ୟବାଦ ଦେଇଥିଲେ। କୃତୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବାର୍ଷିକ ଇଜତେମାର ପ୍ରତିଯୋଗିତାରେ ୧୩୫ରୁ ଊର୍ଦ୍ଧ୍ୱ ଓ୍ୱକଫେ ନୌ ପିଲାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମୌଲାନା ରୌଶନ ଅହମ୍ମଦ ତନୱିର ପରିଚାଳନା କରିଥିଲେ।



ବାର୍ଷିକ ଇଜ୍‌ତେମା ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିମାନେ।

# ମରାଠା ଫୁଟ୍‌ବଲ କ୍ଲବ ଭଞ୍ଜନଗର ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ନିରାକାରପୁର, ୧୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ସଖା ସଂଘ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ମରାଠା ଫୁଟ୍‌ବଲ କ୍ଲବ ଭଞ୍ଜନଗର ଏବଂ ମେହେନ୍ଦିପୁର ଫୁଟ୍‌ବଲ ଏକାଡେମୀ ଜଗତ୍‌ସିଂହପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୧-୦ ଗୋଲରେ ମରାଠା ଫୁଟ୍‌ବଲ କ୍ଲବ ବିଜୟୀ ହୋଇଛି। ଶିବ ଶଙ୍କର ପଣ୍ଡା, ସୁଜିତ୍ କୁମାର ପାତ୍ର, ସୁକାନ୍ତ କୁମାର ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ଅକ୍ଷୟ କୁମାର ପଟ୍ଟନାୟକ, ଗଙ୍ଗାଧର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକକର୍ମୀ ପ୍ରଦୀପ କୁମାର ବଳିୟାରସିଂହ, ଡ.ସୁବାସ ଚନ୍ଦ୍ର ଚୌଧୁରୀ, ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଡେପୁଟି ରେଞ୍ଜର ଅଜୟ କୁମାର ହରିଚନ୍ଦନ, ସାମାଜିକ କର୍ମୀ ଦିଲୀପ କୁମାର ବଳିୟାରସିଂହ, ସମିତିସଭ୍ୟ ଦିଲୀପ କୁମାର ବଡ଼ଜେନା, ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସନ୍ତୋଷ ଏବଂ ସମ୍ବିତ ପାଢ଼ୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳବାର ସ୍ପୋର୍ଟ୍ସ ହଷ୍ଟେଲ କଟକ ଏବଂ ନାମଖନ ଫୁଟବଲ ଏକାଡେମୀ ବେହେଲା କୋଲକାତା ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହ ଏବଂ ସମ୍ପାଦକ ଭାଗୀରଥି ପ୍ରଧାନ କହିଛନ୍ତି।

# ଟମାଣ୍ଡୋକୁ ହରାଇ ଯାଁଳା ଚାମ୍ପିୟନ

**ବେଗୁନିଆ, ୧୩।୧ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତିର ଗ୍ରାମର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରାମଚଣ୍ଡୀ କ୍ରିକେଟ ଟିମ୍‌ର ଅନୀଲ ରାଉତରାୟ ଏବଂ ସୂର୍ଯ୍ୟକାନ୍ତ ଜୁଝାରସିଂହଙ୍କ ନେତୃତ୍ୱରେ ୭ଦିନ ବ୍ୟାପୀ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିପିନବିହାରି ସୁନ୍ଦରାୟ ୮ମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଟସ୍ ଜିତି ଟମାଣ୍ଡୋ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ଉଇକେଟ ବିନିମୟରେ ୨୩୭ ରନ ସଂଗ୍ରହ କରିଥିଲା। ଜବାବରେ ଯାଁଳା ଟିମ୍ ୬ଉଇକେଟ ବିନିମୟରେ ୨୩୮ରନ ସଂଗ୍ରହ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଭିଷେକ ପଟ୍ଟନାୟକ ବିବେଚିତ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ପ୍ରକାଶ ଚନ୍ଦ୍ର ବିଜୁଳି, ଶିବ ନାରାୟଣ ମିଶ୍ର, ଦିଲୀପ ଶ୍ରୀଚନ୍ଦନ, ମନୋରଞ୍ଜନ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ ଟିମକୁ ୬ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

## ସଂକ୍ଷେପରେ

### ପବିତ୍ର ପ୍ରାଚୀ ନଦୀ କୂଳରେ ମହାଆଳତି ଉତ୍ସ



ଚାରିଛକ, ୧୩।୧ (ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ବନ୍ଦେଶ୍ୱର ଠାରେ ପବିତ୍ର ପ୍ରାଚୀ ନଦୀ କୂଳରେ ବାବା ସୁମନ୍ତ ରଥଙ୍କ ନେତୃତ୍ୱରେ ପୌଷ ପୂର୍ଣ୍ଣିମା ତିଥିରେ ଜଗତର କଲ୍ୟାଣ ନିମନ୍ତେ ମହାଆଳତି ଉତ୍ସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟା ଆଳତିରେ କରିବାର ତାତ୍ପର୍ଯ୍ୟ ପ୍ରାଚୀନଦୀ ଗଙ୍ଗା ଠାରୁ ହଜାର ବର୍ଷ ବଡ଼ ବୋଲି ପ୍ରାଚୀ କିମ୍ବଦନ୍ତୀ ରହିଅଛି। ଏହି ପ୍ରାଚୀ ଆଳତି ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବାବା କହିଥିଲେ। ଏହି ଆଳତି କାର୍ଯ୍ୟକ୍ରମ ୪ ବର୍ଷ ଧରି ଧୁମ୍‌ଧାମରେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ପୂଜକ ଅମୂଲ୍ୟ ନନ୍ଦ, ସିଦ୍ଧମଠର ବାବା ଧର୍ମାନନ୍ଦ ଦାସ, ବ୍ରହ୍ମଚାରୀ ଆଦିତ୍ୟ ଚୈତନ୍ୟ, ବାବା କପିଳ ତୀର୍ଥ ସାରଥୀ, ସୁନିତା ମିଶ୍ର, ସସ୍ମିତା ଦାଶ, ସୁବାସ ଚନ୍ଦ୍ର ଦାଶ, ଶ୍ୟାମସୁନ୍ଦର ସାହୁ, ରଶ୍ମିରଞ୍ଜନ ଦାସ, ଶ୍ରୀନିବାସ ରଥଙ୍କ ସମେତ ବହୁ ସାଧୁସନ୍ଥ ହରି ପ୍ରେମୀ ଓ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

### ଗାଡ଼ି ଧକ୍କାରେ ହନିବାଜର ଭାଲୁର ମୃତ୍ୟୁ

ନିମାପଡ଼ା, ୧୩।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା–ବଳଙ୍ଗା ରାସ୍ତାର ନୁଆରକିରି ଛକ ନିକଟରେ ରବିବାର ରାତିରେ ଏକ ଗାଡ଼ ଭାଲୁ(ହନିବାଜର)ର ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ସୋମବାର ସକାଳେ ଏହି ଭାଲୁର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନିମାପଡ଼ା ବନ ବିଭାଗ ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀ, ଗୀତାଞ୍ଜଳି ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଦେହ ଜବତ କରି ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦ ପରେ ଭିଲିଗ୍ରାମ ସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ନର୍ସରୀ ପରିସରରେ ପୋତି ଦିଆଯାଇଥିବା ଫରେଷ୍ଟର ପାଣିଗ୍ରାହୀ କହିଛନ୍ତି। ମୃତ ଭାଲୁଟି ୨ ବର୍ଷର ଅଣ୍ଡିରା ଭାଲୁ ବୋଲି ବନ ବିଭାଗ ଅଧିକାରୀଙ୍କଠାରୁ ଜଣାପଡ଼ିଛି।

### ଶିଶୁ ସୈନିକ ବାଣ୍ଟିଲେ ସଡ଼କ ସୁରକ୍ଷା ବାର୍ତ୍ତା

ନିମାପଡ଼ା, ୧୩।୧ (ରଞ୍ଜନ ପଟ୍ଟନାୟକ)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳନ ଅବସରରେ ନିମାପଡ଼ା ନିକଟସ୍ଥ ଗୋପାଳପୁର ଛକ ନିକଟରେ ନିମାପଡ଼ା–ବଳଙ୍ଗା ରାସ୍ତାରେ ସୋମବାର ଷ୍ଟେଟ୍‌ବ୍ରିଗେଡ୍ ବିଦ୍ୟାଳୟର ଶିଶୁ ସୈନିକ ସଡ଼କ ସୁରକ୍ଷା ବାର୍ତ୍ତା ବାଣ୍ଟିଛନ୍ତି। ଶିଶୁ ସୈନିକ ସ୍କୁଲ ଅଧ୍ୟକ୍ଷ ନିରଞ୍ଜନ ଖଟୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଚେତନତା ଶୋଭାଯାତ୍ରା ସ୍କୁଲ ପରିସରରୁ ବାହାରି ବଳଙ୍ଗା–ନିମାପଡ଼ା ରାସ୍ତାରେ ସମସ୍ତ ଗାଡ଼ି ଚାଳକଙ୍କୁ ସଚେତନ କରିଥିଲା। ଗାଡ଼ିଚାଳକଙ୍କୁ ହେଲମେଟ ପିନ୍ଧିବା, ମଦ୍ୟ ପାନକରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲରେ କଥା ନ ହେବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ନ କରିବାକୁ ଅନୁରୋଧ କରିଥିଲେ। ଗାଡ଼ି ଚାଳକ ଶିଶୁ ସୈନିକଙ୍କ କଥା ମାନିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସୂର୍ଯ୍ୟମନ୍ଦିର ଫଟୋଗ୍ରାଫର ହେବାକୁ ମାଟ୍ରିକ୍ ପାସ୍ ଜରୁରୀ

## ରାୟ ଶୁଣାଇଲେ ହାଇକୋର୍ଟ

କଟକ, ୧୩।୧ (କାର୍ତ୍ତିକ ସାହୁ)

କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଗାଇଡ୍ ଅବା ଫଟୋଗ୍ରାଫର ଭାବେ କାର୍ଯ୍ୟ କରିବାକୁ ଇଚ୍ଛୁକ ପ୍ରାର୍ଥୀ ମାଟ୍ରିକ ପାସ୍ କରିବା ଜରୁରୀ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ପକ୍ଷରୁ ଜାରି ହୋଇଥିବା ନୂତନ ନିୟମାବଳୀ –୨୦୧୭ ଅନୁଯାୟୀ, ଗାଇଡ୍ ଓ ଫଟୋଗ୍ରାଫର କାର୍ଯ୍ୟ ଲାଗି ଆବେଦନ କରିବା ନେଇ ହାଇକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ଏହା କହିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣିକିଆ ବିଚାରପତିଙ୍କ ରାୟକୁ କାଏମ ରଖିଛନ୍ତି। ୨୦୧୭ର ନୂଆ ନିୟମ ଅନୁସାରେ ଲାଇସେନ୍ସ ପ୍ରଦାନ ନିମନ୍ତେ ହାଇକୋର୍ଟ ଆଦେଶ ଦେଇଛନ୍ତି। ପ୍ରାର୍ଥୀଙ୍କ ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ ପାସ୍ ହେବା ସହ ତାଙ୍କୁ ଏଏସ୍‌ଆଇ ଦ୍ୱାରା ପ୍ରଚଳିତ ପରୀକ୍ଷା ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ସେହିପରି ପୂର୍ବରୁ ଲାଇସେନ୍ସ ପାଇଥିବା ବ୍ୟକ୍ତିମାନଙ୍କୁ ୨୦୧୭ର ନୂଆ ନିୟମ ଅନୁସାରେ ଲାଇସେନ୍ସ ରିନୁଆଲ କରିବାକୁ ହେବ।

ସୂଚନାନୁସାରେ, କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଗାଇଡ୍, ଫଟୋଗ୍ରାଫର ଭାବେ ହାତଗଣତି ବ୍ୟକ୍ତି କାର୍ଯ୍ୟ କରୁଥିଲେ। ମାତ୍ର ସମୟ କ୍ରମେ ଏହି କାର୍ଯ୍ୟ କରିବାକୁ ଅଧିକ ବ୍ୟକ୍ତି ଇଚ୍ଛୁକ ହୋଇଥିଲେ। ସେମାନଙ୍କର ପରିଚୟପତ୍ର କିମ୍ବା କୌଣସି କାଗଜପତ୍ର ନ ଥିବାବେଳେ ବାହାର ବ୍ୟକ୍ତିମାନେ ମଧ୍ୟ ଅନାୟାସରେ ଏଠାରେ କାର୍ଯ୍ୟ କଲେ। ଏସବୁ ଦୃଷ୍ଟିରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ସୂର୍ଯ୍ୟମନ୍ଦିର ପରିସରରେ ଗାଇଡ୍, ଫଟୋଗ୍ରାଫରମାନଙ୍କୁ ପଞ୍ଜୀକୃତ କରିବାକୁ ପ୍ରୟାସ କରିଥିଲା। ୨୦୦୧–୦୨ରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ୧୧୦ ଜଣଙ୍କୁ ସୂର୍ଯ୍ୟମନ୍ଦିର ପରିସରରେ ଫଟୋଗ୍ରାଫର ଭାବେ କାର୍ଯ୍ୟ କରିବା ପାଇଁ ଆଇକାର୍ଡ ପ୍ରଦାନ କରିଥିଲେ। ତେବେ କେନ୍ଦ୍ର ସରକାର ୨୦୦୭ ଫେବୃଆରୀ ୧ରୁ ଐତିହ୍ୟସ୍ଥଳୀଗୁଡ଼ିକରେ ଫଟୋଗ୍ରାଫର କାର୍ଯ୍ୟ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତିଙ୍କ ନିମନ୍ତେ ଏକ ନିୟମାବଳୀ ପ୍ରଚଳନ କରିଥିଲେ। ତଦନୁସାରେ ଏଏସ୍‌ଆଇର ଡାଇରେକ୍ଟର ଜେନେରାଲ ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ଚିଠି ଲେଖି ସୂର୍ଯ୍ୟମନ୍ଦିର ପରିସରରେ ଫଟୋଗ୍ରାଫର କାର୍ଯ୍ୟ କରିବାକୁ ଲାଇସେନ୍ସ ପ୍ରଦାନ ନିମନ୍ତେ ଜଣାଇଥିଲେ। ଏନେଇ ବିଜ୍ଞପ୍ତି ପ୍ରକାଶିତ ହେବା ପରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିଥିଲେ। ଆବେଦନକାରୀଙ୍କ ମଧ୍ୟରୁ ୧୧୦ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଗଲା ଓ ୪୫ ଜଣଙ୍କ ଆବେଦନ ପଡ଼ିରହିଲା। ଲାଇସେନ୍ସ ପାଇ ନ ଥିବା ବ୍ୟକ୍ତିମାନେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ୨୦୧୭ରେ ଏଏସ୍‌ଆଇ ପକ୍ଷରୁ ଆଉ ଏକ ନୂଆ ନିୟମ ପ୍ରଣୟନ କରାଗଲା। ସେଥିରେ ସୂର୍ଯ୍ୟମନ୍ଦିର ପରିସରରେ ଫଟୋଗ୍ରାଫର କାର୍ଯ୍ୟ କରିବା ନିମନ୍ତେ ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ ପାସ୍ ରଖାଗଲା। ଏଥିସହ ପ୍ରାର୍ଥୀ ଲିଖିତ ଓ ମୌଖିକ ପରୀକ୍ଷା ଦେବାକୁ ହେବ ବୋଲି ହାଇକୋର୍ଟଙ୍କୁ ଅବଗତ କରାଗଲା। ହାଇକୋର୍ଟର ଜଣିକିଆ ବିଚାରପତି ବେଞ୍ଚ ଏଏସ୍‌ଆଇ ନିୟମ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ଏଥିସହ ୨୦୨୨ ମାର୍ଚ୍ଚ ୧୦ରେ ସଦ୍ୟ ଆବେଦନ ଇଚ୍ଛୁକ ପ୍ରାର୍ଥୀଙ୍କଠାରୁ ଆହ୍ୱାନ କରାଗଲା। ଯେଉଁମାନେ ୨୦୧୭ ନୂତନ ନିୟମାବଳୀ ଅନୁସାରେ ଯୋଗ୍ୟ, ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଗଲା। ତେବେ ନୂତନ ନିୟମ ଦ୍ୱାରା ପୂର୍ବରୁ ଆଇକାର୍ଡ ପାଇଥିବା ୧୫୪ ଜଣ ସେମାନଙ୍କ ପେସା ହରାଇବା ନିଶ୍ଚିତ ହୋଇଯାଇଥିଲା। ୨/୩ ଦଶନ୍ଧି ଧରି ଫଟୋଗ୍ରାଫର ପେସାରେ ଥିବା ବ୍ୟକ୍ତିମାନେ ପ୍ରଭାବିତ ହୋଇଥିଲେ। ସେମାନେ ହାଇକୋର୍ଟରେ ଡିଭିଜନ ବେଞ୍ଚରେ ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ପିଟିଶନ ଦାଏର କରିଥିଲେ।



ବଡ଼ଦାଣ୍ଡ ଉଠାଦୋକାନୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଧାରଣାରେ ବସିଛନ୍ତି । (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ସ୍ୱାମିଜୀଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୁଅ

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ପିପିଲି, ୧୩।୧ (ପ୍ରଭାତ କୁମାର ମହାପାତ୍ର)

ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲି ମାଣିକ ଗାର୍ଡେନଠାରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗଠନର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପତି ଯୋଗଦେଇ ସୁନ୍ଦର ଯୁବ ସମାଜ ଗଢ଼ିତୋଳିବାରେ ସ୍ୱାମିଜୀଙ୍କ ଅତୁଳନୀୟ ଅବଦାନ ଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପିକା ତଥା ପୂର୍ବ ଓଡ଼ିଶା ଏବିଭିପି ସଭାପତି ଗାର୍ଗୀ ବାନାର୍ଜୀ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ସଂଯୋଜକ ଜୟଶଙ୍କର ଯୋଶୀ, ଇଂ. ସତ୍ୟବ୍ରତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଅତିଥି ଭାବେ ପଣ୍ଡିତ ନାରାୟଣ ଦାଶ, ଇଂ. ରମେଶ ଚନ୍ଦ୍ର ଶତପଥୀ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଡ. ବାମଦେବ ମିଶ୍ର, ଶିକ୍ଷାବିତ ରାମଚନ୍ଦ୍ର ଦାଶ, ସୁଲେଖକ ଅର୍ଜୁନ ଘଡ଼େଇ ପ୍ରମୁଖ ଯୋଗଦେଇ ସୁସ୍ଥ ଯୁବ ସମାଜରେ ସ୍ୱାମିଜୀଙ୍କ ଭଳି ଚିନ୍ତାଧାରାରେ ଅନୁପ୍ରାଣିତ ହେବାପାଇଁ ମତବ୍ୟକ୍ତ ପ୍ରକାଶ କରିଥିଲେ। ଏହି ଅବସରରେ ସଙ୍ଗୀତ ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକଙ୍କ ସଂଯୋଜନାରେ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟ ଓ ଜାଗୃତି ସଂଗଠନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଗଠନର ବରିଷ୍ଠ ସଦସ୍ୟ ମୁନୁ ଅଗ୍ରୱାଲ, ସମ୍ପାଦକ ବିଭୁତି ସାମନ୍ତରାୟ, ସହସମ୍ପାଦକ ମନୋଜ ପ୍ରଧାନ, ଯୁବ ସଂଯୋଜକ ତଥା ଖବରଦାତା ବାପୁ ବେହେରା, ସଦସ୍ୟ ଚନ୍ଦନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ବିକଶିତ ଭାରତ ଯୁବନେତା ସମ୍ବାଦ କାର୍ଯ୍ୟକ୍ରମ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ଯୁବପ୍ରତିଭାଙ୍କୁ ଚିହ୍ନଟ ସହ ସେମାନଙ୍କୁ ପ୍ରୋତ୍ସାହିତ କରିବା ଓ ବିକଶିତ ଭାରତ ପାଇଁ ବିଚାର ଉପସ୍ଥାପନା କରିବାର ସୁଯୋଗ ଦେଇ ସାମାଜିକ ତଥା ନାଗରିକ ଜୀବନରେ ଯୁବପିଢ଼ିଙ୍କ ସମ୍ପୃକ୍ତିରେ ସହାୟକ ହେବା ଉଦ୍ଦେଶ୍ୟରେ 'ବିକଶିତ ଭାରତ ଯୁବନେତା ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମ୍ପର୍କ, ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ୨୦୪୭ରେ ଦେଶ କିପରି ବିକଶିତ ଭାରତରେ ପରିଣତ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଶିଶୁ ବିକାଶ ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଭାରତ ବିକାଶ ପରିଷଦ କ୍ଷେତ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରଫେସର ହରିହର ହୋତା, ନେହେରୁ ଯୁବକେନ୍ଦ୍ରର ଅଶୋକ କୁମାର ବେହେରା ମଞ୍ଚାସୀନ ଥିଲେ। ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ବନମାଳି ବିଶ୍ୱାଳ, ବାଲୁକା ଶିଳ୍ପୀ ମାନସ ସାହୁ ଉପସ୍ଥିତ ଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ରାୟ ସ୍ୱାଗତ ଭାଷଣ ଓ ପିତାମ୍ବର ମିଶ୍ର ଧନ୍ୟବାଦ ଦେଇଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଶୁଭମ ବିଭୁପ୍ରସାଦ ପଣ୍ଡା ପ୍ରଥମ, ତୁଷାରକାନ୍ତ ସାହୁ ଦ୍ୱିତୀୟ ଏବଂ ଆକାଶ ପ୍ରସାଦ ଦାସ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବକ୍ତୃତା କନିଷ୍ଠ ବର୍ଗରେ ବିବେକ ମୁଶାରି ପ୍ରଥମ, ଦ୍ୱିତୀକୃଷ୍ଣ ଅଧିକାରୀ ଦ୍ୱିତୀୟ, ବକ୍ତୃତା ବରିଷ୍ଠ ବର୍ଗରେ ଶ୍ରାବଣୀ ସାହୁ ପ୍ରଥମ, ଅନ୍ନପୂର୍ଣ୍ଣା ରଥ ଦ୍ୱିତୀୟ, କଲ୍ୟାଣୀମୟୀ ଜେନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚିତ୍ରାଙ୍କନ କନିଷ୍ଠ ବର୍ଗରେ ଶ୍ରେୟା ମହାନ୍ତି ପ୍ରଥମ, ଯଶୋବନ୍ତ ବେହେରା ଦ୍ୱିତୀୟ, ଅଜୟ ବେହେରା ତୃତୀୟ, ବରିଷ୍ଠ ବର୍ଗରେ ରଞ୍ଜନ ପ୍ରଧାନ ପ୍ରଥମ, ଓମ୍‌ପ୍ରକାଶ ବେହେରା ଦ୍ୱିତୀୟ, ମିଲନ ମିଶ୍ର ତୃତୀୟ ସ୍ଥାନରେ ଅଧିକାର କରିଥିଲେ। ବାସୁଦେବ ସେନାପତି, କୃଷ୍ଣଚନ୍ଦ୍ର ସାହୁ, ରାକେଶ ସେଠୀ, ତାରାପ୍ରସାଦ ଦାସ, ଶିବାନନ୍ଦ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରାମ ନ୍ୟାୟାଳୟ କୋର୍ଟ ଗୃହ ଉଦ୍‌ଘାଟିତ



ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ତାଳବଣିଆ ନିକଟସ୍ଥ ଗ୍ରାମ ନ୍ୟାୟାଳୟ କୋର୍ଟ ଗୃହକୁ ସୋମବାର ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇକୋର୍ଟ ବିଚାରପତି ଏସ୍.କେ.ସାହୁ, ବିଚାରପତି କେ. ଆର୍. ମହାପାତ୍ର ଯୋଗ ଦେଇଥିବାବେଳେ ଜିଲା ବାର୍ ଆସୋସିଏଶନ୍ କର୍ମକର୍ତ୍ତା ଏବଂ ବିଚାରପତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ସଂଗ୍ରାମୀ ପେନ୍‌ସନ୍ ପାଇଁ ଆବେଦନ କରିବାକୁ ଆହ୍ୱାନ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ଦେଶର ଜରୁରୀକାଳୀନ ପରିସ୍ଥିତିରେ ମିସା, ଡିଆଇଏସ୍‌ଆଇଆର୍ ଏବଂ ଡିଆଇଆର୍ ଆଇନରେ ବିଭିନ୍ନ ଜେଲରେ ବନ୍ଦୀଥିବା ସଂଗ୍ରାମୀମାନଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ମାସକୁ ୨୦ହଜାର ଟଙ୍କାର ପେନସନ ମିଳିବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଘୋଷଣା କରିଥିଲେ। ସୋମବାର ଏ ସମ୍ପର୍କରେ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପେନସନ ସହିତ ସମସ୍ତ ସଂଗ୍ରାମୀଙ୍କ ମେଡିକାଲ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ। ୨୦୨୫ ଜାନୁଆରୀ ୧ ସୁଦ୍ଧା ଜୀବିତ ଥିବା ସଂଗ୍ରାମୀମାନେ ଏହି ସୁବିଧା ପାଇବେ। ଏନେଇ ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରି ଏ ସମ୍ପର୍କରେ ସୂଚନା ଦେବା ସହ ଯୋଗ୍ୟ ବ୍ୟକ୍ତି ଆବେଦନ କରିବାକୁ କହିଥିଲେ। ଜିଲା ୱେବସାଇଟ୍ (https://puri.odisha.gov.in)ରୁ ତଥ୍ୟ ପାଇପାରିବେ ଓ ଜିଲାପାଳଙ୍କୁ ଆବେଦନ କରିପାରିବେ ବୋଲି ସେ କହିଥିଲେ। ନିଜର ପୂର୍ଣ୍ଣ ଠିକଣା ସହ ଆଧାର ଓ ମୋବାଇଲ ନମ୍ବର, ୩ ସହବନ୍ଦୀଙ୍କ ନାମ ଓ ଠିକଣା, ସେ କୌଣସି ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନ ଥିବା ଆଫିଡେଭିଟ, ନିଜର ବର୍ତ୍ତମାନର ପାସପୋର୍ଟ ସାଇଜ ଫଟୋ, ବ୍ୟାଙ୍କ ପାସ୍‌ବୁକର ସମ୍ପୂର୍ଣ୍ଣ ତଥ୍ୟ, କେଉଁ ଟ୍ରେଜେରିରୁ ଅର୍ଥ ନେବା ପାଇଁ ଚାହିଁବେ ତାହାର ନାମ ଉଲ୍ଲେଖ କରିବା ସହ ସଂପୃକ୍ତ କାଗଜପତ୍ର ସଂଲଗ୍ନ କରି ୪ସପ୍ତାହ ମଧ୍ୟରେ ଜିଲାପାଳଙ୍କୁ ଆବେଦନ କରିବାକୁ ଡ. ମହାପାତ୍ର ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଗୋପ, ୧୩।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ବାଲ୍ୟବିବାହ ମୁକ୍ତ ସମାଜ, ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ପ୍ରଭେଦ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିଛି ବୋଲି ଶୁକ୍ରବାର ଗୋପ ମିଶନ ଶକ୍ତି ଭବନରେ ଆୟୋଜିତ ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଯୋଗଦେଇ ଏହା କହିଛନ୍ତି। ଗୋପ ବ୍ଲକ୍ ସମନ୍ୱିତ ମହିଳା ଶିଶୁ ବିକାଶ ଅଧିକାରିଣୀ ମୀନାକ୍ଷୀ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଜିଲା ପ୍ରୋଗ୍ରାମ ଅଧିକାରୀ ଚନ୍ଦ୍ରପ୍ରଭା ଦେଇ ଯୋଗ ଦେଇଥିବା ବେଳେ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ସହ ନୃତ୍ୟରେ ଭାଗ ନେଇଥିଲେ। ଶତାଧିକ ଛାତ୍ରୀଛାତ୍ର ସରକାରଙ୍କ ଏହି ୩ଟି ଯୋଜନା ଉପରେ ସୁନ୍ଦର ଭାବେ ନୃତ୍ୟ ପରିବେଷଣ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରିଥିଲେ। ଗୋପ ବ୍ଲକ ସମନ୍ୱିତ ମହିଳା ଶିଶୁ ବିକାଶ ବିଭାଗର କାର୍ଯ୍ୟରତ ସୁପରଭାଇଜରମାନେ ଜଜ୍ ଭାବେ ରହି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ୧୨ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ବିଭାଗ ପକ୍ଷରୁ କୃତୀ କାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସହିତ ଅନ୍ୟମାନେ ସାର୍ଟିଫିକେଟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସୁପରଭାଇଜର ପ୍ରଜ୍ଞା ପାରମିତା ଭୁଜବଳ, ଜ୍ୟୋତ୍ସ୍ନାରାଣୀ ଦାଶ, ଅଞ୍ଜନା ନାୟକ, ରାଧାରାଣୀ ପ୍ରଧାନ, ସୁଚିତ୍ରା ପ୍ରଧାନ, ପ୍ରିୟଙ୍କା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ୨୦୦୦ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ପିପିଲି, ୧୩।୧ (ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ତେଇସିପୁର ହାଇସ୍କୁଲର ୨୦୦୦ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରାୟ ୭୦ରୁ ଅଧିକ ସାଥୀ ଏକାଠି ହୋଇଥବା ସାରଙ୍ଗଯୋଡ଼ିଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଥୀମାନଙ୍କ ମଧ୍ୟରେ ହାଇସ୍କୁଲ ଜୀବନର ପାଠପଢ଼ାକୁ ମନେପକାଇ ଭାବର ଆଦାନପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରକାଶ ରଥ, ଦିପକ ଜେନା, ଅଜିତ ମହମ୍ମଦ, ସଞ୍ଜୟ ମହାପାତ୍ର, ଦିଲୀପ ମହାନ୍ତି, ଲବଙ୍ଗ ପରିଡ଼ା, ସନ୍ଧ୍ୟାରାଣୀ ବରାଳ, ମାନସୀ ଦାଶ, ମମତା ଭଞ୍ଜ, ଜ୍ୟୋତିର୍ମୟୀ ରଥ, କବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଡେଲାଙ୍ଗରେ ଧାନମଣ୍ଡି ଶୁଭାରମ୍ଭ

ଡେଲାଙ୍ଗ, ୧୩।୧ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ୨୩ ପ୍ରାଥମିକ ସମିତି ମଧ୍ୟରୁ ସୋମବାର ବେରବୋଇ ଜାଡ଼ମଲ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଶୁଭାରମ୍ଭ ଚାଷୀ ସମାବେଶରେ ସମ୍ମିଳିତ ପୁରୀ–ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଡେଲାଙ୍ଗ ବ୍ଲକ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ ଅଧ୍ୟକ୍ଷତା କରିଥିଲେ। ପୁରୀ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ସ୍ୱରୂପ କର, ସାକ୍ଷୀଗୋପାଳ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ଜିତେନ୍ଦ୍ର ଦାଶ, ସମବାୟ ସମିତି ଆଞ୍ଚଳିକ ଅଧିକାରୀ ଦିଲୀପ କୁମାର ବେହେରା, ଧାନମଣ୍ଡି ନୋଡାଲ୍ ଅଧିକାରୀ ଭାବେ ରେଞ୍ଜ୍ ରାଜସ୍ୱ ନିରୀକ୍ଷକ ଶୁଭ୍ରନାରାୟଣ ଦାଶ, ଜାଡ଼ମଲ ସମିତି ସଭାପତି ଦେବରାଜ ସ୍ୱାଇଁ, ଧାନର ମାନ ନିର୍ଦ୍ଧାରକ ଯନ୍ତ୍ରର ତତ୍ତ୍ୱାବଧାରକ ସୁବାସିନୀ ରାଉତ ପ୍ରମୁଖ ଧାନର ଗୁଣବତ୍ତା, ସରକାରୀ ଧାର୍ଯ୍ୟମୂଲ୍ୟ ଓ ଚାଷୀଙ୍କ ଧାନ ବିକ୍ରି ସମସ୍ୟା, ମିଲରଙ୍କ ଦାୟିତ୍ୱ, କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମିତି ସମ୍ପାଦକ ମାନସ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

ଏହି ସମିତିରେ ୨୯୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ କରିଥିବାବେଳେ ସେଥିମଧ୍ୟରୁ ମାତ୍ର ୪ ଜଣ ଚାଷୀ ସୁରେନ୍ଦ୍ର ସ୍ୱାଇଁ, ଶ୍ରୀଧର ଜେନା, ମାନସ ପ୍ରଧାନ, ତ୍ରିଲୋଚନ ପ୍ରହରାଜ ୩୯୦ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଗତ ଡିସେମ୍ବର ଲଘୁଚାପ ବର୍ଷାରେ ଅମଳ ଧାନ କ୍ଷତିଗ୍ରସ୍ତ ହୋଇଥିବାରୁ ନିର୍ଦ୍ଧାରିତ ଏଫ୍.ଏ.କ୍ୟୁ ମାନର ଧାନ ଚାଷୀ ଦେବା ସମ୍ଭବ ନୁହେଁ ବୋଲି ଚାଷୀମାନେ ଆପତ୍ତି କରିଥିଲେ। ଏହାକୁ ନେଇ ଚାଷୀ ଓ ଉପସ୍ଥିତ ମିଲର ଅଭିରାମ ରାଇସ ମିଲ୍, ଦୁଲଣା ରାଇସ୍ ମିଲ ଓ ଗୋପାଳଜୀଉ ରାଇସ୍ ମିଲ ପ୍ରତିନିଧିଙ୍କ ସହ କିଛି ସମୟ ଧରି ଯୁକ୍ତି ତର୍କ ହୋଇଥିଲା। ଧାନର ମାନ ନିର୍ଦ୍ଧାରକ ଯନ୍ତ୍ରରେ ଧାନର ମାନ ପରୀକ୍ଷା କରାଯାଇ ତଦନୁଯାୟୀ ସେତିକି ଅଧିକ ଧାନ ଚାଷୀମାନେ ଦେବା ପାଇଁ ସମ୍ମତି ଦେବା ପରେ ମିଲର ଧାନ କ୍ରୟ କରିଥିଲେ।



ମଣ୍ଡିରେ ଧାନର ମାନ ନିର୍ଦ୍ଧାରଣ କରାଯାଉଛି ।

# ଖୋଲୁନି ଧାନମଣ୍ଡି, ଚାଷୀ ହନ୍ତସନ୍ତ

## ଶାଗ ମାଛ ଦରରେ ବିକ୍ରି କରୁଛନ୍ତି ଚାଷୀ

କାକଟପୁର/ଅସ୍ତରଙ୍ଗ, ୧୩।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦିକ୍ଷୀତ)

ପୁରୀ ଜିଲାରେ ଜାନୁଆରୀ ୭ରେ ମଣ୍ଡି ଖୋଲିବା ନେଇ ଜିଲାସ୍ତରୀୟ ପାକ୍ୱମେଣ୍ଟ କମିଟି ନିଷ୍ପତ୍ତି ନେଇଥିଲା। ଏହାକୁ ନେଇ ଚାଷୀମାନେ ବେଶ୍ ଉତ୍ସାହିତ ହୋଇଥିଲେ। ହେଲେ ଏହା ମଧ୍ୟରେ ଏକସପ୍ତାହ ବିତିଯାଇଥିଲେ ମଧ୍ୟ ପୁରୀ ଜିଲା ଅସ୍ତରଙ୍ଗରେ ମଣ୍ଡି ଖୋଲି ନ ଥିବା ବେଳେ କାକଟପୁର ବ୍ଲକ ସୁହାଗପୁରରେ ସୋମବାର କେବଳ ଗୋଟିଏ ମଣ୍ଡି ଖୋଲିଛି। କାକଟପୁର ଓ ଅସ୍ତରଙ୍ଗ ବ୍ଲକ କିଛି ଚାଷୀଙ୍କୁ ଟୋକନ ମେସେଜ ଆସିଥିବା ବେଳେ ଅନେକ ଚାଷୀଙ୍କୁ ମେସେଜ ଆସିନାହିଁ। ଧାନ ଅମଳ କରି ଅପେକ୍ଷାରେ ଚାଷୀ।

ପୁରୀ ଜିଲା କାକଟପୁର ଓ ଅସ୍ତରଙ୍ଗ ଚାଷୀ ଅଞ୍ଚଳ ହୋଇଥିବା ବେଳେ ଚାଷରୁ ଯେଉଁ ରୋଜଗାର ହୁଏ ପରିବାର ପେଟକୁ ଆହାର ଯାଏ। ହେଲେ ଏଥର ଖରିଫ୍ ଫସଲ ଅମଳ ସମୟରେ ସତେ ଯେମିତି ଚାଷୀଙ୍କ ପିଛା ଛାଡୁନି ସମସ୍ୟା। ରାଜ୍ୟ ସରକାରଙ୍କ ମଣ୍ଡି ଅବ୍ୟବସ୍ଥା ସୁଯୋଗ ନେଇ ଚାଷୀଙ୍କୁ ଲୁଟୁଛନ୍ତି ସକ୍ରିୟ ଦଲାଲ ଧାନ ବ୍ୟବସାୟୀ। କାକଟପୁର ବ୍ଲକରେ ୧୫ଟି ସେବା ସମବାୟ ସମିତିରେ ୨୩–୨୪ରେ ୩୪୦୯ଜଣ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୩୨୧୮ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ଅସ୍ତରଙ୍ଗ ବ୍ଲକରେ ୧୦ଟି ସେବା ସମବାୟ ସମିତିରେ ୨୩–୨୪ରେ ୨୭୨୨ଜଣ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୨୭୧୩ଜଣ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଯିବାକୁ ବିଭାଗୀୟ ଅଧିକାରୀ କହିଛନ୍ତି। ଯେଉଁ ଚାଷୀଙ୍କ ପାଖକୁ ଟୋକନ୍ ଆସିଛି ତା'ର ସମୟ ସୀମା ଏକ ମାସ ରହିଥିବା ବେଳେ ଅଦ୍ୟାବଧି ୭ଦିନ ଅତିକ୍ରମ କରିଗଲାଣି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଟୋକନର ସମୟ ସୀମା ଅତିକ୍ରାନ୍ତ କରିଯିବ, ଯାହାକୁ ନେଇ ଚାଷୀ ଆଶଙ୍କାରେ ରହୁଛନ୍ତି। ଏ ନେଇ ନଇଁଗୁଆଁ ଗ୍ରାମର ଚାଷୀ ଜୟନ୍ତ ଭୋଳ କହିଛନ୍ତି, ଋଣ ଶୁଝିବା ପାଇଁ ଚାଷୀମାନେ ବାଧ ହୋଇ ଶାଗ ମାଛ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହାର ଫାଇଦା ଉଠାଉଛନ୍ତି କେତେଜଣ ଅସାଧୁ ବ୍ୟବସାୟୀ। ବାହାର ବ୍ୟବସାୟୀ ଚାଷୀଙ୍କଠାରୁ ୧୮ଶହ ଓ ୧୯ଶହ ଟଙ୍କାରେ କିଣି ନେଉଛନ୍ତି।



**ମହିଳାଙ୍କୁ କଟୁରି ଚୋଟ ଘଟଣା, ୨ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ରାତି ଅଧରେ ମହିଳାଙ୍କୁ ଘରେ ପଶି ହାଣି ଆହତ କରିବା ଘଟଣାରେ ମୈତ୍ରୀବିହାର ପୋଲିସ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ୮ ଦିନ ପରେ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ସାଲିଆ ସାହିରେ ରହୁଥିବା କଟକ ନିଆଳି ଥାନା ଅଞ୍ଚଳର ଶୁଭେନ୍ଦୁ ନାୟକ ଓ ନୟାଗଡ଼ର ବାସୁଦେବ ରାଉତ। ତାଙ୍କଠାରୁ ଗୋଟିଏ କଟୁରି ଓ ସ୍କୁଟି ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ପୋଲିସ ଜଣେ ନାବାଳକଙ୍କୁ କାବୁ କରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିସାରିଛି।

## ସଂକ୍ଷେପରେ

### ସୂର୍ଯ୍ୟମନ୍ଦିର ଫଟୋଗ୍ରାଫର ହେବାକୁ ମାଟ୍ରିକ ପାସ୍ ଜରୁରୀ: ହାଇକୋର୍ଟ

**କଟକ, ୧୩।୧ (କାର୍ତ୍ତିକ ସାହୁ)**

କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଗାଇଡ୍ ଅବା ଫଟୋଗ୍ରାଫର ଭାବେ କାର୍ଯ୍ୟ କରିବାକୁ ଇଚ୍ଛୁକ ପ୍ରାର୍ଥୀ ମାଟ୍ରିକ ପାସ୍ କରିବା ଜରୁରୀ। ଏକ ମାମଲାର ବିଚାର କରି ହାଇକୋର୍ଟ ସୋମବାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂହ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣିକିଆ ବିଚାରପତିଙ୍କ ରାୟକୁ କାଏମ ରଖିଛନ୍ତି। ଏଏସ୍ଆଇର ନୂତନ ନିୟମାବଳୀ-୨୦୧୭ ଅନୁସାରେ ଲାଇସେନ୍ସ ପ୍ରଦାନ ଓ ରିନୁଆଲ ନିମନ୍ତେ ଆଦେଶ ଦେଇଛନ୍ତି। ପ୍ରାର୍ଥୀଙ୍କ ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ ପାସ୍ ହେବା ସହ ତାଙ୍କୁ ପ୍ରଚଳିତ ପରୀକ୍ଷା ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

### ବ୍ରାଉନସୁଗାର ଜବତ, ୩ ଗିରଫ

**ଭୁବନେଶ୍ୱର, ୧୩।୧ (ସୂର୍ଯ୍ୟକାନ୍ତ ବେହେରା)**

ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବେପାର କରୁଥିବା ୩ଜଣ ନିଶା ବେପାରୀଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଭରତପୁର ଥାନା ଅନ୍ତର୍ଗତ ସାମପୁର ଅଞ୍ଚଳର ଜିତୁନ କୁମାର ସେଠୀ ଓ ଦିଲ୍ଲୀପ କୁମାର ସେଠୀ ଏବଂ ଖୋର୍ଦ୍ଧା ଟାଉନ ଅଞ୍ଚଳର ସର୍ବେଶ୍ୱର ବେହେରା। ସେମାନଙ୍କଠାରୁ ୨୦ ଗ୍ରାମ୍ ବ୍ରାଉନସୁଗାର, ୩୦ ହଜାର ଟଙ୍କା, ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ହମ୍ପରେ ବାଇକ୍‌ରୁ ଖସିପଡ଼ି ଯୁବକ ଗୁରୁତର

**ବାରଙ୍ଗ, ୧୩।୧ (ଲିଙ୍ଗରାଜ ରାଉତ)**

ତ୍ରିଶୂଳିଆ-ବାରଙ୍ଗ ମୁଖ୍ୟ ରାସ୍ତାରେ ସାଙ୍କେତିକ ଚିହ୍ନ ନ ଥିବା ଏକ ହମ୍ପରେ ବାଇକ୍‌ରୁ ଖସିପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ରାମଚନ୍ଦ୍ର ସେଠୀ। ସୋମବାର ଅପରାହ୍ନରେ ରାମଚନ୍ଦ୍ର ତ୍ରିଶୂଳିଆ ବଜାରରୁ ବାଇକ୍‌ରେ ଭୁବନେଶ୍ୱର ଯାଉଥିବାବେଳେ ଗାଡ଼ିରୁ ଖସି ପଡ଼ିବାରୁ ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ପୋଲିସ ଆମ୍ବୁଲାନ୍ସରେ ରାମଚନ୍ଦ୍ରଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ବେଆଇନ ବାଲି, ମୋରମ ଚୋରାଚାଲାଣ: ୫ ଗାଡ଼ି ଜବତ

**ବାରଙ୍ଗ/ତ୍ରିଶୂଳିଆ, ୧୩।୧ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)**

ବେଆଇନ ବାଲି ଓ ମୋରମ ଚୋରାଚାଲାଣ ବେଳେ ବାରଙ୍ଗ ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ୫ଟି ହାଇୱା ଓ ଗୋଟିଏ ଜେସିବିକୁ ଜବତ କରିବା ସହ ଖଣି ବିଭାଗକୁ ଅବଗତ କରାଇଛି। ପୋଲିସ ଥାନା ଆଗରେ ଗାଡ଼ିଗୁଡ଼ିକୁ କାଗଜପତ୍ର ଯାଞ୍ଚ କରିଥିଲେ। ମୋରମ ଓ ବାଲି ଚାଲାଣ କରୁଥିବା ଗାଡ଼ି ଚାଳକ ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ସେଗୁଡ଼ିକୁ ଜବତ କରାଯାଇଥିଲା।

### ଦୋକାନ, ଘରୁ ଚୋରି

**ତ୍ରିଶୂଳିଆ, ୧୩।୧ (ତୁଷାରକାନ୍ତ ବେହେରା)**

ବିଦ୍ୟାଧରପୁର ଗ୍ରାମର ମଣ୍ଟୁ ଦାସଙ୍କ ବାରଙ୍ଗ ଦୋଗଛିଆ ଛକ ନିକଟରେ ଥିବା ଏକ ଚାଟ ଦୋକାନରୁ ଗ୍ୟାସ, ଚୁଲା ଆଦି ସାମଗ୍ରୀ ଓ କ୍ୟାଶ୍ ଡ୍ରରୁ ଟଙ୍କା ଚୋରି ହୋଇଛି। ସେହିଭଳି ଷଣ୍ଢପୁର ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ନିର୍ମାଣାଧୀନ ଘରୁ ଲୁହା କଡ଼େଇ, ଶାବଳ ଆଦି ଘରକରଣା ସାମଗ୍ରୀ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଏନେଇ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ ହୋଇଛି।

# ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ତୁଟିଲା ଫଳକ ବିବାଦ

## ୮ ଦିନ ପରେ ଖୋଲିଲା ବିଏମ୍‌ସି ଶୌଚାଳୟ

**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ. ୩୭ରେ ନବନିର୍ମିତ ସୁଲଭ ଶୌଚାଳୟ ଫଳକରେ ନାମ ଲେଖାକୁ ନେଇ ଉପୁଜିଥିବା ରାଜନୈତିକ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ତାଗିଦା ପରେ ସୋମବାର ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଛି। ଏଥିସହ ଶୌଚାଳୟରେ ଲାଗିଥିବା ଫଳକକୁ ହଟାଯାଇଛି। ତେବେ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ଉଦ୍ୟମ ଯୋଗୁ ଶୌଚାଳୟ ଖୋଲା ଯାଇଥିବାରୁ




ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍ ତାଙ୍କ ସହ ମେୟର ଓ ବିଏମ୍‌ସି ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀକୁ ଦୃଷ୍ଟିରେ ରଖି ଗତ ୫ ତାରିଖରେ ବିଏମ୍‌ସି ପକ୍ଷରୁ ୩ଟି ସ୍ଥାନରେ ସୁଲଭ ଶୌଚାଳୟ ଉଦ୍‌ଘାଟନ ହୋଇଥିଲା। ଏଥିପାଇଁ ବିଏମ୍‌ସି ନିଜଆଡୁ ତାରିଖ ନିର୍ଦ୍ଧାରିତ କରିବା ସହ ଅତିଥିଙ୍କ ତାଲିକା ଏବଂ ଫଳକରେ ନାମ ଲେଖାଇଥିଲା। ତେବେ ୩୭ନଂ. ୱାର୍ଡରେ ଶୌଚାଳୟ ଉଦ୍‌ଘାଟନ ସମୟରେ ଲାଗିଥିବା ଫଳକରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନାମ ନ ଥିବାରୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳକରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନାମ ଲେଖା ଥିବାରୁ ସେଥିରେ କଳା ବୋଳି ଦେଇଥିଲେ, ଯାହାକୁ ଦେଖି ମେୟର ସୁଲୋଚନା ଦାସ ଉତ୍‌କ୍ଷିପ୍ତ ହେବା ସହ ଶୌଚାଳୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରଠାରୁ ଶୌଚାଳୟରେ ତାଲା ପକାଯାଇଥିଲା। ତେବେ ଏହାକୁ ଖୋଲିବା ପାଇଁ କର୍ପୋରେଟର ବନ୍ଦିତା ୧୦ ତାରିଖରେ ମେୟର, ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ। ରବିବାର ଜଗନ୍ନାଥ ଶୌଚାଳୟ ପରିଦର୍ଶନ କରିବା ସହିତ କର୍ପୋରେଟର ବନ୍ଦିତା, ସାମାଜିକ କର୍ମୀ ଅର୍ଜୁନ ବେହେରା ଏବଂ ୱାର୍ଡବାସୀ ଶୌଚାଳୟ ଆଗରେ ଧାରଣା ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ନିଜେ ଏଥିରେ ହସ୍ତକ୍ଷେପ କରି ଶୌଚାଳୟରେ କାହିଁକି ତାଲା ପଡ଼ିଛି ବୋଲି ସୁଲଭ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ମେୟରଙ୍କୁ କୈଫିୟତ ମାଗିଥିଲେ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାର ସାଂସ୍କୃତିକ ମଞ୍ଚରେ ସୋମବାର କଳାକାରମାନେ ଆଦିବାସୀ ସମ୍ପ୍ରଦାୟର ପାରମ୍ପାରିକ କୌଶଳ ପ୍ରଦର୍ଶନ କରୁଛନ୍ତି।

# ଇଣ୍ଡିଆ ଟ୍ରେକ୍‌ର ୪୦ ଜଣିଆ ପ୍ରତିନିଧିଦଳର କିଟ୍, କିସ୍ ପରିଦର୍ଶନ



ଇଣ୍ଡିଆ ଟ୍ରେକ୍ ପ୍ରତିନିଧିଦଳ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୧୩।୧ (ଅନୁରାଧା ମହାରଣା)**

ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୫ ତାରିଖରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଓ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍ଆଇଟି)ର ୪୦ ଜଣିଆ ପ୍ରତିନିଧିମଣ୍ଡଳୀ ରବିବାର ଫେରିଯାଇଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଥିବା ଉଭୟ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ରୀଛାତ୍ରମାନେ କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ବହୁ ସମୟ ଧରି ଭାବ ବିନିମୟ କରିଥିଲେ। ଭାରତ ବିଶେଷ କରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ଓ ଜ୍ଞାନର ଆଦାନ ପ୍ରଦାନ କରିବା ଏହି ପ୍ରତିନିଧି ଦଳର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ଓଡ଼ିଶା କଳା, ସଂସ୍କୃତି ଓ ପରମ୍ପରାରେ ସେମାନେ ଅଭିଭୂତ ହୋଇପଡ଼ିଥିଲେ। ଏଭଳି ପ୍ରୟାସ ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଦୀପକ ବେହେରା ପ୍ରମୁଖ ଉପସ୍ଥିତ ରହି ଇଣ୍ଡିଆ ଟ୍ରେକ ପ୍ରତିନିଧିମଣ୍ଡଳୀ ସହ ଭାବ ବିନିମୟ କରିଥିଲେ।

## ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ ଘୋଷଣା

**ଭୁବନେଶ୍ୱର, ୧୩।୧ (ସୌମ୍ୟରଞ୍ଜନ ରାଉତ)**

ଫେବ୍ରୁଆରୀ ୯ରେ ଚତୁର୍ଥ 'ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ' ପ୍ରଦାନ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଅଭିନେତା ଦେବୀ ପ୍ରସାଦ ରଥଙ୍କୁ 'ତୁଷାରଶ୍ରୀ ଜୀବନବ୍ୟାପୀ ସମ୍ମାନ'ରେ ସମ୍ମାନିତ କରାଯିବ। ଏନେଇ ମଙ୍ଗଳବାର ବୁଲନ ଭାଇ ସେବା ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଶିବିରକୁମାର ପରିଡ଼ା ଓ ଅନ୍ୟ ସଦସ୍ୟମାନେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ନାମ ଘୋଷଣା କରିଥିଲେ। ଶ୍ରେଷ୍ଠ ପ୍ରଯୋଜକ ଭାବେ ଶିବାନୀ ଗଣନାଟ୍ୟର ସୁଶାନ୍ତ କୁମାର ଦାସ, ଶ୍ରେଷ୍ଠ ଶୃଙ୍ଖଳିତ ଅନୁଷ୍ଠାନ ଭାବେ ସ୍ୱର୍ଣ୍ଣ ମହଲର ପ୍ରଯୋଜକ କବିରାଜ ସ୍ୱାଇଁ ଏବଂ ଆଦର୍ଶ ପ୍ରଯୋଜକ ଭାବେ ସିଂହବାହିନୀ ଗଣନାଟ୍ୟର ପ୍ରଯୋଜକ ସଞ୍ଜୀବ କୁମାର ପାଢୀ ପୁରସ୍କୃତ ହେବେ। ଚଳିତବର୍ଷର ଲୋକପ୍ରିୟ ଯାତ୍ରା ନାୟକ-ନାୟିକା ଯୋଡ଼ି ଗୌର ଦାସ ଓ କାବେରୀ ପାଢୀ, ଲୋକପ୍ରିୟ ଖଳ ନାୟକ ସଞ୍ଜୟ ଭୋଳ, ଶ୍ରେଷ୍ଠ ନାୟକ ପିୟୂଷ ତ୍ରିପାଠୀ, ନାୟିକା ପ୍ରଭାସିନୀ ପାଣିଗ୍ରାହୀ, ଖଳ ନାୟକ ନିଶିକାନ୍ତ ଜେନା, ସ୍ୱତନ୍ତ୍ର ଜୁରୀ ସମ୍ମାନ ଅଶ୍ୱିନୀ ତ୍ରିପାଠୀଙ୍କ ସମେତ ବିଭିନ୍ନ କଳାକାର ଓ ଟେକ୍ନିସିଆନଙ୍କୁ ମଧ୍ୟ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

# ଅଶୋକ ଲେଙ୍କାଙ୍କ ହାତରୁ ଗଲା ଭେହିକିଲ୍ ବିଭାଗ

**ଟେଣ୍ଡର ଦୁର୍ନୀତି ନେଇ ବିବାଦରେ ଥିଲେ, ଦୋଷ ଲୁଚାଇବାକୁ ବିଏମ୍‌ସିର ପ୍ରୟାସ**

**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ଟେଣ୍ଡରକୁ ନେଇ ବିବାଦରେ ଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡେପୁଟି କମିଶନର ଅଶୋକ କୁମାର ଲେଙ୍କାଙ୍କ ହାତରୁ ଭେହିକିଲ୍ ସେକ୍ସନ କାଢ଼ି ନିଆଯାଇଛି। ତାଙ୍କ ସ୍ଥାନରେ ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାସଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ବିଏମ୍‌ସି କମିଶନର ନିର୍ଦ୍ଦେଶ ଜାରି କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଭେହିକିଲ୍ ବିଭାଗରେ ହୋଇଥିବା ଟେଣ୍ଡର ଦୁର୍ନୀତିକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ପୂର୍ବତନ ଡେପୁଟି କମିଶନର ଅଶୋକ ଲେଙ୍କା ଜାଣିଶୁଣି ଟେଣ୍ଡର ପ୍ରକ୍ରିୟାରେ ପ୍ରିୟାପ୍ରୀତି ତୋଷଣ କରିଥିବା ଅଭିଯୋଗ ଉଠିଥିଲା। ତେବେ ସବୁକିଛି ଅଫିସିଆଲ୍ ପ୍ରୋସିଜିଓର୍ ହୋଇଥିବା ନେଇ ସମ୍ପୃକ୍ତ ଅଧିକାରୀ ଏବଂ ବିଏମ୍‌ସି କମିଶନର ବାରମ୍ବାର ସଫେଇ ଦେଇ ଆସୁଥିବାବେଳେ ହଠାତ୍ କାହିଁକି ଅଧିକାରୀଙ୍କ ପାଖରୁ ବିଭାଗ ଛଡାଇ ନିଆଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସତକଥା ଜଣାପଡିବା ପରେ କମିଶନର ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା ହୋଇଛି।

୨୦୨୪ ଅକ୍ଟୋବରରେ ଭେହିକିଲ୍ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଲେଙ୍କା ଏକକ ଟେଣ୍ଡର ବ୍ୟବସ୍ଥା ଆରମ୍ଭ କରିଥିଲେ। ବିଏମ୍‌ସିରେ ଲାଗୁଥିବା ଉଭୟ ବଡ଼ ଓ ଛୋଟ ଗାଡ଼ି ପାଇଁ ଏହି ଗୋଟିଏ ଟେଣ୍ଡର ଡକାଯାଇଥିଲା। ତେବେ ବିଭାଗୀୟ ଅଧିକାରୀ ଜାଣିଶୁଣି ଏକ ଘରୋଇ କମ୍ପାନୀକୁ ଏହି ଟେଣ୍ଡର ଦେଇଥିବା ବିଏମ୍‌ସି ଭେହିକିଲ୍ ଆସୋସିଏଶନ ଅଭିଯୋଗ ଆଣିଥିଲା। ଧୀରେ ଧୀରେ ଏହି ଘଟଣାକୁ ନେଇ ବିଭିନ୍ନ କର୍ପୋରେଟର ସ୍ୱର ଉଠାଇଥିଲେ। ବିଏମ୍‌ସିର ମାସିକିଆ ବୈଠକରେ ମଧ୍ୟ ଏନେଇ ହୋହଲ୍ଲା ହେବା ସହ ଅନ୍ତରୀଣ ତଦନ୍ତ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯିବ ବୋଲି କମିଶନର ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ଏନେଇ ଆଲୋଚନା ହେବାକୁ ମଧ୍ୟ ସ୍ଥିର ହୋଇଥିଲା। ତେବେ ତଦନ୍ତ ରିପୋର୍ଟରୁ କ'ଣ ଜଣାପଡିଲା ସେ ନେଇ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇ ନ ଥିବାବେଳେ ସ୍ୱତନ୍ତ୍ର ବୈଠକକୁ ବିଭିନ୍ନ ଆଳ କରି ବାରମ୍ବାର ଘୁଞ୍ଚାଯାଇଛି। ଆସନ୍ତା ବିଏମ୍‌ସି ମାସିକିଆ ବୈଠକରେ କେତେଜଣ କର୍ପୋରେଟର ଏହି ପ୍ରସଙ୍ଗ ଉଠାଇବେ ବୋଲି ସଜବାଜ ହେଉଥିବାବେଳେ ହଠାତ୍ ସମ୍ପୃକ୍ତ ଅଧିକାରୀଙ୍କ ହାତରୁ ବିଭାଗକୁ କାଢି ନିଆଯିବା ଦୁର୍ନୀତି ଅଭିଯୋଗକୁ ଦୃଢ଼ୀଭୂତ କରୁଛି।

# ଉଦ୍ୟୋଗୀ ହେବେ ସଶକ୍ତ




**ବାରଙ୍ଗ/ତ୍ରିଶୂଳିଆ, ୧୩।୧ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର 'ଉତ୍କର୍ଷ ଓଡ଼ିଶା' ଅନୁଷ୍ଠିତ ହୋଇଯାଇଛି। ୧୫୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ, ଶିଳ୍ପପତି ଓ ଶିକ୍ଷାବିତ୍ ଏଥିରେ ଏକାଠି ହୋଇ ଓଡ଼ିଶାରେ କିଭଳି ଅଧିକରୁ ଅଧିକ ଉଦ୍ୟୋଗ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ ହୋଇପାରିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ଡ. ତେଜ ପ୍ରତାପ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଆଞ୍ଚଳିକ ବିକାଶରେ ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଏସ୍ଏସ୍‌ୟୁ ଇନୋଭେଶନ ଫାଉଣ୍ଡେଶନ ସିଇଓ ଡ. ବରଦା ପ୍ରସାଦ ପାଣିଗ୍ରାହୀ ବୈଜ୍ଞାନିକ ନୂତନତ୍ୱ ଏବଂ ବ୍ୟବସାୟ କ୍ଷେତ୍ରରେ ଅଭିନବ ଚିନ୍ତାଧାରା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। 'ଇୱାଇ' ପରିଚାଳକ ଶିବାଙ୍କିତ ଦାସ ରାଜ୍ୟରେ ଏକ ସୁଦୃଢ଼ ଷ୍ଟାର୍ଟଅପ ଇକୋସିଷ୍ଟମ ସୃଷ୍ଟି ପାଇଁ ଆବଶ୍ୟକ ହେଉଥିବା ପ୍ରୟାସର କଥା କହିଥିଲେ। ବୈଷୟିକ ଅଧିବେଶନରେ ଓଏସ୍ଏମ୍ଇ ଦ୍ୱାରା ବିକଶିତ କମନ ଫ୍ୟାସିଲିଟି ସେଣ୍ଟର (ସିଏଫ୍‌ସି) ଭଳି ସୁବିଧା ବିଷୟରେ ସାତ୍ୱିକ ସ୍ୱାଇଁ ବିସ୍ତୃତ ବିବରଣୀ ଦେଇଥିଲେ। ପରେ ଡ. ମନୀଷା ଆଚାର୍ଯ୍ୟ ଉଦ୍ୟମିତା ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ।

ଏହି ଅବସରରେ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ବିଭାଗର ବିଦ୍ୟାର୍ଥୀଙ୍କ ଅଭିନବ ଚିନ୍ତାଧାରାକୁ ନେଇ ଏକ ଆଇଡିଆ ପିଚିଂ ସେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍କର୍ଷ ଓଡ଼ିଶା ଉଦ୍ୟୋଗୀ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବାରେ ଶିକ୍ଷାବିତ୍, ଶିଳ୍ପ ଓ ସରକାରୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗ ରକ୍ଷାକରି କାର୍ଯ୍ୟ କରିଥିଲା।

# ଏମ୍ସ ପରିସରକୁ ବୋମାମାଡ଼ କଲେ ଦୁର୍ବୃତ୍ତ

**ଭୁବନେଶ୍ୱର, ୧୩।୧ (ସୂର୍ଯ୍ୟକାନ୍ତ ବେହେରା)**

ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ରାଜଧାନୀ ଭୁବନେଶ୍ୱର। କଥା କଥାରେ ବୋମାମାଡ, ହଣାକଟା ଭଳି କିଛି ନା କିଛି ଘଟଣା ଘଟୁଛି। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କିଛି ଦିନ ତଳେ ବୋମାମାଡ଼ ଘଟଣା ମନରୁ ଯାଇ ନ ଥିବାବେଳେ ରବିବାର ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭୁବନେଶ୍ୱର ଏମ୍ସ ପରିସରରେ କେତେଜଣ ଦୁର୍ବୃତ୍ତ ପାଚେରି ବାହାରେ ଛିଡା ହୋଇ ବୋମାମାଡ଼ କରିଥିବା ସୂଚନା ମିଳିଛି। ଏହି ବୋମାମାଡ଼ରେ କାହାର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମନରେ ଛନକା ପଶିବା ସହ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ କିଏ ଓ କାହିଁକି ବୋମା ମାଡ଼ କରିଛନ୍ତି ତାହାର କାରଣ ଜଣାପଡ଼ି ନାହିଁ।

ସୂଚନା ଅନୁସାରେ, ରାତି ପ୍ରାୟ ୧୨ରୁ ସାଢେ ୧୨ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ଦୁଇଟି ବୋମା ମାଡ଼ କରିଥିଲେ। ଏହି ବୋମା ପୁରୁଣା କାଜୁଆଲିଟି ଓ ଗାଡ଼ିଷ୍ଟାଣ୍ଡ ମଝିରେ ଥିବା ରାସ୍ତାରେ ପଡ଼ିଥିଲା। ବୋମାମାଡ଼ ଶବ୍ଦ ଶୁଣି ରୋଗୀଙ୍କ ସମ୍ପର୍କୀୟ ଓ ସୁରକ୍ଷାକର୍ମୀ ଡରି ଯାଇଥିଲେ। ଏନେଇ ଖଣ୍ଡଗିରି ଥାନା ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି, ହସ୍ପିଟାଲ ପକ୍ଷରୁ କୌଣସି ଅଭିଯୋଗ ଏଯାବତ୍ ହୋଇନାହିଁ। ହେଲେ ଏହି ଖବର ଶୁଣି ସୁରକ୍ଷା କର୍ମଚାରୀଙ୍କୁ ପଚରାଉଚରା କରାଯାଇ ଘଟଣାର ତଦନ୍ତ କରାଯାଉଥିବା କହିଛନ୍ତି।




ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୨ ବ୍ୟାଚ୍ ଯୁକ୍ତ ୩ ବାଣିଜ୍ୟ ବିଭାଗର ବନ୍ଧୁମିଳନ ଉତ୍ସବ 'ରିୟୁନାଇଟେଡ୍' ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଲକ୍ଷ୍ମୀନାରାୟଣ ପଟ୍ଟନାୟକ, କାର୍ତ୍ତିକ ସାହୁ ଓ ଉମା ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ସମସ୍ତେ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ଆଗକୁ ସାମାଜିକ ଉନ୍ନତି ମୂଳକ କାର୍ଯ୍ୟରେ ସାମିଲ ହେବାକୁ ଶପଥ ନେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ




**ଭୁବନେଶ୍ୱର, ୧୩।୧ (ସୁଚିସ୍ମିତା ସାହୁ)**

ରସୁଲଗଡ ବାଲିଆପଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ପୂର୍ବ ସଂଭାଗ ସମ୍ପାଦକ ପଙ୍କଜ କୁମାର କର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ରାଉତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଉପସଭାପତି ସରୋଜ ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଏକାଗ୍ରତା ରହିଲେ ସଫଳତାର ଶୀର୍ଷରେ ପହଞ୍ଚିହେବ

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ଛାତ୍ର ସମ୍ମେଳନ ଉଦ୍‌ଯାପିତ**

**ଭୁବନେଶ୍ୱର, ୧୩।୧ (ସୁଚିସ୍ମିତା ସାହୁ)**

ବହୁଭାଷୀ ଓ ସାଂସ୍କୃତିକ ବିବିଧତାର ପରିଚୟ ବହନ କରୁଥିବା ଭାରତ ବର୍ଷ ବସୁଧୈବ କୁଟୁମ୍ବକମ୍ ପାଇଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଆମ ପ୍ରତିଭା ଆମକୁ ପରିଚୟ ପ୍ରଦାନ କରେ। ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଏକାଗ୍ରତା ଆବଶ୍ୟକ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ପଞ୍ଚଦିବସୀୟ ସର୍ବଭାରତୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଛାତ୍ର ସମ୍ମେଳନ ସୋମବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଓ ରାଞ୍ଚିର ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ, ଶୃଙ୍ଖଳା ଓ ନିଷ୍ଠା ସର୍ବଦା ସଫଳତାର ଚାବି କାଠି ହୋଇଆସିଛି। ଛାତ୍ରୀଛାତ୍ର ଅଧ୍ୟୟନ ଓ ଗବେଷଣା ସହ ଖେଳକୁଦରେ ମଧ୍ୟ ନିଜର ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ କହିଲେ, ଏହି ସମ୍ମେଳନ ବିଭିନ୍ନ ଭାଷା, ଅଞ୍ଚଳ ଓ ସଂସ୍କୃତି ପୃଷ୍ଠଭୂମି, ଛାତ୍ରୀଛାତ୍ରଙ୍କୁ ଏକାଠି କରି ଭବିଷ୍ୟତର ଶିକ୍ଷକଙ୍କ ମଧ୍ୟରେ ସାମଗ୍ରିକ ଶିକ୍ଷା, ସାଂସ୍କୃତିକ ବୁଝାମଣା ଓ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରୋତ୍ସାହିତ କରୁଛି। ଏହି ଅବସରରେ ପିଲାଙ୍କ ମଧ୍ୟରେ ବିତର୍କ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ଫୁଟ୍‌ବଲ, ଭଲିବଲ, ବ୍ୟାଡ୍‌ମିଣ୍ଟନ ସମେତ ବିଭିନ୍ନ ବିଭାଗର ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସମେତ ଆଜ୍‌ମେର, ଭୋପାଳ, ମୈସୁର ଓ ସିଲଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇ ସାହିତ୍ୟ, ଖେଳକୁଦ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅଧିକାଂଶ ପ୍ରତିଯୋଗୀତାରେ ଭୋପାଳ ଚମ୍ପିୟନ ହୋଇଥିବାବେଳେ ଆଜ୍‌ମେର ରନର ଅପ୍ ହୋଇଥିଲା। ଫୁଟବଲ ପ୍ରତିଯୋଗିତାରେ ଭୁବନେଶ୍ୱର ବିଜୟ ହୋଇଥିଲା। ପ୍ରଫେସର ଗୀତାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଖୁ କିଆରିରେ ନିଆଁ ଲଗାଇଲେ ଦୁର୍ବୃତ୍ତ

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅଧୀନ ବୋଧପୁର ଗ୍ରାମର କ୍ଷୀର ବେହେରାଙ୍କ ଆଖୁ କିଆରିରେ ସୋମବାର ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ୧୦ ଏକରରୁ ଊର୍ଦ୍ଧ୍ୱ ଫସଲ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ରଘୁନାଥପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ଏହି ଅଗ୍ନିକାଣ୍ଡ ଘଟାଇଥିବା କୁହାଯାଉଛି। ଏନେଇ କ୍ଷୀରଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ।

# ମାଞ୍ଜାସୂତା ସାଜିଛି ଘାତକ

### ଆହତ ହେଲେଣି ଅନେକ ପଥଚାରୀ, ଗାଡ଼ି ଚାଳକ

- ଗୁଡ଼ି ଦୋକାନରେ ପୋଲିସ ପକ୍ଷରୁ ଚଢ଼ାଉ
- ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇଲେ କଠୋର କାର୍ଯ୍ୟାନୁଷ୍ଠାନ

କଟକ,୧୩।୧(ଶିଳ୍ପା ପ୍ରିୟଦର୍ଶିନୀ)

ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବା ପରମ୍ପରା କଟକ ସହରରେ ବହୁ ପୂର୍ବରୁ ରହିଆସିଛି। ହେଲେ ଏବେ ଏହି ଗୁଡ଼ି ଉଡ଼ାରେ ବ୍ୟବହାର କରାଯାଉଥିବା ମାଞ୍ଜାସୂତା ପଥଚାରୀ ଓ ଗାଡ଼ି ଚାଳକଙ୍କ ଜୀବନ ପ୍ରତି ଘାତକ ସାଜିଛି। ରବିବାର ତ୍ରିଶୁଳିଆ ବ୍ରିଜଠାରେ ଗୁଡ଼ିର ମାଞ୍ଜାସୂତା ଲାଗି ୩ଜଣ ଗାଡ଼ି ଚାଳକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଅନିକେତ ଦାସ ନାମକ ଯୁବକଙ୍କ ବେକ ଓ ଆଙ୍ଗୁଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହିପରି ସୋମବାର ଲିଙ୍କରୋଡ୍ ଅଞ୍ଚଳରେ ଜଣେ ଗାଡ଼ି ଚାଳକଙ୍କ ବେକରେ ମାଞ୍ଜା ସୂତା ଲାଗିଥିବାବେଳେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

ଏଭଳି ଭାବେ ଗତ କିଛିଦିନ ମଧ୍ୟରେ ଏକାଧିକ ଘଟଣା ସାମ୍ନାକୁ ଆସିଲାଣି। ଏସବୁ ଘଟଣାରେ ୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। କଟକର ପ୍ରମୁଖ ସ୍ଥାନ ଚୌଧୁରୀ ବଜାର, ପିଠାପୁର, ଝୋଲାସାହି, ନନ୍ଦିସାହି, କେଉଟ ସାହି,




ହରିପୁର ଅଞ୍ଚଳରେ ଅଧିକାଂଶ ଗୁଡ଼ି ଓ ସୂତା ବିକ୍ରି କରାଯାଇଥାଏ। ଏହାକୁ ନଜରରେ ରଖି କିଛି ଦିନ ପୂର୍ବେ କଟକ ଡିସିପି ଜଗମୋହନ ମୀନା ସମସ୍ତ ଥାନାୱାରୀ ଟିମ୍ ଗଠନ କରି ଗୁଡ଼ି ଦୋକାନରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଥାନାୱାରୀ ଚଢ଼ାଉ କରାଯାଇଛି ସତ, ହେଲେ କାଁ ଭାଁ ମାଞ୍ଜାସୂତା ଜବତ କରାଯାଇଥିଲା। ସୋମବାର ପୁରୀଘାଟ ଥାନା ପୋଲିସ ଚୌଧୁରୀ ବଜାର ଅଞ୍ଚଳର ଗୁଡ଼ି ଦୋକାନରେ ଚଢ଼ାଉ କରିଛି, ହେଲେ ମାଞ୍ଜାସୂତା ଜବତ ହୋଇ ନ ଥିବା ସୂଚନା ମିଳିଛି। ସହରରେ ମାଞ୍ଜାସୂତା ବେଧଡ଼କ ଭାବେ ବିକ୍ରି ହେଉଛି, ହେଲେ ଯାଞ୍ଚ ସମୟରେ ତାହା ସାମ୍ନାକୁ ଆସୁ ନ ଥିବା ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ଏଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ଡିସିପିଙ୍କ ନିର୍ଦ୍ଦେଶରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଛି। କିଛି ସୂତା ମଧ୍ୟ ଜବତ ହୋଇଛି। ଏପରିକି ଏକାଧିକ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁଡ଼ିରେ ମାଞ୍ଜାସୂତା ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଯଦି କୌଣସି ବ୍ୟକ୍ତି ମାଞ୍ଜାସୂତା ବ୍ୟବହାର କରି ଗୁଡ଼ି ଉଡ଼ାଇବା ଓ ସୂତା ବିକିବା ସମୟରେ ଧରାପଡ଼ନ୍ତି, ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ମାନସିକ ଚାପରୁ କିରୋସିନ ଢାଳି ବୃଦ୍ଧାଙ୍କ ଆତ୍ମହତ୍ୟା

ମଙ୍ଗୁଳି-ଜଗତପୁର,୧୩।୧(ମାନସ ସାମଲ)

ଜଗତପୁର ଥାନା ଅଧୀନ ଗୋପବନ୍ଧୁ ସମବାୟ କଲୋନୀରେ ଜଣେ ବୃଦ୍ଧା କିରୋସିନ ଢାଳି ହୋଇ ସୋମବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଦ୍ୟାଭୂଷଣଙ୍କ ସ୍ତ୍ରୀ ମମତା ଦାସ (୬୪)। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମମତା ସବୁଦିନ ପରି ରବିବାର ରାତିରେ ଶୋଇଥିଲେ। ସୋମବାର ଭୋର ପ୍ରାୟ ୫ଟା ସମୟରେ ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଓ ପାଖ ପୋଡ଼ୋଶୀ ଦୌଡ଼ି ଆସିଥିଲେ। ମମତାଙ୍କ ଦେହରେ ନିଆଁ ଲାଗିବା ସହ ସେ ଚିତ୍କାର କରୁଥିବା ଦେଖିବାକୁ ପାଇ ସମସ୍ତେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଆୟତ୍ତ କଲା ବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜଗତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ମମତା ଗତ କିଛି ଦିନ ହେବ କୌଣସି କାରଣରୁ ମାନସିକ ଚାପରେ ଥିଲେ। ସେଥିପାଇଁ ସେ ନିଜେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଏଏସ୍ଆଇ ଡି ସୋମେଶ୍ୱର ରାଓ କହିଛନ୍ତି।

### ବରିଷ୍ଠ ନାଗରିକ ସଂଘ ସମ୍ମିଳନୀ

ଚୌଦ୍ୱାର,୧୩।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ନୂଆସାହିସ୍ଥିତ ନୂଆସାହି ବରିଷ୍ଠ ନାଗରିକଙ୍କ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। କପାଳେଶ୍ୱରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଆୟୋଜିତ ଉତ୍ସବରେ ସଂଘ ସଭାପତି ଆଦିକନ୍ଦ ବିହାରୀ ଅଧ୍ୟକ୍ଷତା କରି ସମସ୍ତ ସଭ୍ୟ ଏକଜୁଟ ଓ ଏକମନ ହୋଇ ପରସ୍ପରକୁ ସାହାଯ୍ୟ ଓ ସହାନୁଭୂତି ଦେଖାଇବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ବିଭୁଦତ୍ତ ବର୍ଦ୍ଧନ, ଉପସଭାପତି ରଘୁନାଥ ସ୍ୱାଇଁ, ଇଶ୍ୱରଚନ୍ଦ୍ର ଜେନା, ଅଲେଖ ବେହେରା, ନିକୁଞ୍ଜ ପଣ୍ଡା, ସୁରେନ୍ଦ୍ର ବାରିକ୍, ଆଦିକନ୍ଦ ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ, ଶିବ ପ୍ରସାଦ ପତି, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରଫୁଲ୍ଲ ସାହୁ, ରାମଚନ୍ଦ୍ର ସାହୁ, ହେମନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବାନନ୍ଦ ଆଶ୍ରମ ପକ୍ଷରୁ ଆଧ୍ୟାତ୍ମିକ ପୁସ୍ତକ ବଣ୍ଟନ ସହିତ ଶିବ ଚିଦାନନ୍ଦ ସରସ୍ୱତୀ ସମସ୍ତଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କନ୍ୟା ଶିବିର

କଟକ ସଦର,୧୩।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାମନ୍ଦିରର ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଶାଢ଼ି ପରିଧାନ, ମୁରୁଜ, ଝୋଟିପକା, ମେହେନ୍ଦି, ଶଙ୍ଖନାଦ ଓ ମ୍ୟୁଜିକ୍ ଚେୟାର ଆଦି କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁପ୍ରଭା ସ୍ୱାଇଁ ଉଦ୍ଘାଟନ କରିଥିଲେ। ଶେଷରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ. ପୁଷ୍ପିତା ପାଲୁର କିଶୋରୀଙ୍କ ଦୈନନ୍ଦିନ ସ୍ୱାସ୍ଥ୍ୟ ସମ୍ବନ୍ଧରେ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗୁରୁଜୀ, ଗୁରୁମା', ଗାଇଡ୍ ଓ ସ୍କାଉଟ୍ ପିଲାମାନେ ସହଯୋଗ କରିଥିଲେ।



ପୁଷ୍ୟାଭିଷେକ ପୂର୍ଣ୍ଣିମାରେ ସୋମବାର ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଦେବାଭିଷେକ ବେଶ।(ଫଟୋ- ରାଜକିଶୋର ମହାନ୍ତି)

## ଯଜ୍ଞ ଦ୍ୱାରା ସୁଖ, ସମୃଦ୍ଧି ବଜାୟ ରହେ

ମଙ୍ଗୁଳି-ଜଗତପୁର,୧୩।୧(ମାନସ ସାମଲ)

ଟାଙ୍ଗି-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ଗ୍ରାମପଞ୍ଚାୟତରେ ୩ ଦିନ ଧରି ଚାଲୁଥିବା ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ଦ୍ୱାଦଶ ଯଜ୍ଞ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ କର୍ତ୍ତାକର୍ତ୍ତ୍ରୀ ରୂପେ ଜଗମୋହନ ଚୌଧୁରୀ, ନମିତା ଚୌଧୁରୀ, ନୀହାରକାନ୍ତ କାନୁନ୍‌ଗୋ ଏବଂ ସ୍ନେହାଞ୍ଜଳି କାନୁନ୍‌ଗୋ ବସିଥିଲେ। ଘଣ୍ଟ, ମୃଦଙ୍ଗ ସାଙ୍ଗକୁ ହରିବୋଲ, ହୁଳିହୁଳି ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା କଳସ ଯାତ୍ରା କରିଥିବାବେଳେ ବିଶ୍ୱସ୍ତରୀୟ ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଭଗବାନ ପରିଛା ଓ ଆଚାର୍ଯ୍ୟ ମଣ୍ଡଳୀଙ୍କ ଦ୍ୱାରା ଯଥାରୀତିରେ ଯଜ୍ଞମଣ୍ଡପ ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାଯଜ୍ଞ, ଚଣ୍ଡିଯଜ୍ଞ, ମହାଆଳତି ସହ ପୂର୍ଣ୍ଣାହୁତି ସମାପନ ହୋଇଥିଲା। ପ୍ରତିବର୍ଷ ଯଜ୍ଞ ହେବା ଦ୍ୱାରା ଗ୍ରାମରେ ସୁଖ, ଶାନ୍ତି, ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରହିବା ଲୋକଙ୍କ ବିଶ୍ୱାସ ରହିଛି। ଟ୍ରଷ୍ଟି ରାଧାଗୋବିନ୍ଦ ଦାସ, ତୁଷାରକାନ୍ତ କାନୁନ୍‌ଗୋ, ଅନିଲ କାନୁନ୍‌ଗୋ, ଗୁଟୁ କାନୁନ୍‌ଗୋ, ଧର୍ମେନ୍ଦ୍ର ଚୌଧୁରୀ, ତାପସ ଦାସ, ଉଦୟ କୁମାର ଦାସ, ଶିବ ଚରଣ ଦାସ, ଭାଗ୍ୟଧର ବିଶ୍ୱାଳ, ସନ୍ତୋଷ ବେହେରା, ବିନୟ କାନୁନ୍‌ଗୋ, ତୁଷାରକାନ୍ତ କାନୁନ୍‌ଗୋ ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ। ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ରହି ବିଷ୍ଣୁକୃପା ଲାଭ କରିଥିଲେ।



ପୋଙ୍ଗଲ ପର୍ବ ଆରମ୍ଭର ପ୍ରଥମ ଦିବସରେ ସୋମବାର ସୂତାହାଟ ତନ୍ତିସାହି ଅଞ୍ଚଳରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଅଗ୍ନିଦେବତାଙ୍କୁ ପୂଜାର୍ଚ୍ଚନା କରାଯାଉଛି। (ଫଟୋ- ରାଜକିଶୋର ମହାନ୍ତି)

## ବିଭିନ୍ନ ମନ୍ଦିରରେ ପୁଷ୍ପାଭିଷେକ

ଚୌଦ୍ୱାର,୧୩।୧ (ଆଶୁତୋଷ ଦାସ)

ଚୌଦ୍ୱାର ସହରର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରଗୁଡ଼ିକରେ ପୌଷପୂର୍ଣ୍ଣିମା ଅବସରରେ ପୁଷ୍ପାଭିଷେକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ସୋମବାର ପ୍ରାତ ସମୟରୁ ପହୁଡ଼ ଫିଟା, ମଙ୍ଗଳ ଆଳତି, ମଇଲମ ଓ ବିଗ୍ରହଙ୍କୁ ପୁଷ୍ପ ବେଶରେ ସୁସଜ୍ଜିତ କରାଯାଇ ପହିଲି ଭୋଗ ଓ ଆଳତି କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନ ଭୋଗ ଓ ସନ୍ଧ୍ୟାରେ ଆଳତି କରାଯାଇଥିଲା। ଚତୁର୍ଦ୍ଧା ମୂରତୀଙ୍କ ପୁଷ୍ପାଭିଷେକ ପରେ ବିଭିନ୍ନ ମନ୍ଦିରର ରାଜାମାନଙ୍କୁ ମଧ୍ୟ ଅଭିଷେକ କରାଯାଇଥିଲା। ଚୌଦ୍ୱାର ଚାରବାଟିଆସ୍ଥିତ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ଶୁଭେନ୍ଦୁ ସାମଲ, ତିନିକୋଣିଆ ମନ୍ଦିରର ସଭାପତି ହରିହର ସାହୁ, ନବଗ୍ରହ ସାହିର ରାଜେଶ ସାହୁ ଓ ହରେକୃଷ୍ଣ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ନୀଳାଚଳ ଜଗନ୍ନାଥ ମନ୍ଦିରରେ ଶ୍ରୀ ବିଗ୍ରହଙ୍କୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

କଟକ ସଦର,୧୩।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ଗତି ରାଉତ ପାଟଣାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୪ତମ ବାର୍ଷିକୋତ୍ସବ ରବିବାର ବସୁନ୍ଧରା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମମତା ବେବର୍ତ୍ତା ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପିକ ଡ. ସ୍ମୃତିପ୍ରଭା ଦାସ, ସମ୍ମାନିତ ଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଶିଶୁ ବିଶେଷଜ୍ଞ ଡ. ପ୍ରଶାନ୍ତ କୁମାର ସାମଲ, ସାମାଜିକ କର୍ମୀ ପୀୟୂଷ ମହାନ୍ତି ଓ ପ୍ରଫୁଲ୍ଲ ସିଂହ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟୁଭୂଷଣ ମହାନ୍ତି ଶିକ୍ଷାକେନ୍ଦ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚିତ୍ରା ମହାନ୍ତି ଅତିଥି ପରିଚୟ, ସୁରଜ କୁମାର ବେହେରା ବାର୍ଷିକ ବିବରଣୀ ପାଠ, ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୈଳ ବେହେରା, ଅର୍ଚ୍ଚନା ମହାନ୍ତି ଓ ସୁବୋଧ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୨ ଚାଷୀଙ୍କଠାରୁ ୧୦୧୦ କୁଇଣ୍ଟାଲ ଧାନ ସଂଗ୍ରହ

କଣ୍ଟାପଡ଼ା,୧୩।୧(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକସ୍ଥିତ କଣ୍ଟାପଡ଼ା ଓ ଅଡ଼ଶପୁର ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ମଣ୍ଡି ଦ୍ୱାରା ଚାଷୀଙ୍କଠାରୁ ସୋମବାର ଧାନକ୍ରୟ ଆରମ୍ଭ ହୋଇଛି। ଏହି ୨ ମଣ୍ଡି ମାଧ୍ୟମରେ ୨୨ ଜଣ ଚାଷୀଙ୍କଠାରୁ ୧୦୧୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। କଣ୍ଟାପଡ଼ା ମଣ୍ଡିରେ ୧୩ ଜଣ ଚାଷୀଙ୍କଠାରୁ ୬୦୦ ଓ ଅଡ଼ଶପୁର ମଣ୍ଡିରେ ୯ଜଣ ଚାଷୀଙ୍କଠାରୁ ୪୧୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। କଣ୍ଟାପଡ଼ା ମଣ୍ଡିରେ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ, ବିଡିଓ ସ୍ୱପ୍ନିତା ନାୟକ, ଯୋଗାଣ ନୀରିକ୍ଷକ ମୋଚିରାମ ଦାସ, କଣ୍ଟଶପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ, କଣ୍ଟାପଡ଼ା ସରପଞ୍ଚ ନିର୍ମଳ ସାହୁ, ସମିତି ସଭ୍ୟ ପବିତ୍ର ସ୍ୱାଇଁ, ସେବା ସମବାୟ ସମିତି ସଭାପତି ଦ୍ୱାରିକାନାଥ ଦାସଙ୍କ ଉପସ୍ଥିତିରେ ମଣ୍ଡି ଉଦ୍‌ଘାଟିତ ହୋଇଥିଲା। ସମିତି ସମ୍ପାଦକ ଗଙ୍ଗାଧର ସାହୁ, ସହ ସମ୍ପାଦକ ତ୍ରିଲୋଚନ ସାହୁ ଓ ସମିତି କର୍ମଚାରୀ ମଣ୍ଡି ପରିଚାଳନା କରିଥିଲେ। ସେହିପରି ଅଡ଼ଶପୁର ସେବା ସମବାୟ ସମିତିରେ ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ସମ୍ପାଦକ ଆର୍ତ୍ତତ୍ରାଣ ବିଶ୍ୱାଳ, ସରପଞ୍ଚ ତପନ ଦାସଙ୍କ ଉପସ୍ଥିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଥିଲା।

## ସ୍କର୍ପିଓ ଧକ୍କାରେ ଯୁବକଙ୍କ ମୃତ୍ୟୁ | ମୃତଦେହ ରଖି ରାସ୍ତା ଅବରୋଧ କଲେ ମୃତକଙ୍କ ପରିବାର

ଖୁଣ୍ଟୁଣୀ,୧୩।୧(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ ଥାନା ମଞ୍ଜେଶ୍ୱର ପଞ୍ଚାୟତର ପାଇକେରାପୁର ଗ୍ରାମ ନିକଟରେ ସୋମବାର ସକାଳେ ସ୍କର୍ପିଓ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହେବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ସନ୍ଧ୍ୟାରେ ମୃତକଙ୍କ ପରିବାର ରାସ୍ତା ଉପରେ ମୃତଦେହ ରଖି ନୂଆପାଟଣା-ଆଠଗଡ଼ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଗୁରୁଡ଼ିଝାଟିଆ ଥାନା ଆଇଆଇସି ପରେଶ କୁମାର ମହାନ୍ତି, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଧବଳେଶ୍ୱର ବିଟ୍ ହାଉସ ଅଧିକାରୀ ଗିରୀଶ ମହାନ୍ତି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ମୃତକ ପରିବାରଙ୍କୁ ବୁଝାଶୁଝା କରି ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ଏ ସଂକ୍ରାନ୍ତରେ ମୃତ କାହ୍ନୁଙ୍କ ପରିବାର ପକ୍ଷରୁ ଏ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ ହୋଇ ନ ଥିବା ବିଟ୍ ଅଧିକାରୀ ମହାନ୍ତି କହିଛନ୍ତି। ମୃତକ ପାଇକେରାପୁର ଗ୍ରାମର କାହ୍ନୁ ଚରଣ ସାହୁ ସକାଳ ୮ଟା ୩୦ରେ ଘରୁ ବାହାରି ନୂଆପାଟଣା ପଟକୁ ଚାଲି ଚାଲି ଯାଉଥିବାବେଳେ ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା। ଗିରୀଶ ସ୍ଥାନୀୟ ଲୋକଙ୍କ ସହାୟତାରେ କାହ୍ନୁଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର କାହ୍ନୁଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ କାହ୍ନୁଙ୍କ ପରିବାର ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ।

## ବିଜୁ ପଟ୍ଟନାୟକ ପାର୍କ ପରିଦର୍ଶନ କଲେ ସୋଫିଆ

କଟକ, ୧୩।୧ (ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସୋମବାର ସିଡିଏ ସେକ୍ଟର-୧୧ ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିଦର୍ଶନ କରି ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ପାର୍କ ପରିଦର୍ଶନ କରି ବିଭିନ୍ନ ନୂତନ ନିର୍ମାଣ କାର୍ଯ୍ୟ ଦେଖିଥିଲେ। ପାର୍କରେ ବାକି ଥିବା ଛୋଟ କାର୍ଯ୍ୟ ମଧ୍ୟରେ ଇଲେକ୍ଟ୍ରିକ ଚାର୍ଜ, ସଫା କାର୍ଯ୍ୟଗୁଡ଼ିକ ଶେଷ କରିବା ସହ ଆସନ୍ତା ନେତାଜୀ ଜୟନ୍ତୀରେ ଜନସାଧାରଣଙ୍କ ନିମନ୍ତେ ପାର୍କ ଖୋଲିବା ପାଇଁ ସିଡିଏ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ଗିରିବାଳା ବେହେରା, ନିତ୍ୟାନନ୍ଦ ରାଉତରାୟ, ଗୌତମ ପଣ୍ଡା, ପ୍ରଦୋଷ ଦାସ, ସତ୍ୟଶ୍ରୀ ବେହେରା, ସୟଦ ରମଜାନ୍ ଅଲ୍ଲୀ, ସେକ ବାବଜାଣି, ଗୁଲଜାର ଅହମ୍ମଦ, ଦେବେନ୍ଦ୍ର ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁ ସ୍ମରଣେ ଉଦ୍‌ଯାପିତ



### ମନ ମୋହିଲା ନୃତ୍ୟାଭିନୟ

କଟକ,୧୩।୧(ଶିଳ୍ପା ପ୍ରିୟଦର୍ଶିନୀ)

ନୃତ୍ୟାନୁଷ୍ଠାନ 'ସୁର୍ ମନ୍ଦିର' ଓ କଳାବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୩ତମ 'ଗୁରୁ ସ୍ମରଣେ-୨୦୨୫'ର ଉଦ୍‌ଯାପନୀ ସନ୍ଧ୍ୟା କଳା ବିକାଶ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କଳାବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ଶିକ୍ଷାବିତ୍ ରବୀନ୍ଦ୍ରନାଥ ମହାନ୍ତି, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ, ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ହିମାଂଶୁ ପରିଜା ଯୋଗଦେଇ ଓଡ଼ିଶୀ ନୃତ୍ୟର ମୌଳିକତାର ସୁରକ୍ଷା ନିହାତି ଜରୁରୀ ଏବଂ ଗୁରୁମାନଙ୍କ ପ୍ରଶିକ୍ଷଣ ଓ ଶିଳ୍ପୀଙ୍କ ନିଷ୍ଠା ଏ କ୍ଷେତ୍ରରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦିକା ଗୁରୁ ଡ. ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶନାରେ ଶିଶୁଶିଳ୍ପୀମାନେ ଶ୍ରୀହରିସ୍ତୋତ୍ରମ୍, ବସନ୍ତ ପଲ୍ଲବୀ, ଭୈରବୀପଲ୍ଲବୀ, ମଦନମୋହନ ଅଷ୍ଟକମ୍ ଓ ମୋକ୍ଷ ନୃତ୍ୟାଭିନୟ ପରିବେଷଣ କରିଥିଲେ। ସୁରମନ୍ଦିରର ପର୍ଫିଂ ଗ୍ରୁପ୍ ମଞ୍ଚ ସଞ୍ଚାଳନାରେ ସମସ୍ତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଳାବିକାଶ କେନ୍ଦ୍ରର ଶିଳ୍ପୀମାନେ ଗଣେଶବନ୍ଦନା, ଓଡ଼ିଶୀ ଅଭିନୟ ପରିବେଷଣ କରିଥିବାବେଳେ ସାଇସ୍ପନ୍ଦନ ଏବଂ ନୃତ୍ୟପ୍ରଜ୍ଞା ଅନୁଷ୍ଠାନର ଶିଳ୍ପୀମାନଙ୍କ ଏକକ ଓ ଦଳଗତ ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ।

## ଧଳା ଘୁଷୁରି ଚାଷୀଙ୍କ ରାଜ୍ୟସ୍ତରୀୟ ସମାବେଶ

ଫୁଲନଖରା,୧୩।୧
(ସତ୍ୟ ରଞ୍ଜନ ଦାସମହାପାତ୍ର)




ସମାବେଶରେ ଯୋଗ ଦେଇଥିବା ଅତିଥିମାନେ।

ରାଜ୍ୟରେ ଦିନକୁ ଦିନ ଧଳା ଘୁଷୁରି ଚାଷର ଚାହିଦା ଦିନକୁଦିନ ବୃଦ୍ଧି ପାଉଛି। ଧଳା ଘୁଷୁରି ପାଳନ କରି ଚାଷୀ ମଧ୍ୟ ଲାଭବାନ୍ ହୋଇପାରୁଛି। ଏନେଇ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ଓ ଅତ୍ୟାଧୁନିକ ପ୍ରଣାଳୀରେ ଘୁଷୁରି ଚାଷ ବିଷୟରେ ଅବଗତ କରାଯିବାକୁ ଏକ ଚାଷୀ ସମାବେଶ କଟକ ସଦର ଥାନା ଅଧୀନ ପ୍ରତାପ ନଗରସ୍ଥିତ ମା' ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରାଣୀ ସମ୍ପଦ ବିଭାଗ ବୈଜ୍ଞାନିକ ନୀହାର ରଞ୍ଜନ ସାହୁ ଯୋଗଦେଇ ଧଳା ଘୁଷୁରି ଚାଷୀଙ୍କ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ ସୂତ୍ର ସମ୍ବନ୍ଧରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରାଣୀ ସମ୍ପଦ ବିଭାଗ ଡାକ୍ତର ଭକ୍ତ କୁମାର ମଲ୍ଲିକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ନୀହାର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଧଳା ଘୁଷୁରି ଚାଷୀଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଧଳା ଘୁଷୁରି ଚାଷୀ ସଙ୍ଗଠନର ସଭାପତି ବିମଳ ପ୍ରସାଦ ମହାନ୍ତି, ସମ୍ପାଦକ ଉଦୟନାଥ କର, ଉପସଭାପତି ପ୍ରଶାନ୍ତ ପରିଡ଼ା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମଟିକୁ ସଙ୍ଗଠନର ଅଧ୍ୟକ୍ଷ ଓ ଉପଦେଷ୍ଟା ଆକାଶ ବେହେରା ପରିଚାଳନା କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ ଜଣ ଧଳା ଘୁଷୁରି ଚାଷୀ ଯୋଗ ଦେଇଥିବା ବେଳେ ସଫଳ ଚାଷୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା।

## କ୍ରିକେଟ୍ ଟୁର୍ନାମେଣ୍ଟ ରାଇପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଫୁଲନଖରା,୧୩।୧
(ସତ୍ୟରଞ୍ଜନ ଦାସମହାପାତ୍ର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

କଟକ ସଦର ଥାନା ଅଧୀନ ବ୍ରାହ୍ମଣଝରିଲୋ ରାଇପୁର କୋଲ୍ଡ ଷ୍ଟୋର ପଡ଼ିଆରେ ରାଇପୁର କପ୍ ଓ ରାଇପୁର ପ୍ରିମିୟର ଲିଗ ମ୍ୟାଚ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। କେଦାରେଶ୍ୱର ୟୁଥ୍ କ୍ଲବ ଆନୁକୂଲ୍ୟରେ ୨ଟି ରାଇପୁର ପ୍ରିମିୟର ଲିଗ୍ ଓ ରାଇପୁର କପ୍ ଖେଳ ହେଉଛି। ଟୁର୍ନାମେଣ୍ଟ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟର ପ୍ରିମିୟର ଲିଗ୍‌ରେ ୮ଟି ଟିମ୍ ଭାଗ ନେଇଥିବାବେଳେ ରାଇପୁର କପ୍ ପାଇଁ ୩୨ଟି ଟିମ୍ ଭାଗ ନେଇଛନ୍ତି। ଏନେଇ ସୋମବାର ବ୍ରାହ୍ମଣଝରିଲୋସ୍ଥିତ ଦି ବ୍ଲାକ ଫରେଷ୍ଟ ରେଷ୍ଟୁରାଣ୍ଟ ନିକଟରେ ଏକ ଖବରଦାତା ସମ୍ମିଳନୀ କେଦାରେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବ୍ ସଦସ୍ୟ ଜୟନ୍ତ କୁମାର ଜେନା, ରାକେଶ ଜେନା, ଶୁଭେନ୍ଦୁ ଜେନା, ବଟକୃଷ୍ଣ ସାହୁ ଓ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ୧୯୮୦ ମସିହାରୁ ଏହି ପଡ଼ିଆରେ କ୍ରିକେଟ୍ ଟୁର୍ନାମେଣ୍ଟ ହୋଇଆସୁଛି। ସରକାର କ୍ରୀଡ଼ା ପ୍ରତି ବହୁ ଅନୁକମ୍ପା ରାଶି ବ୍ୟୟ କରୁଥିଲେ ସୁଦ୍ଧା ରାଇପୁର ଖେଳପଡ଼ିଆ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଥିବାରୁ ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହୋଇଛି। ସ୍ଥାନୀୟ କ୍ରୀଡ଼ାପ୍ରେମୀ ସେଠାରେ ଏକ ଷ୍ଟାଡିୟମ କରିବାକୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିବାବେଳେ ଅଦ୍ୟାବଧି କୌଣସି ସରକାରୀ ଅଧିକାରୀ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରିନାହାନ୍ତି। ୟୁଥ୍ କ୍ଲବର ରଜତ ମଲ୍ଲିକ, ସତ୍ୟଜିତ୍ ସାହୁ, ରାକେଶ ଜେନା, ଅୟସ ଜେନା, ଚନ୍ଦନ କୁମାର ଜେନା, ରଞ୍ଜନ କୁମାର ରଣା ପ୍ରମୁଖ କ୍ରୀଡ଼ା ପରିଚାଳନା କରୁଛନ୍ତି।

# ମକରମେଳା ପାଇଁ ହଟକେଶ୍ୱର ପୀଠ ଚଳଚଞ୍ଚଳ

- ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଚୂଡ଼ାନ୍ତ
- ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ଖୋର୍ଦ୍ଧା,୧୩।୧(ପ୍ରଭାତ ପାଣିଗ୍ରାହୀ)



ମକର ସଂକ୍ରାନ୍ତି ତଥା ମଙ୍ଗଳବାରଠାରୁ ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀହଟକେଶ୍ୱରଙ୍କ ମକର ମେଳା ଅନୁଷ୍ଠିତ ହେବ। ଏଥିସହ ଉଷ୍ମ ପ୍ରସ୍ରବଣଠାରେ ମକର ମହୋତ୍ସବ ଆୟୋଜିତ ହେବ। ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଗହଳି ରହିବ। ଏନେଇ ଜିଲା ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଏବଂ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରୀହଟକେଶ୍ୱର ସେବାୟତ ସଂଘ ପକ୍ଷରୁ ମକର ମେଳା ନେଇ ଠାକୁରଙ୍କ ନୀତିକାନ୍ତି ସ୍ଥିର କରାଯାଇଛି। ରାତି ୩ଟାରେ ଠାକୁରଙ୍କ ଦ୍ୱାରଫିଟା ନୀତି ସମ୍ପନ୍ନ ପରେ ଅଟ୍ଟି ଦଳବେହେରାଙ୍କ ଘରୁ ଆସିଥିବା ଭୋଗ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ଠାକୁରଙ୍କ ମଜଣା କରାଯାଇ ଶୃଙ୍ଗାର କରାଯିବ। ରାତି ୪ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଅପରାହ୍ନ ୨ଟାରେ ଶଙ୍ଖୁଡି ଭୋଗରେ ଅନ୍ନ, ଡାଲମା, ଖିରୀ, କାକରା, ଏଣ୍ଡୁରି ଭୋଗ ଲାଗି କରାଯିବ। ୩ଟାରେ ଠାକୁରଙ୍କ ବିଜେ ପ୍ରତିମା ପାଲିଙ୍କିରେ ବିଜେ କରି ପତିତମାନଙ୍କୁ ଉଦ୍ଧାର ଲାଗି ଉଷ୍ମ ପ୍ରସବଣ ପରିକ୍ରମା ଲାଗି ବାହାରିବେ। ସେଠାରେ ଯଜ୍ଞ(କୁଆ) କୁଣ୍ଡର ୩ଥର ବେଢ଼ା ପରିକ୍ରମା କରିବେ। ସେଠାରେ ଥିବା ବିଜେ ମଣ୍ଡପରେ ବିଜେ କରିବେ। ଭକ୍ତଙ୍କୁ ଦର୍ଶନ ଦେବା ସହ ଭୋଗଖାଇ ପୁଣି ସ୍ୱମନ୍ଦିରକୁ ବାହୁଡ଼ିବେ। ୬ଟାରେ ସନ୍ଧ୍ୟା ଆଳତି ପରେ ଗଜପତିଙ୍କ ପକ୍ଷରୁ କଲ୍ୟାଣପୁର ଗ୍ରାମବାସୀଙ୍କ ପକ୍ଷରୁ ମକର ଚାଉଳ ଠାକୁରଙ୍କ ନିକଟରେ ଲାଗି କରାଯିବ। ରାତି ୮ଟାରେ ଠାକୁରଙ୍କ ବଡ଼ସିଂହାର ବେଶ କରାଯାଇ ସିଂହାର ଖଜା ଲାଗି କରାଯିବ। ରାତି ୧୦ଟାରେ ଠାକୁରଙ୍କ ପହୁଡ ନୀତି ସମ୍ପନ୍ନ ହେବ ବୋଲି ସେବାୟତ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିଲୀପ ପଣ୍ଡା, ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନୃସିଂହ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେବାୟତ ସଂଘ ପକ୍ଷରୁ ସ୍ଥିର କରାଯାଇଥିବା ନୀତିକାନ୍ତି ସମ୍ପର୍କରେ ପ୍ରଶାସନକୁ ଜଣାଇ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ସଙ୍କଳ୍ପ କଲେ ମାନସିକଧାରୀ, ଆଜି ଗୁଆ ଖୋଜିବେ

ମକର ସଂକ୍ରାନ୍ତିରେ ଉଷ୍ମପ୍ରସ୍ରବଣରେ ଶତାଧିକ ପର୍ଯ୍ୟଟକଙ୍କ ଗହଳି ରହିଥାଏ। ଏହି ସମୟରେ ଉତପ୍ତ କୁଣ୍ଡରେ ସ୍ନାନକଲେ ଚର୍ମରୋଗ ଏବଂ କୁଆ କୁଣ୍ଡ ପାଦୁକା ଗ୍ରହଣ କଲେ ପେଟ ରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଶ୍ରୀହଟକେଶ୍ୱରଙ୍କଠାରେ ସଙ୍କଳ୍ପ ପୂର୍ବକ ଉଷ୍ମପ୍ରସ୍ରବଣଠାରେ ଦହନ କୁଣ୍ଡରେ ଗୁଆ ଖୋଜି ଭକ୍ଷଣ କଲେ ଅପୁତ୍ରିକନାରୀ ବର୍ଷକ ମଧ୍ୟରେ ସନ୍ତାନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସୋମବାର ମାନସିକଧାରୀ ମହିଳାମାନେ ପରିବାର ସହ ମନ୍ଦିରରେ ପହଞ୍ଚିଛନ୍ତି। ସେମାନଙ୍କ ପାଇଁ ମନ୍ଦିର ଯାତ୍ରୀ ବିଶ୍ରାମଗାରରେ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ମାନସିକଧାରୀମାନେ ଶ୍ରୀହଟକେଶ୍ୱରଙ୍କ ନିକଟରେ ସନ୍ତାନ ପ୍ରାପ୍ତି ଲାଗି ସଙ୍କଳ୍ପ କରିଥିଲେ। ସଂକ୍ରାନ୍ତିରେ ଦହନକୁଣ୍ଡରେ ଗୁଆ ଖୋଜିବେ ବୋଲି ଜଣାପଡ଼ିଛି। ପ୍ରାଚୀନକାଳରୁ ଏହି ପରମ୍ପରା ଚାଲିଆସିଛି ବୋଲି ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବେ ଅମ୍ଲାନ

ବୋଲଗଡ଼,୧୩।୧(ଦେବବ୍ରତ ହୋତା)



ଆସନ୍ତା ୨୬ ତାରିଖରେ ରାଜଧାନୀ ଦିଲ୍ଲୀଠାରେ ଦେଶ ପାଳନ କରିବ ସାଧାରଣତନ୍ତ୍ର ଦିବସ। ଏହି ଦିବସରେ ଦେଶର ୩ ସେନାବାହିନୀ ସହ ବିଭିନ୍ନ ସୁରକ୍ଷାବାହିନୀ, ପ୍ରଜ୍ଞାପନ ମେଢ଼ ସମେତ ବିଭିନ୍ନ ରାଜ୍ୟରୁ ମନୋନୀତ କ୍ୟାଡେଟ ଛାତ୍ରୀଛାତ୍ରମାନେ ପରେଡ୍‌ରେ ଅଂଶଗ୍ରହଣ କରିବେ। ତେବେ ଏହି ପରେଡରେ ଯୋଗଦେବା ପାଇଁ ଖୋର୍ଦ୍ଧା ଜିଲା ମହାବିଦ୍ୟାଳୟସ୍ତରରେ ୨ଜଣ ଛାତ୍ର ମନୋନୀତ ହୋଇଛନ୍ତି। ତନ୍ମଧ୍ୟରୁ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀବାହିନୀ ଅମ୍ଲାନ ଅମିତ ପ୍ରିୟଦର୍ଶନ ରହିଛନ୍ତି। ବୋଲଗଡ଼ ଗଡ଼ଭିତର ସାହିର ବିଶିଷ୍ଟ ସଙ୍ଗଠକ ଗଦାଧର ଚମ୍ପତିଙ୍କ ପୁଅ ଅମ୍ଲାନ ପରମାନନ୍ଦ ମହାବିଦ୍ୟାଳୟ ଦ୍ୱିତୀୟ ବର୍ଷ କଳା ଛାତ୍ର। ସେ ଏବେ ଦିଲୀଠାରେ ପରେଡ୍‌ରେ ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ଅଭ୍ୟାସରତ ଅଛନ୍ତି।

### ଜୟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

ବାଣପୁର,୧୩।୧(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଏଡୁ କେୟାର ବିଦ୍ୟାଳୟ ପରିସରରେ ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ଦେବାରେ ଆନନ୍ଦ ତଥା ଜୟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଓ୍ୱାର୍ଡର ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ଏବଂ ମଶାରି ବଣ୍ଟନ କରାଯାଇଥିଲା। କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସମ୍ପାଦକ ଅଶୋକ କୁମାର ନାୟକ, ବରିଷ୍ଠ ସଦସ୍ୟ ସରୋଜିନୀ ଦାଶ, ଓମ୍‌ପ୍ରକାଶ ଅଗ୍ରୱାଲ, ବିଜୟ କୁମାର ନନ୍ଦ, ଧୀରେନ୍ଦ୍ର ନାଥ ପାତ୍ର, ରବି ନାରାୟଣ ନାୟକଙ୍କ ସମେତ ସଭ୍ୟ ବିପ୍ଳବ କୁମାର ମୁଦୁଲି, ରବିନାରାୟଣ ପାଲ, ରବୀନ୍ଦ୍ରନାଥ ପ୍ରଧାନ, ଚିନ୍ତାମଣି ମିଶ୍ର, ମନୋରଞ୍ଜନ ବାରକ, ସୁନୀଲ ପାତ୍ର, ସୂର୍ଯ୍ୟ ସେନାପତି, ଅଶୋକ ପାତ୍ର, ସଚ୍ଚିଦାନନ୍ଦ ସେଠୀ, ହିମାଂଶୁ ପାତ୍ର, ସତୀଶ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ନନ୍ଦକିଶୋର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ଖୋର୍ଦ୍ଧା,୧୩।୧(ପ୍ରଭାତ ପାଣିଗ୍ରାହୀ)

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ପକ୍ଷରୁ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଜିଲାର ଜିଲାପ୍ରମୁଖ ଶୈଳେନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜୀବନରେ ଲକ୍ଷ୍ୟ ହାସଲ ଦିଗରେ ପ୍ରେରଣା ଦେଇଥିଲେ। ଖୋର୍ଦ୍ଧା ଜିଲା ସଂଯୋଜକ ସୌମ୍ୟ ରଞ୍ଜନ ସାହୁ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ସଙ୍ଗଠିତ ହୋଇ ଅନେକ କାର୍ଯ୍ୟ ସମାଧାନର ସୂତ୍ର ବତାଇଥିଲେ। ଏଥି ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଶ୍ରୀ ପ୍ରୀତିପଲ୍ଲବୀ ମହାପାତ୍ର, ପୁରୀ ବିଭାଗ ସହ ସଂଯୋଜକ ଶୋଭନ ରାଉତରାୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜନସମ୍ପର୍କ ଶିବିର

କୃଷ୍ଣପ୍ରସାଦ,୧୩।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅରଖକୁଦା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଅରଖକୁଦା ସାମୁଦ୍ରିକ ଥାନା ଆଇଆଇସି ସସ୍ମିତା ବେହେରାଙ୍କ ପୌରାହିତ୍ୟରେ ଉପ ଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ଭଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା, ପିରିଜିପୁର ସରପଞ୍ଚ ଇଂ.ମଳୟ ଜେନା, ସମିତିସଭ୍ୟ ଧୀରେନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସୁଲୋଚନା ବେହେରା, ସାମାଜିକ କର୍ମୀ ନବ କିଶୋର ଜେନା, ନାଏବ ସରପଞ୍ଚ ହରିହର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ

ଟାଙ୍ଗୀ,୧୧।୧(ରଘୁନାଥ ସାହୁ)

କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ମନୋଜ ମାନସିଂହ ସଭା ପରିଚାଳନା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ନିଶା ନିବାରଣ ସଚେତନତା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ ରଘୁନାଥ ସ୍ୱାଇଁ ପଡ଼ିରହିଥିବା କାର୍ଯ୍ୟ ତ୍ୱରାନ୍ୱିତ ସହ ସ୍କୁଲ ପଡ଼ିଆକୁ ଆଲୋକୀକରଣ କରିବା ପାଇଁ କହିଥିଲେ। ସଭାପତି ମାନସିଂହ ଅଡିଟୋରିୟମ ପାଇଁ ପୁରାତନ ଛାତ୍ର ସଂସଦର ସ୍ଥାୟୀ ସଭାପତି ତଥା ପୂର୍ବତନ ଚିଲିକା ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା, ଜିଲା ଶିକ୍ଷା ଅଧିକାରୀ ଏବଂ ବିଡିଓଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ପାଦକ ପ୍ରଶାନ୍ତ ଭୁଜବଳ, ପବିତ୍ର ସ୍ୱାଇଁ, ନିର୍ଶିରଞ୍ଜନ ବଳବନ୍ତରାୟ, ରତ୍ନାକର ସାମନ୍ତରାୟ, ରମେଶ ନାଇଡୁ, ବଙ୍କିବିକାନ୍ତ ସେନ, ଭୀମସେନ ରାଉତରାୟ, ପ୍ରସନ୍ନ ସୁବୁଦ୍ଧି, ହେମନ୍ତ ଜେନା, ପ୍ରଭାକର ମହାରଣା, ଲକ୍ଷ୍ମୀଧର ଦାସ, କିଶୋର ନାୟକ, ଦାଶରଥି ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରେ ମିଶିଲେ ଶତାଧିକ ବିଜେଡି ସମର୍ଥକ




ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦଳୀୟ ଉତ୍ତରୀୟ ପିନ୍ଧାଇ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରୁଛନ୍ତି।

ବାଲୁଗାଁ,୧୩।୧(ସଂଗ୍ରାମ ପାଇକରାୟ)

ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ପୁଅ ତଥା ବିଜେଡି ଯୁବ ସଙ୍ଗଠକ ସନ୍ତୋଷ କୁମାର ପାଇକରାୟଙ୍କ ନେତୃତ୍ୱରେ ଶତାଧିକ ବିଜେଡି ସମର୍ଥକ ଭାରତୀୟ ଜନତା ପାର୍ଟି(ଭାଜପା)ରେ ସାମିଲ ହୋଇଛନ୍ତି। ସୋମବାର ଅପରାହ୍ନରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟଙ୍କୁ ମନ୍ତ୍ରୀ ହରିଚନ୍ଦନ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ସନ୍ତୋଷ ଜଣେ ଦକ୍ଷ ସଙ୍ଗଠକ ହୋଇଥିବା ବେଳେ ତାଙ୍କର ଏହି ଦଳ ପରିବର୍ତ୍ତନ ବାଲୁଗାଁ ଏନ୍‌ଏସିରେ ବିଜେଡିକୁ ଏକ ବଡ଼ ଝଟକା ଲାଗିଛି ବୋଲି କୁହାଯାଉଛି। ତେବେ ଏନେଇ ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉତ୍ତମ ବିଚାରଧାରା ଏବଂ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ନିଜର ଶତାଧିକ ସମର୍ଥକଙ୍କ ସହ ସେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ସନ୍ତୋଷ କହିଛନ୍ତି।

## ବ୍ଲକସ୍ତରୀୟ ସର୍ବେକ୍ଷଣ ପ୍ରସ୍ତୁତି କାର୍ଯ୍ୟକ୍ରମ

ବେଗୁନିଆ,୧୩।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସରକାରୀ ଉ.ପ୍ରା. ବିଦ୍ୟାଳୟ ଗଁପୁର କଣ୍ଟାମଳିମ ପରିସରରେ ରାଜ୍ୟ ସଫଳତା ସର୍ବେକ୍ଷଣ ଫଳାଫଳ ବିଶ୍ଳେଷଣ ଓ ଯୋଜନା ପ୍ରସ୍ତୁତି ଆଧାରିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ପ୍ରଶିକ୍ଷଣ ଏବଂ ପ୍ରତିଷ୍ଠାନ ଆନୁକୂଲ୍ୟରେ ଶିକ୍ଷକ ପ୍ରଶିକ୍ଷିକା ଶିଖା ଶିଆଳଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି, ବ୍ଲକ ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀ, ଆଞ୍ଚଳିକ ସାଧନକେନ୍ଦ୍ର କର୍ମୀ ଦାଶରଥି ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦେବୀ, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଗଣିତ ବିଷୟରେ ଶିକ୍ଷାର୍ଥୀମାନଙ୍କ ମନରେ ଆଗ୍ରହ ଜାରି ରଖିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ବ୍ଲକର ୧୫ଟି କ୍ଲଷ୍ଟରର ସମସ୍ତ ସାଧନକେନ୍ଦ୍ର କର୍ମୀ ଏବଂ ୧୫ଜଣ ସମ୍ବଳ ଶିକ୍ଷକ କର୍ମଶାଳାରେ ଅଂଶଗ୍ରହଣ କରି ରାଜ୍ୟ ଓ ଜିଲାର ସ୍ଲାସ ଫଳାଫଳକୁ ଦୃଷ୍ଟିରେ ରଖି ବ୍ଲକର ୨ୟ, ୪ର୍ଥ, ୭ମ ଶ୍ରେଣୀ ଭାଷା ଓ ଗଣିତର ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ ଉପରେ ଶିକ୍ଷାର୍ଥୀଙ୍କ ଦକ୍ଷତା ଅଭିବୃଦ୍ଧି କରାଇବାକୁ ଯୋଜନା ପ୍ରସ୍ତୁତ କରିଥଲେ। ଆଞ୍ଚଳିକ ସାଧନକେନ୍ଦ୍ର କର୍ମୀ ଗଣେଶ କୁମାର ସାହୁ ସଂଯୋଜନା କରିଥିବା ବେଳେ ହେମନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୨ ବ୍ୟାଚ୍ ଯୁକ୍ତ ୩ ବାଣିଜ୍ୟ ବିଭାଗର ବନ୍ଧୁମିଳନ ଉତ୍ସବ 'ରିୟୁନାଇଟେଡ୍' ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଲକ୍ଷ୍ମୀନାରାୟଣ ପଟ୍ଟନାୟକ, କାର୍ତ୍ତିକ ସାହୁ ଓ ଉମା ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ସମସ୍ତେ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ଆଗକୁ ସାମାଜିକ ଉନ୍ନତି ମୂଳକ କାର୍ଯ୍ୟରେ ସାମିଲ ହେବାକୁ ଶପଥ ନେଇଥିଲେ।

## ଓଗାଳପଡ଼ାରେ ସହଶୈକ୍ଷିକ କାର୍ଯ୍ୟକ୍ରମ 'ବିଦ୍ୟାଳୟ ହାଟ'

ଯାଁଳା,୧୩।୧(ବୁଲା ବାରିକ)



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓଗାଳପଡ଼ାଠାରେ ସହଶୈକ୍ଷିକ କାର୍ଯ୍ୟକ୍ରମ 'ବିଦ୍ୟାଳୟ ହାଟ' ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ଗୃହ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ପରିବା, ମାଟି ପାତ୍ର, ଶିକ୍ଷଣ ସାମଗ୍ରୀ ଆଦି ପ୍ରଦର୍ଶିତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ଏବଂ ଗୋଷ୍ଠୀ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଓ୍ୱାର୍ଡମେମ୍ବର ଶରତ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିନାଥ ବେହେରା, କ୍ଲଷ୍ଟର ସଂଯୋଜିକା ପୁଷ୍ପଲତା ପରିଡ଼ା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ନାୟକ, ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ର, ସ୍ୱାଗତିକା ପରିଡ଼ା, ରଶ୍ମିତା ଜେନା ଏବଂ ଶିକ୍ଷକ ଦିବ୍ୟଜ୍ୟୋତି ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷାଦାନରେ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ବୋଲି ଗ୍ରାମବାସୀ କହିଛନ୍ତି। ଅଭିଭାବକଙ୍କ ସହଯୋଗ ରହିଲେ ଏଭଳି ସହଶୈକ୍ଷିକ କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ନାୟକ କହିଛନ୍ତି।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଣପୁର,୧୩।୧(ଦିଲୀପ କୁମାର ସ୍ୱାଇଁ)



ଭୀମପୁର ଗ୍ରାମସ୍ଥିତ ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟର ୪୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ଗଡ଼ନାୟକଙ୍କ ପରିଚାଳନା, ଶୁଭେଚ୍ଛୁ କମିଟିର ବରିଷ୍ଠ ସଦସ୍ୟ ଆନନ୍ଦଚନ୍ଦ୍ର ସେନାପତି, ବିଭୂତି ଭୂଷଣ ନନ୍ଦ, ଡ. ଚାନ୍ଦକିଶୋର ତ୍ରିପାଠୀ, ବୈରାଗୀ ଚରଣ ବେହେରା, ଅଶୋକ ନନ୍ଦଙ୍କ ସମ୍ପାଦନା ଏବଂ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂ, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଗାଲୁଆ ସରପଞ୍ଚ ସୁରେଶ ଚନ୍ଦ୍ର ବାରିକ, ବାଣପୁର ମଣ୍ଡଳ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସି.ଏଚ୍. ବିଜୟାଲକ୍ଷ୍ମୀ , ବିଦ୍ୟାଳୟ ପଞ୍ଚସଖା ସେତୁର ସଭାପତି ରମେଶ ଚନ୍ଦ୍ର ବେହେରା, ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ଶୁଭେଚ୍ଛୁ କମିଟିର ଅନ୍ୟତମ ବରିଷ୍ଠ ସଦସ୍ୟ ବାଳମୁକୁନ୍ଦ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ କଳ୍ପଲତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଶିକ୍ଷକ ଶଙ୍କର ନାୟକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟ ବିକାଶରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଟାଙ୍ଗୀ,୧୩।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ମାତାପିତା, ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପରିଚାଳନା କମିଟି ଉପସଭାନେତ୍ରୀ ସୋନାଲି ମଣ୍ଡଳ, ରତ୍ନୁ ମଣ୍ଡଳ, ଗୋବିନ୍ଦ ରାୟ, ନାରାୟଣ ଢାଲି, ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲି ପାତ୍ର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିକାଶ ଦିଗରେ ମାତାପିତା ତଥା ଅଭିଭାବକ ଏବଂ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟରେ ଶିଶୁ ଉପସ୍ଥାନ ବୃଦ୍ଧି, ଅପାର ଆଇଡି, ପରୀକ୍ଷା ପେ ଚର୍ଚ୍ଚା, ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବା, ଶୈକ୍ଷିକ ମାନ ବୃଦ୍ଧି, ବ୍ୟବହାରିକ ଜ୍ଞାନ, ଶୃଙ୍ଖଳିତ ଦିନଚର୍ଯ୍ୟା, ପିରିୟଡିକ୍ ଆକଳନ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ସ୍ୱାସ୍ଥ୍ୟ ପରୀକ୍ଷା, ମଧ୍ୟାହ୍ନଭୋଜନ, ସରକାରୀ ଅନୁଦାନ, ଶିଶୁ ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବଙ୍ଗଳା ଭାଷାର ପୁସ୍ତକ ଯୋଗାଇଦେବାକୁ ଅଭିଭାବକମାନେ ସରକାରଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟରେ ଅଧିକ ପିଲା ନାମ ଲେଖାଇବା, ନିୟମିତ ବିଦ୍ୟାଳୟ ଆସିବା ଏବଂ ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବା ପାଇଁ ଗ୍ରାମ କମିଟି ଏକ ବୈଠକ କରି ବିଷୟ ଉପସ୍ଥାପନ କରିବ ବୋଲି ନିଷ୍ପତ୍ତି ହୋଇଛି। ଶେଷରେ ସ୍ୱାଗତିକା ରାଜ ଧନ୍ୟବାଦ ଦେଇଥିଲେ।

## କାମରେ ଆସୁନି ଲୁଗାବଦଳାଇବା ଗୃହ

ନିରାକାରପୁର,୧୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କନ୍ତଳବାଇ ପଞ୍ଚାୟତ ଅନ୍ତର୍ଗତ ସ୍ଥାନୀୟ ପୋଖରୀ କୂଳରେ ମହିଳାମାନଙ୍କ ପାଇଁ ଲୁଗା ବଦଳାଇବା ଗୃହ ନିର୍ମିତ ହୋଇଥିଲା। ତେବେ ନିମ୍ନମାନର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଅନ୍ୟପଟେ ଏହି ପୋଖରୀକୁ ଗାଧୋଇବାକୁ ଆସୁଥିବା ମହିଳାମାନେ ଚାହିଁଲେ ମଧ୍ୟ ଏହି ଲୁଗାବଦଳା ଗୃହକୁ ବ୍ୟବହାର କରି ପାରୁନାହାନ୍ତି। ଅଭିଯୋଗ ମୁତାବକ, ଉକ୍ତ ପୋଖରୀ କୂଳରେ ୮୭ ହଜାର ଟଙ୍କା ବ୍ୟୟରେ ୨୦୨୧/୨୨ ମସିହାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଉକ୍ତ ଗୃହ ନିର୍ମାଣ ହୋଇଥିଲା। ଏବେ ଏହି ଗୃହ ଏକ ପରିତ୍ୟକ୍ତ ଡଷ୍ଟବିନ୍‌ର ଭ୍ରମ ସୃଷ୍ଟି କରୁଛି। ଗୃହ ଭିତରେ ଅନାବନା ଗୁଳ୍ମଲତା ମାଡ଼ିଯାଇଥିବା ବେଳେ ଏହାର ଚଟାଣରେ ବିଭିନ୍ନ ଆବର୍ଜନା ପଡ଼ିରହିଛି। ଏଠାରେ କବାଟ ଲାଗିବାର ନିୟମ ଥିଲେ ମଧ୍ୟ ତାହା ଲଗାଯାଇନାହିଁ। ଫଳରେ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଠାରେ ଲୋକେ ଅଳିଆ ଆବର୍ଜନା ପକାଉଥିବା ଦେଖିବାକୁ ମିଳିଛି। ତେଣୁ ଏହି ଲୁଗା ବଦଳିବା ଗୃହକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବଡ଼ବେରଣା-କଣ୍ଟାବାଡ଼ ରାସ୍ତାରେ ଫାଟ

### ବିଭଗୀୟ୍ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ବାଘମାରୀ,୧୩।୧(ମିହିର ରଞ୍ଜନ ମହାପାତ୍ର)



ନିର୍ମାଣକୁ ୬ମାସ ପୁରି ନ ଥିବା ବେଳେ ବଡ଼ବେରଣା-କଣ୍ଟାବାଡ଼ ରାସ୍ତା ଏବେ ଫାଟି ଆଁ କରିବା ସହ କେତେକ ସ୍ଥାନରେ ଗୋଡ଼ି ଉଠିଯାଇଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ସୂଚନାଥାଉ କି, ଖୋର୍ଦ୍ଧା ଜିଲା ବଡ଼ବେରଣା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରୁଥିବା ଢଳାଇ ରାସ୍ତା ନିମ୍ନମାନର କରାଯାଉଥିବା କାର୍ଯ୍ୟ ଆରମ୍ଭରୁ ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାସଂସ୍ଥା ଏହାକୁ ଅଣଦେଖା କରି ଢଳାଇ ପକାଇ ଚାଲିଥିଲେ। ରାସ୍ତା ଢଳାଇ ପଡିବାର ଛଅ ମାସ ପୂରୁନି ରାସ୍ତା ଫାଟି ଆଁ କଲାଣି। ଆଉ କେଉଁଠି ରାସ୍ତାରୁ ଗୋଡ଼ି ଉଠିବା ଆରମ୍ଭ ହେଲାଣି। ରାସ୍ତା ନିର୍ମାଣର କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୮୯ଲକ୍ଷ ୧୪ହଜାର ୯୯୭ଟଙ୍କା ବିନିଯୋଗରେ ୨୦୨୨/୨୩ ଆର୍ଥିକ ବର୍ଷରେ ଏହି ରାସ୍ତା ପାଇଁ ଟେଣ୍ଡର ଦିଆଯାଇଥିଲା। ଏହାର କାର୍ଯ୍ୟ ଚାରିମାସରେ ଶେଷ କରିବାକୁ ଠିକାସଂସ୍ଥା ବିଭାଗ ସହ ଚୁକ୍ତି କରିଥିଲେ। ରାସ୍ତା କାର୍ଯ୍ୟ ସରି ନ ଥିବା ବେଳେ ଯେତିକି ରାସ୍ତା କାମ ହୋଇଛି ତାହା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଛଅ ମାସ ତଳେ ନିର୍ମାଣ ହୋଇଥିବା କାର୍ଯ୍ୟ କିପରି ମରାମତି ପାଇଁ ଆବଶ୍ୟକ କଲାଣି। ଏନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ରାସ୍ତା ନିର୍ମାଣ କାର୍ଯ୍ୟ ଉନ୍ନତିମାନର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ରବୀନ୍ଦ୍ର ଜେନା କହିଛନ୍ତି, ଯଦି ରାସ୍ତା ଫାଟିଥାଏ ତେବେ ପୁନଶ୍ଚ ଠିକାସଂସ୍ଥା ନିର୍ମାଣ କରିବ।

ଫ୍ୟାଶନ

# ଶୀତଦିନେ ଦେଖାଯିବେ ଫ୍ୟାଶନେବୁଲ



ଶୀତଦିନ ସମସ୍ତଙ୍କୁ ଭଲ ଲାଗେ। ଖାସ୍‌କରି ମହିଳାମାନେ ନିଜ ଆଉଟ୍‌ଫିଟ୍ ପାଇଁ ବହୁ ଚିନ୍ତିତଥାନ୍ତି। ସେମାନଙ୍କ ମନରେ ପ୍ରଶ୍ନ ଆସେ, ଆମେ ଏମିତି କ'ଣ ପିନ୍ଧିଲେ ଶୀତ ଦାଉରୁ ରକ୍ଷାପାଇବା ସହ ଷ୍ଟାଇଲିଶ୍ ମଧ୍ୟ ଦେଖାଯିବୁ। ଏଠାରେ କିଛି ଆଉଟ୍‌ଫିଟ୍ ଆଇଡିଆ ଦେଉଛୁ ଯାହା ଆପଣଙ୍କ ୱିଣ୍ଟରକୁ ଅଧିକ ଷ୍ଟାଇଲିଂ କରିପାରିବ। ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

**ଷ୍ଟେଟ୍‌ମେଣ୍ଟ କୋଟ୍**

ଶୀତଦିନେ ଆପଣ ଲଙ୍ଗ୍ ଷ୍ଟେଟ୍‌ମେଣ୍ଟ କୋଟ୍ ପିନ୍ଧିପାରିବେ। ଏହା ଷ୍ଟାଇଲିଶ୍ ଦେଖାଯିବା ସହ ଆପଣଙ୍କୁ ଭଲ ମାନିବ। ଏହାକୁ ପିନ୍ଧିଲେ ଆପଣ ଥଣ୍ଡା ଦାଉରୁ ରକ୍ଷାପାଇପାରିବେ। ଏମିତିରେ ଆପଣ ଏହିପରି ଲଙ୍ଗ୍ କୋଟ୍ ପିନ୍ଧିବା ସହ ୱାର୍ଡରୋବ୍‌ରେ ରଖି ପାରିବେ। ଆପଣ ଟର୍ଟଲ ନେକ୍ ସ୍ୱେଟର ଏବଂ ଥର୍ମାଲ ଲେଗିଂ ସହ ଷ୍ଟେଟ୍‌ମେଣ୍ଟ କୋଟ୍ ପିନ୍ଧିପାରିବେ। ଏହା ସହ ନିଜ ଲୁକ୍ କମ୍ପ୍ଲିଟ୍ କରିବାକୁ ହେଲେ ଏଥିରେ ବୁଟ୍ ପିନ୍ଧିପାରିବେ।

**ଫକ୍ସ ଫର୍ କୋଟ୍**

ଫକ୍ସ ଫର୍ କୋଟ୍ ସବୁବେଳେ ୱିଣ୍ଟର ଫ୍ୟାଶନର ଏକ ଭାଗ। ଏମିତିରେ ଆପଣ ଏହି ପରି କୋଟ୍‌କୁ ୱାର୍ଡରୋବ୍‌ରେ ରଖିପାରିବେ। ଆପଣ ଲଙ୍ଗ୍ ଏବଂ ଶର୍ଟ ୨ ଫକ୍ସ ଫର୍ କୋଟ୍‌କୁ କରିପାରିବେ। ଏହିପରି କୋଟ୍‌କୁ ଆପଣ ଡେନିମ୍ ପ୍ୟାଣ୍ଟ ସହ ପେୟାରକରି ପିନ୍ଧିପାରିବେ। ଏହା ସହିତ ଫୁଟ୍‌ୱେର ପାଇଁ ଆପଣ ବୁଟ୍‌କୁ ଚୟନ କରିପାରିବେ।

**ନିଟ୍ ୱେଷ୍ଟ ସ୍ୱେଟର**

ଏହିପରି ନିଟ୍ ୱେଷ୍ଟ ସ୍ୱେଟର ଭଲ ଷ୍ଟାଇଲିଶ୍ ଦେଖାଯାନ୍ତି। ଆପଣ ଟର୍ଟଲ ନେକ୍ ଥର୍ମାଲ କିମ୍ବା କ୍ଲାସିକ୍ ଧଳା ଶର୍ଟ ସହ ଏହିପରି ଗ୍ରେ, ବ୍ଲାକ୍,ଗ୍ରୀନ୍ ଏବଂ ବ୍ରାଉନ୍ କିମ୍ବା ଅନ୍ୟ କଲରର ନିଟ୍ ସ୍ୱେଟର ପିନ୍ଧିପାରିବେ।



**ସ୍କର୍ଟ**

ଶୀତଦିନରେ ରଖିବା ସହ ନିଜକୁ ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ ଆପଣ ଲଙ୍ଗ କୋଟ୍, ନି ବୁଟ୍ସ ଏବଂ ପ୍ଲିସ୍ ପ୍ୟାଣ୍ଟ ପିନ୍ଧିପାରିବେ। ଏହି ଆଉଟ୍‌ଫିଟ୍ ବହୁତ ଷ୍ଟାଇଲିଶ୍ ଦେଖାଯାଇଥାଏ।

**କାର୍ଡିଗନ୍ ଏବଂ ବ୍ଲେଜର**

କାର୍ଡିଗନ୍ ଏବଂ ବ୍ଲେଜରକୁ ଆପଣ ପିନ୍ଧିପାରିବେ। ଏହା ମଧ୍ୟ ଆପଣଙ୍କୁ ଷ୍ଟାଇଲିଶ୍ ଏବଂ କ୍ଲାସିକ୍ ଲୁକ୍ ଦେଇଥାଏ। ଏହା ଆପଣଙ୍କୁ ଥଣ୍ଡା ଦାଉରୁ ରକ୍ଷା କରିଥାଏ।

# ଗୃହିଣୀଙ୍କ ପାଇଁ

ଶୀତଦିନରେ ସାଧାରଣତଃ ଗ୍ରୀନ୍ ମଟର ଅଧିକ ମିଳିଥାଏ। ଏହାକୁ ଅଧିକ ମାତ୍ରାରେ ଷ୍ଟୋରକରି ବର୍ଷ ସାରା ବ୍ୟବହାର କରିବା ଲାଗି କେତୋଟି ଟିପ୍ସ ...

- ମଟରକୁ ବର୍ଷ ସାରା ସତେଜ ଏବଂ ସ୍ୱାଦିଷ୍ଟ ରଖିବା ପାଇଁ ଆପଣ କିଛି ସହଜ ଉପାୟ ଆପଣାଇପାରିବେ।
- ମଟର ଷ୍ଟୋର କରିବାକୁ ହେଲେ ପ୍ରଥମେ ମଟରକୁ ଫୁଟୁଥିବା ପାଣିରେ ପକାନ୍ତୁ, ପରେ ଏହାକୁ ଥଣ୍ଡା ପାଣିରେ ପକାନ୍ତୁ। ଏବେ ମଟରକୁ ପାଣିରୁ ଛାଣି ଭଲଭାବେ ଖରାରେ ଶୁଖାଇଦିଅନ୍ତୁ। ଏବେ ପ୍ୟାକେଟରେ ଭରି ରଖନ୍ତୁ। ଏହାକୁ ଛୋଟ ଛୋଟ ସିଲ୍ କରି ପ୍ୟାକେଟ୍‌ରେ ଭରି ରଖନ୍ତୁ। ଏହାକୁ ପରେ ନିଜ ଆବଶ୍ୟକତା ଅନୁସାରେ କାଢ଼ି ବ୍ୟବହାର କରିପାରିବେ। ଏହି ପ୍ୟାକେଟ୍‌କୁ ଫ୍ରିଜରରେ ରଖିଦିଅନ୍ତୁ।
- ସୋରିଷ ତେଲ ମଟରକୁ ଫ୍ରିଜ୍‌ରେ ଜମିବାକୁ ଦିଏ ନାହିଁ ଏବଂ ଏହା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରଖିଥାଏ। ପ୍ରଥମେ ମଟରରୁ ଚୋପା ଛଡ଼ାଇ ତାକୁ ଭଲଭାବେ ଧୋଇଦିଅନ୍ତୁ। ଏବେ ଏହାକୁ ଶୁଖାଇ ଦିଅନ୍ତୁ। ମଟରକୁ ସଫା କପଡ଼ାରେ ଖେଳାଇ ଶୁଖାଇ ଦିଅନ୍ତୁ। ମଟର ଏବଂ ଅଳ୍ପ ସୋରିଷ ତେଲ ଭଲ ଭାବେ ମିଶାଇ ରଖନ୍ତୁ। ଏହାକୁ ଏୟାର ଟାଇଟ୍ କଣ୍ଟେନର ଭରି ଫ୍ରିଜରରେ ରଖନ୍ତୁ।
- ୧ ଲିଟର ପାଣିରେ ୨ ବଡ଼ ଚାମଚ ଲୁଣ ପକାଇ ଗୋଳାଇ ମଟରକୁ ପକାଇ ତାକୁ ଫୁଟିବାକୁ ଦିଅନ୍ତୁ। ଏବେ ମଟରକୁ ଥଣ୍ଡା ପାଣିରେ ପକାଇ ଥଣ୍ଡାକରି ଦିଅନ୍ତୁ। ଏହି ଫୁଟିଥିବା ମଟରକୁ ଜାଲିରେ ଛାଣି ତାକୁ ଭଲଭାବେ ଶୁଖାଇ ଦିଅନ୍ତୁ। ଏବେ ଏୟାରଟାଇଟ୍ କଣ୍ଟେନରରେ ଭରି ଫ୍ରିଜରରେ ରଖିଦିଅନ୍ତୁ।

# ପିଲାଙ୍କ ନଖ କାମୁଡ଼ା ସମସ୍ୟା

**ବିଶେଷଭାବରେ କେତେଜଣ ପିଲାଙ୍କଠାରେ ନଖ କାମୁଡ଼ା ସମସ୍ୟା ଦେଖିବାକୁ ମିଳିଥାଏ। ବେଳେବେଳେ ବୟସ ବଢ଼ିବା ସାଙ୍ଗକୁ ଏହି ଅଭ୍ୟାସ ସହ ସେମାନେ ଜଡ଼ିତ ହୋଇଥାଆନ୍ତି। ତେଣୁ ଏପରି ଅଭ୍ୟାସଠାରୁ ସେମାନେ କିପରି ଦୂରେଇ ରହିବେ ଜାଣନ୍ତୁ ସେ ସମ୍ପର୍କରେ...**



ଯଦି ଘରେ ଛୋଟ ପିଲା ଥାନ୍ତି ତେବେ ତାଙ୍କ ସ୍ୱାସ୍ଥ୍ୟର ଧ୍ୟାନ ରଖିବା ବହୁତ ଜରୁରୀ। ତା' ସହ ସେମାନେ କିପରି ସଫାସୁତର ରହିବେ ସେଥିପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ମାତାପିତା ବ୍ୟସ୍ତ ରହୁଥିବା କାରଣରୁ ପିଲାଙ୍କ ନଖ ବଢ଼ିଯାଇଥାଏ ଏବଂ ଏଥିରେ ମଇଳା ପଶିଯାଇଥାଏ। ଯଦି ନଖ ବଡ଼ ରୁହେ ତେବେ ଧୂଳି ମାଟି ରହିବା ସହ ରୋଗ ଜୀବାଣୁ ନଖ ମଧ୍ୟରେ ପଶି ତାଙ୍କ ଶରୀର ମଧ୍ୟକୁ ଚାଲିଯାନ୍ତି। ଏହାଦ୍ୱାରା ପିଲା ବାରମ୍ବାର ଅସୁସ୍ଥ ହୋଇଥାଏ। ନଖକୁ ଠିକ୍ ସମୟରେ ନ କାଟିବା ଦ୍ୱାରା ପିଲାଙ୍କୁ ଅନେକ ପ୍ରକାର ସମସ୍ୟା ଭୋଗିବାକୁ ପଡ଼ିପାରେ। ଏଥିପାଇଁ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ଉଭୟ ହାତ ଏବଂ ଗୋଡର ନଖ କାଟିବା ଜରୁରୀ।

**ଇନ୍‌ଫେକ୍ସନର ଭୟ:** ପିଲା ବାରମ୍ବାର ପାଟିରେ ହାତ ଦେବାକୁ ଚେଷ୍ଟା କରିଥାନ୍ତି। ଯଦି ଛୋଟ ପିଲାଙ୍କ ନଖ ଠିକ୍ ସମୟରେ ନ କଟାଯାଏ ତେବେ ନଖରେ ଥିବା ଫଙ୍ଗସ୍ ଏବଂ ବ୍ୟାକ୍ଟେରିଆ ଜମି ରହିଯାନ୍ତି। ସେମାନେ ହାତକୁ ମୁହଁରେ ମାରିବା ଦ୍ୱାରା ସେମାନଙ୍କ ପେଟରେ ଜର୍ମ ଇନ୍‌ଫେକ୍ସନର ଭୟ ରହିଥାଏ।

**ପେଟରେ ଯନ୍ତ୍ରଣା:** ନଖକୁ ଠିକ୍ ସମୟରେ ନ କାଟିବା ଦ୍ୱାରା ପିଲାଙ୍କ ପେଟରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ପିଲା ବିଭିନ୍ନ ପ୍ରକାର ଜିନିଷରେ ହାତ ମାରିଥାନ୍ତି। ପରେ ସେମାନେ ହାତ ଧୋଇ ନ ଥାନ୍ତି। ଏହି କାରଣରୁ ନଖରେ ବ୍ୟାକ୍ଟେରିଆ ଲାଗିଯାନ୍ତି।

**ଡାଇରିଆ:** ପିଲାଙ୍କ ହାତ ନଖ ବଡ଼ ହୋଇଯିବା କାରଣରୁ ଏଥିରେ ବ୍ୟାକ୍ଟେରିଆ ପାଟି ମାଧ୍ୟମରେ ପେଟକୁ ଯାଇଥାନ୍ତି। ଏମାନେ ପେଟରେ ଇନ୍‌ଫେକ୍ସନ ହେବା ଆଶଙ୍କା ରହିଛି। ଏହି କାରଣରୁ ପିଲାଙ୍କୁ ଡାଇରିଆ ହେବାର ଦେଖାଯାଏ। ବାନ୍ତିହେବା ଏବଂ ପେଟ ଯନ୍ତ୍ରଣା ଭଳି କେତେକ ସମସ୍ୟା ଦେଖାଯାଏ।

**ରୋଗ ପ୍ରତିରୋଧକ ଶକ୍ତି କମିଯାଏ:** ଯଦି ଆପଣ ପିଲାଙ୍କ ନଖକୁ ସମୟ ସମୟରେ ନ କାଟନ୍ତି ତେବେ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ। ଏହାଦ୍ୱାରା ପିଲା ବାରମ୍ବାର ଅସୁସ୍ଥ ହୋଇଥାଏ। ଏଥିପାଇଁ ନଖକୁ ସଫାସୁତୁରା ରଖିବାକୁ ଦୃଷ୍ଟିଦେବା।

**ଟାଇଫଏଡ୍:** ପିଲାଙ୍କ ନଖ ବଡ଼ ରହିବା କାରଣରୁ ଶରୀରରେ ଟାଇଫଏଡ୍ ଏବଂ ଅନ୍ୟ ସଂକ୍ରମଣ ହେବା ଆଶଙ୍କା ଥାଏ। ଥରେ ଟାଇଫଏଡ୍ ହେବା ଦ୍ୱାରା ପିଲାକୁ ଠିକ୍ ହେବା ଲାଗି ଅଧିକ ସମୟ ଲାଗିଥାଏ।

**ଖଣ୍ଡିଆ ଖାବରା ହେବା ରହିଛି ଭୟ:** ପିଲାଙ୍କ ନଖ ବଡ଼ ହୋଇଗଲେ ଏହା ସାହାଯ୍ୟରେ ପିଲା ଆହତ ହେବା ସହିତ ଅନ୍ୟମାନେ ମଧ୍ୟ ଆହତ ହେବାର ଆଶଙ୍କା ରହିଛି। ଯଦି ଆପଣ ପିଲାର ସ୍ୱାସ୍ଥ୍ୟକୁ ନେଇ ଗଭୀର ଭାବେ ଚିନ୍ତିତ, ତେବେ ମଝିରେ ମଝିରେ ନଖ କାଟନ୍ତୁ। ଏହାଦ୍ୱାରା ପିଲା ହାଇଜିନ୍ ରହିବ ଏବଂ ସେମାନେ ବିଭିନ୍ନ ପ୍ରକାର ରୋଗଠାରୁ ଦୂରେଇ ରହିପାରିବେ।

**ପିଲାଙ୍କ ନଖ କିପରି କାଟିବେ :** ପିଲାଙ୍କ ନଖ ବହୁ ଜଲ୍‌ଦି ବଢ଼ିଥାଏ। ଏହାକୁ ସମୟ ସମୟରେ ନ କାଟିବା ଦ୍ୱାରା କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ନଖ କାଟିବାକୁ ହେଲେ ଠିକ୍ ସମୟ ନିର୍ଦ୍ଧାରଣ କରନ୍ତୁ। ପିଲାଙ୍କ ସେତେବେଳେ କାଟିବା ଆବଶ୍ୟକ ସେମାନେ ଯେତେବେଳେ ଶାନ୍ତ ଥିବେ। ପିଲା ଶୋଇବା ସମୟରେ ନଖ କାଟିପାରିବେ କିମ୍ବା ପିଲା ମା'କ୍ଷୀର ଖାଉଥିବା ସମୟରେ ନଖ କାଟିପାରିବେ। କାହିଁକି ନା ଏହି ସମୟରେ ପିଲା ଆରାମରେ ଥାଏ ହଲିବା ସମ୍ଭାବନା କମ୍ ହୋଇଥାଏ। ଫଳରେ ନଖକୁ ଆରାମରେ କାଟିପାରିବେ।

**ଠିକ୍ ଉପକରଣ:** ଠିକ୍ ଉପକରଣ ବ୍ୟବହାରକରି ନଖ କାଟିପାରିବେ। ଯେମିତିକି ପିଲାଙ୍କ ନଖ କାଟିବା ସମୟରେ ବିଶେଷ ରୂପରେ ଡିଜାଇନ୍ କରାଯାଇଥିବା ନେଲ୍ କ୍ଲିପର କିମ୍ବା ଛୋଟ କଇଁଚି ମଧ୍ୟ ବ୍ୟବହାର କରିପାରିବେ। ପିଲାଙ୍କ ନଖ ବହୁତ କୋମଳ ହୋଇଥାଏ। ଏଥିପାଇଁ ବଡ଼ କିମ୍ବା ସାଧାରଣ ନେଲ୍ କ୍ଲିପର ସାହାଯ୍ୟରେ ନଖ କାଟିବା କଷ୍ଟକର ହୋଇଥାଏ। ପିଲାଙ୍କ ନଖ କାଟିବା ସମୟରେ ଧୀରେ ଧୀରେ ସାବଧାନତା ସହକାରେ କାଟନ୍ତୁ। ସର୍ବପ୍ରଥମେ ନଖର ଲମ୍ବ ଉପରେ ଧ୍ୟାନ ରଖି କାଟନ୍ତୁ। ଏହାକୁ ପୂରା ମୂଳରୁ କାଟନ୍ତୁ ନାହିଁ। ଏହାଦ୍ୱାରା ପିଲାର ଚର୍ମ କଟିଯିବାର ଆଶଙ୍କା ରହିଛି। ଏଥିପାଇଁ ପିଲା ନଖ କାଟିବା ସମୟରେ ସତର୍କତାର ସହ କାଟନ୍ତୁ।

**କାହାର ସାହାଯ୍ୟ ନେଇପାରିବେ :** ଯଦି ପିଲା ନଖ କାଟିବା ସମୟରେ ହଲୁଥାଏ ତେବେ ଅନ୍ୟ କାହାର ସାହାଯ୍ୟ ନେଇପାରିବେ। ଜଣେ ବ୍ୟକ୍ତି ପିଲାକୁ ଧରିଲେ ଆପଣ ଆରାମରେ ନଖ କାଟିପାରିବେ।

**ନଖ କାଟିବା ଭୟ:** ଯଦି ଆପଣଙ୍କ ପିଲା ନଖ କାଟିବାକୁ ଡରୁଥାଏ ତେବେ ଧୀରେ ଧୀରେ ଏହି କାଟିବା ପ୍ରକ୍ରିୟାରେ ପରିଚିତ କରାନ୍ତୁ। ନଖ କାଟିବା ସମୟରେ ତା' ସହ ମଝିରେ ମଝିରେ କଥା ହୁଅନ୍ତୁ। ଏହାଦ୍ୱାରା ପିଲା ଟିକେ ଅନ୍ୟମନସ୍କ ରହିବ ଏବଂ ତା'ର ନଖ ବହୁତ ଆରାମରେ କାଟିପାରିବେ।

## ନଖ କାମୁଡ଼ିବା ଏକ ମନସ୍ତାତ୍ତ୍ୱିକ ସମସ୍ୟା

ସାଧାରଣତଃ କେତେଜଣ ପିଲା ନଖ କାମୁଡୁଥିବା ଦେଖିବାକୁ ମିଳେ। ଏହା ମଧ୍ୟ ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ତାହାକୁ ଦେଖି କେତେଜଣ ମାତାପିତାଙ୍କ ମନରେ ଭିନ୍ନ ଭିନ୍ନ ପ୍ରଶ୍ନାବଳୀ ଉଦ୍ରେକ ହେବା ସ୍ୱାଭାବିକ। ହେଲେ ଏହାକୁ ନେଇ ଶଙ୍କା-ଆଶଙ୍କା ଭିତରେ ରହିବା ଆଦୌ ଠିକ୍ ନୁହେଁ। ଏହା ପିଲାମାନଙ୍କ ଏକ ମନସ୍ତାତ୍ତ୍ୱିକ ସମସ୍ୟା ଭାବରେ ନିଆଯାଇଥାଏ। ଯେତେବେଳେ କୌଣସି ପିଲାଠାରେ ଏଭଳି ସସମ୍ୟା ଆରମ୍ଭ ହୁଏ କେତେଜଣ ମାତାପିତା ଏହାକୁ ପ୍ରାରମ୍ଭରୁ ଅଣଦେଖା କରିଥାଆନ୍ତି। ଯଦି ମା'ବାପା କର୍ମଜୀବୀ ଆଉ ପିଲାଟି ଅଧିକାଂଶ ସମୟ ଏକୁଟିଆ ରହୁଥାଏ ତେବେ ଏଭଳି ଅଭ୍ୟାସ ତା'ଠାରେ ଦେଖାଦେବାର ଆଶଙ୍କା ରହିଛି। ପିଲାଟିକୁ ଯଦି ଖେଳିବାକୁ ସାଙ୍ଗସାଥୀ ମିଳୁନାହାନ୍ତି ତେବେ ସେ ନଖ କାମୁଡ଼ିପାରେ। ମା' ବାପା ଯଦି ପ୍ରାୟ କଳି କରନ୍ତି ତେବେ ଏହାର ପ୍ରଭାବ ପିଲାଟିଠାରେ ଏଭଳି ସମସ୍ୟା ଦେଖାଯିବା ଆଶଙ୍କା ରହିଛି। ପିଲାଠାରେ ଆଇରନ୍ ଭାଗ କମିବା ମଧ୍ୟ ଏହାର ଅନ୍ୟ ଏକ କାରଣ। ତେଣୁ ପିଲାଟିକୁ ଏପରି ଅଭ୍ୟାସରୁ ଆରମ୍ଭରୁ ବାରଣ କଲେ ସେ ସେଥିରୁ ଭବିଷ୍ୟତରେ ନିବୃତ ରହିପାରିବ।

*-ଡା. ନୀଳମାଧବ ଜେନା, ପୂର୍ବତନ ସଭାପତି, ଭାରତୀୟ ଶିଶୁ ଚିକିତ୍ସକ ସଂଘ*







ସୌନ୍ଦର୍ଯ୍ୟ

# ଶୀତଦିନ ଓ ମଶ୍ଚରାଇଜର

ସାଧାରଣତଃ ଶୀତଦିନେ ଅନେକେ ସ୍କିନ୍ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। କିନ୍ତୁ ଏହି ଋତୁରେ ସ୍କିନ୍‌କୁ ମୁଲାୟମ ରଖିବାର କେତୋଟି ସହଜ ତଥା ସରଳ ଉପାୟ ରହିଛି। ଏହାକୁ ଆପଣେଇ ପାରିଲେ ଆପଣଙ୍କର ସ୍କିନ୍‌ରେ ଚମକ୍ ଆସିବ। ଜାଣନ୍ତୁ ଏ ସମ୍ପର୍କରେ...



- ନର୍ମାଲ ସ୍କିନ୍ ଥିବା ମହିଳାଙ୍କୁ ଏକ ବାଲାନ୍ସ ମଶ୍ଚରାଇଜର ଲଗାଇବା ଆବଶ୍ୟକ। ଏହି ମଶ୍ଚରାଇଜର ଲୋଶନ ଲଗାଇବା ଦ୍ୱାରା ତ୍ୱଚା ଏତେ ତେଲିଆ ହୋଇ ନ ଥାଏ।
- ଅଏଲି ସ୍କିନ୍ ଥିବା ମହିଳାଙ୍କୁ ଅତ୍ୟଧିକ ମଶ୍ଚରାଇଜରର ଆବଶ୍ୟକତା ରହିଥାଏ। କାରଣ ସ୍କିନ୍‌ରେ ପର୍ଯ୍ୟାପ୍ତ ପାଣିର ବାଲାନ୍ସ ରଖିବାକୁ ହେଲେ ଅତ୍ୟଧିକ ତେଲିଆଯୁକ୍ତ ମଶ୍ଚରାଇଜର ବ୍ୟବହାର କରିବାଠୁ ନିଜକୁ ରକ୍ଷାକରିବା ଆବଶ୍ୟକ।
- ଶୀତଦିନରେ ଶୁଷ୍କତା ବଢ଼ିଯାଇଥାଏ। ଡ୍ରାଏ ସ୍କିନ୍ ଥିବା ବ୍ୟକ୍ତିଙ୍କୁ ତ୍ୱଚାକୁ ନମନୀୟ ରଖିବାକୁ ହେଲେ ଗ୍ଲିସେରିନ୍ ଭଳି ଇଗ୍ରେଡିଏଣ୍ଟ ଥିବା ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ।
- କମ୍ବିନେଶନ ସ୍କିନ୍ କହିବାକୁ ଗଲେ ଯେଉଁଠି କେତେବେଳେ ଡ୍ରାଏ ଥିବା ବେଳେ ଆଉ କେଉଁଠି ଅଏଲି ସ୍କିନ୍ ଦେଖାଯାଇଥାଏ। ଶରୀରର ଅଏଲି ସ୍ଥାନରେ ଲାଇଟ୍ ମଶ୍ଚରାଇଜର ଲଗାନ୍ତୁ ଏବଂ ଡ୍ରାଏ ସ୍ଥାନରେ ଡିପ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ।
- ସେନ୍‌ସିଟିଭ୍ ସ୍କିନ୍‌ର ଯତ୍ନ ଅଧିକ ନେବାକୁ ପଡ଼ିଥାଏ। ସ୍କିନ୍ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାପାଇବାକୁ ହେଲେ ବିନା ସୁଗନ୍ଧିତ ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ।




ଖାଦ୍ୟରୁଚି // ଆଳୁ ପକୋଡ଼ା

**ଆବଶ୍ୟକ ସାମଗ୍ରୀ:** ଆଳୁ ୨-୩ଟି କଦୁକଶ ହୋଇଥିବା, ବେସନ ୧ କପ, କଞ୍ଚାଲଙ୍କା ୨/୩ଟି ଛୋଟ ଆକାରରେ କଟାହୋଇଥିବା, ଧନିଆଁପତ୍ର ଅଧା କପ, ଗରମ ମସଲା, ଅଦା ରସୁଣ ପେଷ୍ଟ ୧ ଛୋଟ ଚାମଚ, ହେଙ୍ଗୁ ଚିମୁଟାଏ, ନାଲି ଲଙ୍କାଗୁଣ୍ଡ ଅଧା ଛୋଟ ଚାମଚ, ହଳଦୀ ପାଉଡର ଏକ ଚତୁର୍ଥାଂଶ, ସ୍ୱାଦ ଅନୁସାରେ ଲୁଣ, ଛାଣିବା ଲାଗି ତେଲ, ଆବଶ୍ୟକତା ଅନୁଯାୟୀ ପାଣି।

**ପ୍ରସ୍ତୁତି ପ୍ରଣାଳୀ**

ଆଳୁକୁ ପ୍ରଥମେ ଚୋପା ଛଡ଼ାଇ କଦୁକଶ କରିଦିଅନ୍ତୁ। ଏଥିରୁ ଅତିରିକ୍ତ ପାଣି କାଢ଼ି ଦିଅନ୍ତୁ। ଏବେ ବେସନ ଘୋଳ ପ୍ରସ୍ତୁତ କରନ୍ତୁ। ଏକ ବଡ଼ ପାତ୍ର ନିଅନ୍ତୁ ସେଥିରେ କିଛି ବେସନ ନିଅନ୍ତୁ। ଏଥିରେ କଞ୍ଚାଲଙ୍କା, ହଳଦୀ ପାଉଡର, ଧନିଆଁ ପତ୍ର, ଅଦା ରସୁଣ ପେଷ୍ଟ, ହେଙ୍ଗୁ, ନାଲି ଲଙ୍କା ପାଉଡର, ଗରମ ମସଲା ଏବଂ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରେ ଧୀରେ ଧୀରେ ପାଣି ପକାଇ ଗୋଳାଇ ପ୍ରସ୍ତୁତ କରନ୍ତୁ। ଧ୍ୟାନରଖନ୍ତୁ, ଏହି ଘୋଳ ଯେପରି ବହୁତ ମୋଟା କିମ୍ବା ପତଳା ନ ହେବ। ଏବେ ସେଥିରେ କଦୁକଶ ହୋଇଥିବା ଆଳୁ ମିଶାନ୍ତୁ। ଏବେ ଏକ କଡ଼େଇ ନିଅନ୍ତୁ, ସେଥିରେ ତେଲ ପକାଇ ଗରମ କରନ୍ତୁ। ଏବେ ଗରମ ତେଲରେ ଏହି ମିଶ୍ରଣକୁ ପକାଇ ଛାଣନ୍ତୁ। ଏହା ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏବେ ଟିସୁ ପେପର ପକାଇ ଛଣା ହୋଇଥିବା ଆଳୁ ପକୋଡ଼ା ରଖନ୍ତୁ। ଏହାଦ୍ୱାରା ଅତିରିକ୍ତ ତେଲ ବାହାରିଯିବ। ଏହି ପକୋଡାକୁ ଟମାଟୋ ସସ୍ ଏବଂ ଗ୍ରୀନ୍ ଚଟଣି ସହ ଖାଇପାରିବେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୧୩ ଲକ୍ଷ କୋଟି

■ ୪ଦିନରେ ୨୫ ଲକ୍ଷ କୋଟି କ୍ଷତି
■ ୧୦୪୯ ପଏଣ୍ଟ କମିଲା ସେନସେକ୍ସ
■ ୨୩,୦୦୦ ଉପରେ ନିଫ୍ଟି



**ମୁମ୍ବାଇ,୧୩।୧ (ଅଭୟ ଦାଶ)**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ସାଙ୍ଗକୁ ଭାରତୀୟ ଟଙ୍କା ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ଷ୍ଟକ ମାର୍କେଟ (ପୁଞ୍ଜି ବଜାର) ଉପରେ ସିଧାସଳଖ ପଡୁଥିବା ଘରୋଇ ଶେୟାର ବଜାରର କାରବାର ଫଳାଫଳରୁ ସ୍ପଷ୍ଟ ବାରି ହେଉଛି। ଏପରିକି ଗତ ସପ୍ତାହର କାରବାର ଓ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ମୋଟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଥିଲାବେଳେ ଗତ ୪ଟି କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ନିବେଶକ ପ୍ରାୟ ୨୫ (୨୪.୬୯) ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଗତ ସପ୍ତାହର ଶେଷ କାରବାର ଫଳାଫଳ ସୁଦ୍ଧା ପୁଞ୍ଜି ବଜାରର ବଜାର ପୁଞ୍ଜି ୪୩୦ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ସୋମବାର)ର ଫଳାଫଳ ଶେଷ ସୁଦ୍ଧା ଶେୟାର ବଜାରର ନିବେଶକମାନେ ପ୍ରାୟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜି ବଜାରର ବଜାର ପୁଞ୍ଜି ୧୩ ଲକ୍ଷ କୋଟି ହ୍ରାସ ପାଇ ୪୧୭ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ସୋମବାର ବେଶ ପ୍ରଭାବିତ ହୋଇଛି। ଏପରିକି ବିଏସଇ ସେନସେକ୍ସର କାରବାର ପ୍ରାୟ ୧୦୪୯ ପଏଣ୍ଟ ହ୍ରାସ ଘଟି୭୬,୩୩୦.୦୧ ଅଙ୍କରେ କାରବାର ବନ୍ଦ ହୋଇଥିଲାବେଳେ ନିଫ୍ଟି ୧.୪୭% ହ୍ରାସ ଘଟି ୨୩,୦୮୫.୯୫ ଅଙ୍କରେ କାରବାର ବନ୍ଦ ରହିଥିଲା। ଅପରପକ୍ଷରେ ୩୦ ଶେୟାର ବିଶିଷ୍ଟ ବିଏସଇ ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାର ୪% ଲେଖାଏ ହ୍ରାସ ଘଟିଛି। ଏପରିକି ନିଫ୍ଟି ମିଡକ୍ୟାପର କାରବାର ୪.୦୨% ହ୍ରାସ ଖଟି ୫୨,୩୯୦.୪୦ ଅଙ୍କରେ ବନ୍ଦ ହୋଇଥିଲାବେଳେ ସ୍ମଲକ୍ୟାପର କାରବାର ୩.୮୦% କମି ୮୦୬୮.୨୦ ଅଙ୍କରେ ଶେଷ ହୋଇଥିଲା। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୮୯୨.୯୦ ପଏଣ୍ଟ ହ୍ରାସ ଘଟି ୪୮,୦୪୧.୨୫ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ସେକ୍ଟୋରାଲ କାରବାରରେ ପିଏସୟୁ ବ୍ୟାଙ୍କ, ଅଟୋ, ମେଟାଲ ଏବଂ ମିଡିଆ ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୩ରୁ ୫% ନିବେଶ ହରାଇଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୧୦୪୯ (୧୦୪୮.୯୦) ପଏଣ୍ଟ କମି ୭୬,୩୩୦(୭୬,୩୩୦.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୩୪୬ (୩୪୫.୫୫) ପଏଣ୍ଟ ହ୍ରାସ ଘଟି ୨୩,୦୮୬(୨୩,୦୮୫.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ୫ଷ୍ଟାର ର୍ୟାଙ୍କିଙ୍ଗ୍




**ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)**

ଦ୍ୱାରକାରେ ଆୟୋଜିତ ଏକ ସମାବେଶରେ ସିଇଡି ଫାଉଣ୍ଡେଶନ ଦ୍ୱାରା କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ କ୍ରମାଗତ ଭାବେ ଷ୍ଟାର ର୍ୟାଙ୍କିଙ୍ଗରେ ୫ ଷ୍ଟାର ପ୍ରାପ୍ତ କରିପାରିଛି। ଏ++ ଗାର୍ଡ ସହିତ ପରୀକ୍ଷଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବା ବିଦ୍ୟାଳୟ ଭାବରେ ଏହି ବିଦ୍ୟାଳୟ ସ୍ୱୀକୃତିପ୍ରାପ୍ତ ହୋଇଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକଙ୍କ ଦୂରଦୃଷ୍ଟି ଓ ବଳିଷ୍ଠ ନେତୃତ୍ୱରେ ବିଦ୍ୟାଳୟ ଏହି ସଫଳତା ହାସଲ କରିପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଶ୍ରୀଧର ଶ୍ରୀବାସ୍ତବ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଦିନେଶ ସିଂହ ଯୋଗଦେଇଥିବାବେଳେ ଡ. ପ୍ରିୟଦର୍ଶୀ ନାୟକ, ଡ. ଏ କେ ଶର୍ମା, ଅନୁଭୂତି ମେହେଟା, ଡ. ଶୁନିଲ ତ୍ରିପାଠି ପ୍ରମୁଖ ଦେଇଥିଲେ । ସେହିପରି କଟକର ସେଣ୍ଟ ଜାଭିୟର ହାଇସ୍କୁଲ ବାରବାଟୀ କ୍ୟାମ୍ପସରୁ ଯୋଗେଶ ବର୍ମା ପିଜିଟି ବାଣିଜ୍ୟ ଭାରତ ଆଇକନିକ ଏଡୁକେଟର୍ ଭାବେ ପୁରସ୍କୃତ ହୋଇଛନ୍ତି। ସୂଚନାଥାଉକି, ଷ୍ଟାର ରାଙ୍କି ପାଇଁ ମୋଟ ୨୩ ଟି ରାଜ୍ୟ ରୁ ୧୪୫୬ ଟି ବିଦ୍ୟାଳୟ ର ଆବେଦନ ପତ୍ର ଗ୍ରହଣ କରାଯାଇ ଥିଲା । ଏଥିରୁ ୧୦୩ଟି ବିଦ୍ୟାଳୟ ନିର୍ବାଚିତ ହୋଇଥିଲେ । ଏ ସମସ୍ତ ବିଦ୍ୟାଳୟ ମଧ୍ୟରେ କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ୫ ଷ୍ଟାର ର୍ୟାଙ୍କିଙ୍ଗ ପାଇବାର ଗୌରବ ଅର୍ଜନ କରିଛି ।

# ଆର୍‌ସିଇଏମ୍‌କୁ ନାକ୍ ବି++ ମାନ୍ୟତା

**ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)**

ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍)କୁ ନାକ୍ ବି++ ମାନ୍ୟତା ମିଳିଛି। ନିକଟରେ ଦୁଇଦିନ ଧରି ନାକ୍ ପିୟର ଟିମ୍‌ର ତିନିଜଣିଆ ସଦସ୍ୟ ଆର୍‌ସିଇଏମ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟର ପରିଚାଳନା, ପରିସର, ଶିକ୍ଷାବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ସନ୍ତୁଷ୍ଟିକରଣ ଉପରେ ସେମାନେ ଖୁସିବ୍ୟକ୍ତ କରିଥିଲେ। ତେବେ ଏହି ମାନ୍ୟତା ନେଇ ମହାବିଦ୍ୟାଳୟର ସମ୍ପାଦକ ସୁରେଶ କୁମାର ସାମଲ, ପରିଚାଳନା ସଦସ୍ୟ ଅଧ୍ୟକ୍ଷ, ଡିନ ଡ. ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପକ ଓ ଅଣଶିକ୍ଷକ ସଦସ୍ୟ ତଥା ପୂର୍ବତନ ଛାତ୍ରୀଛାତ୍ର ନାକ ପିୟର ଟିମ୍‌ର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସିଆଚେନ୍ ଗ୍ଲାସିଅରରେ ଜିଓର ୫ଜି ନେଟୱର୍କ



**ମୁମ୍ବାଇ,୧୩।୧**

ବିଶ୍ୱର ସର୍ବୋଚ୍ଚ ଯୁଦ୍ଧ କ୍ଷେତ୍ର ସିଆଚେନ୍ ଗ୍ଲାସିଅରରେ ରିଲାଏନ୍ସ ଜିଓର ୫ଜି ନେଟୱର୍କ ଉପଲବ୍ଧ ହୋଇଛି। ଏପରିକି ଭାରତୀୟ ସେନାର 'ଫାୟାର ଆଣ୍ଡ ଫ୍ୟୁରି କର୍ପସ' ଏହି ସେବା ସମ୍ପର୍କରେ ଏକ ଟୁଇଟ୍ କରି ବିସ୍ତୃତ ସୂଚନା ପ୍ରଦାନ କରିଛି। ଅପରପକ୍ଷରେ ସେନାର ସୂଚନା ଅନୁଯାୟୀ, ଜିଓ ଏବଂ ଭାରତୀୟ ସେନା ମିଳିତ ଭାବେ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ୍ ଗ୍ଲାସିଅର୍ ଉପରେ ପ୍ରଥମ ୫ଜି ମୋବାଇଲ୍ ଟାୱାର ସ୍ଥାପନ କରିଛନ୍ତି। ବିଶେଷକରି ସିଆଚେନ୍‌ର ଏକ ଫରୱାର୍ଡ ପୋଷ୍ଟଠାରେ ଏହା ନିୟୋଜିତ କରାଯାଇଛି। ୨୦୨୫ ଜାନୁୟାରୀ ୧୫ରେ ସେନା ଦିବସ ଅବ୍ୟବହିତ ପୂର୍ବରୁ ସିଆଚେନ୍ ଗ୍ଲାସିଅରରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଜିଓ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି। ସିଆଚେନ୍ ଗ୍ଲାସିଅରରେ ସେବା ଆରମ୍ଭ କରିବାରେ ଜିଓ ଦେଶର ପ୍ରଥମ ଅପରେଟର ମଧ୍ୟ ହୋଇପାରିଛି।

ସେହିଭଳି ଏହାକୁ ଏକ ଉଲ୍ଲେଖନୀୟ ସଫଳତା ଭାବେ ଅଭିହିତ କରି ସେନା ପକ୍ଷରୁ କୁହାଯାଇଛି, ଏହି ଅଦମ୍ୟ ସଫଳତା ଆମର ସାହସୀ ସୈନିକମାନଙ୍କ ପାଇଁ ସମର୍ପିତ। ଯେଉଁମାନେ ଆହ୍ୱାନମୂଳକ କଠିନ ପରିସ୍ଥିତିରେ ନିୟୋଜିତ ଥାଇ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ କରିଥିଲେ। ଏଭଳି ଉଚ୍ଚତାରେ ଟାୱାର ନିର୍ମାଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ରହିଥିଲାବେଳେ ସେନା ପକ୍ଷରୁ ସାମଗ୍ରୀ ସହିତ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇଥିଲା। ଏଥିସହିତ ଜିଓ ଏହାର ସ୍ୱଦେଶୀ ଫୁଲ-ଷ୍ଟାକ ୫ଜି ଜ୍ଞାନକୌଶଳ ବ୍ୟବହାର କଲା। ଜିଓ ଦଳ ସହିତ ମିଳିତ ଭାବେ ଫାୟାର ଆଣ୍ଡ ଫ୍ୟୁରି ସିଗନାଲର୍ ଏବଂ ସିଆଚେନ୍ ୱାରିୟର୍ସ ଉତ୍ତର ଗ୍ଲାସିଅରରେ ୫ଜି ଟାୱାର ସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଏହି ଅଞ୍ଚଳର ତାପମାତ୍ରା ମାଇନସ ୫୦ଡିଗ୍ରୀରୁ ତଳକୁ ଖସିଯାଏ । ଶୀତଳ ପବନ ଏବଂ ତୁଷାର ଝଡ଼ ଏଠାରେ ବାରମ୍ବାର ଘଟିଥାଏ ।

# ଲୁହା, ଇସ୍ପାତ ଆମଦାନୀ ଉପରେ ଆଣ୍ଟି ଡମ୍ପିଂ ଟିକସ ଲଗାଇଲା ମାଲେସିଆ



**ନୂଆଦିଲ୍ଲୀ,୧୩।୧**

ଭାରତ, ଚାଇନା, ଜାପାନ ଓ ଦକ୍ଷିଣ କୋରିଆରୁ ଆମଦାନୀ ହେଉଥିବା ଲୁହା ଏବଂ ଅଣମିଶ୍ରିତ ଇସ୍ପାତର କିଛି ଉତ୍ପାଦ ଉପରେ ମାଲେସିଆ ଅସ୍ଥାୟୀ ଭାବେ ଆଣ୍ଟି ଡମ୍ପିଂ ଟିକସ ଲାଗୁ କରିଛି। ଜାନୁଆରୀ ୧୧ରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି ବୋଲି ମାଲେସିଆର ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ୬୦୦ ମି.ମି. (୨୩.୬୨ ଇଞ୍ଚ)ରୁ ଅଧିକ ଓସାର ଥିବା ଉତ୍ପାଦଗୁଡ଼ିକ ଉପରେ ୨.୫୨%ରୁ ୩୬.୮୦% ପର୍ଯ୍ୟନ୍ତ ଟିକସ ଲାଗୁହେବ। ମାଲେସିଆ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି, ଏହି ଅସ୍ଥାୟୀ ଆଣ୍ଟି ଡମ୍ପିଂ ଟିକସ ଦେଶରେ ୧୨୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ମେ' ୧୦ ପରେ ଏହି ଟିକସ ପୁନର୍ବାର ଲାଗୁ କରାଯିବ କି ନାହିଁ ସେନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ଏକ ଘରୋଇ ଉତ୍ପାଦକଙ୍କ ଆବେଦନ ପରେ ଗତବର୍ଷ ଅଗଷ୍ଟରେ ଭାରତ, ଚାଇନା, ଜାପାନ ଓ ଦକ୍ଷିଣ କୋରିଆରୁ ଆମଦାନୀ ହେଉଥିବା ଲୁହା ଓ ଇସ୍ପାତର ଉତ୍ପାଦ ଉପରେ ଯାଞ୍ଚ କରାଯାଇଥିଲା। ଉକ୍ତ ଯାଞ୍ଚର ତଥ୍ୟକୁ ଆଧାର କରି ଆଣ୍ଟି ଡମ୍ପିଂ ଟିକସ ଲାଗୁ କରାଯାଇଥିବା ନେଇ ଦେଶର ବାଣିଜ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।


# Classified Everyday

0674-2580101, 9692975378




**REAL ESTATE**

**SALE**

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404.** D-2563

**4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399.** D-2494

**ଫୁଲନଖରା ନିକଟସ୍ଥ Sum hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 8249310759.** D-76230

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373




Newly open Jyoti Spa Positively Health benefits (Expert Therapist). 8458067955 D-76184

Newly open Spa Health benefits relax refresh good therapist. 9040286886 D-76185

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Newly open health benefits spa by experience lady therapist. 7750040475 D-76188

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an Affidavit sworn before Executive Magistrate, Jagatsinghpur, Dated-06.01.2025, I Bishwanath Bhoi, Address: Village-Purusottampur, P.O.-Kortal, P.S./Dist.-Jagatsinghpur, Odisha -754109 declare that I have changed my daughter's name from Lipsa Priyadarshini Bhoi to Lisa Priyadarshini Bhoi. Henceforth, She shall be known as Lisa Priyadarshini Bhoi for all purposes.(Bishwanath Bhoi) D-2560

By virtue of an Affidavit before Notary Public 13 Jan 2025 Gitanjali Behera, D/o- Bishnu Charan Behera, At-Nayapalli, Khordha, Odisha- 751012 my son's name changed from Anslu Sahoo to Dibyansu Sahoo for all purposes. D-2562

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an Affidavit sworn before the Executive Magistrate, Puri, Dated-23.12.2024, I Pravas Kumar Jena, aged about 53 years, S/o- Late Shyama Sundar Jena, R/o Vill- Rendua, P.O.-Biraharekrushnapur, P.S.- Puri Sadar, Dist.-Puri, declare that in my R.O.R. (Patta) under Mz: Gopinathpur @ Rautarapur, Khata No.-165/506, Plot No.-29/1220, my Father's name recorded as Ghanashyam Jena instead of Shyama Sundar Jena which I further declare that Shyama Sundar Jena and Ghanashyam Jena are one and the same person. Henceforth, my deceased Father,s name will be known as Shyama Sundar Jena for all purposes. D-2561

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଓଏମ୍‌ସି ଉଦ୍ୟାନ କୃଷି ଟିମ୍ ଚାମ୍ପିୟନ

**ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)**



ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉତ୍ସବରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଉଦ୍ୟାନ କୃଷି ଟିମ୍ କ୍ରମାଗତ ଦ୍ୱିତୀୟଥର ଚମ୍ପିଅନ ଟ୍ରଫି ଜିତିଛି। ଓଏମ୍‌ସିର କ୍ୟାମ୍ପସ -୧ ମଧ୍ୟମ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଜିତିଥିବା ବେଳେ କ୍ୟାମ୍ପସ-୨ ବୃହତ୍ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ତୃତୀୟ ପୁରସ୍କାର ହାସଲ କରିଛି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ସହଯୋଗରେ ଏକାମ୍ର କାନନ ବଟାନିକାଲ ଗାର୍ଡେନରେ ଏହି ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ସୂଚନାଥାଉକି, ଓଡ଼ିଶା ଖଣି ନିଗମ ବାର୍ଷିକ ପୁଷ୍ପ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ମୋଟ ୩୭ଟି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛି। ଏଥି ମଧ୍ୟରେ ରାଜ୍ୟସ୍ତରୀୟ ଟ୍ରଫି ସହ ସରସ୍ୱତୀ ଦେବୀ ମେମୋରିଆଲ ଟ୍ରଫି, ଦୁଇଟି ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ଟ୍ରଫି ଏବଂ ବିଶ୍ୱରଞ୍ଜନ ଦାସ ମେମୋରିଆଲ ଟ୍ରଫି ଆଦି ରହିଛି।

# ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୨୨%

**ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)**



ମୁଦ୍ରାସ୍ଫୀତି କ୍ଷେତ୍ରରେ ସାଧାରଣ ଜନତାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ୨୦୨୪ ଡିସେମ୍ବରରେ ୪ ମାସର ସର୍ବନିମ୍ନ ହାର ୫.୨୨%କୁ ହ୍ରାସ ପାଇଛି। ନଭେମ୍ବରରେ ଏହା ୫.୪୮ ପ୍ରତିଶତରେ ଥିବାବେଳେ ଏକ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୩ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୬୯% ଥିଲା। ସୋମବାର ପ୍ରକାଶିତ ସରକାରୀ ତଥ୍ୟରେ ଏହି ସୂଚନା ଦିଆଯାଇଛି। ଏହାପୂର୍ବରୁ ୨୦୨୨ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୭.୭୯ ପ୍ରତିଶତରେ ପହଞ୍ଚିଥିଲା। ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ହେତୁ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟିଛି। ଗ୍ରାହକ ଖାଦ୍ୟ ମୂଲ୍ୟ ସୂଚକାଙ୍କ (ସିଏଫ୍‌ପିଆଇ) ଉପରେ ଆଧାରିତ ଖାଦ୍ୟ ମୁଦ୍ରାସ୍ଫୀତି ୮.୩୯%କୁ ହ୍ରାସ ପାଇଛି। ନଭେମ୍ବରରେ ଏହା ୯.୦୫% ଥିଲା। ଏକ ବର୍ଷ ପୂର୍ବେ ସମାନ ଅବଧିରେ ଅର୍ଥାତ୍ ୨୦୨୩ ଡିସେମ୍ବରରେ ଏହା ୯.୫୩% ଥିଲା। ଗତ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୪.୫%ରୁ ୪.୮%କୁ ବୃଦ୍ଧି କରିଛି। ଖାଦ୍ୟ ମୂଲ୍ୟ ଉପରେ ଚାପ ଯୋଗୁ ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ସାମଗ୍ରିକ ମୁଦ୍ରାସ୍ଫୀତି ଅଧିକ ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ଆଶଙ୍କା ପ୍ରକାଶ କରିଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୋଟ ମୁଦ୍ରାସ୍ଫୀତି ଜୁଲାଇ-ଅଗଷ୍ଟ ମଧ୍ୟରେ ହାରାହାରି ୩.୬%ରୁ ସେପ୍ଟେମ୍ବରରେ ୫.୫% ଏବଂ ଅକ୍ଟୋବର ୨୦୨୪ ରେ ୬.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଆରବିଆଇକୁ ଖୁଚୁରା ମୁଦ୍ରାସ୍ଫୀତି ୨ ପ୍ରତିଶତ ପରିବର୍ତ୍ତନ ସହିତ ୪% ରଖିବା ପାଇଁ ସରକାର ଦାୟିତ୍ୱ ନେଇଛନ୍ତି। ମୁଦ୍ରାସ୍ଫୀତି ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଗତ ମାସରେ ଉପସ୍ଥାପିତ ହୋଇଥିବା ମୁଦ୍ରାନୀତିରେ ରେପୋ ରେଟରେ କେନ୍ଦ୍ରୀୟ ବ୍ୟାଙ୍କ କୌଣସି ପରିବର୍ତ୍ତନ କରିନାହିଁ।




ନୂଆଦିଲ୍ଲୀରେ ସୋମବାର ଖୋ ଖୋ ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହରେ ତ୍ରିରଙ୍ଗା ସହ ଭାରତୀୟ ଦଳ। ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ସହ ଉପସ୍ଥିତ ଅନ୍ୟ ଅତିଥିବୃନ୍ଦ।

# ଖୋ ଖୋ ବିଶ୍ୱକପ୍ ଉଦ୍‌ଘାଟିତ

## ଭାରତ ୪୨-୩୭ରେ ନେପାଳକୁ ହରାଇଲା

ନୂଆଦିଲ୍ଲୀ, ୧୩।୧ (ପି.ଟି.)

ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏକ ଚିତ୍ତାକର୍ଷକ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନକର ପ୍ରଦୀପ ପ୍ରଜ୍ୱଳନ ସହ ଏହି ଇଭେଣ୍ଟର ବିଧିବଦ୍ଧ ଶୁଭାରମ୍ଭ କରିଥିଲେ। ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମୂହ ଏବଂ ହଜାର ହଜାର ସଂଖ୍ୟାରେ ଖେଳପ୍ରେମୀ ଉପସ୍ଥିତ ଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟୁର୍ନାମେଣ୍ଟର ଉଦ୍‌ଘାଟନ ହୋଇଥିଲା। ବିଶ୍ୱକପ୍‌ରେ ଯୋଗଦେଇଥିବା ବିଭିନ୍ନ ଦେଶର ଖେଳାଳିଙ୍କର ଏକ ମାର୍ଚ୍ଚପାଷ୍ଟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼୍‌ସେ, ଦିଲ୍ଲୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭିନାଇ କୁମାର ସାକ୍‌ସେନା, ଜମ୍ମୁ କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ମନୋଜ ସିହ୍ନା, ରାଜ୍ୟ ସଭା ସଦସ୍ୟ ରାଜୀବ ଶୁକ୍ଲା ଏବଂ ଇଣ୍ଟରନ୍ୟାଶନାଲ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ସଭାପତି ସୁଧାଂଶୁ ମିତ୍ତଲ ଅନ୍ୟତମ ଥିଲେ। ଉପରାଷ୍ଟ୍ରପତି ଧନକର ତାଙ୍କର ଅଭିଭାଷଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ୨୩ଟି ଦେଶର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ସ୍ୱାଗତ କରିଥିଲେ। ସମଗ୍ର ବିଶ୍ୱ ଖୋ ଖୋ ଉତ୍ସବର ପାଳନ କରୁଥିବା ମନେହେଉଛି ବୋଲି କହିଥିଲେ। ଏହି ସ୍ୱଦେଶୀ ଖେଳ ଦିନେ ନା ଦିନେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ। କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ କହିଥିଲେ, ଭବିଷ୍ୟତରେ ଖୋ ଖୋକୁ ଏସିଆନ ଗେମ୍ସରେ ସାମିଲ କରିବା ଲାଗି ସେ ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆକୁ ଚିଠି ଲେଖିଛନ୍ତି। ଭାରତ ଏହି ଚମତ୍କାର ଟୁର୍ନାମେଣ୍ଟର ଆୟୋଜନ କରୁଥିବାରୁ ମୁଁ ଗୌରବାନ୍ୱିତ ମନେ କରୁଛି। ଭାରତରେ ଜନ୍ମ ନେଇଥିବା ଖୋ ଖୋ ବର୍ତ୍ତମାନ ବିଶ୍ୱର ୫୦ରୁ ଉର୍ଦ୍ଧ୍ୱ ଦେଶରେ ଖେଳାଯାଉଛି। ଖୋ ଖୋ ଖୁବ୍‌ଶୀଘ୍ର ଏସିଆନ ଗେମ୍ସ ଓ ଅଲିମ୍ପିକ୍ସରେ ସ୍ଥାନ ପାଇବ ବୋଲି ମୁଁ ଆଶା କରୁଛି। ଆଇଓଏ ସଭାପତି ଉଷା କହିଥିଲେ, ଖୋ ଖୋ କେବଳ ଭାରତର ଏକ ଖେଳ ନୁହେଁ, ଭାରତର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଏହା ଏକ ପ୍ରମାଣ। ଉଦ୍‌ଘାଟନୀ ମ୍ୟାଚରେ ଭାରତ ଉଦ୍‌ଘାଟନୀ ମ୍ୟାଚରେ ଭାରତ ୪୨-୩୭ରେ ହରାଇ ଅଭିଯାନ ଆରମ୍ଭ କରିଛି। ଅଭିଯାନ ଆରମ୍ଭ କରିଛି।




# ଜୋକୋଭିଚ୍‌ଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

ମେଲବୋର୍ନ, ୧୩।୧

ସର୍ବୀୟ ଟେନିସ କିମ୍ବଦନ୍ତୀ ନୋଭାକ୍ ଜୋକୋଭିଚ୍, ସ୍ପାନିଶ ସେନସେଶନ କାର୍ଲୋସ ଅଲ୍‌କାରାଜ ଏବଂ ଗତଥରର ଚାମ୍ପିୟନ ଜାନିକ ସିନର ସେମାନଙ୍କର ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ୨୦୨୩ ରନରଅପ୍ ଷ୍ଟିଫାନସ ସିତ୍‌ସିପାସ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ରଡ୍ ଲାଭର ଆରେନାଠାରେ ୧୦ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଆମେରିକାର ନିସ୍‌ହେଶ ବାସାଭାରେଡ୍ଡୀଙ୍କୁ ୪-୬, ୬-୩, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ୨୧ ବର୍ଷୀୟ ଅଲ୍‌କାରାଜ କାଜାଖସ୍ତାନର ଆଲେକ୍‌ଜାଣ୍ଡର ସେଭଚେଙ୍କୋଙ୍କ ବିପକ୍ଷରେ ୬-୧, ୭-୫, ୬-୧ ସେଟ୍‌ରେ ବିଜୟ ଲାଭ କରିଛନ୍ତି। ଏହି ମ୍ୟାଚ ପ୍ରାୟ ୨ ଘଣ୍ଟା ଧରି ଚାଲିଥିଲା। ଜାନିକ ସିନର ୭-୬ (୨), ୭-୬ (୫), ୬-୧ ସିଧାସଳଖ ସେଟରେ ଚିଲିର ନିକୋଲାସ ଜେରିଙ୍କୁ ପରାସ୍ତ କରି ତାଙ୍କ ଟାଇଟଲ ଅଭିଯାନ ଆରମ୍ଭ କରିଛନ୍ତି। ଏଥିସହିତ ଉଭୟ ଟୁର୍ ଏବଂ ହାର୍ଡକୋର୍ଟ ଗ୍ରାଣ୍ଡସ୍ଲାମରେ ତାଙ୍କର ବିଜୟ ଧାରା ୧୫କୁ ବୃଦ୍ଧି ପାଇଛି। ସ୍ଥାନୀୟ ଖେଳାଳି ନିକ୍ କିରଗିଓସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବ୍ରିଟେନର ଜାକବ ଫିଅର୍ନଲିଙ୍କଠାରୁ ସେ ୭-୬, ୬-୩, ୭-୬ରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ କୋକୋ ଗଫ୍ ତାଙ୍କ ମ୍ୟାଚ ଜିତିଯାଇଛନ୍ତି। ସେ ୨୦୨୦ ଚାମ୍ପିୟନ ସୋଫିଆ କେନିନ୍‌ଙ୍କୁ ୬-୩, ୬-୩ରେ ହରାଇ ଦେଇଛନ୍ତି। ତୃତୀୟ ସିଡ୍ ଗଫ୍ ଗତ ନଭେମ୍ବରରେ ସ୍ୱିଟେକ୍‌ଙ୍କୁ ପରାସ୍ତ କରି ଡବ୍ଲ୍ୟୁଟିଏ ଫାଇନାଲ୍ସ ଟାଇଟଲ ଜିତିଥିଲେ। ଆମେରିକାର ୨୦ବର୍ଷୀୟ ଆଲେକ୍ସ ମିଚେଲସେନ୍ ତାଙ୍କ ଯୁବ କ୍ୟାରିୟରରେ ଏକ ବଡ଼ ବିଜୟ ହାସଲ କରିଛନ୍ତି। ସେ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଷ୍ଟିଫାନସ ସିତ୍‌ସିପାସ୍‌ଙ୍କୁ ୭-୫, ୬-୩, ୨-୬, ୬-୪ରେ ହରାଇ ଦେଇଛନ୍ତି। ଗଫ୍ ମହିଳା ସିଙ୍ଗଲ୍ସର ପରବର୍ତ୍ତୀ ରାଉଣ୍ଡରେ ବ୍ରିଟେନର ଯୋଡ଼ି ବୁରେଜଙ୍କୁ ଭେଟିବେ। ପ୍ରଥମ ରାଉଣ୍ଡରେ ବିଜୟ ଲାଭ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଡଏନା ସ୍ନେଡର, ଏଲିନା ସ୍ୱିତୋଲିନା ଓ ବେଲିଣ୍ଡା ବେନିକ୍। ସେମାନେ ପ୍ରଥମ ରାଉଣ୍ଡରେ ଯଥାକ୍ରମେ ଜେଲେନା ଓଷ୍ଟାପେଙ୍କୋ ଓ ଲୁସିଆ ବ୍ରୋଞ୍ଜେଟିଙ୍କୁ ଭେଟିବେ।



ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସରେ ସୋମବାର ରିଟର୍ନ ଶଟ୍ ଖେଳୁଛନ୍ତି ସର୍ବିୟାର ନୋଭାକ ଜୋକୋଭିଚ୍।

# ଫାଇନାଲରେ କିସ୍ ସ୍କୁଲ

ଭୁବନେଶ୍ୱର, ୧୩।୧
(ତପନ ସ୍ୱାଇଁ)

ଭେଟେରାନ୍ସ କ୍ରିକେଟ ଆସୋସିଏଶନ (ଭିସିଏ) ଆନୁକୂଲ୍ୟରେ ହାଇ-ଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ୨୧ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ଓ କିସ୍ ସ୍କୁଲ ବିଜୟ ହାସଲ କରିଛି। ପ୍ରଥମ ସେମିଫାଇନାଲରେ ସେଣ୍ଟ ଜାଭିୟର୍ସ ଖଣ୍ଡଗିରିକୁ ୫୫ ରନରେ ହରାଇ କିସ୍ ସ୍କୁଲ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିସ୍ ୨୧ ଓଭରରେ ୭ ଉଇକେଟ ହରାଇ ୧୩୫ ରନ କରିଥିଲା। ଦଳ ପକ୍ଷରୁ ଅନୁରାଗ ବାରିକ ସର୍ବାଧିକ ୪୦ ରନ କରିଥିଲେ। ୧୩୬ ରନ ବିଜୟ ଲକ୍ଷ୍ୟରେ ସେଣ୍ଟ ଜାଭିୟର ୧୯ ଓଭରରେ ୮୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅର୍ଜୁନ ମୁର୍ମୁ ୪ଟି, ଆଦିତ୍ୟ ଧାରୁଆ ୨ଟି ଓ ଅନୁରାଗ ବାରିକ ଗୋଟିଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ଅନୁରାଗ ବାରିକ ଅତିଥି ବିଶ୍ୱରଞ୍ଜନ ନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟଏକ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୬ ଉଇକେଟରେ ଷ୍ଟିୱାର୍ଟ ସ୍କୁଲକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଷ୍ଟିୱାର୍ଟ ୨୧ ଓଭରରେ ୫ ଉଇକେଟ ହରାଇ ୧୧୨ ରନ କରିଥିଲା। ନିଲେଶ ଦାଶ ସର୍ବାଧିକ ୩୦ ରନକରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ସିତିସ ଶାହା ଓ ମହମ୍ମଦ ଅଫତାଫ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସାଇ ଇଣ୍ଟରନ୍ୟାଶନାଲ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ନେଇଥିଲା। ଅରଭ ଦାସ ସର୍ବାଧିକ ୩୪ ରନ କରିଥିବାବେଳେ ସ୍ୱସ୍ତିକ ନାଥ ୨୭ ଓ ମନ୍ଥନ ମହାପାତ୍ର ୨୫ ରନକରି ଅପରାଜିତ ରହିଥିଲେ। ଅତିଥି ବୀରେନ କୁମାର ଦାସଙ୍କଠାରୁ ସ୍ୱସ୍ତିକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

# ୧୦ରେଡ୍ ସ୍ନୁକର ଆରମ୍ଭ

ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ)

ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଆନୁକୂଲ୍ୟରେ ୩ୟ ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍ ସୋମବାର ଭୁବନେଶ୍ୱର କ୍ଲବ ପରିସରରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଆରନ ଆନିୟନଙ୍କୁ ସମୀର ଅଲୀ ୨-୦, ଶୁଭାଶିଷ ଶେଠୀଙ୍କୁ ଉଭାସ ମହାପାତ୍ର ୨-୦, ରାକେଶ ମହାନ୍ତିଙ୍କୁ ଅମିୟ ନାୟକ ୨-୧, ସତ୍ୟଜିତ ରଣାଙ୍କୁ ଅସିତ ଚୌଧୁରୀ ୨-୦, ରାହୁଲ ହାଲିଙ୍କୁ ରଣଜିତ ପତି ୨-୦, ବୀର ପ୍ରକାଶ ରଥଙ୍କୁ ଚିରାଗ ଆରୋରା ୨-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଦୁଇଟି ମ୍ୟାଚରେ ଜୀତେନ ଷଡ଼ଙ୍ଗୀ ଅନୁପସ୍ଥିତ ରହିବାରୁ ଉଭାସ ମହାପାତ୍ର ଓ କିଶନ ଶର୍ମାଙ୍କ ଅନୁପସ୍ଥିତିରେ ସମୀର ମିଶ୍ରଙ୍କୁ ୱାକଓଭର ମିଳିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ମିଶାଲ ସ୍ୱାଇଁ ୨-୧ରେ ଚେତନ ଆନନ୍ଦ, ସୁଦୀପ୍ତ ଦାଶ ୨-୦ରେ ଆକାଶ ମହାପାତ୍ର, ଶ୍ୟାମ ଅଗ୍ରୱାଲ ୨-୦ରେ ଦୁର୍ଗା ପ୍ରସାଦ ମହାନ୍ତି, ଅଲତାଫ ଅଲୀ ୨-୦ରେ ସୁକେଥ ଚିଞ୍ଚୋଲା ଓ ଗୋବିନ୍ଦ ରାଓଙ୍କୁ ୨-୦ରେ ଜଗଦୀଶ ମହାନ୍ତି ହରାଇଛନ୍ତି। କ୍ଲବ ସଭାପତି ଅସିତ ତ୍ରିପାଠୀ, ସଦସ୍ୟା ଲିପ୍‌ସା ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ କୌଶିକ ମହାପାତ୍ର, ଆସୋସିଏଶନ ସମ୍ପାଦକ ସମୀର ଅଲୀ, ଗୋବିନ୍ଦ ଶର୍ମା ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ତାମିଲନାଡୁ ଡ୍ରାଗନ୍ସର ପଞ୍ଚମ ବିଜୟ



ବିଜୟରେ ଉଲ୍ଲସିତ ତାମିଲନାଡୁ ଡ୍ରାଗନ୍ସ ଦଳର ଖେଳାଳିମାନେ।

## ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ସୋମବାର ତାମିଲନାଡୁ ଡ୍ରାଗନ୍ସ ୩-୨ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସ ୬ ମ୍ୟାଚରୁ ୫ମ ବିଜୟ ସହ ୧୫ ପଏଣ୍ଟରେ ପହଞ୍ଚି ଟେବୁଲରେ ନିଜର ଶୀର୍ଷସ୍ଥାନକୁ ସୁଦୃଢ଼ କରିଛି। ଏହି ମ୍ୟାଚରେ ଦିଲ୍ଲୀ ପକ୍ଷରୁ ଟୋମାସ ଡୋମେନେ ୨ୟ ମିନିଟରେ ପେନାଲ୍ଟି କର୍ନରରୁ ଏବଂ ୩୭ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ୍ ମାଧ୍ୟମରେ ଗୋଲ ୨ଟି ଦେଇଥିଲେ। ଅନ୍ୟପକ୍ଷରେ ଡ୍ରାଗନ୍ସ ଦଳର ଜିପ୍ ଜାନସେନ ୬ଷ୍ଠ ମିନିଟରେ ପେନାଲ୍ଟି କର୍ନରରୁ ଓ ନାଥନ ଇଫ୍ରାଉମ୍ସ ୧୯ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇଥିବାବେଳେ ୨୧ତମ ମିନିଟରେ ବ୍ଲେକ ଗୋଭର୍ସ ଏକ ଫିଲ୍ଡ ଗୋଲ ସ୍କୋର କରିଥିଲେ। ୫୬ତମ ମିନିଟରେ ଡ୍ରାଗନ୍ସ ଦଳର ମାଜି ଗନେଶ ୟେଲୋ କାର୍ଡ ପାଇଥିଲେ।

# ଟାଇଗର୍ସଙ୍କୁ ହରାଇଲା ସୁର୍ମା

ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ)

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ଜେଏସ୍‌ଡବ୍ଲ୍ୟୁ ସୁର୍ମା ହକି କ୍ଲବ ୪-୧ ଗୋଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ଏଥିସହ ପୂରା ୩ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଛି ସୁର୍ମା। ରବିବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ୱାରିୟର୍ସ ୪-୦ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ବେଙ୍ଗଲ ଟାଇଗର୍ସ ୭ମ ମିନିଟ୍‌ରେ ହାନା କୋଟେରଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳ ୧-୦ ଗୋଲରେ ଆଗୁଆ ରହିଥିଲା। ମାତ୍ର ପୂରା ମ୍ୟାଚରେ ଦଳ ଏହି ପ୍ରଦର୍ଶନକୁ ବଜାୟ ରଖିପାରି ନ ଥିଲା। ଶେଷ ଦୁଇ କ୍ୱାର୍ଟରରେ ଲଚ୍ଚୁଆ ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ସୁର୍ମା ହକି କ୍ଲବ। ୩୮ତମ ମିନିଟରେ ଓଲିଭିଆ ଶାନନ ଗୋଲଟିକୁ ପରିଶୋଧ କରିବାପରେ ମ୍ୟାଚରେ ଉଷ୍ମତା ଆସି ଯାଇଥିଲା। ଚାର୍ଲୋଟେ ଇଙ୍ଗ୍ଲେବର୍ଟ ୪୨ ଓ ଅଧିନାୟିକା ସାଲିମା ଟେଟେ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ତୃତୀୟ କ୍ୱାର୍ଟରେ ଶେଷ ବେଳକୁ ସୁର୍ମାକୁ ୩-୧ରେ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟରରେ ମଧ୍ୟ ଏହି ଦଳର ଦବ୍‌ଦବା ରହିଥିଲା। ୪୭ତମ ମିନିଟରେ ବେଙ୍ଗଲ ଟାଇଗର୍ସ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ସୁର୍ମାକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ସୋନମ୍ ଏହାକୁ ଗୋଲରେ ପରିଣତ କରି ସୁର୍ମାର ବିଜୟ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ରବିବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ୱାରିୟର୍ସ ୟିବି ଜାନସେନଙ୍କ ଡବଲ ଗୋଲ ବଳରେ ୪-୦ରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ୧୬ଶ ମିନିଟରେ ପେନାଲ୍ଟି କର୍ନରରୁ ପ୍ରଥମ ଗୋଲ କରିଥିଲେ ଜାନସେନ। ପ୍ରଥମାର୍ଦ୍ଧ ଶେଷ ବେଳକୁ ୱାରିୟର୍ସ ୧-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଆକ୍ରମଣକୁ ଜୋରଦାର କରି ୱାରିୟର୍ସ ଖେଳାଳିମାନେ ୩ଟି ଗୋଲଦେଇ ମ୍ୟାଚକୁ ଏକପାଖିଆ କରି ଦେଇଥିଲେ। ୩୭ତମ ମିନିଟରେ ଜାନସେନ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିବାବେଳେ ୪୨ତମ ମିନିଟରେ ବଲଜିତ କୌର ଓ ୪୩ତମ ମିନିଟରେ ଫ୍ରିକ୍ ମୋଏସ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ସ୍କୋର କରିଥିଲେ।



ବେଙ୍ଗଲ ଟାଇଗର୍ସ ଓ ସୁର୍ମା ହକି କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଜରାଜେଶ୍ୱର ବା ସୁନାବେଶରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବର୍ଷକ ଭିତରେ ମହାପ୍ରଭୁଙ୍କ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ। ପରମ୍ପରା ଅନୁଯାୟୀ, ଅଭିଷେକ ପୂର୍ବଦିବସ ଅର୍ଥାତ ରବିବାର ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ୮୭ ଗରା ଜଳ ଓ ୨୧ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇରହିଥିଲା। ସୋମବାର ଶ୍ରୀମନ୍ଦିରରେ ସକାଳଧୂପ ବଢ଼ି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅମିଶ୍ରିତ ଜଳରେ ଅଭିଷେକ ନୀତି କରାଯାଇଥିଲା। ସର୍ବାଙ୍ଗ ନୀତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣବେଶ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ଆଡକାନି, ଚନ୍ଦ୍ର, ସୂର୍ଯ୍ୟ, ସେବତୀ ମାଳି, ଘାଗଡ଼ା ମାଳି, ମକର କୁଣ୍ଡଳ, ବାଘନଖି ପ୍ରଭୃତି ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣ ଚକ୍ର ଓ ରୁପାଶଙ୍ଖ, ପ୍ରଭୁ ବଳଭଦ୍ର ସୁବର୍ଣ୍ଣ ହଳମୁଷଳ ଧାରଣ କରିଥିଲେ।

## ଶ୍ରୀମନ୍ଦିରରେ ଅଭିଷେକ ନୀତି ସମ୍ପନ୍ନ



ଭୋଗ ସମୟରେ ଭିତରଛୁ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବାବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ପରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଶ୍ରୀରଘୁନାଥ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରଘୁନାଥଙ୍କୁ ପ୍ରଦାନ କରିଥିଲେ। ପରେ ଶ୍ରୀରଘୁନାଥ ଲକ୍ଷ୍ମୀମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ପାଳନ କରାଯାଇଥାଏ।

# ଆଜି ମକର ସଂକ୍ରାନ୍ତି

## ଉତ୍ତରାୟଣରେ ଗତି କରିବ ସୂର୍ଯ୍ୟ

ଭୁବନେଶ୍ୱର, ୧୩।୧ (ଅନୁରାଧା ମହାରଣା)

ଆଜି ହେଉଛି କୃଷିଭିତ୍ତିକ ପର୍ବ ମକର ସଂକ୍ରାନ୍ତି। କୃଷକମାନେ ଉତ୍ପାଦିତ ନୂଆ ଧାନକୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖିବା ସହ ନୂଆ ଚାଉଳ (ମକର ଚାଉଳ) ଠାକୁରଙ୍କ ପାଖରେ ଲାଗି କରି ଖୁବ୍ ଆନନ୍ଦ ଉତ୍ସାହରେ ମକର ପର୍ବ ପାଳନ କରିଥାନ୍ତି। ଅରୁଆ ଚାଉଳକୁ ବତୁରାଇ ସେଥିରେ କ୍ଷୀର, ନଡ଼ିଆ, କାଜୁ, କିସ୍‌ମିସ୍, ପାଚିଲା କଦଳୀ, ଆଖୁଖଣ୍ଡ ମିଶାଇ ମକର ଚାଉଳ ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ଭୋଗ କରାଯାଏ। ପରିବାରର ସମସ୍ତେ ଏକାଠି ବସି ମକର ଚାଉଳ ଓ ଭୋଗ ଖାଇଥାନ୍ତି। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଦେବଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ। ଏହିଦିନ ସୂର୍ଯ୍ୟ ମକର ରାଶିକୁ ଆସି ବିଷୁବ ରେଖା ଆଡକୁ ଗତିକରୁଥିବାରୁ ଏହାର ନାମ ମକର ସଂକ୍ରାନ୍ତି ରହିଛି। ଏଥିସହ ସୂର୍ଯ୍ୟଙ୍କ ତେଜ ଧୀରେ ଧୀରେ ପ୍ରଖର ହେଉଥିବାରୁ ଯେକୌଣସି ଗୁରୁପାକ ଖାଦ୍ୟ ସହଜରେ ହଜମ ହୋଇଯାଏ। ସୂର୍ଯ୍ୟଙ୍କର ଏହି ଉତ୍ତରାୟଣ ସମୟରେ ମୃତ୍ୟୁ ହେଲେ ଜୀବ ସ୍ୱର୍ଗ ଲାଭ କରେ ବୋଲି ବିଶ୍ୱାସ ରହିଛି। ବୈତରଣୀ ସମେତ ବିଭିନ୍ନ ନଦୀରେ ଲୋକେ ବୁଡ ପକାଇଥା'ନ୍ତି। ତେଣୁ ମକର ରାଶିର ପ୍ରଭାବକୁ ନେଇ ଉକ୍ତ ଦିନଟିକୁ ଅତ୍ୟନ୍ତ ଶୁଭଦିନ ବୋଲି ବିବେଚନା କରାଯାଇଥାଏ। ପୂର୍ବାଞ୍ଚଳରେ ବିଶେଷକରି ଓଡ଼ିଶାରେ ମହାଳୟାକୁ ପିତୃପର୍ବ ଭାବେ ପାଳନ କରାଯାଉଥିବାବେଳେ ଦକ୍ଷିଣାତ୍ୟରେ ମକର ସଂକ୍ରାନ୍ତକୁ ପିଣ୍ଡଦାନ ପର୍ବ ଭାବେ ପାଳନ କରାଯାଏ।

# ମକରଭାର ସହ ବାହୁଡ଼ିଲେ ମହାଲକ୍ଷ୍ମୀ

ସାକ୍ଷୀଗୋପାଳ, ୧୩।୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପୁଷମାସ ଶେଷରେ ମହାଲକ୍ଷ୍ମୀ ବାପଘରୁ ସାଙ୍ଗରେ ମକରଭାରତ ଧରି ମନ୍ଦିରକୁ ଫେରିଛନ୍ତି। ପ୍ରତିବର୍ଷ ପରି ସୋମବାର ମାସାନ୍ତ ଅପରାହ୍ନରେ ଦାସବିଦ୍ୟାଧରପୁର ପଞ୍ଚାୟତର ବସନ୍ତପୁର ଗ୍ରାମର ଦେବରାଜ ସାହୁଙ୍କ ଘରୁ ସାକ୍ଷୀଗୋପାଳ ମନ୍ଦିର ଘଣ୍ଟ, ବାଜା, ମହୁରୀ, ବିଜେ କାହାଳୀ ଓ ଛାମୁ ମଶାଲ ସହିତ ସେବାୟତ ଓ ମନ୍ଦିର କର୍ମଚାରୀ ମକର ଭାରୁଆଙ୍କ ସହ କୁଣିଆଙ୍କୁ ମନ୍ଦିରକୁ ପାଛୋଟି ଆଣିଥିଲେ। ମହାଲକ୍ଷ୍ମୀଙ୍କ ଭାର ମନ୍ଦିରରେ ପ୍ରବେଶ କରିବା ମାତ୍ରେ ଗୁଆପାହଚରେ ଖିର ଉତୁରା ପର୍ବ ଆରମ୍ଭ ହୋଇଥିଲା। ଏଭଳି ଶୁଭ ଦୃଶ୍ୟ ଦେଖି ଭାର ମନ୍ଦିର ଭଣ୍ଡାରକୁ ଯାଇଥିଲା। ମନ୍ଦିର ସିଂହାସନ ଚାରିପାଖେ



ଅଭିମୁଖେ ମକରଭାର ବାହାରିଥିଲା। ଦୁଇଟି ଓଳିଆରେ ନୂଆ ଅରୁଆ ଚାଉଳ, ନଡ଼ିଆ, ପାଚିଲା କଦଳୀ, ଧନୁମୁଁଆ, ଫୁଲମାଳ ଏବଂ ଠାକୁରଙ୍କ ଲାଗି ନିମନ୍ତେ ନୂତନବସ୍ତ୍ର ସହ ମନ୍ଦିର ନିକଟସ୍ଥ ଦୋଳବେଦୀରେ ପହଞ୍ଚିଥିଲେ। ମନ୍ଦିରରେ ଗୋଧନବାହୁଡ଼ା ଭୋଗ ପରେ ସନ୍ଧ୍ୟା ଧୂପ ବେଶ କରାଯାଇଥିଲା। ବିଜେ ପ୍ରତିମା ମଦନମୋହନ ଗରୁଡ଼ସ୍ତମ୍ଭ ନିକଟକୁ ବିଜେ କରିଥିଲେ। ଏହାପରେ ଛତିତ୍ରାସ, ୩ ଘେରା ଓ ବେଢ଼ାରେ ୬ଘେରା ଏପରି ନବାଙ୍କ ବେଢ଼ା ନୀତି ସମ୍ପନ୍ନ କରାଯାଇଛି। ଏହି ଅବସରରେ ଶରୀରରୁ ପୀଡ଼ା ଲାଘବ ଏବଂ ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ା ୯ ଥର ପରିକ୍ରମା କରିଥିଲେ। ଆଦୌ ଚାଉଳ ଭୋଗ ଲାଗି କରାଯାଉ ନ ଥିବା ସାକ୍ଷୀଗୋପାଳ ଠାକୁରଙ୍କୁ ମକର ଭାରରେ ପ୍ରସ୍ତୁତ ମକର ଚାଉଳ ବର୍ଷକୁ ଗୋଟିଏ ଦିନ ମକର ସଂକ୍ରାନ୍ତି ପର୍ବରେ ସ୍ୱତନ୍ତ୍ର ଲାଗି କରାଯିବ।




ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ

ପୁରୀ, ୧୩।୧ (ଅଜିତ୍ ମହାନ୍ତି): ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ ପୌଷମାସ ମାସାନ୍ତ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଛି। ଏଥିସହ ଚାଉଳ ମେଲାଣ ଓ ଫୁଲ ମେଲାଣ ଉତ୍ସବ ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଠାକୁରମାନଙ୍କୁ ଲାଗି କରାଯାଇଥିଲା। ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୂଷଳ, କୁଣ୍ଡଳ ତଡଗୀ ଇତ୍ୟାଦି ତିନିଠାକୁରଙ୍କୁ ଲାଗି କରାଯାଇଥିଲା। ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ। ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଚୈତନ୍ୟ ଦେବ।

ସନ୍ଧ୍ୟା ଆଳତି, ଧୂପ ଓ ଚନ୍ଦନ ଲାଗି ପରେ ୩ ବାଉଁଶିଆରେ ଚାଉଳ ପୂରାଇ ଭଦ୍ରାସନ ଉପରେ ସେଗୁଡ଼ିକୁ ରଖି ଅଧିବାସ ହୋଇଥିଲା। ଭୋଗମଣ୍ଡପ ଗୃହକୁ ତଢଉକରଣ ସେବକ ମୁଦ ଦେଇଥିଲେ। ବଡ଼ସିଂହାର ବେଶରେ ଠାକୁରମାନଙ୍କ ଶିରରୁ ରତ୍ନସିଂହାସନ ଚଟାଣ ଯାଏ ଗେଣ୍ଡୁଫୁଲ ମାଳରେ ସଜ୍ଜିତ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣୀଘରୁ ବିଜେ କରି ରତ୍ନସିଂହାସନକୁ ଆସିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଶ୍ରୀମଦନ ମୋହନଙ୍କୁ ପ୍ରଦାନ କରିଥିଲେ। ଶ୍ରୀମଦନମୋହନ ରତ୍ନସିଂହାସନକୁ ସାଢେ ଚାରିଥର ପ୍ରଦକ୍ଷିଣ କରି ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରିବା ପରେ ଭିତରବେଢାରେ ଶ୍ରୀମନ୍ଦିର ଚାରିପାଖକୁ ସାଢେ ଚାରିଥର ପ୍ରଦକ୍ଷିଣ କରିଥିଲେ। ମଦନମୋହନ ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଥିବା ବେଳେ ପ୍ରସାଦ ଲାଗି ବନ୍ଦାପନା ଆଦି ଅନୁଷ୍ଠିତ ହୋଇଥିଲା। ମଦନମୋହନଙ୍କୁ ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରାଯାଇଥିଲା।

# ଶ୍ରୀମନ୍ଦିରକୁ ମକର ତାଡ଼ ବିଜେ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରକୁ ସୋମବାର ମକର ତାଡ଼ ବିଜେ ହୋଇଛି। ମଙ୍ଗଳବାର ମକର ସଂକ୍ରାନ୍ତିରେ ମହାପ୍ରଭୁଙ୍କ ପାଖରେ ମକର ଚାଉଳ ଭୋଗ ହେବ। ମହାପ୍ରଭୁ ମକର ଚଉରାଶି ବେଶରେ ଦର୍ଶନ ଦେବେ। ତାଙ୍କୁ ମକର ତାଡ଼ରେ ହିଁ ମକର ଚାଉଳ ଭୋଗ ଲାଗି କରାଯିବ। ତେଣୁ ସୋମବାର ଶ୍ରୀବିଗ୍ରହମାନଙ୍କ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ବିଜେ କରିଥିଲା। ସେଠାରେ କୁମ୍ଭକାରସେବକମାନେ ମା'ଙ୍କ ନିକଟରେ ନୂଆ ତାଡ଼ ରଖିଥିଲେ। ମା'ଙ୍କ ନିକଟରେ ବିଶେଷ ପୂଜା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଚାରିଜଣ କୁମ୍ଭାର ବିଶୋୟୀ ସେବକ ମୁହଁରେ ବାଘମୁହାଁ ବାନ୍ଧି ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୫ଟି ମକରତାଡ଼ ଶ୍ରୀମନ୍ଦିରକୁ ବିଜେ କରାଇଥିଲେ। ମକର ତାଡ଼ ଶ୍ରୀମନ୍ଦିର ଭିତରବେଢାରେ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖାଯାଇଛି। ମକର ସଂକ୍ରାନ୍ତିରେ ଉକ୍ତ ତାଡ଼ରେ ଶ୍ରୀବିଗ୍ରହମାନଙ୍କୁ ମକର ଚାଉଳ ଭୋଗ ମଣୋହୀ କରାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ସୋମବାର ନୀଳଚକ୍ର ଅଁଳାବେଢାରେ ଚୂନରାସେବକମାନେ ଚୂନ ଦେଇଛନ୍ତି। ମକର ସଂକ୍ରାନ୍ତିରେ ସୁନା ଗୋସେଇଁଙ୍କ ପକ୍ଷରୁ ଗେରୁ ଚୂନରା ସେବାୟତଙ୍କୁ ଯୋଗାଇ ଦିଆଯିବ ।



# ଆଜିଠୁ କାଳିଜାଈଙ୍କ ପୀଠରେ ମକର ମେଳା ମହୋତ୍ସବ



କୃଷ୍ଣପ୍ରସାଦ, ୧୩।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା'କାଳିଜାଈଙ୍କ ପୀଠରେ ମଙ୍ଗଳବାରଠାରୁ ମକର ମେଳା ମହୋତ୍ସବ ଆରମ୍ଭ ହେବ। ଏନେଇ ଜିଲାପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓ ଏହି ଉତ୍ସବକୁ ପରିଚାଳନା କରିବେ। ପୁରୀ ଉପଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ଭଞ୍ଜ, କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛନ୍ତି। କାଳିଜାଈ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ସାମାଜିକ କର୍ମୀ, ସାହିତ୍ୟିକ, ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ଦୁର୍ଯ୍ୟୋଧନ ନାୟକ କହିଛନ୍ତି। ଓଡ୍ରାଫ ଟିମ୍, ଅଗ୍ନିଶମ ବିଭାଗ ସହିତ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି।
















ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ Bhubaneswar, Tuesday, January 14/ 2025

# କେରଳଠୁ ହାରିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ):** କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୩ ଗୋଲରେ କେରଳ ବ୍ଲାଷ୍ଟର୍ସ ନିକଟରୁ ହାରି ଯାଇଛି। ଓଡ଼ିଶା ଏଫ୍‌ସି ପକ୍ଷରୁ ଜେରି ମାୱିମିଙ୍ଗଥଙ୍ଗା ୪ର୍ଥ ମିନିଟରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଓଡ଼ିଶା ଭିତ୍ତିକ ଦଳ ଅଗ୍ରଣୀ ବଳବତ୍ତର ରଖିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ କେରଳ ବ୍ଲାଷ୍ଟର୍ସ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଥିଲା। ବିଜୟୀ ଦଳ ପକ୍ଷରୁ କ୍ୱାମି ପେପ୍ରୋ ୬୦, ଜେସସ ଜିମେଞ୍ଜ ୭୩ ଓ ନୋଆ ସାଦାଉଇ ଷ୍ଟପେଜ ଟାଇମ୍ ୯୦+୫ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ଏଫ୍‌ସି ପକ୍ଷରୁ ଅନ୍ୟତମ ଗୋଲଟି ଡୋରି ୮୦ତମ ମିନିଟରେ ସ୍କୋର କରିଥିଲେ। ମାତ୍ର ଷ୍ଟପେଜ ଟାଇମ୍ ଗୋଲ କେରଳକୁ ବିଜୟ ସ୍ୱାଦ ଚଖାଇଥିଲା। ୮୩ତମ ମିନିଟରେ ଓଡ଼ିଶା ଏଫ୍‌ସିର କାର୍ଲୋସ ଡେଲଗାଡୋ ରେଡ୍ କାର୍ଡ ପାଇବା ଥିଲା ମ୍ୟାଚର ଅନ୍ୟତମ ଚର୍ଚ୍ଚିତ ଘଟଣା। ୧୬ ମ୍ୟାଚରୁ ୨୦ ପଏଣ୍ଟ ପାଇ ବ୍ଲାଷ୍ଟର୍ସ ଟେବୁଲର ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ସମାନ ସଂଖ୍ୟକ ମ୍ୟାଚରୁ ୨୧ ପଏଣ୍ଟରେ ରହି ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଏହାକୁ ମିଶାଇ ଦୁଇ ଦଳ ପରସ୍ପରକୁ ୨୪ଟି ମ୍ୟାଚରେ ଭେଟିଥିବାବେଳେ କେରଳ ୧୦ଟି ଓ ଓଡ଼ିଶା ଏଫ୍‌ସି ୭ଟିରେ ବିଜୟୀ ହୋଇଛି।

# ଭାରତ-ପାକିସ୍ତାନ ରୋମାଞ୍ଚକ ମ୍ୟାଚ୍ ଉପରେ ବୃତ୍ତଚିତ୍ର

ନୂଆଦିଲ୍ଲୀ, ୧୩।୧ (ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ପ୍ରତିଦ୍ୱନ୍ଦ୍ୱିତା ଉପରେ ଏକ ଡକ୍ୟୁମେଣ୍ଟାରୀ ଅବା ବୃତ୍ତଚିତ୍ର ସିରିଜର ପ୍ରିମିୟର ଫେବୃଆରୀ ୭ରେ ନେଟ୍‌ଫ୍ଲିକ୍ସରେ ହେବ। ଷ୍ଟ୍ରିମିଂ ପ୍ଲାଟଫର୍ମ ତରଫରୁ ସୋମବାର ଏହା ଘୋଷଣା କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଚନ୍ଦ୍ରଦେବ ଭଗତ ଓ ଷ୍ଟିୱାର୍ଟ ସୁଗ୍। ଏଥିରେ ଭାରତ-ପାକିସ୍ତାନ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଉପରେ ଅନେକ ଅକୁହା କଥା ବର୍ଣ୍ଣିତ ହୋଇଛି। ଏହାଛଡ଼ା ଏଥିରେ ଦୁଇ ପଡ଼ୋଶୀ ଦେଶର ପୂର୍ବତନ କ୍ରିକେଟରମାନଙ୍କ ସାକ୍ଷାତ୍‌କାର ସ୍ଥାନିତ ହୋଇଛି। ସେମାନଙ୍କ ମଧ୍ୟରେ ବୀରେନ୍ଦ୍ର ସେହ୍ୱାଗ, ସୌରଭ ଗାଙ୍ଗୁଲି, ସୁନୀଲ ଗାଭାସ୍କର, ୱାକାର ୟୁନିସ, ଜାଭେଦ ମିଆଁଦାଦ୍, ରବିଚନ୍ଦ୍ରନ ଅଶ୍ୱିନ, ଇଞ୍ଜାମାମ୍ ଉଲ୍ ହକ୍ ଏବଂ ଶୋଏବ ଅଖତର ପ୍ରମୁଖ ରହିଛନ୍ତି। ସେମାନେ ସେମାନଙ୍କ ଅଭିଜ୍ଞତା ଏବଂ ଅକୁହା ଗୋପନ କଥାର ସ୍ମୃତିଚାରଣ କରାଇଛନ୍ତି। ରୋମାଞ୍ଚକ ପରିସମାପ୍ତି ଘଟିଥିବା ମ୍ୟାଚ, ସ୍ମରଣୀୟ ଛକା ଏବଂ ପଡ଼ିଆରେ ଖେଳାଳିଙ୍କ ଭିନ୍ନ କାର୍ଯ୍ୟକଳାପକୁ ଏଥିରେ ପ୍ରଦର୍ଶନ କରାଯାଇଛି। 'ଦି ଗ୍ରେଟେଷ୍ଟ ରାଇଭାଲାରୀ'ର ପ୍ରସ୍ତୁତକର୍ତ୍ତା ରହିଛନ୍ତି ଗ୍ରେ ମ୍ୟାଟର ଏଣ୍ଟରଟେନ୍‌ମେଣ୍ଟ।

# ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ)

କୋଚିଠାରେ ଚାଲିଥିବା ଦୃଷ୍ଟିବାଧିତ ଜାତୀୟ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟରେ ମଧ୍ୟ ପ୍ରଦେଶଠାରୁ ହାରିଯାଇଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୧୭ ଓଭରରେ ୧୧୨ ରନକରି ସମସ୍ତ ଉଇକେଟ ହରାଇଥିଲା। ବାସନ୍ତି ହାଁସଦା ସର୍ବାଧିକ ୩୫ ରନ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୧୬ ଓଭରରେ ୩ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ସୁନିତା ସାରାଥେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ମଙ୍ଗଳବାର ଏହାର ପରବର୍ତ୍ତୀ ମ୍ୟାଚରେ ପଶ୍ଚିମବଙ୍ଗଙ୍କୁ ଭେଟିବ।

Hero

ବୁଝାମଣା ନାହିଁ
କେବଳ ନୂଆ HF-Deluxe



HF Deluxe ସେଲ୍ଫ
₹67,400* ରୁ ଆରମ୍ଭ

ଜବରଦସ୍ତ ମାଇଲେଜ୍ XSENS FI | ଅଦ୍ଭୁତ ମଜଭୁତ କର୍ବ ୱେଟ୍ 112 କିଲୋ | ଜବରଦସ୍ତ ପାୱାର 5.9 kW | USB ଚାର୍ଜର# | କମ ମେଣ୍ଟେନାନ୍ସ ଖର୍ଚ୍ଚ | କମ ଡାଉନ ପେମେଣ୍ଟ ₹7999^

India's First 5 Year Warranty* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. #USB charger is available as an accessory. *Ex showroom price of HF Deluxe Self in Bhubaneswar, Odisha.

ଟୋଲ ଫ୍ରି 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S. K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, Dharma Nagar - 9289922184, Lakshmi Automotives, Gajapati Nagar - 9289923187, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero- 9289922736, **Jagatsinghpur:** Sunny Autobikes - 8455004731, **Authorized Hero Sure Dealers: Bhubaneshwar:** Arundhati Motobikes - 7682841658, **Rourkela:** Dua Motors - 6372753989, **Jeypore:** Supreme Sales - 8144822656, **Associate Dealers: Rahama:** Sarala Automobiles - 9937018532, **Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Khamakhyanagar:** Reliance Automobiles - 9938435743, **Chendipada:** Tara Motors - 8018339414, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Laxmipur:** Tarini Motors - 7205862853, **Rajgangpur:** Kedia & Kedia - 9437152881, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Deogarh:** Jindal Motors - 9437056659, **Bamra:** Choudhury Motors - 9938274720, **Baliapal:** Baba Motors - 8093603116, **Soro:** Twinkle Motors - 9861594852, **Kendrapara:** Baishnabi Motors - 9437089454/9853471301, **Barbil:** Wheels Motors - 9776931870, **Pattamundai:** Mishra Auto - 9853843713, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Khuakia:** Binayak Automobiles - 9090444379, **Jajpur Town:** Ayush Automobiles - 9556189870, **Mayurbhanj:** Jk Motors - 9040909925, **Semiliguda:** K P Enterprises - 9437233464, **Parlakhemundi:** Preetam Enterprises - 9438685535, **Nabarangpur:** Arun Sales & Service - 9437174795, **Bhanjanagar:** Rebati Motors - 9438279794/9937015509, **Narsinghpur:** Ambika Motocorp - 9861811411, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Junagarh:** Shree Bimala, Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Mayurbhanj:** Mahaveer Motors - 7326872255/9853290346, **Baliguda:** Sai Automobiles - 9827843657, **Patrapur:** Ronak Motors - 9030985084, **Balipatna:** M/S Jagannath Motors - 7064309702, **Kalimela:** Laxminiyati Motors - 9861002055, **Chandpur:** Apsara -9861418161, **Subdega:** JDJ Automobiles - 8018714096, **Bissam cuttack:** Patnaik Motors - 7008615208, **Basudevpur:** Bidyalalita Automobile - 9827487072, **Telkoi:** Panchamukhi Motors - 9717004926, **Tikabali:** M/S Maa Rudrakali Automobiles - 7846961367, **Kamrda:** Siddhivinayak Motors - 7208675074, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **M.Rampur:** Aruna Automobiles - 8114331356.

VML.5794.2025 ORI

DSPL-320

national health authority | PM-JAY



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆୟୁଷ୍ମାନ ଭାରତ
ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
ଓ
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର
ସମନ୍ୱିତ କାର୍ଯ୍ୟାନ୍ୱୟନ ନିମନ୍ତେ ୧୩ ଜାନୁଆରୀ ୨୦୨୫, ନୂଆଦିଲ୍ଲୀ ଠାରେ
ବୁଝାମଣା ପତ୍ର ସ୍ୱାକ୍ଷରିତ

ଗରିମାମୟ ଉପସ୍ଥିତି

ଶ୍ରୀ ଜେ. ପି. ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀ ଜୁଏଲ୍ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡ଼. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0024/2425

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ